ଧରିତ୍ରୀ
DHARITRI
ପୃଷ୍ଠା-୮+୮
ସମ୍ବଲପୁର, ରବିବାର, ମାର୍ଚ୍ଚ ୨୭/୨୦୨୨ (୮+୮=୧୬ ପୃଷ୍ଠା+ଛୁଟିଦିନ) Sambalpur, Sunday, March 27/2022 Page 16 ₹ 7.00 ★★
୧୮ଶ ଭାଗ ୯୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ₹୭/-


# ସହରରେ ବି ବିଜେଡି

| ପୌରପାଳିକା/ଏନ୍‌ଏସି | |
|---|---|
| ମୋଟ ୧୦୫ | |
| ବିଜେଡି | ୭୩ |
| ଭାଜପା | ୧୬ |
| କଂଗ୍ରେସ | ୦୭ |
| ସ୍ୱାଧୀନ | ୦୯ |

**ଭୁବନେଶ୍ୱର**



ସୁଲୋଚନା ଦାସ (ବିଜେଡି)
ଭୋଟ୍: ୧,୭୪,୫୬୨

**ନିକଟତମ ପ୍ରତିଦ୍ୱନ୍ଦ୍ୱୀ**
ସୁନୀତି ମୁଣ୍ଡ (ଭାଜପା)-୧,୧୩,୪୧୯
ମଧୁସ୍ମିତା ଆଚାର୍ଯ୍ୟ (କଂଗ୍ରେସ)-୧୧, ୦୦୬

**କଟକ**



ସୁବାସ ସିଂ (ବିଜେଡି)
ଭୋଟ୍: ୧,୧୩,୫୬୨

**ନିକଟତମ ପ୍ରତିଦ୍ୱନ୍ଦ୍ୱୀ**
ଗିରିବାଳା ବେହେରା (କଂଗ୍ରେସ)-୬୮,୩୫୬
ଶ୍ରୀତମ୍ ଦାସ (ଭାଜପା)-୪୯,୨୨୩

**ବ୍ରହ୍ମପୁର**



ସଂଘମିତ୍ରା ଦଳେଇ (ବିଜେଡି)
ଭୋଟ୍: ୬୬,୦୬୮

**ନିକଟତମ ପ୍ରତିଦ୍ୱନ୍ଦ୍ୱୀ**
ସବିତା ସୁଆର(ଭାଜପା)-୪୫,୭୮୨
ସି.ପ୍ରିୟଙ୍କା (ଏଏପି)- ୭୪୫୩

ଭୁବନେଶ୍ୱର,୨୬।୩(ବ୍ୟୁରୋ)

ପଞ୍ଚାୟତ ଭଳି ପୌର ନିର୍ବାଚନରେ ମଧ୍ୟ ବିଜେଡି ସଫଳତାର ଶୀର୍ଷ ସ୍ଥାନ ଛୁଇଁଛି। ଏକପାଖିଆ ଭାବେ ବିଜେଡି ବିରୋଧୀ ଭାଜପା ଏବଂ କଂଗ୍ରେସଠାରୁ ବହୁ ଆସନରେ ବିଜୟୀ ହୋଇପାରିଛି। କଟକ, ଭୁବନେଶ୍ୱର ଓ ବ୍ରହ୍ମପୁର ମହାନଗର ନିଗମରେ ବିଜେଡି ମେୟର ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)ରେ ବିଜେଡିର ସୁଲୋଚନା ଦାସ ପ୍ରଥମ ମହିଳା ମେୟର ଭାବେ ନିର୍ବାଚିତ ହୋଇଛନ୍ତି। ସେହିପରି ବ୍ରହ୍ମପୁରରେ ବିଜେଡିର ସଂଘମିତ୍ରା ଦଳେଇ ଏବଂ କଟକରେ ବିଜେଡି ପ୍ରାର୍ଥୀ ସୁବାସ ସିଂ ମେୟର ଭାବେ ନିର୍ବାଚିତ ହୋଇଛନ୍ତି। ତେବେ ଫଳାଫଳ ପ୍ରକାଶ ପାଇସାରିବା ପରେ ଦଳର ରାଜ୍ୟ କାର୍ଯ୍ୟାଳୟଠାରୁ ଏକ ବିଶାଳ ଶୋଭାଯାତ୍ରା ବାହାରି ନବୀନ ନିବାସ ଯାଇଛି। ଭୁବନେଶ୍ୱରର ନବନିର୍ବାଚିତ ମେୟର, ୩ ବିଧାୟକଙ୍କ ସମେତ ବିଜୟୀ ହୋଇଥିବା ଏକାଧିକ କର୍ପୋରେଟରଙ୍କ ସହ ଶତାଧିକ କର୍ମୀ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ପୌର ନିର୍ବାଚନର ଏକପାଖିଆ ସଫଳତା ପରେ ଦଳର ସଭାପତି ନବୀନ ପଟ୍ଟନାୟକ ଟୁଇଟ୍ କରି ରାଜ୍ୟବାସୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଅନ୍ୟପଟେ ମୋଟ ୧୦୫ ମ୍ୟୁନିସିପାଲିଟି ପୌରାଧ୍ୟକ୍ଷ ଆସନ ମଧ୍ୟରୁ ବିଜେଡି ମୋଟ ୭୩ଟି ଦଖଲ କରିବାରେ ସକ୍ଷମ ହୋଇପାରିଛି। ବାକି ୧୬ଟି ପୌରାଧ୍ୟକ୍ଷ ଆସନ ଭାଜପା ହାତରେ ରହିଥିବା ବେଳେ କଂଗ୍ରେସ ୭ଟି ଏବଂ ସ୍ୱାଧୀନକୁ ୯ଟି ଆସନରେ ସଫଳତା ମିଳିଛି।

ଭୁବନେଶ୍ୱରରେ ବିଜେଡି ମେୟର ପ୍ରାର୍ଥୀ ସୁଲୋଚନା ଦାସ ୬୧,୧୪୩ ଖଣ୍ଡ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ସୁନୀତି ମୁଣ୍ଡଙ୍କୁ ପରାଜିତ କରିଛନ୍ତି। ସୁଲୋଚନା ୧,୭୪,୫୬୨ ଖଣ୍ଡ ଭୋଟ ପାଇଥିବା ବେଳେ ସୁନୀତି ୧,୧୩,୪୧୯ ଖଣ୍ଡ ପାଇଛନ୍ତି। କଂଗ୍ରେସ ପ୍ରାର୍ଥୀ ମଧୁସ୍ମିତା ଆଚାର୍ଯ୍ୟ ୧୧, ୦୦୬ ଖଣ୍ଡ ଭୋଟ ପାଇଛନ୍ତି। ସେହିପରି କଟକ ମହାନଗର ନିଗମ(ସିଏମ୍‌ସି)ରେ ବିଜେଡି ମେୟର ପ୍ରାର୍ଥୀ ସୁବାସ ସିଂ ୪୫,୨୦୬ ଖଣ୍ଡ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ସୁବାସଙ୍କୁ ମୋଟ ୧,୧୩,୫୬୨ ଖଣ୍ଡ ଭୋଟ ମିଳିଥିବା ବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସର ଗିରିବାଳା ବେହେରାଙ୍କୁ ୬୮,୩୫୬ ଖଣ୍ଡ ମିଳିଛି। ଭାଜପା ପ୍ରାର୍ଥୀ ଶ୍ରୀତମ ଦାସଙ୍କୁ ୪୯,୨୨୩ ଖଣ୍ଡ ଭୋଟ ମିଳିଛି। ବ୍ରହ୍ମପୁର ମହାନଗର ନିଗମ(ବିଏମ୍‌ସି)ରେ ବିଜେଡି ମେୟର ପ୍ରାର୍ଥୀ ସଂଘମିତ୍ରା ଦଳେଇ ୬୬,୦୬୮ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ସବିତା ସୁଆରଙ୍କୁ ୨୦,୨୮୬ ବ୍ୟବଧାନରେ ପରାଜିତ କରିଛନ୍ତି। ସବିତା ୪୫,୭୮୨ ଖଣ୍ଡ ଭୋଟ୍ ପାଇଛନ୍ତି। ବ୍ରହ୍ମପୁରରେ ଆମ୍ ଆଦ୍‌ମୀ ପାର୍ଟି(ଏଏପି)ର ମେୟର ପ୍ରାର୍ଥିନୀ ସି.ପ୍ରିୟଙ୍କା ୭୪୫୩ ଖଣ୍ଡ ଭୋଟ୍ ପାଇ ତୃତୀୟ ସ୍ଥାନରେ ରହିଥିବା ବେଳେ କଂଗ୍ରେସର ମଞ୍ଜୁ ରଥ ୬୭୬୮ ଖଣ୍ଡ ଭୋଟ୍ ପାଇ ୪ର୍ଥ ସ୍ଥାନରେ ରହିଛନ୍ତି।

ସେହିପରି ରାଜ୍ୟର ୧୭୧୬ କାଉନ୍‌ସିଲର ପଦବୀ ଲାଗି ନିର୍ବାଚନ ହୋଇଥିଲା। ସେଥିରୁ ବିଜେଡି ମୋଟ ୧୧୭୫ ଆସନରେ ବିଜୟୀ ହୋଇଥିବା ବେଳେ ଭାଜପା ☞ପୃଷ୍ଠା-୪








ଆମେରିକା ମହାକାଶ ଗବେଷଣା ସଂସ୍ଥା ନାସା ଏବଂ ୟୁରୋପୀୟ ସ୍ପେସ୍ ଏଜେନ୍ସି (ଇଏସ୍‌ଏ)ର ସୋଲାର ଅର୍ବିଟର ସୂର୍ଯ୍ୟଙ୍କ ନିକଟତମ ଫଟୋ ଉତ୍ତୋଳନ କରିଛି। ଏଥିରେ ସୂର୍ଯ୍ୟଙ୍କ ଫୁଲ୍ ଡିସ୍କ ଇମେଜ୍ ଦେଖିବାକୁ ମିଳିଛି। ସୋଲାର ଅର୍ବିଟର ସୂର୍ଯ୍ୟ ଓ ପୃଥିବୀ ମଧ୍ୟ ଦେଇ ଅତିକ୍ରମ କରୁଥିବାବେଳେ ମାର୍ଚ୍ଚ ୭ରେ ପ୍ରାୟ ୭.୫ କୋଟି କିଲୋମିଟର ଦୂରତାରୁ ଏହି ଫଟୋ ଉଠାଇଛି। ଏଥିରେ ସୂର୍ଯ୍ୟର ବାହ୍ୟ ଆଟ୍‌ମୋସ୍ଫିୟର ଏବଂ କୋରୋନା ଏକ ସଙ୍ଗରେ ଦେଖିବାକୁ ମିଳିଛି। ସୋଲାର ଅର୍ବିଟରରେ ଲାଗିଥିବା ସ୍ପେକ୍ଟ୍ରାଲ ଇମେଜିଂ ଅଫ୍ କୋରୋନାଲ ଏନ୍‌ଭାଇରନ୍‌ମେଣ୍ଟ (ଏସ୍‌ପିଆଇସିଇ) ଏହି ଚିତ୍ର ଉତ୍ତୋଳନ କରିଛି, ଯାହା କି ପ୍ରାୟ ୫୦ ବର୍ଷ ପରେ ଏପରି ଫଟୋ ଉଠିବା ପ୍ରଥମ ଘଟଣା।

## ଆଜି ମନ୍ତ୍ରୀ ପରିଷଦ, କ୍ୟାବିନେଟ୍ ବୈଠକ

■ **ଏଥର କାମଚଳା ବଜେଟ**

ଭୁବନେଶ୍ୱର, ୨୬।୩(ବ୍ୟୁରୋ)

ବିଧାନସଭାର ବଜେଟ ଅଧିବେଶନ ଗତ ୨୫ତାରିଖରୁ ଆରମ୍ଭ ହୋଇଥିବା ବେଳେ ଆସନ୍ତା ୩୧ ପର୍ଯ୍ୟନ୍ତ ଚାଲିବ। ଆସନ୍ତା ୩୦ ତାରିଖରେ ରାଜ୍ୟ ସରକାର ୨୦୨୨-୨୩ ଆର୍ଥିକ ବର୍ଷ ଲାଗି ଗୃହରେ ବଜେଟ ଆଗତ କରିବେ। ତେବେ ରାଜ୍ୟ ସରକାର ଏଥର କାମଚଳା ବଜେଟ ଆଣିବା ଲାଗି ପ୍ରସ୍ତୁତି କରିଛନ୍ତି। ଆସନ୍ତା ୩ମାସ ଲାଗି ପ୍ରଥମେ ସରକାର ବଜେଟ ଆଣିବାକୁ ଯାଉଛନ୍ତି। ଏହା ପୂର୍ବରୁ ରାଜ୍ୟ ସରକାରଙ୍କ ମନ୍ତ୍ରୀ ପରିଷଦ ଏବଂ କ୍ୟାବିନେଟ୍ ବୈଠକ ରବିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବ। ୧୧.୩୦ ମିନିଟ୍ ସମୟରେ ରାଜ୍ୟ ଲୋକସେବା ଭବନରେ କ୍ୟାବିନେଟ୍ ବସିବାକୁ ଥିବାବେଳେ ଯେଉଁ ମନ୍ତ୍ରୀମାନେ ନିର୍ବାଚନମଣ୍ଡଳୀରେ ଥିବେ ସେମାନେ ଜିଲାପାଳଙ୍କ କାର୍ଯ୍ୟାଳୟରୁ ଭିଡିଓ କନ୍‌ଫରେନ୍ସରେ ଯୋଗ ଦେଇପାରିବେ। ଏହାସହ ବଜେଟ ସମ୍ପର୍କିତ ପ୍ରସ୍ତାବକୁ ପ୍ରଥମେ ମନ୍ତ୍ରୀ ପରିଷଦ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଗଣତନ୍ତ୍ରରେ ସ୍ୱଚ୍ଛତା ରହୁନାହିଁ**

## ତରଳିଗଲା ଦିଲ୍ଲୀ ଆକାର ବରଫ ପାହାଡ଼

ୱାଶିଂଟନ୍, ୨୬।୩

ଗ୍ରୀଷ୍ମ ଆରମ୍ଭରୁ ଜଳବାୟୁ ପରିବର୍ତ୍ତନର ବଡ଼ ଧରଣର ପ୍ରଭାବ ଦେଖିବାକୁ ମିଳିଛି। ପୂର୍ବ ଆଣ୍ଟାର୍କଟିକାରେ ପାଣିପାଗ ଆଶ୍ଚର୍ଯ୍ୟଜନକ ଭାବେ ବଦଳିଛି। ସାମାନ୍ୟ ତାପମାତ୍ରାଠାରୁ ଏଠାରେ ସପ୍ତାହକରେ ପାରଦ ୪୦ ଡିଗ୍ରୀ ସେଲ୍‌ସିୟସ୍ ବଢ଼ିଛି। ଫଳରେ ଆଣ୍ଟାର୍କଟିକାରେ ଥିବା ୱିଲକିସ୍ ଲ୍ୟାଣ୍ଡ୍‌ରେ ପ୍ରାୟ ୧୨ଶହ ବର୍ଗ କିଲୋମିଟରର ଏକ ବିଶାଳକାୟ ବରଫ ପାହାଡ ଭାଙ୍ଗି ତରଳି ଯାଇଛି, ଯାହା କି ଭାରତ ରାଜଧାନୀ ଦିଲ୍ଲୀ (ପ୍ରାୟ ୧୪ଶହ ବର୍ଗ କି.ମି.)ଠାରୁ କିଛି ମାତ୍ରାରେ ଛୋଟ ହେବ। ଏହି ବରଫ ପାହାଡ଼ର ନାମ କୋଙ୍ଗର ଆଇସ୍ ସେଲ୍ଫ। ପ୍ରାୟ ୫୦ ବର୍ଷ ପୂର୍ବେ ଆଣ୍ଟାର୍କଟିକା ଉପରେ ସାଟେଲାଇଟ୍ ମାଧ୍ୟମରେ ନଜର ରଖାଯିବା ପରଠାରୁ ଏତେ

**ଆଣ୍ଟାର୍କଟିକାରେ ଭୀଷଣ ଗ୍ରୀଷ୍ମ ପ୍ରବାହ**

■ **ସପ୍ତାହକରେ ୪୦ ଡିଗ୍ରୀ ବଢ଼ିଛି ତାପମାତ୍ରା**

ବଡ଼ ଆକାରର ବରଫ ତରଳିବା ପ୍ରଥମ ଘଟଣା। ମାର୍ଚ୍ଚ ୧୫ରେ କୋଙ୍ଗର ଆଇସ୍ ତରଳିଥିବା ନେଇ ଉପଗ୍ରହ ଚିତ୍ରରୁ ଜଣାପଡ଼ିଛି ବୋଲି ଆମେରିକାର ନ୍ୟାଶନାଲ ଆଇସ୍ ସେଣ୍ଟର ପକ୍ଷରୁ କୁହାଯାଇଛି।



ପୃଥିବୀର ଧ୍ରୁବୀୟ ଅଞ୍ଚଳରେ ଜଳବାୟୁରେ ହଠାତ୍ ପରିବର୍ତ୍ତନ ଚିନ୍ତାର କାରଣ ପାଲଟିଛି। ବିଶ୍ୱର ସବୁଠୁ ଥଣ୍ଡା ଏବଂ ବରଫାବୃତ୍ତ ଅଞ୍ଚଳ ଆଣ୍ଟାର୍କଟିକା ଭୀଷଣ ଗ୍ରୀଷ୍ମପ୍ରବାହର ସାମ୍ନା କରୁଛି। ମାର୍ଚ୍ଚ ମାସର ଏହି ସମୟରେ ଆଣ୍ଟାର୍କଟିକାରେ ସାଧାରଣ ତାପମାତ୍ରା ବିୟୁକ୍ତ ୫୧ ଡିଗ୍ରୀ ସେଲ୍‌ସିୟସ୍ ପାଖାପାଖି ରହିଥାଏ। ହେଲେ ଚଳିତ ବର୍ଷ ଏଠାକାର ତାପମାତ୍ରାରେ ଅସାଧାରଣ ପରିବର୍ତ୍ତନ ଘଟିଛି। କେବଳ ଚଳିତ ସପ୍ତାହରେ ତାପମାତ୍ରା ପ୍ରାୟ ୪୦ ଡିଗ୍ରୀ ସେଲ୍‌ସିୟସ୍ ବଢ଼ି ବିୟୁକ୍ତ ୧୨ ଡିଗ୍ରୀ ପାଖାପାଖି ରହିଛି। ଗତ ଶତାବ୍ଦୀରେ ପୂର୍ବ ଆଣ୍ଟାର୍କଟିକାରେ ବରଫ ତରଳିବା ମାତ୍ରା ଏହା ତୁଳନାରେ ବେଶ୍ କମ୍ ରହିଥିଲା। କିନ୍ତୁ ୨୦୦୨ରୁ ୨୦୨୦ ମଧ୍ୟରେ ଏଠାରେ ବର୍ଷକୁ ହାରାହାରି ୧୪୦ ବିଲିୟନ୍ ଟନ୍‌ର ବରଫ ତରଳିଥିବା ନାସା କହିଛି। ଚଳିତ ବର୍ଷ ଆଣ୍ଟାର୍କଟିକାରେ ସର୍ବନିମ୍ନ ବରଫ ଜମା ହୋଇଛି। ଏହି ଅଞ୍ଚଳରେ ସମୁଦ୍ରର ପୃଷ୍ଠଭାଗ ବରଫରେ ଆଚ୍ଛାଦିତ ହୋଇ ରହିଥାଏ। ତେଣୁ ବରଫ ତରଳିଲେ ପାଣି ସମୁଦ୍ରରେ ମିଶିବା କମ୍ ହୋଇଥାଏ। ତାପମାତ୍ରା ବୃଦ୍ଧି ଜାରି ରହିଲେ ପୃଷ୍ଠଭାଗ ବରଫ ତରଳିଯିବ ଏବଂ ବରଫ ପାଣି ଯୋଗୁ ସମୁଦ୍ରରେ ଜଳ ସ୍ତର ବୃଦ୍ଧି ପାଇବା ଆଶଙ୍କା ବଢ଼ିଛି।



# SHRI RAMKRISHNA INSTITUTE OF MEDICAL SCIENCES & SANAKA HOSPITALS

MALANDIGHI, DURGAPUR

www.setgoi.ac.in

A UNIT OF SANAKA EDUCATIONAL TRUST

APPROVED BY NATIONAL MEDICAL COMMISSION (FORMERLY MEDICAL COUNCIL OF INDIA) & AFFILIATED TO WBUHS



LAST FEW SEATS FOR GNM NURSING

ADMISSION SESSION 2021-22

NO DONATION / NO CAPITATION

## MBBS

APPROVED FOR 150 INTAKE FOR ACADEMIC YEAR 2021-22

SANAKA HOSPITALS – SHRI RAMKRISHNA INSTITUTE OF MEDICAL SCIENCES, MALANDIGHI, DURGAPUR – A UNIT OF SANAKA EDUCATIONAL TRUST

- 700 BEDDED IN CAMPUS SUPER SPECIALITY HOSPITAL
- 100 BEDDED INTENSIVE CRITICAL CARE UNIT
- STATE OF ART INFRASTRUCTURE & LATEST EQUIPMENTS
- 13 YEARS – MORE THAN A DECADE OF EXCELLENCE IN EDUCATION
- 51 ACRES LUSH GREEN COLLEGE CAMPUS

## BECAUSE WE WORK HARD IN SILENCE & LET OUR SUCCESS MAKE THE NOISE

| FACILITIES AT SANAKA HOSPITALS | AVAILABILITY |
|---|---|
| Radiology including MRI (GE – 1.5 TESLA DIGITAL), CT Scan – (TOSHIBA - 64 Slice), USG (GE Vivid IQ), Echo cardiography (GE Vivid IQ ), Digital X-Ray | ✓ |
| Interventional Cardiology with CATH – LAB (GE – Flat Panel), TMT, Holter | ✓ |
| ICU with Cardiac Monitors, High end Ventilators, EMG, NCV, BERA | ✓ |
| NICU & PICU with Neonatal Ventilator & Bubble CPAP | ✓ |
| Nephrology with Dialysis Machine (B.Braun & Fresenius) | ✓ |
| Urology with Cystoscope, Urethral sound, Ureteric balloon catheter | ✓ |
| Neuro & Spine Surgery with Microscope (Carl Zeiss) & Neuro Drill (Medtronics) | ✓ |
| Orthopaedics including Joint replacement & Arthroscopy | ✓ |
| Pulmonology including Bronchoscopy | ✓ |
| Gastroenterology with GI Endoscope, Colonoscope, ERCP | ✓ |
| General Medicine & Tropical Medicine with infectious disease | ✓ |
| General & Minimally Invasive Surgeries with C- Arm & Modular OTs - laminar flow | ✓ |
| Automated Central Laboratory & Blood Bank (Whole Blood & Component) | ✓ |
| COVID ward with automatic RT-PCR (Robotic) lab | ✓ |
| Oncology / Cancer research centre with Radiation Equipment | Under Process |

SKILL TO HEAL – SPIRIT TO CARE

## SANAKA HOSPITAL HIGHLIGHTS IN THE LAST 5 YEARS

- 7,80,000+ SATISFIED OPD PATIENTS
- 42,000+ SATISFIED INDOOR PATIENTS TREATED SUCCESSFULLY
- 20,000+ SUCCESSFUL SURGERIES
- 3500+ SUCCESSFUL EYE SURGERIES

## COVID-19 HIGHLIGHTS

RT-PCR LAB

- 100% QUALITY CONTROL CONCORDANCE – ICMR APPROVED – NABL ACCREDITED – MENTORED BY AIIMS BHUBANESWAR
- 1,75,000+ COVID 19 RT-PCR TESTS CONDUCTED

GOVT. REQUISITIONED COVID HOSPITAL

- 5000+ COVID 19 PATIENTS SUCCESSFULLY TREATED
- 94.4% HIGHEST RECOVERY RATE

## SANAKA HOSPITALS IS EMPANELLED WITH

COAL INDIA • ESI • SwasthyaSathi • West Bengal Health Scheme • Eastern Railway • Bridge & Roof (I) Co. Ltd. • DSP ex-employee • All leading Corporate TPAs.

## OUR OTHER INSTITUTIONS

- **B. TECH** (CE, ME, EE, CSE, ECE, EEE) – SANAKA EDUCATIONAL TRUST'S GROUP OF INSTITUTIONS – APPROVED BY AICTE | AFFILIATED TO MAKAUT
- **B. ARCH** – SANAKA EDUCATIONAL TRUST'S GROUP OF INSTITUTIONS – APPROVED BY AICTE & COA | AFFILIATED TO MAKAUT
- **B. PHARM** – SANAKA EDUCATIONAL TRUST'S GROUP OF INSTITUTIONS – APPROVED BY AICTE & PCI | AFFILIATED TO MAKAUT
- **DIPLOMA** (CE, EE, ME) – SWAMI VIVEKANANDA SCHOOL OF DIPLOMA – APPROVED BY AICTE | AFFILIATED TO WBSCTVE&SD
- **GNM & B.SC NURSING** – MAA SARADA INSTITUTE OF NURSING – APPROVED BY INC & WBNC | AFFILIATED TO WBUHS
- **PARAMEDICAL** – SHRI RAMKRISHNA INSTITUTE OF MEDICAL SCIENCES & SANAKA HOSPITALS – APPROVED BY STATE MEDICAL FACULTY, WEST BENGAL
- **PMKVY** SKILL BASED SHORT TERM COUSE – SANAKA EDUCATIONAL TRUST'S GROUP OF INSTITUTIONS – APPROVED BY AICTE

APPROVED BY … AFFILIATED TO

| ADMISSION HELPLINE | FOR MBBS | OTHER COURSES | HOSPITAL HELPLINE NUMBER |
|---|---|---|---|
| | 7676 75 0000 | 8444 03 0010 | 9817 877 877 |

Campus: VILL.+P.O.: Malandighi, P.S.: Kanksa, Durgapur-713212, West Bengal | E-mail: sanakaeducationaltrust@gmail.com | SUNDAY OPEN | SanakaEducationalTrust | setgoi | srims.durgapur

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୪୮,୦୪,୩୨,୩୬୪ | ୬୧,୪୪,୫୨୯ | ୪୧,୪୭,୬୪,୬୦୬ |
| ଭାରତ | ୪,୩୦,୧୮,୦୩୨ | ୫,୨୦,୮୮୫ | ୪,୨୪,୮୦,୪୩୬ |
| ଓଡ଼ିଶା | ୧୨,୮୭,୪୨୧ | ୯୧୧୮(+୫୩) | ୧୨,୭୭,୮୧୯ |

ଶନିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

# ନିର୍ବାଚନୀ ହିଂସାକୁ ନେଇ ବିଧାନସଭାରେ ହଙ୍ଗାମା

ଭୁବନେଶ୍ୱର,୨୬।୩(ବ୍ୟୁରୋ)

ପୌର ନିର୍ବାଚନକୁ ନେଇ ରାଜ୍ୟର ଅନେକ ସ୍ଥାନରେ ହିଂସାକାଣ୍ଡ ହୋଇଛି। ବୁଥ୍‌କୁ ଜବରଦସ୍ତି ପ୍ରବେଶ କରିବା, ଷ୍ଟ୍ରଙ୍ଗ୍‌ରୁମ୍‌କୁ ସରକାରୀ ଅଧିକାରୀ ଛଦ୍ମବେଶରେ ଯିବା, ଆଇନଶୃଙ୍ଖଳା ଓ ନିର୍ବାଚନ ହିଂସାକାଣ୍ଡକୁ ନେଇ କଂଗ୍ରେସ ସଦସ୍ୟମାନେ ବିଧାନସଭାରେ ହଙ୍ଗାମା କରିଛନ୍ତି। ଫଳରେ ବିଧାନସଭାର ପ୍ରଶ୍ନକାଳ ବରବାଦ ହୋଇଯାଇଥିଲା। କଂଗ୍ରେସ ସଦସ୍ୟଙ୍କ ହଟ୍ଟଗୋଳ ଯୋଗୁ ବାଚସ୍ପତି ଗୃହକୁ ମୁଲତବୀ ଘୋଷଣା କରିବାକୁ ବାଧ ହୋଇଥିଲେ।

ଶନିବାର ପୂର୍ବାହ୍ନ ୧୦ଟା ୩୦ ମିନିଟରେ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା। ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ପ୍ରଶ୍ନୋତ୍ତର କାର୍ଯ୍ୟ

**ଗୃହ ମୁଲତବୀ**



ଆରମ୍ଭ କରିବା ପୂର୍ବରୁ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଭୁବନେଶ୍ୱର, ନୟାଗଡ଼, ବଲାଙ୍ଗୀର ଆଦି ସ୍ଥାନରେ ହିଂସାକାଣ୍ଡ ହୋଇଥିବା ବେଳେ ପୋଲିସର ବ୍ୟବହାର ପ୍ରସଙ୍ଗ ଉଠାଇଥିଲେ। ସେ କହିଥିଲେ ଯେ ବଲାଙ୍ଗୀର ମ୍ୟୁନିସିପାଲିଟିରେ ଇଭିଏମ୍‌ରେ କଂଗ୍ରେସ ପାର୍ଟି ଚିହ୍ନ ଉପରେ ଷ୍ଟିକର ମାରି ଦିଆଯାଇଥିଲା। ଗୁଣ୍ଡାମାନଙ୍କୁ ଧରି ବୁଥ୍ ଭିତରକୁ ଯାଉଛନ୍ତି । ତାଙ୍କୁ ଦେଖି ଭୋଟରମାନେ ଭୟଭୀତ ହେଉଛନ୍ତି। ଗଣତନ୍ତ୍ର ପ୍ରତି ବିପଦ ସୃଷ୍ଟି ହୋଇଛି। ପ୍ରଶ୍ନୋତ୍ତର ଆଲୋଚନା କରିବା ପୂର୍ବରୁ ଏହି ପ୍ରସଙ୍ଗ ଉପରେ ଆଲୋଚନା ହେଉ ବୋଲି ସେ ଦାବି କରିଥିଲେ। କଂଗ୍ରେସ ସଦସ୍ୟ ତାରା ପ୍ରସାଦ ବାହିନୀପତି, ସୁରେଶ ଚନ୍ଦ୍ର ରାଉତରାୟ, ରମେଶ ଜେନା ଓ ଅନ୍ୟ ସଦସ୍ୟମାନେ ହୋହଲ୍ଲା କରିବା ସହ ଗୃହରେ ନାରାବାଜି କରିଥିଲେ। ପ୍ରବଳ ହଟ୍ଟଗୋଳ ଯୋଗୁ ବାଚସ୍ପତି ଗୃହକୁ ୧୦ଟା ୩୨ ମିନିଟରେ ପୂର୍ବାହ୍ନ ୧୧ଟା ୩୦ ମିନିଟ ଯାଏ ମୁଲତବୀ ଘୋଷଣା କରିଥିଲେ।

# ଖୋର୍ଦ୍ଧା ଏସ୍‌ପିଙ୍କୁ ବାଚସ୍ପତିଙ୍କ ଜବାବ ତଲବ

ଭୁବନେଶ୍ୱର,୨୬।୩(ବ୍ୟୁରୋ)

**ପ୍ରଶାନ୍ତ ଜଗଦ୍ଦେବ ଗିରଫଦାରି ଘଟଣା**

- **ସ୍ୱାଧିକାର ଭଙ୍ଗ ନୋଟିସ ଦେଲେ ନରସିଂହ**
- **ବୁକ୍ ସର୍କୁଲାର ୪୭ ଉଲ୍ଲଂଘନ ଅଭିଯୋଗ**



ଚିଲିକା ବିଧାୟକ ପ୍ରଶାନ୍ତ ଜଗଦ୍ଦେବଙ୍କ ଗିରଫଦାରିକୁ ନେଇ ବାଚସ୍ପତି ବାଣପୁର ଆଇଆଇସି ଓ ଖୋର୍ଦ୍ଧା ଏସ୍‌ପିଙ୍କଠାରୁ ଜବାବ ତଲବ କରିଛନ୍ତି। ବିଧାୟକଙ୍କ ଗିରଫ ସମ୍ପର୍କରେ ଗୃହକୁ ବିଳମ୍ବରେ କାହିଁକି ଅବଗତ କରାଗଲା ବୋଲି କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଶୁକ୍ରବାର ବିଧାନସଭାରେ ଉଠାଇଥିଲେ । ଏ ନେଇ ସେ ଶନିବାର ବାଣପୁର ଆଇଆଇସି ଓ ଖୋର୍ଦ୍ଧା ଏସ୍‌ପିଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ନୋଟିସ ଦେଇଛନ୍ତି। ବିଧାନସଭା ଶୂନ୍ୟକାଳରେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ନରସିଂହ ଆଣିଥିବା ସ୍ୱାଧିକାର ଭଙ୍ଗ ସମ୍ପର୍କରେ ସୂଚନା ଦେବା ସହ ବିଧାୟକ ପ୍ରଶାନ୍ତ ଜଗଦ୍ଦେବଙ୍କ ଗିରଫ ବିଷୟରେ ଖୋର୍ଦ୍ଧା ଏସ୍‌ପି ବିଧାନସଭାକୁ ୨୩ ତାରିଖ ଅପରାହ୍ନ ୩ଟା ୪୫ ମିନିଟରେ ଚିଠି ମାଧ୍ୟମରେ ଜଣାଇଥିଲେ ବୋଲି ସୂଚନା ଦେଇଥିଲେ । ୨୪ ତାରିଖରେ ପୌର ନିର୍ବାଚନ ଥିବାରୁ ଛୁଟି ରହିଥିଲା। ୨୫ ତାରିଖରେ ତାଙ୍କ ନିକଟରେ ଚିଠି ପହଞ୍ଚିଥିଲା ବୋଲି ବାଚସ୍ପତି କହିଥିଲେ। ତେବେ ନରସିଂହ କହିଥିଲେ ଯେ ଯଦି ବିଧାନସଭାର କୌଣସି ସଦସ୍ୟ ଗିରଫ ହୁଅନ୍ତି ତେବେ ତୁରନ୍ତ ଏ ନେଇ ବାଚସ୍ପତିଙ୍କୁ ସୂଚନା ଦେବା କଥା। ୩ ଦିନ ପରେ କାହିଁକି ଗୃହକୁ ଅବଗତ କରାଯାଇଛି। ଅଧିକାରୀମାନେ ବିଧାୟକମାନଙ୍କୁ ଖାତିର କରୁ ନାହାନ୍ତି। ଆପଣଙ୍କୁ ମଧ୍ୟ ଖାତିର କରିବେ ନାହିଁ। ଟେଲିଫୋନ କଲେ ଥାନାର ଆଇଆଇସି କିମ୍ବା ଅଧିକାଂଶ ସଚିବ ଫୋନ ଉଠାନ୍ତି ନାହିଁ। ବୁକ୍ ସର୍କୁଲାର ୪୭କୁ ଖୋଲାଖୋଲି ଉଲ୍ଲଂଘନ କରାଯାଉଛି। ପ୍ରଶାନ୍ତ ଜଗଦ୍ଦେବଙ୍କ ଗିରଫଦାରି ବିଷୟରେ ବିଳମ୍ବରେ ଜଣାଇବା ଅର୍ଥ ବିଧାନସଭାର ସ୍ୱାଧିକାର ଭଙ୍ଗ ହୋଇଛି। ସମ୍ପୃକ୍ତ ଏସ୍‌ପିଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ଆଣିବାକୁ ନରସିଂହ ଦାବି କରିଛନ୍ତି। ଏହି ମାମଲାକୁ ଗୁରୁତର ସହ ନେଇ ବାଚସ୍ପତି ଖୋର୍ଦ୍ଧା ଏସ୍‌ପି ଓ ବାଣପୁର ଆଇଆଇସିଙ୍କୁ ଜବାବ ତଲବ କରିଛନ୍ତି।




# ଗହୀରମଥାରେ ଅଲିଭରିଡ୍‌ଲେଙ୍କ ଗଣ ଅଣ୍ଡାଦାନ ଆରମ୍ଭ



ଅଣ୍ଡାଦାନ ପାଇଁ ଗହୀରମଥାରେ ଜମା ହୋଇଥିବା ଅଲିଭରିଡ୍‌ଲେ କଇଁଛ ।

ରାଜନଗର,୨୬।୩(ଡି.ଏନ.ଏ.)

**ପ୍ରଥମ ଦିନ ୨ ଲକ୍ଷ ୪୫ ହଜାର କଇଁଛ ସାମିଲ ହେଲେ**

ବିରଳ ଅଲିଭରିଡ୍‌ଲେ କଇଁଛଙ୍କ ଏକ୍ତିଆରଶାଳ କେନ୍ଦ୍ରାପଡ଼ା ଉପକୂଳ ଗହୀରମଥାରେ କଇଁଛଙ୍କ ଗଣ ଅଣ୍ଡାଦାନ ପ୍ରକ୍ରିୟା ଆରମ୍ଭ ହୋଇଛି। ଗତ ୨୩ ତାରିଖରେ ୧୫, ୨୪ରେ ୧୬୨ ଓ ୨୫ ତାରିଖରେ ୨ ଲକ୍ଷ ୪୫ ହଜାର ୧୮ ଅଲିଭରିଡ୍‌ଲେ କଇଁଛ ଗଣ ଅଣ୍ଡାଦାନ ପ୍ରକ୍ରିୟାରେ ସାମିଲ ହୋଇଛନ୍ତି। ମା' କଇଁଛମାନେ ସମୁଦ୍ର କୂଳଠାରୁ ୧ କି.ମି. ଭିତରେ ଗତ୧ ମାସ ହେଲା ଭିଡ଼ ଜମାଇଥିଲେ । ପାଗ ଅନୁକୂଳ ହେଉ ନ ଥିବାରୁ ଗଣ ଅଣ୍ଡାଦାନ ପ୍ରକ୍ରିୟାରେ ସାମିଲ ହେଉ ନ ଥିଲେ। ଶୁକ୍ରବାର ପାଗ ଶୁଖିଲା ସାଙ୍ଗକୁ ଦକ୍ଷିଣା ପବନ ବୋହିବାରୁ ଗୋଟିଏ ଦିନରେ ୨ ଲକ୍ଷ ୪୫ ହଜାର ୧୮ ଅଲିଭରିଡ୍‌ଲେ ଗଣ ଅଣ୍ଡାଦାନ ପ୍ରକ୍ରିୟାରେ ସାମିଲ ହୋଇଛନ୍ତି।

ଶୁକ୍ରବାର ସନ୍ଧ୍ୟାରୁ ଦଳ ଦଳ ହୋଇ ମା' କଇଁଛମାନେ ଗହୀରମଥାର ନାସୀ-୨ ବାଲୁକା ଶଯ୍ୟାକୁ ଆସିଥିଲେ। ଶନିବାର ଭୋର ଯାଏ ଏହି ପକ୍ରିୟା ଜାରି ରହିଥିଲା। ମା' କଇଁଛମାନେ ବେଳାଭୂମିର ନରମ ବାଲିରେ ପଛପଟ ଗୋଡ଼ରେ ୧ ଫୁଟରୁ ଦେଢ ଫୁଟ୍ ଗଭୀରର ମାଠିଆ ଆକୃତିର ଗାତ ଖୋଳିଥାନ୍ତି । ଗାତ ଖୋଳିବା ପରେ ମା' କଇଁଛ ପ୍ରାୟ ୧୦୦ଟିରୁ ଊର୍ଦ୍ଧ୍ୱ ଅଣ୍ଡା ଦେଇଥାଏ। ଅଣ୍ଡାର ଖୋଳପା ନମନୀୟ ହୋଇଥିବାରୁ ତାହା ଫାଟି ନ ଥାଏ। ଅଣ୍ଡା ଦେଇସାରିବା ପରେ ମା' କଇଁଛ ତା'ର ଗାତକୁ ବାଲି ଘୋଡାଇ ଲୁଚାଇ ପକାଏ ଓ ସମୁଦ୍ରକୁ ଫେରିଯାଏ। ସୂର୍ଯ୍ୟଙ୍କ ଉତ୍ତାପରେ ଉଷ୍ମ ହୋଇ ଅଣ୍ଡାଗୁଡିକରୁ ୪୫ରୁ ୬୦ ଦିନ ମଧ୍ୟରେ କଇଁଛ ଶାବକ ବାହାରିଥାନ୍ତି। ବିରଳ ଅଲିଭରିଡଲେ କଇଁଛଙ୍କ ଗଣ ଅଣ୍ଡାଦାନ ପ୍ରକ୍ରିୟା ଆରମ୍ଭ ହୋଇଥିବାରୁ ଏମାନଙ୍କ ସୁରକ୍ଷା ପାଇଁ ବନ ବିଭାଗ ପକ୍ଷରୁ କଟକଣା କଡାକଡି କରାଯାଇଛି। ୩ କି.ମି. ଯାଏ ବାଡ଼ ବୁଲାଯିବା ସହ ବନ କର୍ମଚାରୀମାନେ ଅଣ୍ଡାଦାନ ସ୍ଥଳକୁ ଜଗି ରହିଛନ୍ତି। ରାଜନଗର ଓ ଭଦ୍ରକ ଡିଭିଜନ ପକ୍ଷରୁ ଅଲିଭରିଡଲେଙ୍କ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି। ରାଜନଗର ଡିଏଫ୍‌ଓ ଡ. ଯଜ୍ଞଦତ୍ତ ପତି, ଭଦ୍ରକ ଏସିଏଫ୍ ଶ୍ୟାମା ଭାରତୀ, କନିକା ରେଞ୍ଜ ଅଫିସର ମାନସ କୁମାର ଦାସ ପ୍ରମୁଖ ଅଣ୍ଡାଦାନ ସ୍ଥଳରେ ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ କରୁଛନ୍ତି। ଏକାଧିକ ବୋଟ୍‌କୁ ଭଡ଼ାରେ ଅଣାଯାଇ ପାଟ୍ରୋଲିଂ ଚାଲିଛି। ଟ୍ରଲରଗୁଡ଼ିକ ଯେପରି ନିଷିଦ୍ଧାଞ୍ଚଳକୁ ପ୍ରବେଶ ନ କରନ୍ତି ସେଥିପାଇଁ ନଜର ରଖାଯାଇଛି ।

# ନାବାଳିକାଙ୍କୁ ଅସଦାଚରଣ, ଯୁବକ ଗିରଫ

ରସୁଲପୁର,୨୬।୩(ଡି.ଏନ.ଏ.)

ନାବାଳିକାଙ୍କୁ ଅସଦାଚରଣ ଅଭିଯୋଗରେ କୁଆଖିଆ ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେ ହେଲେ ଉକ୍ତ ଥାନା ଅନ୍ତର୍ଗତ ରସୁଲପୁର ପଞ୍ଚାୟତ ସୁଆଁସାହି ଗ୍ରାମର ବିନୟ ମଲ୍ଲିକ(୨୦)। ବିନୟ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ କିଛି ଦିନ ହେବ ପ୍ରେମ ନିବେଦନ କରିଆସୁଥିଲେ। ତେବେ ଶୁକ୍ରବାର ସନ୍ଧ୍ୟାରେ ନାବାଳିକା ଏକାକୀ ଖରସ୍ରୋତା ନଦୀ ବନ୍ଧରେ ଯାଉଥିବା ଦେଖି ଅଭିଯୁକ୍ତ ଯୁବକ ତାଙ୍କୁ ଟଣାଓଟରା କରିବା ସହ ଅସଦାଚରଣ ପ୍ରଦର୍ଶନ କରିଥିଲେ। ଏନେଇ ନାବାଳିକା ସମ୍ପୃକ୍ତ ଯୁବକଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ନଂ.୧୧୩/୨୨ ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# ୯ ଗାଡ଼ି ଜବତ, ୬୦ ହଜାର ଜରିମାନା ଆଦାୟ

ରସୁଲପୁର,୨୬।୩(ଡି.ଏନ.ଏ.)

ରସୁଲପୁର ତହସିଲ ପକ୍ଷରୁ ତହସିଲଦାର ନିରଞ୍ଜନ ସାହୁ ଓ ୫ଟି ରାଜସ୍ୱ ସର୍କଲ ନିରୀକ୍ଷକଙ୍କୁ ନେଇ ମିଳିତ ଚଢ଼ାଉ କରାଯାଇଛି। ଏଥିରେ ୯ଟି ବେଆଇନ ଲଘୁ ଖଣିଜଜାତ ସାମଗ୍ରୀ ପରିବହନ ହେଉଥିବା ଗାଡି ଜବତ କରାଯାଇଛି। ତହସିଲଦାର ଶୁକ୍ରବାର ୧୬ ନମ୍ବର ଜାତୀୟ ରାଜପଥର ଗୋପାଳ ଛକ ନିକଟରୁ ଭୋର ୫ଟାରୁ ୨ଟି ପଥର ଓ ୩ଟି ବାଲି ବୋଝେଇ ଗାଡି ଜବତ କରିଥିଲେ। ସେଥିରୁ ୪ଟି ଗାଡିରୁ ୬୦ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ସେହିପରି ଶନିବାର ମଧ୍ୟାହ୍ନରେ ରାଜପଥର ମୂଳାପାଳ ଛକ ନିକଟରୁ ରାଜସ୍ୱ ନିରୀକ୍ଷକଙ୍କ ସହାୟତାରେ ୪ଟି ବାଲି ବୋଝେଇ ଗାଡ଼ି ଜବତ କରି ତହସିଲରେ ଅଟକ ରଖିଛନ୍ତି। କାଗଜପତ୍ର ଯାଞ୍ଚ କରାଯାଇ ଜରିମାନା ଆଦାୟ କରାଯିବ ବୋଲି ତହସିଲଦାର ସାହୁ ପ୍ରକାଶ କରିଛନ୍ତି।

# ୪ଶହ ଅଣ୍ଡାଦାନ କଲେ ୪ ଅଲିଭ୍ ରିଡ୍‌ଲେ



ତାଳସାରୀ ବେଳାଭୂମିରେ ଅଲିଭ ରିଡଲେ ଅଣ୍ଡା।

ଭୋଗରାଇ,୨୬।୩(ଡି.ଏନ.ଏ.)

ବାଲେଶ୍ୱର ଜିଲା ତାଳସାରୀ ବେଳାଭୂମିରେ ଦୁଇଦିନରେ ୪ ଅଲିଭରିଡ୍‌ଲେ ୪ଶହରୁ ଊର୍ଦ୍ଧ୍ୱ ଅଣ୍ଡାଦାନ କରିଥିବା ଜଣାପଡ଼ିଛି। ୩ ଅଲିଭରିଡ୍‌ଲେ ତାଳସାରୀ-ଉଦୟପୁର ବେଳାଭୂମିରେ ଅଣ୍ଡାଦାନ କରିଥିବା ବେଳେ ଅନ୍ୟ ଗୋଟିଏ ମୁରଲୀଚଢ଼ରେ ଅଣ୍ଡା ଦେଇ ସମୁଦ୍ରକୁ ଫେରିଛନ୍ତି। ଏହି ଅଣ୍ଡାଗୁଡ଼ିକୁ ବେଳାଭୂମିରେ ବନବିଭାଗ ପକ୍ଷରୁ ତାରଜାଲି ଘେରାଯାଇ ସୁରକ୍ଷିତ ରଖାଯାଇଥିବା ବନପାଳ ଅଜୟ କୁମାର ଜେନା ସୂଚନା ଦେଇଛନ୍ତି। ତେବେ ପାଗ ଅନୁକୂଳ ସହିତ ସମୁଦ୍ରରେ ମାଛଧରା ବନ୍ଦ ଥିବାରୁ ଅଧିକ ଅଲିଭ ରିଡ୍‌ଲେ କୂଳରେ ଅଣ୍ଡାଦାନ କରିବା ସମ୍ଭାବନା ରହିଛି। ଗତବର୍ଷ ଏହି ବେଳାଭୂମିରେ ୨ ଅଲିଭ ରିଡ୍‌ଲେ ଦୁଇଶହ ଅଣ୍ଡାଦାନ କରିଥିବା ବେଳେ ଚଳିତବର୍ଷ ୪ ଅଲିଭ ରିଡ୍‌ଲେ ଅଣ୍ଡାଦାନ କରିଛନ୍ତି।



**ଆଜିର ମନ୍ତବ୍ୟ**

"କଶ୍ମୀର ସମସ୍ୟା ସମାଧାନ ନ ହେବା ପର୍ଯ୍ୟନ୍ତ ସେଠାରେ ଶାନ୍ତି ସ୍ଥାପନ ହୋଇପାରିବ ନାହିଁ ଏଥିପାଇଁ କେନ୍ଦ୍ର ସରକାରଙ୍କୁ ଜମ୍ମୁ-କଶ୍ମୀର ବାସିନ୍ଦା ଓ ପାକିସ୍ତାନ ସହ ଆଲୋଚନା କରିବାକୁ ପଡ଼ିବା **-ମେହବୁବା ମୁଫ୍ତି, ପିଡିପି ଅଧକ୍ଷା**"

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ଅଭନୀଶ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଏଇ କଥାକୁ
ନାଆ ପେଲିଦେଲି କଲିକତାକୁ ।**

କେତେକ ବ୍ୟକ୍ତି କୌଣସି କଥାକୁ ସେତେଟା ଗୁରୁତ୍ୱ ଦେଇନଥାନ୍ତି। ଏଇ ସାମାନ୍ୟ କଥାଟା ହୋଇପାରିବନି ଯେ ଏତେ ଚିନ୍ତା ବୋଲି କହି ଫୁତ୍କାରରେ ଉଡେଇ ଦେଇଥା'ନ୍ତି। କଥାକୁ ଗୁରୁତର ସହକାରେ ନ ନେଇ ବେପରୁଆ ମନୋଭାବ ପୋଷଣ କରାଯିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଏଣୁ ମାଇଲେ ଗୋ-ହତ୍ୟା,
ତେଣୁ ମାଇଲେ ବ୍ରହ୍ମହତ୍ୟା।**

ବେଳେବେଳେ ବ୍ୟକ୍ତି ଦୋ ସନ୍ଧିରେ ପଡିଯାଇଥାଏ। କେଉଁଟା କରିବ ବା କେଉଁଟା ଛାଡିବ ତା'ର କୂଳକିନାରା ପାଇ ନଥାଏ କି ସମୟୋପଯୋଗୀ ନିଷ୍ପତ୍ତି ନେବାରେ ବୁଦ୍ଧିବାଟ ଦିଶି ନଥାଏ। ବିଷମ ସମସ୍ୟାର ସମ୍ମୁଖୀନ ହେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:**

**ପ୍ରଥମ ପୃଷ୍ଠାରୁ...**

## ସହରରେ ବି ...

୨୮୮, କଂଗ୍ରେସ ୧୩୪, ସ୍ୱାଧୀନ ୧୧୭ ଏବଂ ବିଏସ୍‌ପି ଓ ସିପିଆଇ ଗୋଟିଏ ଲେଖା ଆସନରେ ସଫଳତା ପାଇପାରିଛନ୍ତି। ସେହିପରି ବ୍ରହ୍ମପୁରର ମୋଟ ୩୦ଟି କର୍ପୋରେଟର ପଦବୀ ମଧ୍ୟରୁ ବିଜେଡିକୁ ୩୦, ଭାଜପା ୭, କଂଗ୍ରେସ ୧ ଏବଂ ସ୍ୱାଧୀନ ୪ଟି ଆସନରେ ବିଜୟ ହାସଲ କରିପାରିଛି। ସେହିପରି କଟକ ମହାନଗର ନିଗମ(ସିଏମ୍‌ସି)ରେ ହୋଇଥିବା ୫୯ଟି କର୍ପୋରେଟର ଆସନ ମଧ୍ୟରୁ ବିଜେଡି ୩୮, ଭାଜପା ୭, କଂଗ୍ରେସ ୮ ଏବଂ ସ୍ୱାଧୀନ ୬ଟି ଆସନରେ ବିଜୟୀ ହୋଇପାରିଛନ୍ତି। ସେହିପରି ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)ର ୬୭ କର୍ପୋରେଟର ଆସନ ମଧ୍ୟରୁ ୪୮ ଆସନରେ ବିଜେଡି ପ୍ରାର୍ଥୀ ବିଜୟ ଲାଭ କରିଛନ୍ତି। ଅନ୍ୟପଟେ ଭାଜପା ୧୦ ଏବଂ ସ୍ୱାଧୀନ ୯ ଆସନରେ ବିଜୟୀ ହୋଇଥିବା ବେଳେ ରାଜଧାନୀରେ କଂଗ୍ରେସ ଖାତା ଖୋଲିପାରିନାହିଁ। ଅନ୍ୟପଟେ ବିଜେଡି ସାରା ରାଜ୍ୟରେ ଅନୁଷ୍ଠିତ ପୌର ଭୋଟରେ ଭଲ ପ୍ରଦର୍ଶନ କରିଥିବା ଯୋଗୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍‌କରି ରାଜ୍ୟବାସୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ନବୀନ କହିଛନ୍ତି, ପୌର ନିର୍ବାଚନରେ ବିଜେଡିର ବିପୁଳ ବିଜୟ ରାଜ୍ୟବାସୀଙ୍କ ଆଶୀର୍ବାଦ ଓ ଅଗଣିତ କର୍ମୀଙ୍କ ସମର୍ପିତ ଉଦ୍ୟମ ବଳରେ ସମ୍ଭବ ହୋଇଛି। ୱାର୍ଡସ୍ତରରୁ ଲୋକଙ୍କ ଭଲପାଇବା ତୃଣମୂଳସ୍ତରରେ ବିଜେଡିର ଲୋକପ୍ରିୟତାକୁ ପ୍ରମାଣିତ କରୁଛି। ତେଣୁ ଆସନ୍ତୁ, ସମସ୍ତେ ରାଜ୍ୟର ବିକାଶଧାରାରେ ସାମିଲ ହୋଇ ଲୋକଙ୍କ କଲ୍ୟାଣ ଓ ଉନ୍ନତି ପାଇଁ ଏକ ହୋଇ ଆଗକୁ ବଢ଼ିବା ବୋଲି ସେ କହିଛନ୍ତି।

# ସରକାରୀ ଅନୁଷ୍ଠାନରେ କ୍ରେଚ୍ ବ୍ୟବସ୍ଥା କରିବାକୁ ଓଏଚ୍ଆର୍‌ସିଙ୍କ ସୁପାରିସ

ଭୁବନେଶ୍ୱର, ୨୬।୩(ବ୍ୟୁରୋ)- ପଚାଶ କିମ୍ବା ତଦୂର୍ଦ୍ଧ୍ୱ ମହିଳା କର୍ମଚାରୀ କାର୍ଯ୍ୟ କରୁଥିବା ସରକାରୀ ସଂସ୍ଥାରେ କ୍ରେଚ ବ୍ୟବସ୍ଥା କରିବା ନିମିତ୍ତ ଓଡ଼ିଶା ମାନବିକ ଅଧିକାର କମିଶନ(ଓଏଚ୍ଆର୍‌ସି) ପକ୍ଷରୁ ସରକାରଙ୍କୁ ସୁପାରିସ କରାଯାଇଛି। ମହିଳା କର୍ମଚାରୀମାନଙ୍କ ଶିଶୁଙ୍କ ପାଇଁ ମାତୃତ୍ୱ ସୁବିଧା ଆଇନ ଅନୁଯାୟୀ ଏହି ନିଷ୍ପତ୍ତି ନିଆଯାଇଛି। କମିଶନ୍ ଅଧ୍ୟକ୍ଷ ଜଷ୍ଟିସ୍ ବିଜୟକୃଷ୍ଣ ପଟେଲ, ଦୁଇ ସଦସ୍ୟ ଜଷ୍ଟିସ୍ ରଘୁବୀର ଦାଶ ଏବଂ ଅସୀମ ଅମିତାଭ ଦାଶଙ୍କୁ ନେଇ ଗଠିତ ପୂର୍ଣ୍ଣାଙ୍ଗ ଖଣ୍ଡପୀଠ ପକ୍ଷରୁ ଏହି ନିର୍ଦ୍ଦେଶ ଦିଆଯାଇଛି। ଆସନ୍ତା ୬ ମାସ ମଧ୍ୟରେ ଏହାକୁ କାର୍ଯ୍ୟକାରୀ କରିବା ପାଇଁ କମିଶନଙ୍କ ପକ୍ଷରୁ ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବିଜୟ କୁମାର ପଣ୍ଡା, ଗୋଲେଖ ପ୍ରସାଦ ନାୟକ, ସୁଭାଶିଷ ପଣ୍ଡା, ପ୍ରକାଶ ଚନ୍ଦ୍ର ଦାସ ଓ ବିଶ୍ୱପ୍ରିୟ କାନୁନଗୋ ପ୍ରମୁଖ ଆଇନଜୀବୀମାନଙ୍କ ପକ୍ଷରୁ ଦିଆଯାଇଥିବା ପିଟିଶନ (କେସ୍ ନଂ ୨୨୬୧/୨୦୧୯) ଉପରେ ଶୁଣାଣି କରି କମିଶନ ପକ୍ଷରୁ ଏହି ରାୟ ଦିଆଯାଇଛି। ମାତୃତ୍ୱ ସୁବିଧା ଆଇନର ସଂଶୋଧିତ ଆଇନ ଧାରା-୧୧(କ) ଅନୁସାରେ ପ୍ରତ୍ୟେକ ଅନୁଷ୍ଠାନ, ଯେଉଁଥିରେ ସର୍ବନିମ୍ନ ପଚାଶ ଜଣ ମହିଳା କର୍ମଚାରୀ କାର୍ଯ୍ୟରତ, ସେମାନଙ୍କର ଶିଶୁମାନଙ୍କ ପାଇଁ କ୍ରେଚ ବ୍ୟବସ୍ଥା କରାଯିବା ବାଧ୍ୟତାମୂଳକ ରହିଛି। ଏହିଭଳି ଆଇନଗତ ବ୍ୟବସ୍ଥା ସତ୍ତ୍ୱେ ସଚିବାଳୟଠାରୁ ଆରମ୍ଭ କରି ଉଚ୍ଚ ଅଦାଲତ ପର୍ଯ୍ୟନ୍ତ କୌଣସି ସରକାରୀ କାର୍ଯ୍ୟାଳୟରେ କ୍ରେଚ୍ ବ୍ୟବସ୍ଥା ନ ଥିବା ନେଇ ୯ ଅକ୍ଟୋବର ୨୦୧୯ରେ ଓଏଚ୍ଆର୍‌ସିରେ ଅଭିଯୋଗ ହୋଇଥିଲା। ଏହି ଅଭିଯୋଗ ଆଧାରରେ କମିଶନଙ୍କ ପକ୍ଷରୁ ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗକୁ ନୋଟିସ ଜାରି କରାଯାଇଥିଲା। ଏନେଇ ବିଭାଗୀୟ ପ୍ରମୁଖ ଶାସନ ସଚିବଙ୍କ ପକ୍ଷରୁ ୨୦୨୧ ନଭେମ୍ବର ୧୧ରେ ଜବାବ ଦିଆଯାଇଥିଲା। ବିଭିନ୍ନ ସରକାରୀ ସଂସ୍ଥାକୁ ବିଭାଗ ପକ୍ଷରୁ ୨୦୨୦ ଜୁଲାଇ ୨୨ରେ ଚିଠି ଲେଖାଯାଇଛି ଏବଂ ଆଇନ ଅନୁସାରେ ସଂସ୍ଥା ସବୁ କ୍ରେଚ ପାଇଁ ପଦକ୍ଷେପ ନେଉଛନ୍ତି ବୋଲି ଜଣାଇଥିବା ବିଭାଗ ପକ୍ଷରୁ କମିଶନଙ୍କୁ ସୂଚନା ଦିଆଯାଇଥିଲା।

## ଆଜିର ରାଶିଫଳ


ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com


**ମେଷ** ଆଜିର କର୍ମକ୍ଷେତ୍ରରେ ଅପ୍ରୀତିକର ପରିସ୍ଥିତିର ସାମନା କରିବାକୁ ପଡ଼ିପାରେ । ସମ୍ମୁଖରେ ଭଲ କହୁଥିବା ଲୋକଟି ପଛରେ ବିଭିନ୍ନ ପ୍ରକାର କଥା କହୁଥିବାର ଶୁଣିବାକୁ ପାଇବେ। ଆର୍ଥିକ ସ୍ଥିତି ଦୁର୍ବଳ ହେତୁ ତାହାହିଁ ଚିନ୍ତାର କାରଣ ହୋଇପାରେ । ପରିବାରରେ ଅବସ୍ଥା ଦେଖି ବ୍ୟବସ୍ଥା ନ କଲେ ପରେ ଅନୁତାପ କରିବାକୁ ପଡ଼ିବ ।

**ବୃଷ** ଆଜିର କାମରେ ପଡ଼ୋଶୀ ସହଯୋଗର ହାତ ବଢ଼ାଇବେ। ଆଲୋଚନା କ୍ଷେତ୍ରରେ କାର୍ଯ୍ୟବ୍ୟସ୍ତତା ଯୋଗୁ କେତେକ କାମ ଠିକ୍ ସମୟରେ କରି ପାରିବେ ନାହିଁ। ଅପରାହ୍ନରେ ଆନୁଷ୍ଠାନିକ କାମରେ ଯାଇ ଜଣେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିପାରନ୍ତି। ମାତ୍ର ଘରୋଇ କ୍ଷେତ୍ରରେ ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗି ନ ପାରେ।

**ମିଥୁନ** ଅଶାନ୍ତି ଓ ରାଗକୁ ନିୟନ୍ତ୍ରଣରେ ନ ରଖିଲେ ତିକ୍ତତା ସୃଷ୍ଟି ହୋଇପାରେ। କର୍ମାରମ୍ଭ ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ ଓ କାମଟି ମଧ୍ୟ କରିବେ। ପ୍ରଶାସନ, ପ୍ରକାଶନ, ରାଜନୀତି , ସଂଗଠନ, ସଭାସମିତି ଓ ଆନୁଷ୍ଠାନିକ କ୍ଷେତ୍ରରେ ପ୍ରଶଂସିତ ହେବେ। ସ୍ତ୍ରୀଙ୍କ ସୌହାର୍ଦ୍ଦ୍ୟରୁ ପାରିବାରିକ ଜୀବନ ସୁଖରେ କଟିବ।

**କର୍କଟ** ଭାଇ, ବନ୍ଧୁ ଓ କୁଟୁମ୍ବଙ୍କ ସହ ସମ୍ପର୍କରେ ଉନ୍ନତି ପରିଲକ୍ଷିତ ହୋଇପାରେ । ମଧ୍ୟାହ୍ନରେ ଜଣେ ପ୍ରତିଷ୍ଠାବାନ୍ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରି ଆତ୍ମବିଭୋର ହୋଇପାରନ୍ତି। ମାଲିମକଦ୍ଦମାରେ ଜୟଲାଭ କରିବାର ଆଶା କ୍ରମଶଃ ବୃଦ୍ଧି ପାଇପାରେ । ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ବିଦ୍ରୋହ ଓ ଅଶାନ୍ତି ବଢ଼ିବ।

**ସିଂହ** ସମସ୍ୟା ଭିତରେ ଗତି କରି ମଧ୍ୟ ପଛକୁ ଫେରିବା ଚିନ୍ତା କରିବେ ନାହିଁ। ବନ୍ଧୁ କିମ୍ବା ସହକର୍ମୀଙ୍କ କଥାରେ ପ୍ରଭାବିତ ହୋଇ କୌଣସି ନୂତନ କାମ କରିପାରନ୍ତି। କ୍ରୀଡ଼ା, କଳା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସୁନାମ ଅର୍ଜନ କରିବେ। ପରିବାରବର୍ଗଙ୍କ ସହାୟତା ପାଇବେ ଓ ଆନନ୍ଦ ମନରେ କାମ କରିବେ ।

**କନ୍ୟା** ଆଜି ଦିନଟିରେ କିଛି ପାଇବାର ଆଶା ରଖିଲେ କିଛି ଦେବା ପାଇଁ ଚେଷ୍ଟା କରନ୍ତୁ। ଜମା ପଡ଼ୁ ନ ଥିବା ବନ୍ଧୁ କିମ୍ବା ଶତ୍ରୁତା କରୁଥିବା ଲୋକଟି ମନକୁ ବାଧିଲା ଭଳି କଥା କହିପାରେ। ବ୍ୟବସାୟ କ୍ଷେତ୍ରରେ ଅଧିକ କିଛି ଆଶା ମନରେ ଦୁଃଖ ଦେଇପାରେ। ଆଜିର ଯାତ୍ରାରେ ଅଭିଳଷିତ କାମ ମଧ୍ୟ ହୋଇଯିବ।

**ତୁଳା** ଶତ୍ରୁଠାରୁ ଦୂରତା ରଖି କାମ କରିବା ଭଲ। ଅଫିସ କାମରେ ସହକର୍ମୀଙ୍କ ସହ ବିବାଦ ବୃଦ୍ଧି ହେବ ମାତ୍ର ଆପଣଙ୍କୁ ଅନ୍ୟମାନେ ସାହାଯ୍ୟ କରିବେ । ପରିବାରରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିଯାଇପାରେ। ଶିଳ୍ପ,ବାଣିଜ୍ୟ,ସାମ୍ବାଦିକତା ଓ ଅର୍ଥ ସମ୍ବନ୍ଧିତ କାମରେ ସଫଳତା ପାଇବେ।

**ବିଛା** ଯାହ ଦୀର୍ଘଦିନରୁ ହୋଇ ପାରି ନ ଥିଲା ଆଜି ଆକସ୍ମିକ ଭାବରେ ତାହା ହୋଇଯିବ। ବନ୍ଧୁଙ୍କ ନିକଟରୁ ଯେତେ ପାଇଲେ ମଧ୍ୟ ଆହୁରି ଅଧିକ ପାଇବା ସକାଶେ ବ୍ୟାକୁଳତା ପ୍ରକାଶ କରିବେ । ପରିବହନ, ଶିଳ୍ପ ଓ ବ୍ୟବସାୟ, ବାଣିଜ୍ୟରେ ପ୍ରତିବନ୍ଧକ ଦୂରେଇବା ପାଇଁ ପ୍ରଯତ୍ନ କରିବେ । ସହକର୍ମୀମାନଙ୍କ ତରଫରୁ ସମସ୍ୟା ଆସିପାରେ।

**ଧନୁ** କୌଣସି ପରିଚିତ ବ୍ୟକ୍ତିଙ୍କ କାର୍ଯ୍ୟକଳାପ ଆପଣଙ୍କ କର୍ମକ୍ଷେତ୍ରକୁ ବିଶୃଙ୍ଖଳିତ କରିପାରେ । ଆର୍ଥିକ ଦିଗରୁ କିଛିଟା ସମସ୍ୟା ଲାଗି ରହିବ, ଅବଶ୍ୟ ସମାଧାନର ପନ୍ଥା ଖୋଜି ପାଇବେ । ଅଫିସରେ ସହକର୍ମୀମାନଙ୍କ ସହ ମିଷ୍ଟାଳାପରେ ମାତିରହିବେ। ବାଟରେ ଯିବା ସମୟରେ ଯାନ୍ତ୍ରିକ ତ୍ରୁଟି ଅସୁବିଧାରେ ପକାଇପାରେ ।

**ମକର** ଆଜି କୌଣସି ବ୍ୟକ୍ତିଠାରୁ ହଠାତ୍ କିଛି ଖବର ପାଇ ବିଚଳିତବୋଧ କରିବେ। ଉପରିସ୍ଥ ଅଧିକାରୀମାନେ କାମହାସଲ ସକାଶେ ଆପଣଙ୍କ ସହଯୋଗ ଲୋଡ଼ିପାରନ୍ତି । ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ, ନିର୍ମାଣ, ସଭାସମିତି, ଲେଖାପଢ଼ା ପ୍ରଭୃତିରୁ ସୁଫଳ ପାଇବେ। ଅସାବଧାନତା ହେତୁ ଦ୍ରବ୍ୟ ନଷ୍ଟ କିମ୍ବା ଧନହାନି ଘଟିପାରେ।

**କୁମ୍ଭ** ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିବ। ଅଫିସରେ ସାଧାରଣ କଥାରେ ହଠାତ୍ କଳହ ସୃଷ୍ଟି ହୋଇପାରେ। କଳହ, ଧନହାନି, ପରିବହନରେ ତର୍କ ବିତର୍କ ଓ ସାଧାରଣ କଥାକୁ କେନ୍ଦ୍ରକରି ପାଟିତୁଣ୍ଡ ଲାଗି ରହିବ। ପାରିବାରିକ ସମସ୍ୟାର ସମାଧାନ ସକାଶେ ନିଜର ବନ୍ଧୁଙ୍କ ସାହାଯ୍ୟ ଭିକ୍ଷା କରିପାରନ୍ତି ।

**ମୀନ** କର୍ମକ୍ଷେତ୍ରରେ ଆପଣ ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି ବାସ୍ତବରେ ସେପରି କିଛି ହେବନି। ପରିବାର ଭିତରେ ଅଯଥା ବ୍ୟସ୍ତତା ପ୍ରକାଶ କରି ସମାଲୋଚିତ ହେବେ। ପରିସ୍ଥିତିବଶତଃ ଧାର, କରଜ କରି ଆବଶ୍ୟକତାକୁ ଚଳାଇ ନେବାକୁ ବାଧ ହେବେ । ପରିବହନରେ ଦେଖିଚାହିଁ ପଦକ୍ଷେପ ନିଅନ୍ତୁ, ନଚେତ୍ ସମସ୍ୟା ଉପୁଜିପାରେ।


# classifieds Everyday
0674-2580101, 2549302



**BRIDE WANTED**

For Bhubaneswar based Brahmin ER. groom, age-34, Contact, khushimatrimony.com. 9040305159. D-71524

**GROOM WANTED**

ଭୁବନେଶ୍ୱରସ୍ଥିତ ୫୮ ବୟସ୍କା ନିଃସନ୍ତାନ ଏକାକୀ ରହୁଥିବା ବିଧବା ବ୍ରାହ୍ମଣ Private ଚାକିରିଆ ଝିଅଙ୍କୁ ବରପାତ୍ର ଆବଶ୍ୟକ। 9437703488. D-23455

40Yrs. (5'4"- ଉଚ୍ଚତା) ସରକାରୀ Teacher, (ଦରମା- 54,000/-) ମହିଳା ହେତୁ ବର ଦରକାର। ଘରଜ୍ୱାଇଁଙ୍କୁ ପ୍ରାଥମିକତା। (ସଭିଜାତି ସଭିମାନ୍ୟ ଅଟନ୍ତି)। Contact: 9516567713. D-23458

Government Job, ବୟସ-44, ଏକୁଟିଆ ରହୁଥିବା ଅବିବାହିତା ବଣିଆ ଝିଅଙ୍କ ପାଇଁ ଯେକୌଣସି ଜାତିର ପୁଅ ଦରକାର। 7077495623. D-23454

Wanted Groom for Lady Doctor age-26, caste Brahmin, Working in a Hospital, Bhubaneswar, MD Preferable. Contact No.- 9778312631. D-23487

50 ବୟସ୍କା ସରକାରୀ ଚାକିରିଆ ଛାଡ଼ପତ୍ରପ୍ରାପ୍ତ ଖଣ୍ଡାୟତ ନିଃସନ୍ତାନ ଏକାକୀ ରହୁଥିବା ଝିଅଙ୍କୁ ଘରଜ୍ୱାଇଁ ଆବଶ୍ୟକ। ଯୋଗାଯୋଗ- 7606947424. D-23496



**SALE**

**Fully loaded 2015 Excellent running condition Swift Dzire Petrol, 5,20,000/-. Contact Owner- 9853926464 (BABU BHAI).** D-23307



**SALE**

**Gharabari boundary plots near Infocity-II & Cancer Hospital. SR PROPERTEEZ. 9438106666.** D-73211

Plot For Sale at Chaatabar per sqft. @99/-. 9583295832, 8249017091. D-23501

4 Bed Room Duplex house for sale at Gayatri Nagar, Bomikhal (Price-2 Crore). contact 9938303321. D-23502

**ସୁନ୍ଦରପଦା ଏବଂ ବାଲିଅନ୍ତାରେ developed, demarcated gharabari, electricity plot କିଣନ୍ତୁ। 7008492511.** D-23475

Ready 4BHK Duplex at Balianta. Land-1400 and Construction-2200 @85Lakh. Land Balianta @900, Pahala @1500, Patrapada @2000. 8984071303. D-23449

**Independent bungalow for immediate sale main road, Jharsuguda. Contact: 9861193320.** D-23452

6 BHK house on 4400 Sqft. Land for sale opposite Khemka Mall, 90 Lacs, Kunjakanta, Dhenkanal. Call 9078123112. D-23484

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact 9937059891.** D-23478

House sale in Bhimatangi, BBSR plot- 3200sqft. Rs.- 20000000. Contact: 6370360553. D-46558

Duplex available at Raghunathpur back side of Royal Lagoon, Patia, Bhubaneswar. 9861593321, 9348332283. D-23477

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact: 9937059891.** D-23479

Yellowzone ୨୦୦ ଫୁଟ ରାସ୍ତାରେ sqft.300/- ଜାଗା ବିକ୍ରି ହେଉଛି। 7327055890. D-71483

Booking open- 2BHK, 3BHK Apartment for sale near AIIMS Hospital & Doon International School (Patrapada, Bhubaneswar). Contact: 9090770637, 9938670164. D-71965

Ready to move 3BHK Duplex- Uttara Gudiapokhari (Gated community), 7327043914. D-71967

**1.4KM from Pitapalli Chandaka bypass Bhubaneswar (loan available) developed for home sqft.- 999/- Gangapada Priyanka- 7735142073.** D-73217

Cuttack town ପାଖ Gopalpur Balikudaରେ 56 (No) Municipality area, yellowzone plots କିଣି ସଙ୍ଗେସଙ୍ଗେ ଘର କରନ୍ତୁ। Contact: 9937450545. D-23473

**Gharabari Plot for Sale near Pahala, Bhingarpur, Kesura (Bankual, Contact: 8144128238, 6371268258.** D-71962

କଟକ, ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ ଓଡ଼ିଶାର Biggest commercial hub "Grand Bazar" ସମ୍ମୁଖରୁ ଅଳ୍ପଦୂରରେ ବାସୋପଯୋଗୀ ଘରବାରି ପ୍ଲଟ୍ ଶସ୍ତାରେ କିଣନ୍ତୁ। 6371200121. D-73205

**ଭୁବନେଶ୍ୱର ସୁନ୍ଦରପଦା- ଜଟଣୀ ରାସ୍ତାରେ Xavier University ଏବଂ Aditya Birla School ପାଖରେ possession ପ୍ଲଟ୍ ମିଳୁଛି। 8249292535, 7377376856.** D-73215

ଭୁବନେଶ୍ୱର ରବି ଟକିଜ ସାଇ ମନ୍ଦିର ପୂର୍ବରୁ ରାସ୍ତା, ପାଚେରି ଥାଇ ପ୍ଲଟ୍ ବିକ୍ରିହେବ। 9827119799. D-71969

**Residential land for sale at Atala 3KM. away from NH-5 Hansapal Rs.-1750/- sqft. 8093095101, 8093095102.** D-71968

2 Bedroom Flat At Bomikhal Main Road side for Sale Rs.48,00000 Price Fixed. Negotiable For SC. Contact: 07978111468. D-23490

**2+ Half Bed Room Flat in 2nd Floor for sale at Harapriya Apartment, Vivekananda Marg having S.B.A- 1360 Sqft. (Price 60 Lakh). Contact 9938303321.** D-23503

3BHK flat with modular Kitchen 4th floor at Old Budheswari Post Office (Mahalaxmi Enclave) behind Gupta Cable, Laxmisagar, Bhubaneswar. Contact: 8984383598, 7504151354. D-23486

**ପିପିଲି ମେଡିକାଲଠାରୁ ପୁରୀ ଯିବା ରାସ୍ତାରେ BSNL/ Fire Office ନିକଟବର୍ତ୍ତୀ ଘରବାରି boundary, road, electricpoll ସହିତ ପିଚୁ ରାସ୍ତାକୁ ଲାଗି ପ୍ଲଟ୍ ମିଳୁଛି। 9438122777, 9556622939.** D-71799

Sum Hospital ଘଙ୍ଗାପାଟନାରେ ସ୍ଥିତିବାନ ପ୍ଲଟ୍ ୩୦ଫୁଟ୍ ରୋଡ୍, ଇଲେକ୍ଟ୍ରି ସହ ମିଳୁଛି। 7653997595. D-73208

**60ft. ପିଚୁ ରୋଡ଼କୁ ଲାଗି 18ଗୁଣ୍ଠ commercial Plot Bhubaneswar GIFT College ସାମ୍ନାରେ ତୁରନ୍ତ ବିକ୍ରିହେବ। per ଗୁଣ୍ଠ @900000/- Owner- 9437033320.** D-73213

**Private gharabari boundary plot sale near Gita, Gandhi College, Infosys-II, K.K Petrolpump close to NH-16, Bhubaneswar. 9040033905, 7978230118.** D-73216



Do you want to construct dream house on your own plot for more details. Contact: K.K. Construction, 7008268129, 9439143273. D-71342



For commercial purpose at Prime location Unit-9, Bhubaneswar, Ground Floor, 2000sqft. 9437057789. D-71624

Commercial place, opposite side Hotel Presidency, Nayapalli, NH side, 1st Floor, 1700sqft. full furnished. 9437063446, 7008425783. D-71961

Furnished small office space for rent with washroom, kitchen, power backup, parking near Passport Office, Nayapalli. Contact: 8338991113, 9338991113. D- 71964

**2BHK well located modern flat available for rent Rs.- 16000/- approximately with conditions on GGP Pandra road in Avantika Apartment near Gokul Residency. Contact: 8984692488 during office hour.** D-71623

2BHK house with Car Parking is available at Palasuni. Contact 9425275445. D-23442



Newly open SPA positively health benefits expert therapist, Kalpana. 7846814019. D-71480

Refreshing your mind and body with the best therapy, 7873794731. D-23292

Newly open full body massage ladies and gents. 8327740003. D-71879

Newly opening SPA positively health benefits with expert therapist. 8917332216. D-71971


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


**ପ୍ରଥମ ପୃଷ୍ଠାରୁ...**

## ଆଜି ମନ୍ତ୍ରୀ ପରିଷଦ, ...

ଏହାପରେ କ୍ୟାବିନେଟ୍‌ରେ ଅନୁମୋଦନ ମିଳିବା ପରେ ତାହା ଗୃହରେ ଆଗତ କରାଯିବ। କାମଚଳା ବଜେଟରେ କେବଳ ଆସନ୍ତା ୩ ମାସ ପର୍ଯ୍ୟନ୍ତ ହେବାକୁ ଥିବା ପ୍ରଶାସନିକ ଖର୍ଚ୍ଚ ସହ ସରକାର କରିଥିବା ଋଣ ଶୁଝିବା ଲାଗି ଆବଶ୍ୟକ ଆର୍ଥକୁ ବଜେଟରେ ଅନୁମୋଦନ ମିଳିବ ବୋଲି ଜଣାପଡ଼ିଛି।

# କ୍ରାଇମ ସିନ୍ ରିକ୍ରିଏଶନ୍ କଲା ପୋଲିସ



ସେବାୟତ କୃଷ୍ଣଚନ୍ଦ୍ର ପ୍ରତିହାରୀଙ୍କ ହତ୍ୟା ମାମଲାରେ ପୋଲିସ ଉପସ୍ଥିତିରେ ଅଭିଯୁକ୍ତ କ୍ରାଇମ୍ ସିନ୍ ରିକ୍ରିଏଶନ କରୁଛନ୍ତି।

## ସେବାୟତ କୃଷ୍ଣଚନ୍ଦ୍ର ପ୍ରତିହାରୀ ହତ୍ୟା ମାମଲା

- ପଛପଟେ ଆସିଲେ, ଆଗପଟେ ଫେରାର୍ ହେଲେ
- ଆଉ ୨ ଅଭିଯୁକ୍ତଙ୍କୁ କ୍ରାଇମ୍ ସିନ୍‌କୁ ଅଣାଯିବ

ପୁରୀ ଅଫିସ,୨୬।୩

ପୁରୀର ବରିଷ୍ଠ ସେବାୟତ କୃଷ୍ଣଚନ୍ଦ୍ର ଓରଫ କାଳିଆ ପ୍ରତିହାରୀ ହତ୍ୟା ମାମଲାରେ ଗିରଫ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣି ପୋଲିସ କ୍ରାଇମସିନ୍ ରିକ୍ରିଏସନ୍ କରିଛି। ହତ୍ୟାକାଣ୍ଡ ଘଟିଥିବା ବାରବାଟୀ ଜାଗାରେ ଅଭିଯୁକ୍ତ ଡେମୋ ଦେଖାଇଛନ୍ତି। ବାରବାଟୀ ଜାଗା ପଛ ରାସ୍ତାଦେଇ ଦୁଇ ଅଭିଯୁକ୍ତ ପ୍ରଫୁଲ୍ଲ ମହାପାତ୍ର(ଟୁଟୁ) ଓ ଲକ୍ଷ୍ମଣ ସୁଆର(କୁନୁମୁନି)ଙ୍କୁ ବାରବାଟୀ ଜାଗା ପାଖକୁ ନିଆଯାଇଥିଲା। କାଳିଆଙ୍କୁ କିଭଳି ହତ୍ୟା କଲେ ତାହାର ଡେମୋ ଦେବା ପାଇଁ ଅଭିଯୁକ୍ତଙ୍କୁ ଅତିରିକ୍ତ ଏସ୍‌ପି ମିହିର ପଣ୍ଡା କହିଥିଲେ। କୁନୁମୁନି ନୃସିଂହଙ୍କ ମନ୍ଦିର ସମ୍ମୁଖରେ କାଳିଆଙ୍କ ସହ ବସି ଆଲୋଚନା କରୁଥିବାବେଳେ ଟୁଟୁ ମହାପାତ୍ର ନୃସିଂହଙ୍କୁ ମୁଣ୍ଡିଆ ମାରିବା ବାହାନାରେ ବାରବାଟୀ ଜାଗାରେ ପହଞ୍ଚିଥିଲେ। ଏହାପରେ କାଳିଆଙ୍କୁ ପଛପଟୁ ଟୁଟୁ ଗୁଳି ଚଳାଇଥିଲେ। କାଳିଆ ଘଟଣାସ୍ଥଳରେ ଟଳି ପଡ଼ିଥିବାବେଳେ ଅଭିଯୁକ୍ତମାନେ ସାଙ୍ଗରେ ଆଣିଥିବା ମୋଟର ସାଇକେଲରେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଅଭିଯୁକ୍ତମାନେ ପଛ ରାସ୍ତା ଦେଇ ବାରବାଟୀ ଜାଗାରେ ପ୍ରବେଶ କରିଥିବାବେଳେ ହତ୍ୟାକାଣ୍ଡ ଭିଆଇବା ପରେ ଜାଗାର ସମ୍ମୁଖ ରାସ୍ତାଦେଇ ବାହାରକୁ ଚାଲି ଯାଇଥିଲେ ବୋଲି କ୍ରାଇମ୍‌ସିନ୍ ରିକ୍ରିଏସନ୍ ବେଳେ ଜଣାଇଥିଲେ। ସେହିଭଳି ଅନ୍ୟଦୁଇ ଅଭିଯୁକ୍ତ ହରି ପଣ୍ଡା ଓ ବାବା ମହାପାତ୍ର ଘଟଣାସ୍ଥଳରୁ ସାମାନ୍ୟ ଦୂରରେ ଥିଲେ। ପୋଲିସ ଶନିବାର ଏହି କ୍ରାଇମ୍ ସିନ୍ ରିକ୍ରିଏସନ୍‌ରେ ହରି ଏବଂ ବାବାଙ୍କୁ ସାମିଲ କରିନାହିଁ।

ସୂଚନା ଅନୁଯାୟୀ, ହରି ଏବଂ ବାବା ବାଇକ୍ ଧରି ବାରବାଟୀ ଜାଗାଠାରୁ ସାମାନ୍ୟ ଦୂରରେ ଠିଆ ହୋଇ ପାରିପାର୍ଶ୍ୱିକ ପରିସ୍ଥିତି ଉପରେ ନଜର ରଖୁଥିଲେ। ଯଦି କେହି ହଠାତ୍ ଚାଲିଆସିଲେ, ତେବେ ସେ ନେଇ ସୂଚନା ଦେବା ପାଇଁ ସେମାନଙ୍କୁ କୁହାଯାଇଥିଲା। କ୍ରାଇମସିନ୍ ରିକ୍ରିଏସନ୍ ପାଇଁ ଅତିରିକ୍ତ ଏସ୍‌ପି ମିହିର ପଣ୍ଡାଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ ଗଠନ କରାଯାଇଥିଲା। ଅଭିଯୁକ୍ତମାନେ ୩ ଦିନିଆ ରିମାଣ୍ଡରେ ଆସିଥିବାବେଳେ ଏହି ସମୟ ମଧ୍ୟରେ ହେବାକୁ ଥିବା ଜେରା ଓ ତଦନ୍ତ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ କରୁଛି। ତେବେ କ୍ରାଇମ ସିନ୍ ରିକ୍ରିଏସନ୍‌ରେ ସାମିଲ ହୋଇପାରି ନ ଥିବା ଅନ୍ୟ ଦୁଇ ଅଭିଯୁକ୍ତଙ୍କୁ ପୁରୀ ଟାଉନ ଥାନାରେ ରଖାଯାଇଛି। ଏସ୍‌ପି କନ୍‌ୱର ବିଶାଲ ସିଂ କହିଛନ୍ତି ଯେ, ୪ ଅଭିଯୁକ୍ତଙ୍କୁ କୋର୍ଟ ୩ ଦିନିଆ ରିମାଣ୍ଡରେ ନେଇଛନ୍ତି। ତନ୍ମଧ୍ୟରୁ ୨ଜଣଙ୍କୁ ଶନିବାର ହତ୍ୟାକାଣ୍ଡସ୍ଥଳକୁ ନେଇ ସିନ୍ ରିକ୍ରିଏଶନ୍ କରାଯାଇଛି। ସେହିଭଳି ଅନ୍ୟଦୁଇ ଅଭିଯୁକ୍ତଙ୍କୁ ମଧ୍ୟ କ୍ରାଇମ୍ ସ୍ପଟ୍‌କୁ ନିଆଯିବ। ଯଥେଷ୍ଟ ସାକ୍ଷ୍ୟ ଓ ପ୍ରମାଣ ଯୋଗାଡ଼ କରି ଏକ ଚାର୍ଜଶିଟ୍ ଦାଖଲ କରିବା ଉପରେ ପୁରୀ ପୋଲିସ ଜୋର୍ ଦେଉଛି। ଏନେଇ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ ଗଠନ ହୋଇଥିବାବେଳେ ଅତିରିକ୍ତ ଏସ୍‌ପି ମିହିର ପଣ୍ଡା ନେତୃତ୍ୱ ନେଇଛନ୍ତି। ଏହି ଟିମ୍‌ରେ ସିଟି ଡିଏସ୍‌ପି ଜନାର୍ଦ୍ଦନ ପାଢୀଙ୍କ ସମେତ ବଳିଆପଣ୍ଡା, ବାସେଳୀ ସାହି ଓ ଟାଉନଥାନା ଆଇଆଇସି ସାମିଲ ରହିଛନ୍ତି। ସାକ୍ଷ୍ୟ ପ୍ରମାଣ ଯୋଗାଡ଼ କରିବା ଓ ତଦନ୍ତ କରିବାର ସମ୍ପୂର୍ଣ୍ଣ ଦାୟିତ୍ୱ ଅତିରିକ୍ତ ଏସ୍‌ପିଙ୍କ ପାଖରେ ରହିଛି। ତଦନ୍ତ ସରିବା ପରେ ଚାର୍ଜଶିଟ୍ ଦାଖଲ କରାଯିବ।

# ସ୍ୱଚ୍ଛତାରୁ ବ୍ୟବସାୟିକ ସଫଳତା

**ଓଡ଼ିଶାର ମହିଳା ପୁରୁଷମାନେ ରୁପାରେ ତିଆରି ଅଳଙ୍କାର ବ୍ୟବହାର କରିବାକୁ ବେଶ୍ ପସନ୍ଦ କରିଥାଆନ୍ତି। ଶୁଭ କାର୍ଯ୍ୟରେ ମଧ୍ୟ ରୁପା ସାମଗ୍ରୀ ଲୋଡ଼ାହୁଏ। ଖାସ୍ ଏପରି ଚାହିଦା ପୂରଣ ପାଇଁ ଭୁବନେଶ୍ୱରସ୍ଥିତ 'ଚାନ୍ଦି ଭଣ୍ଡାର'ର ପରିକଳ୍ପନା କରାଯାଇଥିଲା। ଗ୍ରାହକଙ୍କ ଆବଶ୍ୟକତାକୁ ଦେଖି ଗୋଟିଏ ଛାତ ତଳେ ସବୁ ପ୍ରକାର ରୁପା ସାମଗ୍ରୀର ସମ୍ଭାର ଏଠାରେ ଉପଲବ୍ଧ। ସାଧାରଣ ଗ୍ରାହକଙ୍କଠାରୁ ଆରମ୍ଭ କରି ଉଚ୍ଚବର୍ଗର ଲୋକଙ୍କ ପାଇଁ ବିଭିନ୍ନ ଉତ୍ପାଦ ଓ ଉପହାରର ଅନେକ ଡିଜାଇନ୍ ରହିଛି। ଏଥିଯୋଗୁ ଏହି ବ୍ୟବସାୟିକ ପ୍ରତିଷ୍ଠାନ ଗ୍ରାହକଙ୍କ ପସନ୍ଦର ସ୍ଥାନ ପାଲଟିଥିବା ଧରିତ୍ରୀକୁ ସାକ୍ଷାତ୍କାର ଦେଇ କହିଛନ୍ତି 'ଚାନ୍ଦି ଭଣ୍ଡାର' ନିର୍ଦ୍ଦେଶିକା ଲିପ୍ସା ହଂସ।**



ଲିପ୍ସା ହଂସ
ନିର୍ଦ୍ଦେଶିକା, ଚାନ୍ଦି ଭଣ୍ଡାର

**➲ ଚାନ୍ଦି ଭଣ୍ଡାରର ଯାତ୍ରା କିଭଳି ରହିଛି?**
୨୦୧୩ରେ ଚାନ୍ଦି ଭଣ୍ଡାର ଏକ ଭିନ୍ନ ଚିନ୍ତାଧାରା ନେଇ ଆରମ୍ଭ କରାଯାଇଥିଲା। ଅଦ୍ୟାବଧି ଅନେକ ପଥ ଅତିକ୍ରମ କରିସାରିଛି, ଆଗକୁ ମଧ୍ୟ ଏହି ପ୍ରୟାସ ଜାରି ରହିବ। ଯେଉଁ ଆଶା ଓ ଉଦ୍ଦେଶ୍ୟରେ ଏହାର ପରିକଳ୍ପନା କରାଯାଇଥିଲା, ତାହା ମଧ୍ୟ ପୂରଣ ହୋଇଛି ବୋଲି ଅନୁଭବ କରୁଛୁ। ବିଶେଷକରି ଆମ ଗ୍ରାହକ ଚାନ୍ଦି ଭଣ୍ଡାରର ବ୍ୟବସ୍ଥା ଓ ବ୍ୟବସାୟକୁ ପସନ୍ଦ କରୁଛନ୍ତି।

**➲ ଗ୍ରାହକଙ୍କ ପାଇଁ କ'ଣ ସବୁ ସୁବିଧା ଓ ବ୍ୟବସ୍ଥା ରହିଛି?**
ରୁପା ଅଳଙ୍କାର ଗ୍ରାହକଙ୍କ ପାଇଁ ଚାନ୍ଦି ଭଣ୍ଡାର ବ୍ୟବସ୍ଥିତ ଢଙ୍ଗରେ ଗୁଣାତ୍ମକ ସାମଗ୍ରୀ ଏବଂ ବ୍ୟବସାୟରେ ସ୍ୱଚ୍ଛତା ଅବଲମ୍ବନକୁ ଗୁରୁତ୍ୱ ଦେଇଆସୁଛି। ଗ୍ରାହକଙ୍କୁ ଅନେକ ପ୍ରକାର ସୁବିଧା ସହିତ ସାମଗ୍ରୀର କ୍ରୟ ଅନୁସାରେ ସଂସ୍ଥା ପକ୍ଷରୁ ଆବଶ୍ୟକ ବିଲ୍ ଦିଆଯାଇଥାଏ, ଯାହା ଅନ୍ୟ କୌଣସି ରୁପା ବ୍ୟବସାୟ ପ୍ରତିଷ୍ଠାନରେ ପ୍ରାୟତଃ ଦେଖିବାକୁ ମିଳେନାହିଁ। ବିଭିନ୍ନ ସମୟରେ ଗ୍ରାହକଙ୍କୁ ଅଫର ଓ ଏକ୍ସଚେଞ୍ଜ ଭଳି ସୁବିଧା ମଧ୍ୟ ଯୋଗାଇ ଦିଆଯାଉଛି।

**➲ ସଂସ୍ଥାର ଆଗାମୀ ଯୋଜନା କ'ଣ ରହିଛି?**
ଆଶା ଓ ଆଶଙ୍କା ମଧ୍ୟରେ ଚାନ୍ଦି ଭଣ୍ଡାର ଆରମ୍ଭ ହୋଇଥିଲା। କିନ୍ତୁ ସଂସ୍ଥାର ବ୍ୟବସ୍ଥା ଓ ଶୁଦ୍ଧତା ସହ ବ୍ୟବସାୟରେ ସାଧୁତା ଯୋଗୁ ଏହା କମ୍ ସମୟ ମଧ୍ୟରେ ଅନେକ ସଫଳତା ପାଇପାରିଛି। ଭୁବନେଶ୍ୱର ଏବଂ ରାଉରକେଲାରେ ଚାନ୍ଦି ଭଣ୍ଡାର ରହିଛି। ଏହାକୁ ଆହୁରି ଲୋକାଭିମୁଖୀ କରିବା ପାଇଁ ଖୁବ୍‌ଶୀଘ୍ର ଅନୁଗୋଳଠାରେ ଏକ ଷ୍ଟୋର ଖୋଲାଯିବ। ଏହାପରେ କଟକ ସମେତ ପ୍ରମୁଖ ସହରରେ ମଧ୍ୟ ଖୋଲିବାର ଯୋଜନା ରହିଛି। ଗତ ୧୦ବର୍ଷର କାରବାର ମଧ୍ୟରେ ଅନେକ ଶିକ୍ଷା ଓ ସଫଳତା ମିଳିଛି। ଏହାକୁ ପୁଞ୍ଜିକରି ଆଗକୁ ବଢ଼ିବା ପାଇଁ ପ୍ରୟାସ ଜାରି ରଖିଛୁ। ସଂସ୍ଥାରେ ଥିବା ସବୁ ପ୍ରକାର ସାମଗ୍ରୀ ଗ୍ରାହକଙ୍କ ଚାହିଦା ପୂରଣ କରିପାରୁଥିବାରୁ ସେମାନଙ୍କ ମଧ୍ୟରେ ଉତ୍ସାହ ବୃଦ୍ଧି ପାଉଛି। ବ୍ୟବସାୟ ମଧ୍ୟ ପ୍ରତି ବର୍ଷ ବଢ଼ୁଛି। ସେସବୁକୁ ପାଥେୟକରି ଆଗାମୀ ଯୋଜନା ଓ ବ୍ୟବସାୟ କରିବା ଲକ୍ଷ୍ୟ ସ୍ଥିର କରାଯାଉଛି।

**➲ ବ୍ୟବସାୟ ଓ ପରିବାର ମଧ୍ୟରେ ସମନ୍ୱୟ କିଭଳି ରଖୁଛନ୍ତି?**
ଜଣେ ମହିଳା ହୋଇଥିବାରୁ ପରିବାରର ଅନେକ ଦାୟିତ୍ୱ ମୋ ଉପରେ ରହିଛି। ହେଲେ ପରିବାର ଓ ଘର ଦାୟିତ୍ୱ ସାଙ୍ଗକୁ ସଂସ୍ଥାର ମୁଖ୍ୟ ହୋଇ ଥିବାରୁ ତା' ଦାୟିତ୍ୱ ମଧ୍ୟ ସମ୍ଭାଳୁଛି। କର୍ମ ଓ ଧର୍ମ ମଧ୍ୟରେ ଦାୟିତ୍ୱ ଏବଂ ସହଯୋଗ ସବୁ ସ୍ତରରୁ ସମାନ ପରିମାଣରେ ମିଳୁଥିବାରୁ ଉଭୟ ପରିବାର ତଥା ପ୍ରତିଷ୍ଠାନକୁ ସଫଳତାର ସହ ଚଳାଇ ଆସିଛି। ବିଶେଷକରି ଘରେ ପରିବାରର ସହଯୋଗ ଏବଂ ବ୍ୟବସାୟରେ କର୍ମଚାରୀ ରୂପକ (ସାନ ବଡ଼ ଭାଇଭଉଣୀ) ସହଯୋଗୀଙ୍କ ସମର୍ଥନ ଯୋଗୁ ମୁଁ ୧୦ ବର୍ଷ ଧରି ଆଗେଇ ଚାଲିଛି।

**➲ ବ୍ୟବସାୟକୁ ଆସୁଥିବା ଯୁବ ବ୍ୟବସାୟୀଙ୍କ ପାଇଁ କ'ଣ କହିବେ?**
ବ୍ୟବସାୟ କରିବା ବର୍ତ୍ତମାନ ସମୟରେ ଏକ ଫ୍ୟାଶନ ହୋଇଯାଇଛି। ହେଲେ ପ୍ରକୃତ ବ୍ୟବସାୟରେ ସବୁବେଳେ ଗ୍ରାହକକୈନ୍ଦ୍ରିକ ସେବା ସହ ଲୋକସମ୍ପର୍କକୁ ଗୁରୁତ୍ୱ ଦେବାକୁ ପଡ଼ିଥାଏ। ସେହିପରି ବ୍ୟବସାୟରେ ସାଧୁତା ଓ ଗ୍ରାହକଙ୍କୁ ଗୁଣାତ୍ମକ ସାମଗ୍ରୀ ଯୋଗାଇଦେବା ଦରକାର। ଏଭଳି କିଛି ଦିଗକୁ ଆଖି ଆଗରେ ରଖି ଯୁବ ବ୍ୟବସାୟୀମାନେ ବିଜ୍‌ନେସ୍ କରିବା ଆବଶ୍ୟକ।

# ଶ୍ରମିକ ଧର୍ମଘଟକୁ ବାମଦଳ, ସମାଜବାଦୀ ପାର୍ଟିର ସମର୍ଥନ

ଭୁବନେଶ୍ୱର,୨୬।୩ (ବ୍ୟୁରୋ)

ଆସନ୍ତା ୨୮ ଓ ୨୯ ତାରିଖରେ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ଦେଶବ୍ୟାପୀ ଧର୍ମଘଟର ଡାକରା ଦେଇଛି। ଏହାକୁ ବିଭିନ୍ନ ରାଜନୈତିକ ଦଳ, ବାମ ଦଳ, କୃଷକ, ଯୁବ ଓ ମହିଳା ସଂଗଠନ ସ୍ୱାଗତ କରିବା ସହ ସମର୍ଥନ ଜଣାଇଛନ୍ତି। ଇପିଏଫ୍ ସୁଧହାର ହ୍ରାସ, ରାଷ୍ଟ୍ରାୟତ୍ତ ସଂସ୍ଥାଗୁଡ଼ିକର ଘରୋଇକରଣ, ଦରବୃଦ୍ଧି, ବ୍ୟାଙ୍କ ଓ ବୀମା କ୍ଷେତ୍ରରେ ଦେଶୀ-ବିଦେଶୀ ଘରୋଇ ପୁଞ୍ଜିକୁ ପ୍ରୋତ୍ସାହନ ଓ ଟ୍ରେଡ୍ ୟୁନିୟନର ଅଧିକାରକୁ ସଙ୍କୁଚିତ କରିବା ବିରୋଧରେ ଏହି ଧର୍ମଘଟ ଡାକରା ଦିଆଯାଇଛି। ଏଥିସହ ଶ୍ରମିକ ଶ୍ରେଣୀ ପାଇଁ ଥିବା ୪୪ ଶ୍ରମ ଆଇନକୁ ବାତିଲ କରି ୪ ଶ୍ରମ କୋଡ୍ ଲାଗୁ, ଶ୍ରମିକଙ୍କୁ ସର୍ବନିମ୍ନ ମଜୁରି, ସାମାଜିକ ସୁରକ୍ଷା ପ୍ରଦାନ, କୃଷିଜାତ ଦ୍ରବ୍ୟ ଉପରେ ଏମ୍ଏସ୍‌ପି ଲାଗୁ ଆଦି ୧୨ ଦଫା ଦାବି ରହିଛି। ଧର୍ମଘଟକୁ ସମର୍ଥନ କରି ସିପିଆଇ ଏମ-ଏଲ୍ ରେଡଷ୍ଟାର୍‌ର ରାଜ୍ୟ ସମ୍ପାଦିକା ପ୍ରମିଳା କହିଛନ୍ତି, ଏହି ଦାବି କେବଳ ଶ୍ରମିକ ଓ କର୍ମଚାରୀଙ୍କ ପାଇଁ ନୁହେଁ, ସମସ୍ତ ଖଟିଖିଆ, କୃଷକ, ବସ୍ତି ବାସିନ୍ଦା, ମହିଳା ଓ ମଧ୍ୟବିତ୍ତ ଜନସାଧାରଣଙ୍କ ଦାବି। ଦେଶର ସ୍ୱାର୍ଥ ରକ୍ଷା ପାଇଁ ଧର୍ମଘଟ ଉଦ୍ଦିଷ୍ଟ। ସେହିପରି ସମାଜବାଦୀ ପାର୍ଟି ରାଜ୍ୟ ସଭାପତି ରବି ବେହେରା କହିଛନ୍ତି, ଆମେ ଧର୍ମଘଟକୁ ସମର୍ଥନ ଜଣାଉଛୁ। ଶ୍ରମିକଙ୍କ ନ୍ୟାଯ୍ୟ ଦାବି ପାଇଁ ସମସ୍ତ ଓଡିଶାବାସୀ ଏହି ବନ୍ଦକୁ ରାଜ୍ୟ ସ୍ତରରେ ସଫଳ କରିବା ପାଇଁ ଆହ୍ୱାନ କରୁଛୁ। ଅପରପକ୍ଷେ ସିପିଆଇ (ଏମ), ଓଡିଶା କୃଷକ ସଭା, ଓଡିଶା କ୍ଷେତ୍ ମଜଦୁର ୟୁନିୟନ, ଗଣତାନ୍ତ୍ରିକ ମହିଳା ସମିତି, ଷ୍ଟୁଡେଣ୍ଟ ଫେଡେରେଶନ ଅଫ୍ ଇଣ୍ଡିଆ (ଏସ୍ଏଫ୍ଆଇ), ଡେମୋକ୍ରାଟିକ ୟୁଥ୍ ଫେଡେରେଶନ ଅଫ୍ ଇଣ୍ଡିଆ (ଡିୱାଇଏଫ୍ଆଇ) ଏହି ଆନ୍ଦୋଳନକୁ ଓହ୍ଲାଇବ ବୋଲି ସୂଚନା ଦିଆଯାଇଛି।

# ୪ କେଜି ବଜ୍ରକାପ୍ତା କାତି ଜବତ, ଶିକାରି ଗିରଫ

ଭୁବନେଶ୍ୱର,୨୬।୩ (ବ୍ୟୁରୋ):

ରାଜଧାନୀ ଉପକଣ୍ଠ ଧଉଳିରେ ବଜ୍ରକାପ୍ତା କାତି ବିକ୍ରି ପାଇଁ ଡିଲ ଚାଲିଥିବାବେଳେ ଭୁବନେଶ୍ୱର ସିଟି ବନବିଭାଗ ସହାୟତାରେ କ୍ରାଇମବ୍ରାଞ୍ଚର ଏସ୍‌ଟିଏଫ୍ ଟିମ୍ ଚଢାଉ କରି ଜଣେ ଶିକାରୀଙ୍କୁ ଗିରଫ କରିଛି। ସେ ହେଲେ ପୁରୀ ଜିଲା ଘଟେଶ୍ୱର ଗ୍ରାମର ବିଶ୍ୱଜିତ ପଟ୍ଟନାୟକ। ତାଙ୍କଠାରୁ ୪ କେଜିର ବଜ୍ରକାପ୍ତା କାତି ଓ ବନ୍ୟଜନ୍ତୁ ଶିକାର ପାଇଁ ବ୍ୟବହୃତ ସାମଗ୍ରୀ ଜବତ କରାଯାଇଛି। ସୂଚନାନୁଯାୟୀ, ରାଜ୍ୟର ବନ୍ୟଜନ୍ତୁ ଶିକାର ଓ ଚୋରା ଚାଲାଣ ବଢ଼ି ଚାଲିଛି। ଏକାଧିକ ର୍ୟାକେଟ ସକ୍ରିୟ ରହିଥିବାବେଳେ ଏମାନଙ୍କୁ ଧରିବା ଲାଗି କ୍ରାଇମବ୍ରାଞ୍ଚର ଏସ୍‌ଟିଏଫ୍ ଟିମ୍ ସ୍ୱତନ୍ତ୍ର ଡ୍ରାଇଭ୍ ଆରମ୍ଭ କରିଛି। ଏହି ଟିମ୍ ବିଭିନ୍ନ ସ୍ଥାନରେ ଚଢାଉ କରି ଏଯାବତ୍ ୨୬ ବାଘ ଚମଡା ,୧୫ ହାତୀ ଦାନ୍ତ, ୭ ହରିଣ ଚମଡା, ୧୧ ଜୀବନ୍ତ ବଜ୍ରକାପ୍ତା, ୨୩.୫ କେଜି ବଜ୍ରକାପ୍ତା କାତି, ୨ ବାଘ ଦାନ୍ତ, ୨୯ ବାଘ ନଖ ଜବତ କରିଥିବା ବେଳେ ୪୬ ଜୀବନ୍ତ ଶୁଆ ଉଦ୍ଧାର କରିଛି। ସେହିପରି ଏଥିରେ ସମ୍ପୃକ୍ତ ୬୧ ଜଣଙ୍କୁ ଗିରଫ କରାଯାଇଛି।

# ଆଫଗାନିସ୍ତାନ ଛାତ୍ରୀଙ୍କ ବିକ୍ଷୋଭ



କାବୁଲ,୨୬।୩

ଆଫଗାନିସ୍ତାନରେ ବାଳିକା ସ୍କୁଲ ଖୋଲିବା ଦାବିରେ ବହୁସଂଖ୍ୟାରେ ଛାତ୍ରୀ ଓ ମହିଳା ଶୁକ୍ରବାର କାବୁଲସ୍ଥିତ ଶିକ୍ଷା ମନ୍ତ୍ରଣାଳୟ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଗତ ସୋମବାର ଦେଶର ସମସ୍ତ ସ୍କୁଲ ଖୋଲିଥିଲା। କିନ୍ତୁ ସ୍କୁଲ ଖୋଲିବାର କିଛି ସମୟ ପରେ ହଠାତ୍ ତାଲିବାନ ସରକାର ସ୍କୁଲ ବନ୍ଦ୍ ନିର୍ଦ୍ଦେଶ ଦେଇଥିଲେ। ଇସ୍‌ଲାମିକ ଲ' ଅନୁସାରେ ଛାତ୍ରୀଙ୍କ ପାଇଁ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରାଯିବା ପରେ ସ୍କୁଲ ଖୋଲିବ ବୋଲି ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଶୁକ୍ରବାର କାତାରଠାରେ ଆମେରିକା ଓ ତାଲିବାନ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା ହେବାକୁ ଥିବାବେଳେ ତାଲିବାନର ସ୍କୁଲ ବନ୍ଦ ନିଷ୍ପତ୍ତି କାରଣରୁ ଆମେରିକା ଉକ୍ତ ଆଲୋଚନାକୁ ରଦ୍ଦ କରିଛି।

# ଦିଲ୍ଲୀ ସରକାରଙ୍କ ୭୫,୮୦୦ କୋଟିର ବଜେଟ

## ୨୦ ଲକ୍ଷ ନିଯୁକ୍ତି ପ୍ରତିଶ୍ରୁତି

ନୂଆଦିଲ୍ଲୀ,୨୬।୩

ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ ତଥା ଅର୍ଥମନ୍ତ୍ରୀ ମନୀଷ ସିସୋଦିଆ ୨୦୨୨-୨୩ ଆର୍ଥିକ ବର୍ଷ ଲାଗି ୭୫,୮୦୦ କୋଟି ଟଙ୍କାର ରୋଜଗାର ବଜେଟ ବିଧାନସଭାରେ ଉପସ୍ଥାପନ କରିଛନ୍ତି। ଆର୍ଥିକ ଅଭିବୃଦ୍ଧି ଏବଂ କରୋନା ମହାମାରୀ ଓ ତତ୍‌ଜନିତ ଲକ୍‌ଡାଉନ ଯୋଗୁ ସୃଷ୍ଟି ହୋଇଥିବା କ୍ଷତି ଭରଣା କରିବା ଲାଗି ବଜେଟରେ ନିଯୁକ୍ତି ସୃଷ୍ଟି ଏବଂ ବଜାର ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। ଗତ ବଜେଟ ତୁଳନାରେ ଏହା ପ୍ରାୟ ୧୩.୩ ପ୍ରତିଶତ ଅଧିକ।

ଆଗାମୀ ୫ ବର୍ଷ ମଧ୍ୟରେ ୨୦ ଲକ୍ଷ ନିଯୁକ୍ତି ସୃଷ୍ଟି ଉପରେ ଆମ୍ ଆଦ୍‌ମୀ ପାର୍ଟି ସରକାର ସର୍ବାଧିକ ଗୁରୁତ୍ୱ ଦେଇଥିବାରୁ ବଜେଟର ୨୨ ପ୍ରତିଶତ ଅର୍ଥାତ୍ ୧୬,୨୭୮ କୋଟି ଟଙ୍କା ଶିକ୍ଷା ପାଇଁ ବ୍ୟୟବରାଦ କରାଯାଇଛି। ସେହିପରି ସ୍ୱାସ୍ଥ୍ୟସେବା ପାଇଁ ୯,୬୬୯ କୋଟି, ପରିବହନ, ସଡକ ଓ ବ୍ରିଜ୍ ସେକ୍ଟର ପାଇଁ ୯,୫୩୯ କୋଟି ବ୍ୟୟବରାଦ ହୋଇଛି। ଜଳଯୋଗାଣ ଓ ପରିମଳ ପାଇଁ ବଜେଟର ୧୦ ପ୍ରତିଶତ ରଖାଯାଇଥିବାବେଳେ ସହରାଞ୍ଚଳ ବିକାଶ ପାଇଁ ୮% ଏବଂ ଅନ୍ୟାନ୍ୟ ବିଭାଗ ପାଇଁ ୧୨% ବ୍ୟୟବରାଦ ହୋଇଛି।

# ରାଜନୈତିକ କାର୍ଯ୍ୟରୁ ୫୦ ପାକ୍ ମନ୍ତ୍ରୀ ଉଭାନ

ଇସ୍‌ଲାମାବାଦ,୨୬।୩

ଅନାସ୍ଥା ଭୋଟର ସମ୍ମୁଖୀନ ହେବାକୁ ଯାଉଥିବା ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ଭାଗ୍ୟ ସୂତାଖିଅରେ ଝୁଲୁଥିବାବେଳେ ଆଶ୍ଚର୍ଯ୍ୟଜନକ ଭାବେ ଶାସକ ପାକିସ୍ତାନ ତେହେରିକ-ଇ-ଇନ୍‌ସାଫ (ପିଟିଆଇ) ଦଳର ୫୦ରୁ ଊର୍ଦ୍ଧ୍ୱ ମନ୍ତ୍ରୀ ରାଜ୍ୟନୈତିକ କାର୍ଯ୍ୟରୁ ଉଭାନ ହୋଇଯାଇଛନ୍ତି। ବିରୋଧୀ ଦଳ ଇମ୍ରାନ୍‌ଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବା ପାଇଁ ନୋଟିସ ଦେବା ପରେ ଏହି କେନ୍ଦ୍ର ଓ ରାଜ୍ୟ ମନ୍ତ୍ରୀମାନଙ୍କୁ ଦେଖିବାକୁ ମିଳୁନାହିଁ। ଅନେକ ପିଟିଆଇର ମନ୍ତ୍ରୀଙ୍କ ସମେତ ସହଯୋଗୀ ଦଳର ମନ୍ତ୍ରୀମାନେ ନୀରବତା ଅବଲମ୍ବନ କରୁଛନ୍ତି। ଏପ୍ରିଲ ୪ରେ ଇମ୍ରାନ୍ ଅନାସ୍ଥା ଭୋଟ୍‌ର ସମ୍ମୁଖୀନ ହୋଇପାରନ୍ତି ବୋଲି ପାକ୍ ଗୃହମନ୍ତ୍ରୀ ଶେଖ୍ ରଶିଦ୍ ସୂଚନା ଦେଇଛନ୍ତି। ଶୁକ୍ରବାର ଏଥିପାଇଁ ନ୍ୟାଶନାଲ ଆସେମ୍ବ୍ଲିର ଗୁରୁତ୍ୱପୂର୍ଣ୍ଣ ଅଧିବେଶନ ଡକାଯାଇଥିଲେ ହେଁ ଅନାସ୍ଥା ପ୍ରସ୍ତାବ ବିନା ଗୃହକୁ ମୁଲତବୀ ଘୋଷଣା କରାଯାଇଥିଲା।

# ଅଧୀକ୍ଷଣ ଯନ୍ତ୍ରୀଙ୍କ ଘରେ ଦ୍ୱିତୀୟ ଦିନ ଚଢ଼ାଉ

## ୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଠାବ



ମାଲକାନଗିରି,୨୬।୩ (ଡିଏନଏ)

ମାଲକାନଗିରି ଗ୍ରାମ୍ୟ ନିର୍ମାଣ ବିଭାଜନ-୧ର ଅଧୀକ୍ଷଣ ଯନ୍ତ୍ରୀ ଆଶିଷ କୁମାର ଦାଶଙ୍କ ଘରେ ଭିଜିଲାନ୍ସ ଦ୍ୱିତୀୟ ଦିନରେ ଶନିବାର ଚଢ଼ାଉ କରିଛି। ଏବେ ସୁଦ୍ଧା ପ୍ରାୟ ୫କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଠାବ ହୋଇଛି । ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟରେ ୨.୫କୋଟି ଟଙ୍କା ଥିବା ବେଳେ ତାଙ୍କ ଘରୁ ୨୧ ଲକ୍ଷ୭୫ ହଜାର ଟଙ୍କା ଭିଜିଲାନ୍ସ ଟିମ୍ ଜବତ କରିଛି। ସେହିପରି ତାଙ୍କ ଘରୁ ୬୦୦ ଗ୍ରାମ ସୁନା ଜବତ ହୋଇଥିବା ବେଳେ ୫୦ ଲକ୍ଷ ଟଙ୍କାର ବୀମା , ୫୦ ଲକ୍ଷ ଟଙ୍କାର କିଶାନ ବିକାଶ ପତ୍ର ବୀମା ଯୋଜନା, ଏନଏସି ଓ ପୋଷ୍ଟାଲ ଡିପୋଜିଟ ଜବତ ହୋଇଛି । ଏହା ବ୍ୟତୀତ ମାଲକାନଗିରି ଓ କେନ୍ଦୁଝର ପରି ବିଭିନ୍ନ ସ୍ଥାନରେ ବ୍ୟାଙ୍କ ଲକରରେ ସେ ବହୁ ଟଙ୍କା ରଖିଥିବା ବେଳେ କଟକରେ ଗୋଟିଏ ଫ୍ଲାଟ ଭିଜିଲାନ୍ସ ଠାବ କରିଛି । ଏବେ ମଧ୍ୟ ଭିଜିଲାନ୍ସ ପକ୍ଷରୁ ଖୋଳତାଡ ଜାରି ରହିଛି ।

# ଅପମୃତ୍ୟୁ ମାମଲା ରୁଜୁ, ତଦନ୍ତ ଜାରି

## ଗୁଳି ଫୁଟି ଥାନା ଅଧିକାରୀଙ୍କ ମୃତ୍ୟୁ ଘଟଣା

ଆସିକା,୨୬।୩ (ଡି.ଏନ.ଏ.)

ଗଞ୍ଜାମ ଜିଲା ଗାଙ୍ଗପୁର ଥାନା ପରିସରର କ୍ୱାର୍ଟର୍ସରେ ଶୁକ୍ରବାର ମଧ୍ୟାହ୍ନରେ ସର୍ଭିସ ରିଭଲଭରରୁ ଗୁଳି ଫୁଟି ଆଇଆଇସି ଦେବ କୁମାର ଗମାଙ୍ଗଙ୍କ ମୃତ୍ୟୁ ଘଟିଥିଲା । କ୍ୱାର୍ଟର୍ସରୁ ଆଇଆଇସିଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଆସିକା ଡାକ୍ତରଖାନାକୁ ଅଣାଯିବା ପରେ ଡାକ୍ତର ମୃତ ଘୋଷଣା କରିଥିଲେ। ଡାକ୍ତରଖାନାର ଚିକିତ୍ସାଧିକାରୀଙ୍କ ରିପୋର୍ଟକୁ ଭିତ୍ତିକରି ଗାଙ୍ଗପୁର ଥାନାରେ ଏ ନେଇ ନଂ.୭/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯିବା ସହ ଘଟଣାର ତଦନ୍ତ ଜାରି ରହିଛି । ମଧ୍ୟରାତ୍ରରେ ରାୟଗଡା ଜିଲାରୁ ଗମାଙ୍ଗଙ୍କ ଭଉଣୀ ଏବଂ ନବରଙ୍ଗପୁର ଜିଲାରୁ ତାଙ୍କ ସ୍ତ୍ରୀ କିରଣ ମହାନ୍ତି ଏବଂ ଗାଙ୍ଗପୁର କ୍ୱାର୍ଟର୍ସରେ ଥିବା ମା' ଆସିକା ଡାକ୍ତରଖାନା ପହଞ୍ଚିବା ପରେ ଗଞ୍ଜାମ ଏସ୍‌ପି ବ୍ରିଜେଶ ରଏଙ୍କ ଉପସ୍ଥିତିରେ ପୋଲିସ ପକ୍ଷରୁ ମୃତଦେହ ପଞ୍ଚନାମା କରାଯାଇଥିଲା। ପରେ ମୃତଦେହକୁ ବ୍ରହ୍ମପୁର ବଡ ମେଡିକାଲକୁ ନିଆଯାଇ ଜିଲାପାଳଙ୍କ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ପ୍ରକାରେ ଏଫଏମଟି ବିଭାଗରେ ବ୍ୟବଚ୍ଛେଦ କରାଯାଇ ଶନିବାର ଭୋରରେ ପରିବାରକୁ ହସ୍ତାନ୍ତର କରାଯାଇଥିଲା ।

ଗମାଙ୍ଗଙ୍କ ମା' କହିଛନ୍ତି ଯେ, କ୍ୱାର୍ଟର୍ସକୁ ଆସିଥିବା ଦୁଇଜଣ ପୋଲିସ ଅଧିକାରୀଙ୍କ ସହ ତାଙ୍କ ପୁଅ ଦେବ ଥିଲେ। ଅଧିକାରୀଦ୍ୱୟ ମୋତେ ଗାଧେଇବାକୁ ଯିବା ପାଇଁ କହିବାରୁ ବାଥରୁମକୁ ଯାଇଥିଲି। ଏହା ପରେ ଗୁଳିଫୁଟିବା ଶବ୍ଦ ଶୁଣି ବାହାରକୁ ଆସିବାରେ ପୁଅ ମୃତଦେହ ପଡ଼ିଥିବା ଦେଖିଥିଲେ ବୋଲି ସେ ସୂଚନା ଦେଇଛନ୍ତି । ତେବେ କେଉଁ ପରିସ୍ଥିତିରେ ଆଇଆଇସିଙ୍କ ସର୍ଭିସ ରିଭଲଭରରୁ ଗୁଳି ଫୁଟିଲା ତାହା ତଦନ୍ତ ପରେ ସ୍ପଷ୍ଟ ହେବ ବୋଲି ଅନୁମାନ କରାଯାଉଛି। ଅନ୍ୟପକ୍ଷରେ ଆଇଆଇସି ଗମାଙ୍ଗ ମାନସିକ ଦୁଶ୍ଚିନ୍ତାରେ ରହୁଥିଲେ ବୋଲି ଗଞ୍ଜାମ ଏସପି ଶୁକ୍ରବାର ଅପରାହ୍ନରେ ସୂଚନା ଦେଇଥିଲେ ।

OFFICE OF THE EXECUTIVE ENGINEER
MINOR IRRIGATION DIVISION, JASHIPUR
No. A-915 GOVERNMENT OF ODISHA
"e" - PROCUREMENT NOTICE
BID IDENTIFICATION No. 05 MID (JSP/2021-22)

| | | |
|---|---|---|
| 1. | Name of the Inviting Officer | : Executive Engineer, Minor Irrigation Division, Jashipur |
| 2. | Name of the Work | : Improvement to M.I.Ps in different Blocks of Mayurbhanj District. |
| 3. | No. of Works | : 1 (One) No. |
| 4. | Tender amount varies from | : 30.00 lakh |
| 5. | Date and time of availability of BID document in the portal for Online bidding from | : 10.00 hrs. Dt.28.03.2022 to 17.00 hrs. Dt.07.04.2022 |
| 6. | Last date and time of receipt of Bids in the portal | : 17.00 hrs. Dt.07.04.2022 |
| 7. | Last date and time for clarification upto | : 17.00 hrs. Dt.05.04.2022 |
| 8. | Date of opening of Bid | : 11.00 hrs. onwards Dt.08.04.2022 |

The detail tender call notice can also be seen in the DOWR website: **http://dowrorissa.gov.in.**
Name & address of the OIT : Executive Engineer, M.I. Division, Jashipur, At/P.O.- Khairi, Dist.: Mayurbhanj, PIN - 757091, E-mail: eemijashipur@yahoo.com
Further details can be seen from the : **http://tenderorissa.gov.in** e-Procurement market place.
- Subsequent corrigendum/addendum if required shall be available in the above portal.
- The tender inviting authority reserves the right to reject/cancel any or all tenders without assigning any reason thereof.

Sd./- 21.03.2022
OIPR-32282/11/0006/2122 Executive Engineer, M.I. Division, Jashipur

ଅତିମାନବ ନିଶ୍ଚୟ ପୃଥିବୀରେ ଉଦ୍ଭବ ହେବ। କିନ୍ତୁ ଅତିରଂଜିତ ଏକ ମାନସିକ ବୁଦ୍ଧିସମ୍ପନ୍ନ ମଣିଷ ରୂପେ ନୁହେଁ। ଏକ ଅତିମାନସ ଶକ୍ତିର ଅବତରଣ ପାଇଁ ସେ ହେବ ଏକ ମାଧ୍ୟମ। ତା'ଫଳରେ ସେ ଏକ ନୂତନ ଜୀବନ ବଞ୍ଚିବ ଓ ଏକ ରୂପାନ୍ତରିତ ଦିବ୍ୟ ଶରୀରର ଅଧିକାରୀ ହେବ। —ଶ୍ରୀଅରବିନ୍ଦ

# ଗଣତନ୍ତ୍ରରେ ସ୍ୱଚ୍ଛତା ରହୁନାହିଁ



**ଆକାର ପଟେଲ**

ଗଣତନ୍ତ୍ରର ଶକ୍ତି ହେଉଛି ସ୍ୱଚ୍ଛତା। ଦେଶ ସାମ୍ନା କରୁଥିବା ସଙ୍କଟକୁ ଯେତେବେଳେ ଲୋକେ ଜାଣିବେ ସେତେବେଳେ ସେମାନେ ଏହା ବିରୋଧରେ ଏକାଠି ଲଢ଼େଇ କରିପାରିବେ। ସେମାନେ ଏଭଳି ବିପଦକୁ ସାମ୍ନା କରୁଛନ୍ତି ବୋଲି ଜାଣି ଏକତ୍ରିତ ହୋଇପାରିବେ। ଏହି ବିଚାରଧାରା ଗଣତାନ୍ତ୍ରିକ ଦେଶରେ ସମ୍ଭବ। ହେଲେ ଗଣତନ୍ତ୍ରବିହୀନ ରାଷ୍ଟ୍ରରେ ଏହା ହାସଲ କରିବା ସହଜ ନୁହେଁ। କାରଣ ସେଠାରେ ଏକଚ୍ଛତ୍ରବାଦ ନେତୃତ୍ୱ ଅତି ରହସ୍ୟାତ୍ମକ, ଯାହା ଏବେ ୟୁରୋପରେ ଲାଗିଥିବା ଯୁଦ୍ଧରେ ଦେଖିବାକୁ ମିଳିଛି। ଏହି ଯୁଦ୍ଧରେ ୟୁକ୍ରେନ୍ ଏକାଠି ହୋଇଛି ଏବଂ ସାରା ବିଶ୍ୱ ଏହାର ଭାବାବେଗକୁ ଦେଖୁଛି। ଅବଶ୍ୟ ଯେଉଁ ଭଳି ୟୁକ୍ରେନ୍ ଏବକାର ଗଣତନ୍ତ୍ର ହାସଲ କରିଛି ତାହାକୁ ନେଇ ବିବାଦ ରହିଛି ଓ ତାହା ମଧ୍ୟ ରୁଷିଆ ୟୁକ୍ରେନ୍ ଆକ୍ରମଣର ଏକ କାରଣ। କିନ୍ତୁ କାର୍ଯ୍ୟକଳାପର ସ୍ୱଚ୍ଛତା କ୍ଷେତ୍ରରେ ବର୍ତ୍ତମାନ ଦୁଇ ଦେଶର ଭିନ୍ନତାକୁ ନେଇ କୌଣସି ସଂଶୟ ନାହିଁ। ୟୁକ୍ରେନ୍ର ନାଗରିକମାନେ କ'ଣ ସାମ୍ନା କରୁଛନ୍ତି ତାହା ଜାଣନ୍ତି ଓ ଏଥିପାଇଁ ତାହାର ମୁକାବିଲା କରିବାକୁ ଏକାଠି ବାହାରିଛନ୍ତି। କିନ୍ତୁ ରୁଷିଆ ତା' ନାଗରିକମାନଙ୍କ ପାଇଁ ଫେସ୍ବୁକ ବନ୍ଦ କରିଦେଇଛି। ଦେଶରେ କ'ଣ ସବୁ ଘଟୁଛି ତାହା ଜଣାଇବା ପାଇଁ ଭ୍ଲାଡିମୀର ପୁଟିନ୍ ଚାହାନ୍ତି ନାହିଁ। ମଲିଟାରି ବିରୋଧରେ ଖବର ପ୍ରକାଶ କଲେ ଗଣମାଧ୍ୟମ ସଂସ୍ଥାକୁ ଦଣ୍ଡିତ କରିବା ପାଇଁ ଆଇନ ଲାଗୁ କରି ରିପୋର୍ଟିଂ ପାଇଁ ୧୫ ବର୍ଷ ଜେଲ୍ଦଣ୍ଡ ରଖିଛନ୍ତି। ଏହା ନିଶ୍ଚିତ ଭାବେ ଅଧିକାଂଶ ରୁଷୀୟଙ୍କ ମଧ୍ୟରେ ଚିନ୍ତା ଓ ଭୟ ସୃଷ୍ଟି କରିବ ଏବଂ ଦେଶକୁ ଦୀର୍ଘମିଆଦୀ କ୍ଷତି ପହଞ୍ଚାଇବ। ଗଣତନ୍ତ୍ରରେ ସରକାର ଏବଂ ସଂସ୍ଥାଗୁଡ଼ିକରେ ସ୍ୱଚ୍ଛତା ରହିଲେ ସମସ୍ୟା ସମାଧାନର ବାଟ ଖୋଲେ ଓ ଜନତାଙ୍କ ଭାଗୀଦାରି ବଢ଼େ। କିନ୍ତୁ ତାହା ଏବେ ଦେଖିବାକୁ ମିଳୁନାହିଁ। ଭାରତ କଥା ବିଚାରକୁ ନିଆଯାଉ। ମାର୍ଚ୍ଚ ୨୫ରେ ଚାଇନା ବୈଦେଶିକ ମନ୍ତ୍ରୀ ୱାଙ୍ଗ ୟି ଭାରତ ଆସିଥିଲେ। ଏହା ଏକ ଅଘୋଷିତ ଗସ୍ତ ବୋଲି ସରକାର କହିଲେ ବି ୱାଙ୍ଗ ଗସ୍ତ ସମ୍ପର୍କରେ ମିଡିଆ ଜାଣିଥିଲା। ୱାଙ୍ଗ ଆମ ବୈଦେଶିକ ମନ୍ତ୍ରୀ ଓ ଜାତୀୟ ସୁରକ୍ଷା ପରାମର୍ଶଦାତାଙ୍କୁ ସାକ୍ଷାତ କଲେ। ଏଣୁ ତାଙ୍କ ଗସ୍ତର ଅସଲ ବିଷୟ ଅଛପା ରହିଲା ନାହିଁ। ଲଦାଖ ସ୍ଥିତି ହିଁ ଏହି ଗସ୍ତର କାରଣ। ୱାଙ୍ଗ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସାକ୍ଷାତ କରିବାକୁ କହିଲେ ବି ଅନୁମତି ମିଳିଲା ନାହିଁ। ଆଦିତ୍ୟନାଥଙ୍କ ଶପଥଗ୍ରହଣ ଉତ୍ସବରେ ଯୋଗ ଦେବା ଲାଗି ଉତ୍ତରପ୍ରଦେଶ ଟୁର୍ର ବାହାନା କରାଗଲା। ଏଥିରୁ ଜଣାପଡ଼େ, ଭାରତ ଲଦାଖ ସ୍ଥିତିକୁ ନେଇ ଅସନ୍ତୁଷ୍ଟ ରହିଛି। ଏହି ସ୍ଥିତି ହେଉଛି ଅସଲ ସମସ୍ୟା। ପ୍ରଧାନମନ୍ତ୍ରୀ ନିଜେ କହିଛନ୍ତି ଯେ, ସେଠାରେ କୌଣସି ସମସ୍ୟା ନାହିଁ ଏବଂ ଆମ ସୀମା ଭିତରେ କେହି ନାହାନ୍ତି। ସେଠାରେ ଭାରତୀୟ ସୈନ୍ୟମାନେ ଭଲଭାବେ ପାଟ୍ରୋଲିଂ କରି ଆସୁଛନ୍ତି ବୋଲି ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି। ଯଦି ଏହା ହେଉଥାଏ ତେବେ ଚାଇନା ସହ ଆଲୋଚନାର କ'ଣ ଆବଶ୍ୟକତା ରହିଛି? ସରକାର ଏ ବିଷୟରେ ଆମକୁ କିଛି କହୁନାହାନ୍ତି। ୨୦୨୦ରୁ ଲଦାଖରେ ଦେଖାଯାଇଥିବା ଉତ୍ତେଜନା ପରେ ମାର୍ଚ୍ଚ ୧୧ରେ ଭାରତୀୟ ଓ ଚାଇନା ଆର୍ମିର ଜେନେରାଲ୍ମାନେ ୧୫ ପର୍ଯ୍ୟାୟ ଆଲୋଚନା କଲେ। ଯଦି ଚାଇନା ସୈନ୍ୟମାନେ ଅନୁପ୍ରବେଶ କରିନାହାନ୍ତି ତେବେ ସେମାନେ କେଉଁ ବିଷୟରେ ଆଲୋଚନା କରାଯାଉଛି ସେ ସମ୍ପର୍କରେ ଆମ ସରକାର ପାଟି ଖୋଲୁନାହାନ୍ତି। ଉକ୍ତ ଆଲୋଚନାର ପରଦିନ ଇଣ୍ଡିଆନ୍ ଏକ୍ସପ୍ରେସରେ ପ୍ରକାଶ ପାଇଥିଲା ଯେ, ଉଭୟ ପକ୍ଷର ଏକ ପ୍ଲାଟୁନ ସଂଖ୍ୟକ ସୈନ୍ୟ ହଟ୍ ସ୍ପ୍ରିଙ୍ଗ୍ରେ ରହିଛନ୍ତି, କିନ୍ତୁ ଲାଇନ ଅଫ୍ ଆକ୍ଚୁଆଲ କଣ୍ଟ୍ରୋଲ୍ର ଭାରତ ପଟେ ଚାଇନା ସୈନ୍ୟମାନେ ରହିଛନ୍ତି। ସରକାର ଏହି ରିପୋର୍ଟକୁ ଅସ୍ୱୀକାର କଲେ ନାହିଁ କି ଏହା ଉପରେ କୌଣସି ମନ୍ତବ୍ୟ ଦେଲେ ନାହିଁ। ବହୁ ଅବସରପ୍ରାପ୍ତ ଜେନେରାଲଙ୍କ ସମେତ ବିଶେଷଜ୍ଞମାନେ ମତ ଦେବା ସହ ଉଲ୍ଲେଖ କରିଛନ୍ତି ଯେ, ଭାରତୀୟ ସୀମାରେ ଚାଇନା ଅନୁପ୍ରବେଶ କରିଛି ଏବଂ ଛାଡ଼ିବାକୁ ମନା କରୁଛି ଓ ଏହା ହେଉଛି ବାସ୍ତବ ସମସ୍ୟା। ଅରୁଣାଚଳପ୍ରଦେଶର ନୂଆ ସ୍ଥାନ(ତୱାଙ୍ଗ)ରେ ଚାଇନା ସୈନ୍ୟମାନେ ଦଖଲ କରିଥିବା ବହୁ ଖବର ମଧ୍ୟ ପ୍ରକାଶପାଇଛି।

ରୁଷିଆ ଭଳି ଚାଇନା ଏକଚ୍ଛତ୍ରବାଦୀ ଦେଶ। ଏହା ସ୍ୱଚ୍ଛତାକୁ ପସନ୍ଦ ନ କରିବା ସ୍ୱାଭାବିକ। କିନ୍ତୁ ଯାହା କାରଣ ଥାଉ ପଛେ, ଏକ ଗଣତାନ୍ତ୍ରିକ ଦେଶ ଭାବେ ଭାରତ ଉକ୍ତ ଘଟଣାରେ ସ୍ୱଚ୍ଛତା ରଖିବାକୁ ପସନ୍ଦ କରିନାହିଁ। ଆମେ ଜାଣିବା ଉଚିତ ଯେ ଭାରତ ଏକଚ୍ଛତ୍ରବାଦୀ ରାଷ୍ଟ୍ର ନୁହେଁ ଏବଂ ଏହାର ଗଣତାନ୍ତ୍ରିକ ଶକ୍ତି ଉପଯୋଗ କରାଯିବା ଉଚିତ। କିନ୍ତୁ କେତେକ କାରଣ ପାଇଁ ଆମେ ତାହା କରିପାରୁନାହୁଁ ଏବଂ ନିଜକୁ ଭୁଲ୍ ବାଟରେ ପରିଚାଳିତ କରି ଚାଇନାକୁ ଆମ ସୀମାରେ ପ୍ରବେଶ କରିବାକୁ ସୁଯୋଗ ଦେଇଛୁ। ଚାଇନାର ବୈଦେଶିକ ନୀତି ବିଶେଷଜ୍ଞମାନେ ଭାରତ ସରକାରଙ୍କ ଏଭଳି ଅବ୍ୟବସ୍ଥାକୁ ଜାଣିବା ପରେ ସେଥିରୁ କିଭଳି ଲାଭ ମିଳିବ ତାହା ଚାଇନା ମୂଲ୍ୟାଙ୍କନ କରିଛି। କି ପ୍ରକାର ଲାଭ ଚାଇନା ଚାହେଁ? କାହିଁକି ଲଦାଖ ସୀମାରେ ଦୁଇବର୍ଷ ହେବ ଉତ୍ତେଜନା ଲାଗି ରହିଛି? ଅରୁଣାଚଳପ୍ରଦେଶରେ କ'ଣ ସବୁ ଘଟିଚାଲିଛି? ପାକ୍ଅଧିକୃତ କଶ୍ମୀରରେ ଚାଇନା ପଶ୍ଚିମ ଚାଇନା ଓ ବେଲୁଚିସ୍ତାନକୁ ସଂଯୋଗ କରୁଥିବା ରାସ୍ତା ସହ ଏସବୁର କ'ଣ ସମ୍ପର୍କ ରହିଛି?

ଚାଇନା ଶ୍ରୀଲଙ୍କାରେ ଏକ ବନ୍ଦରକୁ ନିଜ ନିୟନ୍ତ୍ରଣରେ ରଖିଛି। ଚାଇନା ବେଲ୍ଟ ଏବଂ ରୋଡ୍ ପ୍ଲାନ୍ରେ ଯୋଗଦେବା ଉପରେ ବାଂଲାଦେଶ ଖବରକାଗଜଗୁଡ଼ିକ ସକାରାତ୍ମକ ଖବର ପ୍ରକାଶ କରୁଛନ୍ତି। ନେପାଳ ମଧ୍ୟ ଏହି ପ୍ଲାନ୍ର ଏକ ଅଂଶୀଦାର। ଦକ୍ଷିଣ ଏସିଆରେ କେବଳ ଭାରତ ଓ ଭୁଟାନ ଚାଇନା ପ୍ଲାନ୍ରେ ଯୋଗଦେବାକୁ ମନା କରିଦେଇଛନ୍ତି। ଭାରତର ଦୀର୍ଘମିଆଦୀ ଭବିଷ୍ୟତ ଦୃଷ୍ଟିରୁ ଏହା କେତେ ଯୁକ୍ତିଯୁକ୍ତ। ଆଗକୁ କେଉଁ ଭଳି ବିପଦ ଓ ଆହ୍ୱାନଗୁଡ଼ିକୁ ସମ୍ମୁଖୀନ ହେବାକୁ ଯାଉଛୁ ତାହା ଆମେ ଦେଖିବା ଦରକାର। ଜଟିଳ ସମସ୍ୟା ମଧ୍ୟରେ ଗଣତନ୍ତ୍ର ସମାଧାନର ବାଟ କଢ଼ାଇ ନେଇପାରିବ, କାରଣ ସେଥିରେ ସ୍ୱଚ୍ଛତା ରହିଛି; ଏଥିରେ ସରକାର, ଜନତା, ବିରୋଧୀ ଏବଂ ସିଭିଲ ସୋସାଇଟିଙ୍କର ଶକ୍ତି ଅଛି। ତେବେ ଏହା କରିବା ଲାଗି ଆବଶ୍ୟକ ସାଧୁତା ଓ ସ୍ୱଚ୍ଛତା। ଦୁର୍ଭାଗ୍ୟବଶତଃ, ଚାଇନା ସହ ଲାଗି ରହିଥିବା ସମସ୍ୟା କ୍ଷେତ୍ରରେ ଏହା ହୋଇପାରି ନ ଥିବା ସ୍ପଷ୍ଟ ହୋଇଛି।

Email:aakar.patel@gmail.com

## su|do|ku
Puzzles by Srikant Ghosh
## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | 7 | | | | | | | 6 |
| | | | | | | | 1 | 3 |
| 4 | | 3 | | | 2 | | | |
| | 6 | 4 | 9 | | | | 7 | |
| 5 | | | 7 | | | 1 | | 4 |
| | 3 | | | | 1 | | | |
| | | 7 | | 8 | | | | |
| | | | | | | 9 | | |
| 9 | | | 1 | | 5 | 6 | 8 | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 4 | 8 | 6 | 2 | 1 | 7 | 3 | 5 |
| 3 | 1 | 6 | 7 | 5 | 8 | 4 | 2 | 9 |
| 7 | 2 | 5 | 9 | 4 | 3 | 1 | 8 | 6 |
| 6 | 5 | 9 | 4 | 7 | 2 | 3 | 1 | 8 |
| 2 | 8 | 7 | 1 | 3 | 5 | 6 | 9 | 4 |
| 1 | 3 | 4 | 8 | 6 | 9 | 2 | 5 | 7 |
| 5 | 6 | 2 | 3 | 9 | 7 | 8 | 4 | 1 |
| 8 | 7 | 3 | 5 | 1 | 4 | 9 | 6 | 2 |
| 4 | 9 | 1 | 2 | 8 | 6 | 5 | 7 | 3 |

ଗତ କାଲିର ଉତ୍ତର

# ରୁଷିଆର ପରମାଣୁ ଆକ୍ରମଣ ସାମର୍ଥ୍ୟ



**ହିମାଂଶୁ ଶେଖର ଫତେସିଂହ**

ଗତ ଫେବୃୟାରୀ ୨୪ଠାରୁ ରୁଷିଆ ୟୁକ୍ରେନ୍ ବିପକ୍ଷରେ ସାମରିକ ଅଭିଯାନ ଆରମ୍ଭ କରିଛି। ରୁଷିଆର କ୍ରମାଗତ କ୍ଷେପଣାସ୍ତ୍ର ଓ ବୋମା ମାଡ଼ରେ ୟୁକ୍ରେନ୍ର ବିଭିନ୍ନ ସହର ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି। ଏହି ଯୁଦ୍ଧରେ ପ୍ରତିଦିନ ଉଭୟ ରୁଷିଆ ଓ ୟୁକ୍ରେନ୍ ପକ୍ଷରୁ ଶହ ଶହ ସୈନିକ ମୃତ୍ୟୁବରଣ କରୁଛନ୍ତି। ଏଥିରେ ବହୁ ନିରୀହ ନାଗରିକ ଓ ଶିଶୁ ମଧ୍ୟ ପ୍ରାଣ ହରାଉଛନ୍ତି। ରୁଷିଆ ୟୁକ୍ରେନ୍ର ଚେର୍ନୋବିଲ ସହରକୁ ଦଖଲ କରିବା ପରେ ସମଗ୍ର ୟୁକ୍ରେନ୍କୁ ନିଜ ଦଖଲକୁ ନେବାକୁ ପ୍ରୟାସ କରୁଛି। ତେଣୁ ତାହା ୟୁକ୍ରେନ୍ର ରାଜଧାନୀ କ୍ୱିଭ୍ ଓ ବାଣିଜ୍ୟିକ କେନ୍ଦ୍ର ଖାର୍କିଭ ଉପରେ ଭୟଙ୍କର ଆକ୍ରମଣ କରୁଛି। ରୁଷିଆର ପ୍ରଚଣ୍ଡ ଆକ୍ରମଣରେ ମାତ୍ର ୫ ଦିନ ମଧ୍ୟରେ ୟୁକ୍ରେନ୍ ଆତ୍ମସମର୍ପଣ କରିବ ବୋଲି ରୁଷିଆ ଭାବିଥିଲା। କିନ୍ତୁ ତାହା ହୋଇପାରିଲା ନାହିଁ। ନାଟୋ ଓ ୟୁରୋପୀୟ ସଂଘ ୟୁକ୍ରେନ୍କୁ ବିପୁଳ ଯୁଦ୍ଧାସ୍ତ୍ର ଓ ଆର୍ଥିକ ସହାୟତା ଯୋଗାଇ ଦେଉଥିବାରୁ ୟୁକ୍ରେନ୍ ସେନା ଶକ୍ତିଶାଳୀ ରୁଷିଆ ସେନାର ଦୃଢ଼ ମୁକାବିଲା କରିବାକୁ ସମର୍ଥ ହେଉଛି। ଏହା ଫଳରେ ରୁଷିଆର ୟୁକ୍ରେନ୍ ଦଖଲ ସ୍ୱପ୍ନ କ୍ରମଶଃ ବିଳମ୍ବିତ ହେବାରେ ଲାଗିଛି। ନାଟୋ ଓ ୟୁରୋପୀୟ ସଂଘର ସହାୟତାରେ ବିଚଳିତ ହୋଇ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ୟୁକ୍ରେନ୍ ଉପରେ ପରମାଣୁ ଆକ୍ରମଣ କରିବାକୁ ଧମକ ଦେଇଛନ୍ତି। ସେ ମଧ୍ୟ ସେନା ମୁଖ୍ୟଙ୍କୁ ପରମାଣୁ ଅସ୍ତ୍ର ପରିଚାଳନା ବାହିନୀକୁ ହାଇ ଆଲର୍ଟ ମୋଡ଼ରେ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାଯୋଗୁ ବିଶ୍ୱବ୍ୟାପୀ ଆତଙ୍କ ଖେଳିଯାଇଛି। ଫଳରେ ସମଗ୍ର ବିଶ୍ୱ କରୋନା ମହାମାରୀ ସହିତ ସଂଘର୍ଷ କରୁଥିବାବେଳେ ଅପ୍ରତ୍ୟାଶିତ ଭାବରେ ତୃତୀୟ ବିଶ୍ୱଯୁଦ୍ଧ ଆଡ଼କୁ ମୁହାଁଇବାକୁ ଲାଗିଛି। ଏହା ପୂର୍ବରୁ ୨୦୧୪ରେ ରୁଷିଆ କ୍ରିମିଆ ଉପରେ ଆକ୍ରମଣ କରିଥିବାବେଳେ ମଧ ପରମାଣୁ ଅସ୍ତ୍ର ପ୍ରୟୋଗ କରିବାକୁ ଧମକ ଦେଇଥିଲା।

ପ୍ରଥମେ ୧୯୪୨ ଅଗଷ୍ଟରେ ଯୁକ୍ତରାଷ୍ଟ୍ର ଆମେରିକାରେ ମାନହଟନ ପ୍ରକଳ୍ପରେ ପରମାଣୁ ବୋମା ପ୍ରସ୍ତୁତି ଆରମ୍ଭ କରାଯାଇଥିଲା। ଆମେରିକାର ବିଶିଷ୍ଟ ପଦାର୍ଥବିଜ୍ଞାନୀ ରବର୍ଟ ଓପନହିମର ଥିଲେ ଏହି ପ୍ରକଳ୍ପର ମୁଖ୍ୟ। ଏହାର ଫଳସ୍ୱରୂପ ୧୯୪୫ ଜୁଲାଇ ୧୬ରେ ଆମେରିକା ଟ୍ରିନିଟୀ ନାମରେ ୨୦ କିଲୋଟନ ଟିଏନ୍ଟିର ଏକ ପରମାଣୁ ବୋମାର ପରୀକ୍ଷଣ କରିଥିଲା। ସେତେବେଳେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଚାଲିଥିବାରୁ ଆମେରିକାର ରାଷ୍ଟ୍ରପତି ଟ୍ରୁମାନ ଏହାକୁ ଜାପାନ ଉପରେ ପ୍ରୟୋଗ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହି ବର୍ଷ ଅଗଷ୍ଟ ୬ ସକାଳ ୮ଟା ୧୫ମିନିଟରେ ଆମେରିକା ଜାପାନର ହିରୋଶିମା ସହରରେ ଲିଟିଲ ବୟ ନାମରେ ଏକ ପରମାଣୁ ବୋମା ନିକ୍ଷେପ କରିଥିଲା। ଏହାର ମାତ୍ର କେତେ ସେକେଣ୍ଡ ମଧ୍ୟରେ ସମଗ୍ର ସହରଟି ଏକ ଧ୍ୱଂସ ସ୍ତୂପରେ ପରିଣତ ହୋଇଥିଲା। ତତ୍କ୍ଷଣାତ୍ ଏଥିରେ ୭୦,୦୦୦ ଲୋକ ମୃତ୍ୟୁବରଣ କରିଥିଲେ। ଲିଟିଲ ବୟ ପରମାଣୁ ବୋମାର ଲମ୍ବ ମାତ୍ର ୩ ମିଟର ଓ ବ୍ୟାସ ୭୧ ସେ.ମି. ରହିଥିବା ବେଳେ ଓଜନ ଥିଲା ୪.୪ ଟନ୍। ଏହାର କ୍ଷମତା ଥିଲା ୧୮ କିଲୋଟନ ଟିଏନ୍ଟି। ଏହାର ତିନିଦିନ ପରେ ଆମେରିକା ଜାପାନର ନାଗାସାକୀ ସହର ଉପରେ ଫ୍ୟାଟମ୍ୟାନ ନାମରେ ଆଉ ଗୋଟିଏ ପରମାଣୁ ବୋମା ନିକ୍ଷେପ କରିଥିଲା। ସେତେବେଳେ ସେଥିରେ ୪୦ ହଜାର ନିରୀହ ଲୋକ ମୃତ୍ୟୁବରଣ କରିଥିଲେ। ପରବର୍ତ୍ତୀ କାଳରେ ପରମାଣୁ ବିସ୍ଫୋରଣଜନିତ ତେଜସ୍କ୍ରିୟ ବିକିରଣ ପ୍ରଭାବ ହେତୁ ଉଭୟ ସହରରୁ ୨ ଲକ୍ଷ ଲୋକ ବିଭିନ୍ନ ମାରାତ୍ମକ ରୋଗରେ ମୃତ୍ୟୁବରଣ କରିଥିଲେ। ଏହା ପରେ ପରମାଣୁ ବୋମାର ଭୟାବହତା ସମ୍ପର୍କରେ ମାନବ ଜାତି ଅବଗତ ହେଲା। ପରମାଣୁ ବୋମା କିପରି ସମଗ୍ର ପୃଥିବୀକୁ ଧ୍ୱଂସ ମୁଖକୁ ଠେଲି ଦେଇପାରେ ତାହା ଆଉ ଅଛପା ରହିଲା ନାହିଁ। ଏପରିକି ପରମାଣୁ ବୋମାର ଜନକ ରବର୍ଟ ଓପନହିମର ଏହାର ବିନାଶକାରୀ ପ୍ରଭାବରେ ଚକିତ ହେବା ସହିତ ହିନ୍ଦୁମାନଙ୍କ ପବିତ୍ର ଗ୍ରନ୍ଥ ଭଗବଦ୍ ଗୀତାର ଉକ୍ତିକୁ ଉଲ୍ଲେଖ କରି କହିଥିଲେ, ଏବେ ମୁଁ ମୃତ୍ୟୁ ଓ ପୃଥିବୀର ବିନାଶକ। ମାତ୍ର ବିଶ୍ୱର ତଥାକଥିତ ଦୁଇ ମହାଶକ୍ତି ଯୁକ୍ତରାଷ୍ଟ୍ର ଆମେରିକା ଓ ରୁଷିଆ ଶୀତଳ ଯୁଦ୍ଧରେ ପରସ୍ପର ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା କରି ଏହି ବିଧ୍ୱଂସକାରୀ ଅସ୍ତ୍ରର ନିର୍ମାଣ କରିଚାଲିଲେ।

ହିରୋଶିମା ଓ ନାଗାସାକୀରେ ପରମାଣୁ ବିସ୍ଫୋରଣ ପରେ ସୋଭିଏତ୍ ରୁଷ୍ର ରାଷ୍ଟ୍ରପତି ଯୋଶେଫ ଷ୍ଟାଲିନ ୫ବର୍ଷ ମଧ୍ୟରେ ପରମାଣୁ ବୋମା ବିକାଶ ପାଇଁ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ୧୯୪୯ ଅଗଷ୍ଟ ୨୯ରେ ରୁଷିଆ ପ୍ରଥମ ପରମାଣୁ ବୋମା ପରୀକ୍ଷଣ କରିଥିଲା। ଯୁବ ପରମାଣୁ ବିଜ୍ଞାନୀ ଇଗୋର କୁର୍ଚାଟୋଭ ଏହି ପ୍ରକଳ୍ପର ନେତୃତ୍ୱ ନେଇଥିଲେ। ଜୋଏ-୧ ନାମରେ ଏହି ବୋମାକୁ ରୁଷିଆ କାଜାଖସ୍ଥାନର ଷ୍ଟେପୀରେ ପରୀକ୍ଷଣ କରିଥିଲା। କେବଳ ୧୯୬୨ରେ ରୁଷିଆ ୭୯ଟି ପରମାଣୁ ପରୀକ୍ଷଣ କରିଥିଲା। ରୁଷିଆ ୧୯୯୦ ଅକ୍ଟୋବର ୨୪ରେ ଶେଷ ଥର ପାଇଁ ପରମାଣୁ ବୋମା ପରୀକ୍ଷଣ କରିଥିଲା। ୧୯୪୯ରୁ ୧୯୯୦ ମଧ୍ୟରେ ଏହା ସର୍ବମୋଟ ୭୧୫ଟି ପରୀକ୍ଷଣ କରିଥିଲା। ୧୯୮୬ ବେଳକୁ ସମଗ୍ର ପୃଥିବୀରେ ସମୁଦାୟ ୭୦ ହଜାର ପରମାଣୁ ବୋମା ନିର୍ମିତ ହୋଇଥିବାବେଳେ ସୋଭିଏତ୍ ସଂଘ ନିକଟରେ ସର୍ବାଧିକ ୪୫୦୦୦ ପରମାଣୁ ବୋମା ଗଚ୍ଛିତ ରହିଥିଲା।

ପରବର୍ତ୍ତୀ କାଳରେ ପୃଥିବୀରେ ଗଚ୍ଛିତ ଥିବା ଅନେକ ପରମାଣୁ ବୋମାକୁ ନିଷ୍କ୍ରିୟ କରି ଦିଆଯାଇଛି। ସେଥିରେ ରହିଥିବା ୟୁରାନିୟମକୁ ପରମାଣୁ ଶକ୍ତି କେନ୍ଦ୍ରରେ ବ୍ୟବହାର କରି ଶକ୍ତି ଉତ୍ପାଦନ କରାଯାଉଛି। ଏବେ ସମଗ୍ର ପୃଥିବୀର ୯ଗୋଟି ଦେଶ ନିକଟରେ ୧୩,୧୩୨ଟି ପରମାଣୁ ବୋମା ରହିଛି। ଏହା ମଧ୍ୟରୁ ରୁଷିଆ ନିକଟରେ ସର୍ବାଧିକ ୬,୨୫୭ଟି ପରମାଣୁ ବୋମା ରହିଛି। ଅନ୍ୟ ପରମାଣୁ ଶକ୍ତିସମ୍ପନ୍ନ ଦେଶ ଆମେରିକା ନିକଟରେ ୫,୫୦୦, ଚାଇନା ପାଖରେ ୩୫୦, ଫ୍ରାନ୍ସ ନିକଟରେ ୨୯୦ ଓ ଯୁକ୍ତରାଜ୍ୟ ନିକଟରେ ୨୨୫ଟି ପରମାଣୁ ବୋମା ରହିଛି। ଏହା ବ୍ୟତୀତ ଭାରତରେ ୧୫୬, ପାକିସ୍ତାନରେ ୧୬୫, ଇସ୍ରାଏଲରେ ୯୦ ଓ ଉତ୍ତର କୋରିଆରେ ୫୦ ପରମାଣୁ ବୋମା ରହିଥିବାର ସୂଚନା ମିଳିଛି। ବିଶ୍ୱ ସମୁଦାୟ ସାଉଦୀ ଆରବ, ଦକ୍ଷିଣ କୋରିଆ, ଇରାନ ଓ ତାଇୱାନ ମଧ୍ୟ ଗୋପନରେ ପରମାଣୁ ବୋମା ପ୍ରସ୍ତୁତ କରିଥିବାର ସନ୍ଦେହ କରୁଛନ୍ତି।

୧୯୭୦ଠାରୁ କାର୍ଯ୍ୟକାରୀ ହୋଇଥିବା ପରମାଣୁ ଅସ୍ତ୍ର ଅପ୍ରସାର ଚୁକ୍ତିରେ ସୋଭିଏତ୍ ରୁଷ୍ ସମେତ ଯୁକ୍ତରାଷ୍ଟ୍ର ଆମେରିକା, ଯୁକ୍ତରାଜ୍ୟ, ଫ୍ରାନ୍ସ ଓ ଚାଇନାକୁ ପରମାଣୁ ଶକ୍ତିସମ୍ପନ୍ନ ରାଷ୍ଟ୍ର ରୂପେ ଘୋଷଣା କରାଯାଇଛି। ଏହି ଚୁକ୍ତିରେ ପୃଥିବୀର ୧୯୧ଟି ରାଷ୍ଟ୍ର ସ୍ୱାକ୍ଷର କରିଛନ୍ତି। ତେବେ ଭାରତ, ପାକିସ୍ତାନ, ଇସ୍ରାଏଲ, ଉତ୍ତର କୋରିଆ ଓ ଦକ୍ଷିଣ ସୁଦାନ ଏଥିରେ ସ୍ୱାକ୍ଷର କରି ନାହାନ୍ତି। ୧୯୯୧ରେ ସୋଭିଏତ୍ ସଂଘର ବିଲୟ ପରେ ସୋଭିଏତ୍ ରୁଷ୍ ନିକଟରେ ଗଚ୍ଛିତ ସମସ୍ତ ପରମାଣୁ ଅସ୍ତ୍ରକୁ ରୁଷିଆ, ୟୁକ୍ରେନ୍, ବେଲାରୁଷ, କାଜାଖସ୍ଥାନ ମଧ୍ୟରେ ଭାଗ କରିଦିଆ ଯାଇଥିଲା। ସେତେବେଳେ ପରମାଣୁ ଅସ୍ତ୍ରରେ ୟୁକ୍ରେନ୍ ପୃଥିବୀରେ ତୃତୀୟ ସ୍ଥାନ ଅଧିକାର କରିଥିଲା। ପରବର୍ତ୍ତୀ କାଳରେ ୟୁକ୍ରେନ୍, ବେଲାରୁଷ ଓ କାଜାଖସ୍ଥାନ ପରମାଣୁ ଅସ୍ତ୍ରଶସ୍ତ୍ର ନିର୍ମାଣରୁ ଓହରି ଯାଇ ପରମାଣୁ ଅପ୍ରସାର ଚୁକ୍ତିରେ ସ୍ୱାକ୍ଷର କରିବା ସହିତ ରୁଷିଆକୁ ସମସ୍ତ ପରମାଣୁ ଅସ୍ତ୍ର ହସ୍ତାନ୍ତର କରିଥିଲେ ଏବଂ ସୋଭିଏତ୍ ରୁଷ୍ ବଦଳରେ ରୁଷିଆକୁ ପରମାଣୁ ଶକ୍ତିସମ୍ପନ୍ନ ରାଷ୍ଟ୍ରର ମାନ୍ୟତା ପ୍ରଦାନ କରାଯାଇଥିଲା। ସାମ୍ପ୍ରତିକ ଯୁଦ୍ଧ ପରିସ୍ଥିତିରେ ରୁଷିଆର ପରମାଣୁ ଆକ୍ରମଣ ଧମକ ହେତୁ ୟୁକ୍ରେନ୍ ସେଥିପାଇଁ ପଶ୍ଚାତାପ କରୁଛି।

ଏବେ ରୁଷିଆ ନିକଟରେ ଗଚ୍ଛିତ ପରମାଣୁ ଅସ୍ତ୍ର ମଧ୍ୟରୁ ପ୍ରାୟ ୧୫୦୦ ପରମାଣୁ ବୋମାକୁ ନିଷ୍କ୍ରିୟ କରାଯିବାର ଯୋଜନା ରହିଛି। ଅବଶିଷ୍ଟ ୪୫୦୦ ସକ୍ରିୟ ପରମାଣୁ ବୋମା ମଧ୍ୟରୁ ୧୫୪୪ ପରମାଣୁ ବୋମାକୁ ବିଭିନ୍ନ ଆନ୍ତଃ ମହାଦେଶୀୟ କ୍ଷେପଣାସ୍ତ୍ର, ପରମାଣୁ ଚାଳିତ ବୁଡ଼ାଜାହାଜ ଓ ବୋମାବର୍ଷୀ ବିମାନରେ ଖଞ୍ଜାଯାଇଛି। ଚାହିଁବା ମାତ୍ରେ ସେଗୁଡ଼ିକୁ ବ୍ୟବହାର କାରଯାଇପାରିବ। ଏହା ବ୍ୟତୀତ ୧୯୬୧ ଅକ୍ଟୋବରରେ ପରୀକ୍ଷଣ କରାଯାଇଥିବା ସାର୍ ନାମରେ ସର୍ବବୃହତ୍ ପରମାଣୁ ବୋମା ମଧ୍ୟ ରୁଷିଆ ନିକଟରେ ରହିଛି। ଏହାର କ୍ଷମତା ୫୦ ମେଗାଟନ୍ ଟିଏନ୍ଟି। ଅର୍ଥାତ୍ ଏହା ହିରୋଶିମାରେ ନିକ୍ଷେପ କରାଯାଇଥିବା ଲିଟିଲ ବୟ ତୁଳନାରେ ୪୦୦୦ ଗୁଣ ଅଧିକ ଧ୍ୱଂସକାରୀ। ଏହି ବିଶାଳ ପରମାଣୁ ବୋମାର ଦୈର୍ଘ୍ୟ ୮ ମିଟର ରହିଥିବା ବେଳେ ବ୍ୟାସ ୨.୬ ମିଟର ଓ ଓଜନ ୨୭ ଟନ୍ ରହିଛି। ଅତଏବ ରୁଷିଆ ନିକଟରେ ଗଚ୍ଛିତ ପରମାଣୁ ବୋମା କେବଳ ୟୁକ୍ରେନ୍ କାହିଁକି ସମଗ୍ର ବିଶ୍ୱକୁ ଧ୍ୱଂସ କରିବା ପାଇଁ ଯଥେଷ୍ଟ ହେବ। ତେଣୁ ରୁଷିଆ ପରମାଣୁ ଆକ୍ରମଣ କରି ସମଗ୍ର ପୃଥିବୀକୁ ଧ୍ୱଂସମୁଖକୁ ଠେଲିଦେବା ଅପେକ୍ଷା ଶାନ୍ତିପୂର୍ଣ୍ଣ ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ କରିବାକୁ ଚେଷ୍ଟାକରିବା ଉଚିତ। ବିଶ୍ୱ ସମୁଦାୟ ଏଥିନେଇ ରୁଷିଆ ଉପରେ କୂଟନୈତିକ ଚାପ ପ୍ରୟୋଗ କରିବା ଉଚିତ।

ବାଲିଗାଡ଼ିଆ, ଜଙ୍କିଆ, ଖୋର୍ଦ୍ଧା, ଓଡ଼ିଶା
ମୋ- ୭୦୦୮୬୬୨୩୪୧

# ପ୍ରଥମ ମହିଳା ବାଉନ୍ସର

**ବ୍ୟକ୍ତିତ୍ୱ**



ମେହରୁନିସା ଶଉକତ ଅଲ୍ଲୀ

ଆମେ ଯେପରି ପାଠ ନ ପଢ଼ିପାରିବୁ ଘରେ ପିତା ବିଦ୍ୟୁତ୍ ବିଚ୍ଛିନ୍ନ କରିଦେଉଥିଲେ। ତାଙ୍କ ଚିନ୍ତାରେ ଝିଅମାନେ ପାଠ ପଢ଼ିଲେ ନିଜ ପସନ୍ଦରେ ବିବାହ କରିଦେବେ। ହେଲେ ବାପା ଓ ଗ୍ରାମବାସୀଙ୍କ ଏଭଳି ରକ୍ଷଣଶୀଳ ଚିନ୍ତାଧାରା ବିରୋଧରେ ମା' ସ୍ୱର ଉଠାଇଥିଲେ। ସେ ଆମକୁ ପଢ଼ିବାର ସୁଯୋଗ ଦେଇଥିଲେ ବୋଲି ଭାରତର ପ୍ରଥମ ମହିଳା ବାଉନ୍ସର ଭାବେ ଆଖ୍ୟା ଅର୍ଜନ କରିଥିବା ମେହରୁନିସା ଶଉକତ ଅଲ୍ଲୀ କହିବା ପରେ ତାଙ୍କ ସଂଘର୍ଷମୟ ଜୀବନ ଯାତ୍ରା ଏକ କାହାଣୀ ଭଳି ଲାଗୁଛି। ବିଶୃଙ୍ଖଳାକାରୀଙ୍କୁ ପ୍ରତିହତ କରିବା ଉଦ୍ଦେଶ୍ୟରେ ନାଇଟ୍କ୍ଲବ ହେଉ ବା ସମାନ ଧରଣର ସଂସ୍ଥାରେ ନିୟୋଜିତ ବ୍ୟକ୍ତିବିଶେଷଙ୍କୁ ବାଉନ୍ସର କୁହାଯାଇଥାଏ। ସ୍ଥଳବିଶେଷରେ ବହୁ ପ୍ରତିଷ୍ଠିତ ବ୍ୟକ୍ତି ନିଜ ସୁରକ୍ଷା ପାଇଁ ବାଉନ୍ସର ରଖିଥାଆନ୍ତି। ତେବେ ଏହା କେବଳ ପୁରୁଷଙ୍କ ପ୍ରାଧାନ୍ୟ କ୍ଷେତ୍ର ରହିଆସିଥିଲା। ଏହି ଶବ୍ଦ ଯେପରି ମହିଳାଙ୍କ ସକାଶେ ପ୍ରଯୁଜ୍ୟ ନୁହେଁ ବୋଲି କୁହାଯାଉଥିଲା। କିନ୍ତୁ ଦୃଢ଼ ଇଚ୍ଛାଶକ୍ତି ବଳରେ ମେହରୁନିସା କେବଳ ଯେ ପ୍ରଥମ ମହିଳା ବାଉନ୍ସର ହୋଇପାରିଛନ୍ତି ତାହା ନୁହେଁ, ପୁରୁଷ ପ୍ରାଧାନ୍ୟ କାର୍ଯ୍ୟରେ ଭାଗ ବସାଇବାରେ ସକ୍ଷମ ହୋଇଛନ୍ତି। ଏବେ ତାଙ୍କୁ ଅନୁସରଣ କରି ଅନେକ ଯୁବତୀ ଏହି କ୍ଷେତ୍ରକୁ ଓହ୍ଲାଇବା ମେହରୁନିସାଙ୍କ ପ୍ରତି ବଡ଼ ସମ୍ମାନ ବୋଲି କୁହାଯାଇପରେ।

ଉତ୍ତରପ୍ରଦେଶର ଶାହାରନ୍ପୁରର ଏକ ମୁସଲମାନ ପରିବାରରେ ମେହରୁନିସାଙ୍କ ଜନ୍ମ। ମାତାପିତାଙ୍କ ଚାରି ଝିଅଙ୍କ ମଧ୍ୟରେ ସେ ଦ୍ୱିତୀୟ। ୨୦୦୩ରେ ସେ ଏକାଦଶ ଶ୍ରେଣୀରେ ପଢୁଥିବା ବେଳେ ପିତାଙ୍କ ବ୍ୟବସାୟ କ୍ଷତିରେ ପଡ଼ିଗଲା। ଅର୍ଥାଭାବ ଯୋଗୁ ପରିବାର ହନ୍ତସନ୍ତ ହୋଇଗଲେ। ପିଲାଟି ବେଳୁ ମେହରୁନିସାଙ୍କ ଇଚ୍ଛା ଥିଲା ଭାରତୀୟ ସେନା କିମ୍ବା ପୋଲିସ ଚାକିରି କରିଥାଆନ୍ତେ। ସେଥିପାଇଁ ଚେଷ୍ଟା ମଧ କରିଥିଲେ। ହେଲେ ସଫଳତା ମିଳି ନ ଥିଲା। ସେ ନୂଆଦିଲ୍ଲୀରେ ହେଉଥିବା 'ଇଣ୍ଡିଆନ୍ ଆଇଡଲ୍'ରେ ଭାଗ ନେବାକୁ ଯାଇଥିବା ବେଳେ ପ୍ରଥମ ଥର ପାଇଁ ବଡ଼ ବାଉନ୍ସରମାନଙ୍କୁ ଦେଖିଥିଲେ। ତା' ପରେ ସେ ମହିଳା ବାଉନ୍ସର ହେବାକୁ ପ୍ରତିଜ୍ଞାବଦ୍ଧ ହେଲେ। ପ୍ରାରମ୍ଭିକ ଅବସ୍ଥାରେ ଲୋକମାନଙ୍କୁ ସୁରକ୍ଷା ଦେଉଥିବା ମହିଳାମାନଙ୍କୁ ସିକ୍ୟୁରିଟି ଗାର୍ଡ ବା ବଡି ଗାର୍ଡ କୁହାଯାଉଥିଲା। ହେଲେ ମେହରୁନିସା ଏହାକୁ ବିରୋଧ କରିବା ସହ ମହିଳାଙ୍କୁ ମଧ୍ୟ ବାଉନ୍ସର କୁହାଯାଉ ବୋଲି ଦାବି କରିଥିଲେ। ସେଥିପାଇଁ ତାଙ୍କୁ ବହୁ ପରୀକ୍ଷାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ସେନା କିମ୍ବା ପୋଲିସ ସେବାରେ ଭର୍ତ୍ତି ହେବା ଉଦ୍ଦେଶ୍ୟ ରଖି ସେ ସ୍କୁଲ ବେଳେ ଏନ୍ସିସି କ୍ୟାଡେଟ୍ ଭାବେ ପ୍ରଶିକ୍ଷିତ ହୋଇଥିଲେ। କରାଟେ ଶିଖିବା ସହ ସେ ସର୍ବଦା ନିଜ ଫିଟ୍ନେସ୍କୁ ଗୁରୁତ୍ୱ ଦେଇ ଆସିଛନ୍ତି। ଦିଲ୍ଲୀରେ ଏକ ସଂସ୍ଥା ମହିଳାଙ୍କୁ ବାଉନ୍ସର ଭାବେ ନେବାକୁ ଚାହୁଁଥିବା ଜାଣିବା ପରେ ସେ ଆବେଦନ କରିଥିଲେ। କିନ୍ତୁ ପରିବାରକୁ ନିଜ କାର୍ଯ୍ୟ ବିଷୟରେ ବୁଝାଇବା କଷ୍ଟକର ହୋଇପଡ଼ିଥିଲା। କାରଣ ଏହା ପୁରୁଷ ପିଲାର କାମ ବୋଲି ସମସ୍ତେ ଜାଣିଥିଲେ। ତେବେ ଭାଗ୍ୟ ତାଙ୍କୁ ମହିଳା ବାଉନ୍ସର ହେବାକୁ ଅସୁବିଧା ସମୟରେ ମଧ୍ୟ ସୁଯୋଗ ଦେଇଥିଲା। ମେହରୁନିସାଙ୍କୁ ୧୨ ବର୍ଷ ବୟସରେ ପିତା ବିବାହ କରିଦେବାକୁ ଚାହୁଁଥିଲେ। କିନ୍ତୁ ତାଙ୍କୁ ଟାଇଫଏଡ୍ ହୋଇଯିବାରୁ ସେ ଶଯ୍ୟାଶାୟୀ ହୋଇଗଲେ। ରୋଗରୁ ଆରୋଗ୍ୟ ହେବା ପରେ ନିଜ ଜୀବନ ଗଢ଼ିବାକୁ ଚାହିଁଲେ। ନିଜ ଭଉଣୀ କମ୍ ବୟସରେ ବିବାହ କରି ଯେଉଁ ଦୁଃଖଯନ୍ତ୍ରଣା ପାଇଥିଲେ ତାହାକୁ ସେ ପାଖରୁ ଦେଖିଲେ। ତେଣୁ ଝିଅମାନେ ପାଠ ପଢ଼ି ରକ୍ଷଣଶୀଳତାରୁ କିଭଳି ବାହାରିପାରିବେ ସେହି ଦିଗରେ ସେ ଅନ୍ୟମାନଙ୍କୁ ପ୍ରବର୍ତ୍ତାଉଥିଲେ। ଭଉଣୀ ଦୁର୍ଘଟଣାର ସମ୍ମୁଖୀନ ହେବା ପରେ ଦିବ୍ୟାଙ୍ଗ ହୋଇଯାଇଥିଲେ। ଭିଣୋଇ ସାନ ତିନି ପିଲା ସହ ଭଉଣୀକୁ ତାଙ୍କ ବାପାଙ୍କ ଘରକୁ ପଠାଇ ଦେଇଥିଲେ। ଫଳରେ ପରିବାର ଉପରେ ଆହୁରି ବୋଝ ବଢ଼ିଯାଇଥିଲା। ଦମ୍ଭ ଧରି ମେହରୁନିସା ତାଙ୍କ ମାତାପିତା, ଭଉଣୀର ତିନି ପିଲା ଓ ଅନ୍ୟ ଭଉଣୀଙ୍କୁ ପୋଷିବାର ଦାୟିତ୍ୱ ନେଲେ। ମହିଳା ବାଉନ୍ସର ଭାବେ ଅର୍ଜନ କରୁଥିବା ଅର୍ଥ ସେ ପରିବାରର ମଙ୍ଗଳ ପାଇଁ ବ୍ୟୟ କରୁଛନ୍ତି। ଏଥିରେ ସେ ଅପାର ଆନନ୍ଦ ପାଉଥିବା କହିଛନ୍ତି। ଏବେ ତାଙ୍କ ଭଉଣୀର ପିଲାମାନେ ୧୦, ୧୧ ଓ ୧୨ ବର୍ଷର ହୋଇଗଲେଣି। ସେମାନେ ଏବେ ଭଲ ପଢୁଛନ୍ତି ଓ ଭବିଷ୍ୟତ ଗଢ଼ିବା ପାଇଁ ସବୁ ସୁଯୋଗ ସେ ସୃଷ୍ଟି କରିପାରିଛନ୍ତି।

୩୫ ବର୍ଷୀୟା ମେହରୁନିସା ସାମାଜିକ ପରିବର୍ତ୍ତନ ଆଣି ନିଜକୁ ପୁରୁଷ ପ୍ରାଧାନ୍ୟ କ୍ଷେତ୍ର ମଧ୍ୟରେ ପ୍ରବେଶ କରାଇ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିଥିବାରୁ ଖୁସି ବ୍ୟକ୍ତ କରିଛନ୍ତି। ଏଥିସହିତ ଝିଅମାନେ କିଭଳି ଏଥିପ୍ରତି ଆକୃଷ୍ଟ ହେବେ ସେହି ଦିଗରେ ନିଜ ସାନ ଭଉଣୀକୁ ମଧ୍ୟ ବାଉନ୍ସର କରାଇପାରିଛନ୍ତି। ଦୁଇ ଜଣ ଭାଗୀଦାରିଙ୍କ ସହ ମିଶି ସେ 'ମର୍ଦାନି ବାଉନ୍ସର ଆଣ୍ଡ୍ ଡଲ୍ଫିନ୍ ସିକ୍ୟୁରିଟି ସର୍ଭିସ ପ୍ରାଇଭେଟ୍ ଲିମିଟେଡ୍' ନାମରେ ଏକ କମ୍ପାନୀ ଗଢ଼ିଛନ୍ତି। ଅଦ୍ୟାବଧି ସେହି ସଂସ୍ଥାରୁ ପ୍ରଶିକ୍ଷିତ ୨,୫୦୦ ଝିଅ ଓ ପୁଅ ବିଭିନ୍ନ ସଂସ୍ଥାରେ ନିଯୁକ୍ତ ହୋଇପାରିଛନ୍ତି। ଆଜି ସେ ଯେଉଁ ସଫଳତା ପାଇଛନ୍ତି ଓ ଅନ୍ୟମାନଙ୍କ ପାଇଁ ମାର୍ଗଦର୍ଶକ ପାଲଟିପାରିଛନ୍ତି, ତାହାକୁ ଦେଖି ତାଙ୍କ ପିତା ଅତ୍ୟନ୍ତ ଖୁସି ହେଉଥିବା ସେ ଅନୁଭବ କରିଛନ୍ତି ବୋଲି କହିଛନ୍ତି। ଦୀର୍ଘ ବର୍ଷ ତଳେ ଝିଅମାନଙ୍କ ପ୍ରତି ଥିବା ଚିନ୍ତାରେ ତାଙ୍କ ପିତାଙ୍କର ଅନେକ ପରିବର୍ତ୍ତନ ଆସିଛି। ଝିଅଙ୍କ ଜୀବନ ଘର କାମ ପାଇଁ ଉଦ୍ଦିଷ୍ଟ ବୋଲି କହୁଥିବା ପିତା ଏବେ କହୁଛନ୍ତି ଘରର ଚାରିକାନ୍ଥ ବାହାରେ ସେମାନଙ୍କୁ ବହୁତ କିଛି କରିବାର ଅଛି। ଗୋଟେ ବ୍ୟବସ୍ଥା ବିରୋଧରେ ଲଢ଼ି ନିଜକୁ ସମାଜରେ ପ୍ରତିଷ୍ଠିତ କରିପାରିଥିବା ମେହରୁନିସାଙ୍କ ତ୍ୟାଗ ଏବେ ଅନ୍ୟ ଝିଅମାନଙ୍କ ପାଇଁ ପ୍ରେରଣାର ଏକ ଝରଣା ପାଲଟିଯାଇଛି।

— ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

କୋଭିଡ୍-୧୯ ମହାମାରୀ ଜୀବିକା ଉପରେ ପ୍ରଭାବ ପକାଇଥିଲେ ବି ଅନେକଙ୍କୁ ନୂଆ ରାସ୍ତା ଦେଖାଇଛି। ଏମାନଙ୍କ ମଧ୍ୟରେ ଉତ୍ତରପ୍ରଦେଶ ଅମେଠିର ସୋମେଶ୍ୱର ସିଂ ଜଣେ। ସେ ଚାକିରି ଛାଡ଼ି ଅମୃତଭଣ୍ଡା ଚାଷରୁ ବର୍ଷକୁ ୧୫ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ସୋମେଶ୍ୱର ନୋଏଡାରେ ଏକ ଅନ୍ତର୍ଜାତୀୟ ପ୍ରଯୁକ୍ତି କମ୍ପାନୀରେ କାର୍ଯ୍ୟ କରୁଥିଲେ ଓ ମାସକୁ ୧ ଲକ୍ଷ ଟଙ୍କା ଦରମା ପାଉଥିଲେ। ମହାମାରୀ ଯୋଗୁ ମାର୍ଚ୍ଚ ୨୦୨୦ରେ ସେ ଚାକିରି ଛାଡ଼ି ତାଙ୍କ ଗାଁ ମଧୁପୁର ଖଦ୍ରିକୁ ଫେରିଥିଲେ। ପରେ ପରୀକ୍ଷାଭିତ୍ତିରେ ବିଭିନ୍ନ ଚାଷ କରି ବିଫଳ ହେବା ପରେ ୨୦୨୧ ମଧଭାଗରେ ଅମୃତଭଣ୍ଡା ଚାଷ ଆରମ୍ଭ କରିଥିଲେ। ସେ ୫,୦୦୦ ଚାରା ଯୋଗାଡ଼ କରି ୪ ଏକରରେ ଅମୃତଭଣ୍ଡା ଲଗାଇ ଏବେ ପ୍ରଚୁର ଫଳାଉଛନ୍ତି ଓ ସେଥିରୁ ବର୍ଷକୁ ୧୫ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ସେ ସିଞ୍ଚନ ଜଳସେଚନ ପଦ୍ଧତିରେ ଉକ୍ତ ଚାଷ କରୁଛନ୍ତି। ସେ ନିମ ତେଲକୁ କୀଟନାଶକ ଭାବେ ପ୍ରୟୋଗ କରୁଛନ୍ତି। ପ୍ରତି ସପ୍ତାହରେ ୨୦-୨୫ କୁଇଣ୍ଟାଲ ଅମୃତଭଣ୍ଡା ମିଳେ। ଜିଲା କୃଷି ଅଧିକାରୀଙ୍କ ସହଯୋଗରେ ଏଭଳି ସଫଳତା ପାଇଛନ୍ତି ବୋଲି କହନ୍ତି ସୋମେଶ୍ୱର।

## ୨୫ ବର୍ଷ ତଳର ଧରିତ୍ରୀ

୨୭ ମାର୍ଚ୍ଚ ୧୯୯୭

- ଅର୍ଥନୈତିକ କ୍ଷେତ୍ରରେ ସହଯୋଗ ବୃଦ୍ଧି ନେଇ ଚୀନ୍ ଓ ଆମେରିକା ମଧ୍ୟରେ ୩ଟି ରାଜିନାମା ସ୍ୱାକ୍ଷରିତ।
- ଶ୍ରୀଲଙ୍କା ସରକାର ଏବଂ ଏଲ୍.ଟି.ଟି.ଇ. ବିଦ୍ରୋହୀଙ୍କ ମଧ୍ୟରେ ଲାଗି ରହିଥିବା ଜାତିଆଣ ବିବାଦକୁ କଥାବାର୍ତ୍ତା ଜରିଆରେ ତୁଟାଇବା ପାଇଁ ପାଲେଷ୍ଟାଇନ୍ ରାଷ୍ଟ୍ରପତି ୟାସେର୍ ଆରାଫତ୍ ମଧ୍ୟସ୍ଥତା କରିବା ନିମନ୍ତେ ଦେଇଥିବା ପ୍ରସ୍ତାବକୁ ଶ୍ରୀଲଙ୍କାର ପ୍ରତ୍ୟାବର୍ତ୍ତନ।
- ବିହାରରେ ଜମିଦାର ସମର୍ଥିତ ଉଗ୍ରପନ୍ଥୀ ଗୋଷ୍ଠୀ ରଣବୀର ସେନା ପାଟନା ଜିଲାର ରାନିଆ ତାଲାଦ ଥାନା ଅଞ୍ଚଳସ୍ଥିତ ଏକ ଗ୍ରାମରେ ଆକ୍ରମଣ ଚଳାଇ ୧୦ ଜଣଙ୍କୁ ହତ୍ୟା କରିଛନ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### ପୁରୀରେ ବଢୁଛି ଅପରାଧ

ମହାଶୟ,

ପୁରୀ ହେଉଛି ସାରା ବିଶ୍ୱରେ ସର୍ବଶ୍ରେଷ୍ଠ ତୀର୍ଥକ୍ଷେତ୍ର, ପୁରୁଷୋତ୍ତମ ଧାମ। ଅନ୍ୟ ପକ୍ଷରେ ପୁରୀ ହେଉଛି ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳୀ। ପ୍ରତିଦିନ ହଜାର ହଜାର ପର୍ଯ୍ୟଟକ ପୁରୀ ଆସୁଛନ୍ତି। ସଭିଙ୍କର ଦୃଢ଼ ବିଶ୍ୱାସ ପୁରୀ ହେଉଛି ଶାନ୍ତିପ୍ରିୟ ସ୍ଥାନ। ଦୁଃଖର କଥା ଶାନ୍ତିର ସହର ପୁରୀଧାମ ଧୀରେ ଧୀରେ ଅଶାନ୍ତିରେ ପରିଣତ ହେଉଛି। ପୂର୍ବରୁ ଏକ ଗୁଳିକାଣ୍ଡରେ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଥିଲା। ତା'ପରେ ଏଇ ନିକଟରେ ଆଉ ଏକ ଗୁଳିକାଣ୍ଡ ଘଟି ଅନ୍ୟ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଛି। ଏଥିରୁ ସ୍ପଷ୍ଟ ପ୍ରମାଣିତ ଯେ, ପୁରୀର ଆଇନଶୃଙ୍ଖଳା ପରିସ୍ଥିତି ବିଗିଡ଼ିବାରେ ଲାଗିଛି। ହତ୍ୟାକାଣ୍ଡ ସହ ଅନ୍ୟ ସବୁ ଅପରାଧ ବି ବଢୁଛି। ପୁରୀଧାମ ପାଇଁ ଏହା ଗ୍ରହଣୀୟ ନୁହେଁ ଓ ଏହା ବିଶ୍ୱରେ ପୁରୀର ଖ୍ୟାତିରେ କ୍ଷତି ପହଞ୍ଚାଉଛି।

– ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

## ଚିରନ୍ତନୀ

ସୂକ୍ଷ୍ମ ତବ ପରଶ ଲାଗୁ
ରୁକ୍ଷ ଏହି ଭବେ
ମର୍ମରିତ ମଞ୍ଜୁ ଧ୍ୱନି
ପଲ୍ଲବେ ପଲ୍ଲବେ।

(ପଉଷ ସନ୍ଧ୍ୟା)

–କାଳିନ୍ଦୀଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ପୌର ନିର୍ବାଚନରେ ବିଜୁ ଜନତା ଦଳର ବିପୁଳ ବିଜୟ ପରେ ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନବୀନ ନିବାସରେ ବିଜୟୀ ପ୍ରାର୍ଥୀ ଓ ଓଡ଼ିଶାବାସୀଙ୍କୁ ଶୁଭେଚ୍ଛା ଜଣାଉଛନ୍ତି।

# ବାପାଙ୍କୁ ହରାଇ ଜିତିଲେ ପୁଅ

## ଅନୁଗୋଳ ୫ନଂ. ୱାର୍ଡ

- ବାପା ଭାଜପା, ପୁଅ ବିଜେଡି, ମା' କଂଗ୍ରେସ ନେତ୍ରୀ
- ୨୦୦୩ରୁ ପରିବାରର ଜଣେ ସଦସ୍ୟ ଜିତୁଛନ୍ତି ନିର୍ବାଚନ

**ଅନୁଗୋଳ ଅଫିସ,୨୬।୩**



ରଣଜିତ ମାଣ୍ଡୋଠିଆ



ଭୀମସେନ ମାଣ୍ଡୋଠିଆ

୨୦୦୩ ପୌର ନିର୍ବାଚନରେ ଭାଜପା ଟିକେଟ୍‌ରେ ବିଜୟୀ ହୋଇଥିଲେ ବାପା ଭୀମସେନ ମାଣ୍ଡୋଠିଆ। ପରବର୍ତ୍ତୀ ୨୦୦୮ ନିର୍ବାଚନରେ କଂଗ୍ରେସରୁ ପ୍ରାର୍ଥୀ ହୋଇ ୫ ବର୍ଷ କାଉନସିଲର ରହିଥିଲେ ପୁଅ ରଣଜିତ ମାଣ୍ଡୋଠିଆ। ଏହାପରେ ୨୦୧୩ ପୌର ନିର୍ବାଚନରେ କଂଗ୍ରେସ ଟିକେଟରେ ବିଜୟୀ ହୋଇଥିଲେ ମା' ରାମପତି ମାଣ୍ଡୋଠିଆ। ଏପରିକି ୨୦୧୮ ଯାଏ ସେ ପୌର ପରିଷଦ ଉପାଧ୍ୟକ୍ଷା ଭାବେ ଦାୟିତ୍ୱ ତୁଲାଇଥିଲେ। ଚଳିତ ୨୦୨୨ ପୌର ନିର୍ବାଚନରେ ଏହି ପରିବାରରୁ ପ୍ରଥମ ଥର ପାଇଁ ବାପା-ପୁଅ ମୁହାଁମୁହିଁ ହୋଇଥିଲେ। ବାପା ଭୀମସେନ ଭାଜପାରୁ ଓ ପୁଅ ରଣଜିତ ବିଜେଡିରୁ ପ୍ରାର୍ଥୀ ହୋଇଥିଲେ। ଶେଷରେ ବାପାଙ୍କୁ ହରାଇ ପୁଅ ରଣଜିତ ବିଜୟୀ ହେବା ଅନୁଗୋଳ ପୌର ପରିଷଦର ୫ନଂ. ୱାର୍ଡକୁ ଚର୍ଚ୍ଚାରେ ରଖିଛି।

ଭାଜପାରୁ ପ୍ରାର୍ଥୀ ହୋଇଥିବା ଭୀମସେନ ହେଉଛନ୍ତି ଜଣେ ପୁରୁଖା ନେତା। ଦୀର୍ଘ ବର୍ଷ ହେଲା ସେ ଦଳରେ ରହି କାର୍ଯ୍ୟ କରିଆସୁଛନ୍ତି। ଚଳିତ ପୌର ନିର୍ବାଚନରେ ସେ ୫ନଂ. ୱାର୍ଡରୁ ଦଳୀୟ ଟିକେଟ୍‌ରେ କାଉନସିଲର ପଦବୀ ପାଇଁ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ହେଲେ ତାଙ୍କ ବିପକ୍ଷରେ ପୁଅ ରଣଜିତଙ୍କୁ ପ୍ରାର୍ଥୀ କରିଥିଲା ବିଜେଡି। ଦୁହେଁ ଗୋଟିଏ ଦିନରେ ପ୍ରାର୍ଥୀପତ୍ର ଦାଖଲ କରିବା ପରେ ଏହି ଘଟଣା ଅନୁଗୋଳ ରାଜନୀତିରେ ବେଶ୍ ଆଲୋଚନାର ବିଷୟ ହୋଇଥିଲା। ୱାର୍ଡ ରାଜନୀତି ମଧ୍ୟ ସରଗରମ ହୋଇଯାଇଥିଲା। ବ୍ୟକ୍ତିଗତ ଭାବେ ନ ହେଲେ ମଧ୍ୟ ଦଳୀୟ ଭିତ୍ତିରେ ବାପା-ପୁଅ ନିଜ ନିଜ ସପକ୍ଷରେ ପ୍ରଚାରରେ ଲାଗିପଡ଼ିଥିଲେ। ଶନିବାର ଭୋଟ ଗଣତି ପରେ ବାପାଙ୍କୁ ହରାଇ ପୁଅ ବିଜୟୀ ହୋଇଥିବା ଜଣାପଡ଼ିଛି। ଭୀମସେନଙ୍କୁ ୧୨୦ ଭୋଟ ମିଳିଥିବା ବେଳେ ରଣଜିତ ୬୧୨ ଭୋଟ ପାଇ କାଉନସିଲର ନିର୍ବାଚିତ ହୋଇଛନ୍ତି। ଏହାସହିତ କ୍ରମାଗତ ଭାବେ ୪ଟି ନିର୍ବାଚନରେ ବିଭିନ୍ନ ଦଳରୁ ହେଲେ ମଧ୍ୟ ଏହି ପରିବାରର ଜଣେ ସଦସ୍ୟ ବିଜୟୀ ହୋଇ କ୍ଷମତା ଅକ୍ତିଆର କରିବା ଜିଲା ରାଜନୀତିରେ ଚର୍ଚ୍ଚାର ବିଷୟ ହୋଇଛି। ଏ ସମ୍ପର୍କରେ ରଣଜିତ କହିଛନ୍ତି, ବାପାଙ୍କୁ ହରାଇ ନାହିଁ। କେତେଜଣ ପୁଞ୍ଜିପତି ଚାପ ପକାଇ ବାପାଙ୍କୁ ଠିଆ କରାଇଥିବାରୁ ସେମାନଙ୍କୁ ହରାଇଛି।

ଜନ୍ମଦିନ ଶୁଭେଚ୍ଛା



(Putra)
Avneesh Parida
କଳିଙ୍ଗ ନଗର, ଘାଟିକିଆ, ଭୁବନେଶ୍ୱର
ଆଜି ତୋର ଷଷ୍ଠ ଜନ୍ମବାର୍ଷିକୀ ଶୁଭ ଅବସରରେ ସକଳ ସୁଖ, ସମୃଦ୍ଧି, ମଙ୍ଗଳ ଓ ଯଶସ୍ୱୀ ପାଇଁ ମହାପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୁଭେଚ୍ଛା ସହ: ବାପା, ମାଆ, ପାପା, ମାମା, ଅଜା, ଆଈ, ମାମୁ, ମାଇଁ, ପିଉସୀ ମାଆ, କାହ୍ନା ଭାଇ, କ୍ରିସ୍ ଭାଇ।
ଧ-୨୩୪୮୫

## ବିଜୟୀ କାଉନସିଲରଙ୍କୁ ବନ୍ଧୁକ ଦେଖାଇ ଧମକ



ଦେବାଶିଷ ସିଂ

**ବାଲେଶ୍ୱର ଅଫିସ, ୨୬।୩**

ବାଲେଶ୍ୱର ପୌରନିର୍ବାଚନ ଫଳାଫଳ ଘୋଷଣା ପରେ ୨୨ନଂ. ୱାର୍ଡରୁ ବିଜେଡି ପ୍ରାର୍ଥୀ ଦେବାଶିଷ ସିଂ ବିଜୟୀ ହୋଇଥିଲେ। ସେ କର୍ମୀମାନଙ୍କ ସହ ଅପରାହ୍ଣରେ ବିଜୟ ଶୋଭାଯାତ୍ରା କରି ଯାଉଥିବା ବେଳେ ଗୋଧିବସା ଗ୍ରାମର କେତେଜଣ ମହିଳା ତାଙ୍କୁ ଉକ୍ତ ରାସ୍ତାରେ ଯିବା ପାଇଁ ବାରଣ କରିଥିଲେ। ଏନେଇ କର୍ମୀମାନଙ୍କ ସହ ମହିଳାଙ୍କ ଯୁକ୍ତିତର୍କ ଓ ଠେଲାପେଲା ହୋଇଥିଲା। ସେଥିମଧ୍ୟରୁ ଜଣେ ଯୁବକ ବିଜୟୀ ପ୍ରାର୍ଥୀ ଦେବାଶିଷଙ୍କ ଛାତିରେ ବନ୍ଧୁକ ଲଗାଇ ମାରିଦେବାକୁ ଧମକ ଦେଇଥିବା ଥାନାରେ ଲିଖିତ ଅଭିଯୋଗ ହୋଇଛି। ପୋଲିସ ପହଞ୍ଚି ଶୋଭାଯାତ୍ରା ଆଗକୁ ବଢ଼ିବାରେ ସହଯୋଗ କରିବା ସହ ବିରୋଧ କରୁଥିବା ମହିଳାମାନଙ୍କୁ ବୁଝାଶୁଝା କରାଇଥିଲେ। ଖବର ଲେଖାଯିବା ପର୍ଯ୍ୟନ୍ତ ଏଠାରେ ପୋଲିସ ମୁତୟନ ରହିବା ସହ ପରିସ୍ଥିତି ଉପରେ ନଜର ରଖିଛି। ଘଟଣାର ତଦନ୍ତ ଜାରି ରହିଛି। କେହି ଅଭିଯୁକ୍ତ ଗିରଫ ହୋଇ ନ ଥିବା ପୋଲିସ ସୂତ୍ରରୁ ଜଣାପଡ଼ିଛି।

## ମନ୍ତ୍ରୀ ସୁଦାମଙ୍କ ୱାର୍ଡରେ ସ୍ୱାଧୀନ ପ୍ରାର୍ଥୀ ବିଜୟୀ

**ବାରିପଦା ଅଫିସ,୨୬।୩:** ବିଜୁ ଜନତା ଦଳର ମୟୂରଭଞ୍ଜ ଜିଲା (୧) ସଭାପତି ତଥା ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ ସୁଦାମ ମାରାଣ୍ଡିଙ୍କ ୱାର୍ଡରେ ଦଳୀୟ ପ୍ରାର୍ଥିନୀ ପରାଜିତ ହୋଇଛନ୍ତି। ଟିକେଟ ବଣ୍ଟନରେ ପାତରଅନ୍ତର ଯୋଗୁ ଭୋଟରମାନେ ଯୋଗ୍ୟତା ଓ ଦକ୍ଷତା ସମ୍ପନ୍ନ ପ୍ରାର୍ଥୀଙ୍କୁ ନିର୍ବାଚିତ କରିଛନ୍ତି। ବାରିପଦା ପୌର ପରିଷଦର ୧୭ନଂ. ୱାର୍ଡ ହେଉଛି ମନ୍ତ୍ରୀ ମାରାଣ୍ଡିଙ୍କ ନିଜସ୍ୱ ୱାର୍ଡ। ଏହି ୱାର୍ଡରୁ ବିଜେଡି ପକ୍ଷରୁ ବୀଣାପାଣି ସାହୁଙ୍କୁ ଟିକେଟ ପ୍ରଦାନ କରାଯାଇଥିଲା। ତେବେ ଟିକେଟରୁ ବଞ୍ଚିତ ହୋଇଥିବା ଦଳୀୟ କର୍ମୀ କରୁଣାକର ହେମ୍ବ୍ରମ ସ୍ୱାଧୀନ ପ୍ରାର୍ଥୀ ହୋଇଥିଲେ। ତେବେ କରୁଣାକର ବୀଣାପାଣିଙ୍କୁ ୧୪୧୧ ଖଣ୍ଡ ଭୋଟରେ ପରାସ୍ତ କରିଛନ୍ତି। ଦଳର ମଙ୍ଗ ଧରିଥିବା ମନ୍ତ୍ରୀ ମାରାଣ୍ଡି ନିଜସ୍ୱ ୱାର୍ଡରେ ଦଳୀୟ ପ୍ରାର୍ଥୀଙ୍କୁ ଜିତାଇ ନ ପାରିବା ନେଇ ଜିଲାରେ ଚର୍ଚ୍ଚା ଜୋର ଧରିଛି।

## କାଉନ୍‌ସିଲରରେ ହାରିଲେ ନବନିର୍ବାଚିତ ପୌରାଧ୍ୟକ୍ଷାଙ୍କ ଶାଶୁ

### ବିଜେଡି ପୌରାଧ୍ୟକ୍ଷ ପ୍ରାର୍ଥିନୀଙ୍କ ବୋହୂ ହାରିଲେ

**ଜଗତ୍‌ସିଂହପୁର ଅଫିସ ,୨୬।୩:** ଜଗତ୍‌ସିଂହପୁରରେ ପୌରାଧ୍ୟକ୍ଷା ଭାବେ ନିର୍ବାଚିତ ହୋଇଥିବା ଅର୍ଚ୍ଚନା ସିଂହଙ୍କ ଶାଶୁ ପ୍ରତିମା ମଞ୍ଜରୀ ସିଂହ ଓ ବିଜେଡି ପୌରାଧ୍ୟକ୍ଷ ପ୍ରାର୍ଥିନୀ ରାଜଶ୍ରୀ ମହାପାତ୍ରଙ୍କ ବୋହୂ ଜୟସ୍ମିତା ମହାପାତ୍ର କାଉନସିଲର ପଦବୀରେ ପ୍ରତିଦ୍ୱନ୍ଦ୍ୱିତା କରି ହାରିଯାଇଛନ୍ତି। ଉଭୟ ଯଥାକ୍ରମେ ୪ନଂ. ଓ ୧୧ନଂ. ୱାର୍ଡରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ। ୪ନଂ. ୱାର୍ଡକୁ କଂଗ୍ରେସର ଗଡ଼ ବୋଲି କୁହାଯାଏ। ଏହି ୱାର୍ଡରୁ କଂଗ୍ରେସ ପ୍ରାର୍ଥୀମାନେ କ୍ରମାଗତ ଜିତିଛନ୍ତି। ଏଥର କଂଗ୍ରେସ ପକ୍ଷରୁ ପ୍ରତିମା କାଉନ୍‌ସିଲର ପ୍ରାର୍ଥିନୀ ହୋଇ ୨୧୩ ଖଣ୍ଡ ଭୋଟ ପାଇଥିବାବେଳେ ବିଜେଡି ପ୍ରାର୍ଥୀ ସୋନାଲି ସିଂହ ତାଙ୍କଠାରୁ ୪୭ ଖଣ୍ଡ ଅଧିକ ଅର୍ଥାତ୍ ୨୬୦ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଛନ୍ତି। ସେହିପରି ୧୧ନଂ. ୱାର୍ଡରେ ବିଜେଡି କାଉନସିଲର ପ୍ରାର୍ଥିନୀ ଜୟସ୍ମିତା ମହାପାତ୍ରଙ୍କୁ ୪୦୨ ଖଣ୍ଡ ଭୋଟ ମିଳିଛି। ତାଙ୍କଠାରୁ କଂଗ୍ରେସର ଧିରା ଦାଶ ମାତ୍ର ୬ ଖଣ୍ଡ ଅଧିକ ଭୋଟ ପାଇ ବିଜୟୀ ହୋଇଛନ୍ତି। ପୌରାଧ୍ୟକ୍ଷ ପଦବୀ ପାଇଁ ୨ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀଙ୍କ ନିକଟ ସମ୍ପର୍କୀୟ କାଉନସିଲର ପଦରେ ହାରିଥିବାରୁ ଚର୍ଚ୍ଚା ଜୋର ଧରିଛି।

# ଅଖିଳେଶ ଏସ୍‌ପି ବିଧାୟକ ଦଳ ନେତା

## ବୈଠକରୁ ଶିବପାଲଙ୍କୁ ବାଦ୍ ନେଇ ପରିବାରରେ ଫାଟ ସ୍ପଷ୍ଟ

**ଲକ୍ଷ୍ନୌ,୨୬।୩**



ଶିବପାଲ ସିଂ ଯାଦବ

ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ ଶନିବାର ସର୍ବସମ୍ମତିକ୍ରମେ ଏସ୍‌ପି ବିଧାୟକ ଦଳ ନେତା ନିର୍ବାଚିତ ହୋଇଛନ୍ତି। ଫଳରେ ସେ ଉତ୍ତରପ୍ରଦେଶ ବିଧାନସଭାରେ ବିରୋଧୀ ଦଳ ନେତା ହେବାକୁ ଯାଉଛନ୍ତି। ମୈନପୁରର କର୍‌ହଲ ଆସନରୁ ବିଧାନସଭାକୁ ଜିତିଥିବା ଅଖିଳେଶ ନିକଟରେ ଲୋକ ସଭାରୁ ଇସ୍ତଫା ଦେଇଛନ୍ତି। ତାଙ୍କ ନେତୃତ୍ୱରେ ଏସ୍‌ପି ରାଜ୍ୟବାସୀଙ୍କ ବିଭିନ୍ନ ପ୍ରସଙ୍ଗ ବିଧାନସଭାରେ ଉଠାଇବ। ତେବେ ନବନିର୍ବାଚିତ ବିଧାୟକ ଦଳ ବୈଠକକୁ ବରିଷ୍ଠ ଏସ୍‌ପି ନେତା ଶିବପାଲ ସିଂ ଯାଦବଙ୍କୁ ଡକା ନ ଯିବା ଘଟଣାରୁ ସମାଜବାଦୀ ପାର୍ଟି ପ୍ରଥମ ପରିବାରରେ ଫାଟ ରହିଥିବା ସ୍ପଷ୍ଟ ହୋଇଛି। ବୈଠକ ସମ୍ପର୍କରେ ତାଙ୍କ ପାଖରେ କୌଣସି ସୂଚନା ନାହିଁ କିମ୍ବା ତାଙ୍କୁ କେହି ଆମନ୍ତ୍ରଣ କରି ନ ଥିବା ଶିବପାଲ କହିଛନ୍ତି। ତେଣୁ ବୈଠକକୁ ଯିବା ତାଙ୍କ ପକ୍ଷେ ଠିକ୍ ହୋଇ ନ ଥାନ୍ତା। ଦଳର ଇଚ୍ଛା ଅନୁସାରେ ସେ କାର୍ଯ୍ୟ କରିବେ ଏବଂ ସମର୍ଥକମାନଙ୍କ ସହ କଥା ହେବେ ବୋଲି ଶିବପାଲ କହିଛନ୍ତି। ଜଶୱନ୍ତନଗରରୁ ନିର୍ବାଚିତ ହୋଇଥିବା ଶିବପାଲ ସମାଜବାଦୀ ପାର୍ଟିର ପ୍ରତିଷ୍ଠାତା ମୁଲାୟମ ସିଂ ଯାଦବଙ୍କ ସାନଭାଇ ଏବଂ ଅଖିଳେଶଙ୍କ ଦାଦା। ସେ ଅଖିଳେଶଙ୍କ ସମେତ ଦଳର ଅନେକ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଥିଲେ। ତେବେ ବିଧାୟକ ଦଳ ବୈଠକକୁ ସମସ୍ତ ଏସ୍‌ପି ବିଧାୟକଙ୍କୁ ଡକାଯାଇଥିବାବେଳେ ତାଙ୍କୁ ଆମନ୍ତ୍ରଣ କରା ନ ଯିବା ସମସ୍ତଙ୍କୁ ବିସ୍ମିତ କରିଛି।



ଭୁବନେଶ୍ୱର ମହାନଗର ନିଗମର ପ୍ରଥମ ମହିଳା ମେୟର ଭାବେ ସୁଲୋଚନା ଦାସ ବିଜୟୀ ହେବା ପରେ ସ୍ୱାମୀ ତଥା ବରିଷ୍ଠ ସାମ୍ବାଦିକ ପ୍ରଫୁଲ୍ଲ ଦାସଙ୍କ ସହ ଏକ ଖୁସି ମୁହୂର୍ତ୍ତରେ।

# ବିଜୟ ଶୋଭାଯାତ୍ରାରେ କାଉନସିଲରଙ୍କ ଫାଙ୍କା ଗୁଳିଚାଳନା

## ବିଜେଡି କାଉନସିଲର, ବନ୍ଧୁକ ଲାଇସେନ୍ସ ଧାରୀ ଅଟକ

**ସୋନପୁର,୨୬।୩(ନି.ପ୍ର.)**

ସୁବର୍ଣ୍ଣପୁର ସହରରେ ଶନିବାର ମଧ୍ୟାହ୍ନରେ ବିଜେଡିର ପୌର ନିର୍ବାଚନ ବିଜୟ ଶୋଭାଯାତ୍ରା ଚାଲିଥିବା ବେଳେ ଗୁଳି ଫୁଟିଛି। ୯ ନମ୍ବର ୱାର୍ଡର ନବନିର୍ବାଚିତ ବିଜେଡି କାଉନସିଲର ତଥା ପ୍ରାକ୍ତନ ପୌରାଧ୍ୟକ୍ଷ କଇରୁ ସ୍ୱାଇଁ ଏକ ଲାଇସେନ୍ସପ୍ରାପ୍ତ ଡବଲ ବେରେଲ ବନ୍ଧୁକରୁ ଉପରକୁ ବ୍ଲାଙ୍କ ଫାୟାରିଂ କରିଛନ୍ତି। ଏହି ଘଟଣା ପରେ ଶୋଭାଯାତ୍ରା ଆଗକୁ ବଢିଥିଲା। ତେବେ କାଉନସିଲରଙ୍କ ବ୍ଲାଙ୍କ ଫାୟାରିଂ ଭିଡିଓ ଭାଇରାଲ ହେବା ପରେ ତାହା ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଲୋକପ୍ରତିନିଧିଙ୍କ ବିଜୟ ଶୋଭାଯାତ୍ରାରେ ସର୍ବସାଧାରଣରେ ଫାୟାରିଂ ହେବା ପ୍ରଥମ ଘଟଣା ହୋଇଥିବାରୁ ରାଜ୍ୟରେ ହଇଚଇ ସୃଷ୍ଟି ହୋଇଥିଲା । ପୋଲିସ ଏସଆଇ ରଞ୍ଜିତ କୁମାର ପାଣିଗ୍ରାହୀଙ୍କ ରିପୋର୍ଟ ଅନୁସାରେ ସୋନପୁର ଥାନାରେ ଏକ ମାମଲା(୬୭/୨୨)ରୁଜୁ ହୋଇଛି। ବ୍ୟବହୃତ ବନ୍ଧୁକର ଲାଇସେନ୍ସ ସୋନପୁର ସହର ପ୍ୟାଲେସ ଗାର୍ଡେନ ଅଞ୍ଚଳର ରାମ ବାହାଦୁର ସିଂଙ୍କ ନାମରେ ଥିବା ଜଣାପଡିଛି। ସିଂ କାଉନସିଲର କଇରୁ ସ୍ୱାଇଁଙ୍କ ସମ୍ପର୍କୀୟ ସମୁଦି ଅଟନ୍ତି। ପୋଲିସ ଏହି ଘଟଣାରେ ରାମ ବାହାଦୁର ଓ ମଝିପଡାର କଇରୁଙ୍କୁ ଥାନାରେ ଅଟକ ରଖି ଅଧିକ ତଦନ୍ତ ଜାରି ରଖିଛି। ସୋନପୁର ଆଇଆଇସି ନିରଞ୍ଜନ ଦାସ ଘଟଣାର ତଦନ୍ତ କରୁଛନ୍ତି। ଏ ସମ୍ପର୍କରେ ସୁବର୍ଣ୍ଣପୁର ଏସ୍‌ପି ଅମରେଶ ପଣ୍ଡା କହିଛନ୍ତି ଯେ, ସର୍ବସାଧାରଣ ସ୍ଥାନରେ ଫାୟାରିଂ କରିବା ଅପରାଧ। ତେବେ କାହାରିକୁ ହତ୍ୟା କରିବା ଅଭିଯୁକ୍ତଙ୍କର ଉଦ୍ଦେଶ୍ୟ ନ ଥିଲା। ଶୋଭାଯାତ୍ରା ଚାଲିଥିବା ସମୟରେ ରାମ ବାହାଦୁର ସମୁଦି ସ୍ୱାଇଁଙ୍କ ହାତରେ ଅଧିକ ଖୁସି ହୋଇ ବନ୍ଧୁକ ଧରାଇ ଦେଇଥିଲେ। ଗୁଳି ଶବ୍ଦ ଶୁଣି ଲୋକେ ଭୟଭୀତ ହୋଇପଡିଛନ୍ତି। ତେଣୁ ଉକ୍ତ ବନ୍ଧୁକକୁ ଜବତ କରାଯାଇଛି। ବନ୍ଧୁକର ଲାଇସେନ୍ସ ରଦ୍ଦ କରିବା ପାଇଁ ପଦକ୍ଷେପ ନିଆଯିବ ବୋଲି ଏସ୍‌ପି କହିଛନ୍ତି। ଅନ୍ୟପକ୍ଷେ ବିନା ଅନୁମତିରେ ସହରର ବିଭିନ୍ନ ସ୍ଥାନରେ ନବନିର୍ବାଚିତ ପୌରାଧ୍ୟକ୍ଷ ଓ କାଉନସିଲରଙ୍କ ବିଜୟ ଶୋଭାଯାତ୍ରା ଚାଲିଥିବା ଜଣାପଡିଛି। ଏହି ଘଟଣାରେ ୨ ଅଭିଯୁକ୍ତଙ୍କୁ ବ୍ୟକ୍ତିଗତ ମୁଚାଲିକାରେ ଥାନାରୁ ଛାଡି ଦିଆଯିବ ବୋଲି ସୂଚନା ମିଳିଛି।

# ବିଜେଡି ଜିଲାପରିଷଦ ସଭ୍ୟାଙ୍କ ଇସ୍ତଫା



ଲକ୍ଷ୍ମୀ ସାହୁ

**ଭବାନୀପାଟଣା,୨୬।୩(ସ୍ୱ.ପ୍ର.):** କଳାହାଣ୍ଡି ଜିଲା ଭବାନୀପାଟଣା ବ୍ଲକର ୪ନଂ ଜୋନ୍ ବିଜେଡି ଜିଲା ପରିଷଦ ସଭ୍ୟା ଲକ୍ଷ୍ମୀ ସାହୁ ଶନିବାର ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି। ଇସ୍ତଫା ପତ୍ର ସେ କଳାହାଣ୍ଡି ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀଙ୍କୁ ଦେଇଛନ୍ତି। ବ୍ୟକ୍ତିଗତ କାରଣ ସହ ଦଳରେ ରାଜନୀତିକରଣ ଯୋଗୁ ସେ ଇସ୍ତଫା ଦେଇଥିବା କହିଛନ୍ତି। କିନ୍ତୁ ଦଳରେ ରହି ନବୀନ ପଟ୍ଟନାୟକଙ୍କ ସହ କାର୍ଯ୍ୟ କରିବେ ବୋଲି ସେ ପ୍ରକାଶ କରିଛନ୍ତି।

# ମନ୍ତ୍ରୀ ଦିବ୍ୟଶଙ୍କରଙ୍କ ଗଡ଼ରେ ପଦ୍ମ

## ଜୁନାଗଡରେ ଭାଜପାର ବାଜିମାତ୍, ଅଧ୍ୟକ୍ଷ ହେଲେ ମୁକେଶ

**ଜୁନାଗଡ,୨୬।୩(ଡି.ଏନ୍.ଏ)**

କଳାହାଣ୍ଡି ଜିଲା ଜୁନାଗଡ ଏନ୍‌ଏସି ଅଧ୍ୟକ୍ଷ ଭାବେ ଭାଜପା ପ୍ରାର୍ଥୀ ମୁକେଶ ଅଗ୍ରୱାଲ ବିଜୟୀ ହୋଇଛନ୍ତି।ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡି ପ୍ରାର୍ଥୀ ମହେଶ ସାହୁଙ୍କୁ ୧୧୭୪ ଭୋଟରେ ପରାସ୍ତ କରି ବିଜୟ ମୁକୁଟ ପିନ୍ଧିଛନ୍ତି। ସେହିପରି ଜୁନାଗଡ ଏନ୍‌ଏସିରେ ୧୨ଟି ୱାର୍ଡ ରହିଥିବା ବେଳେ ସେଥିମଧ୍ୟରୁ ୬ ଓ ୭ନଂ ୱାର୍ଡ କାଉନସିଲର ଭାଜପା ଖାତାକୁ ଯାଇଛି। ଅବଶିଷ୍ଟ ସମସ୍ତ ୱାର୍ଡକୁ ବିଜେଡି ଦଖଲ କରିଛି। ଜୁନାଗଡ ଏନ୍‌ଏସି ଗୃହରାଷ୍ଟ୍ର ମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ରଙ୍କ ନିର୍ବାଚନମଣ୍ଡଳୀର ଗୋଟିଏ ମାତ୍ର ଏନ୍‌ଏସି ହୋଇଥିବା ବେଳେ ଏହି ଗଡରେ ପଦ୍ମ ଫୁଟିବା ଜିଲାରେ ଚର୍ଚ୍ଚାରେ ବିଷୟ ହୋଇଛି। ଏହାପୂର୍ବରୁ ଜୁନାଗଡ ଏନ୍‌ଏସି ବିଜେଡି ଦଖଲରେ ରହିଥିଲା।



ନିଜ ସମର୍ଥକଙ୍କ ସହ ଭାଜପା ଅଧ୍ୟକ୍ଷ ପ୍ରାର୍ଥୀ ମୁକେଶ ଅଗ୍ରୱାଲ।

ଭାଜପା ଅଧ୍ୟକ୍ଷ ପ୍ରାର୍ଥୀ ମୁକେଶ ବିଜୟୀ ହେବା ପରେ ନିଜ ସମର୍ଥକଙ୍କ ସହ ବିଜୟ ଉତ୍ସବ ମନାଇଛନ୍ତି। ଏହି ବିଜୟ ପାଇଁ ସେ ଜୁନାଗଡ ସହରବାସୀଙ୍କୁ ଶ୍ରେୟ ଦେଇଥିବା ବେଳେ ଏନ୍‌ଏସିର ସର୍ବାଙ୍ଗୀନ ବିକାଶ ତାଙ୍କର ମୂଳଲକ୍ଷ୍ୟ ରହିଛି ବୋଲି ସେ କହିଛନ୍ତି।

## ଦୁଇ ଭାଇଙ୍କ ଲଢ଼େଇରେ ବାଜି ମାରିଲେ ସ୍ୱାଧୀନ ପ୍ରାର୍ଥୀ

**ନବରଙ୍ଗପୁର, ୨୬।୩(ବି.ପ୍ର.)**

ନବରଙ୍ଗପୁର ପୌର ପରିଷଦର ନିର୍ବାଚନ ଫଳାଫଳ ଶନିବାର ପ୍ରକାଶ ପାଇଛି। ୫ ନଂ ୱାର୍ଡରେ ଦୁଇ ସମ୍ପର୍କୀୟ ଭାଇ ପରସ୍ପର ବିରୋଧରେ ଲଢୁଥିଲେ। ଦୁଇ ଭାଇଙ୍କ ଲଢ଼େଇରେ ସ୍ୱାଧୀନ ପ୍ରାର୍ଥୀଙ୍କୁ ଫାଇଦା ହୋଇଛି। ଏଠାରେ ସ୍ୱାଧୀନ ପ୍ରାର୍ଥୀ ଆଇ. ମୂରଳି କ୍ରୀଷ୍ଣା ବିଜୟୀ ହୋଇଛନ୍ତି। ସୂଚନାନୁଯାୟୀ ୱାର୍ଡ ନଂ-୫ରେ ଭାଜପାରୁ ସପନ କୁମାର ତ୍ରିପାଠୀ (ବୁଲୁ) ଓ ବିଜେଡିରୁ ଉତ୍ତମ ତ୍ରିପାଠୀ ନିର୍ବାଚନ ଲଢୁଥିଲେ। ଏଠାରେ କଂଗ୍ରେସ ପ୍ରାର୍ଥୀ ଦେଇ ନ ଥିବା ବେଳେ ସ୍ୱାଧୀନ ପ୍ରାଥୀଭାବେ ଆଇ. ମୁରଳୀ କ୍ରିଷ୍ଣା ନିର୍ବାଚନ ଲଢୁଥିଲେ। ବିଜେଡିର ଉତମଙ୍କୁ ୨୭୨, ଭାଜପାର ସପନଙ୍କୁ ୨୬୧ ଭୋଟ ମିଳିଛି। ସ୍ୱାଧୀନ ପ୍ରାର୍ଥୀ ଆଇ. ମୂରଳି କ୍ରୀଷ୍ଣା ୩୧୮ ଭୋଟ ପାଇଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡିର ଉତମଙ୍କୁ ୪୬ ଭୋଟରେ ହରାଇଛନ୍ତି।

# ୧୯ ୱାର୍ଡରୁ ୧୧ଟିରେ ସ୍ୱାଧୀନ ପ୍ରାର୍ଥୀ

## ଅଧ୍ୟକ୍ଷ ପଦ ବି ହାତେଇଲେ ସ୍ୱାଧୀନ

## ଗୁଣପୁର ରାଜନୀତିରେ ନୂତନ ସମୀକରଣ



ନବ ନିର୍ବାଚିତ ପୌରାଧ୍ୟକ୍ଷା ମମତା ଗୌଡ଼(ମଝି) ବିଜୟ ଶୋଭାଯାତ୍ରା କରୁଛନ୍ତି।

**ଗୁଣପୁର,୨୬।୩(ଡି.ଏନ୍.ଏ.)-**

ରାୟଗଡ଼ା ଜିଲା ଗୁଣପୁର ପୌର ପରିଷଦରେ ଜଣେ ସ୍ୱାଧୀନ ପ୍ରାର୍ଥିନୀଙ୍କ ହାତକୁ ଚାଲିଯାଇଛି ଅଧ୍ୟକ୍ଷ ଆସନ। ସେହିପରି ୧୯ ୱାର୍ଡ ମଧ୍ୟରୁ ୧୧ଟିରେ ସ୍ୱାଧୀନ ପ୍ରାର୍ଥୀ ବାଜି ମାରି ନେଇଛନ୍ତି। ଏହା ଗୁଣପୁର ରାଜନୀତିରେ ନୂତନ ଇତିହାସ ସୃଷ୍ଟି କରିଛି।

ପୌରାଧ୍ୟକ୍ଷା ଆସନ ପାଇଁ ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷ ଶିବପ୍ରସାଦ ଗୌଡ଼ଙ୍କ ସ୍ତ୍ରୀ ମମତା ଗୌଡ଼ ସ୍ୱାଧୀନ ପ୍ରାର୍ଥୀ ଥିଲେ। ସେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡିର ସଞ୍ଜୁକ୍ତା ସାହୁଙ୍କୁ ହରାଇ ଗୁଣପୁର ପୌର ପରିଷଦର ପ୍ରଥମ ପୌରାଧ୍ୟକ୍ଷା ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ଅନ୍ୟପକ୍ଷରେ ବିଜେଡି ପକ୍ଷରୁ ଜିଲା ସଭାପତି ସୁଧୀର ଦାସଙ୍କ ବଡ଼ ଭଉଣୀ ସଞ୍ଜୁକ୍ତା ସାହୁ ପ୍ରାର୍ଥୀ ଥିଲେ। ବିଜେଡି ପାଇଁ ଏହା ସମ୍ମାନର ପ୍ରଶ୍ନ ଥିଲା। ଦଳ ସଞ୍ଜୁକ୍ତାଙ୍କୁ ଜିତାଇବାକୁ ସମସ୍ତ ଉଦ୍ୟମ କରି ମଧ୍ୟ ବିଫଳ ହେବାକୁ ପଡ଼ିଛି।

ବିଜେଡି ପାଇଁ ଜିଲା ପର୍ଯ୍ୟବେକ୍ଷକ ଅତନୁ ସବ୍ୟସାଚୀ ନାୟକ, ରାଜ୍ୟ ସଭା ସଦସ୍ୟ ଏନ୍. ଭାସ୍କର ରାଓ, ଜିଲା ସଭାପତି ତଥା ରାଜ୍ୟ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ଉପଦେଷ୍ଟା ସୁଧୀର ଦାସ, ଅନୁସୂଚିତ ଜାତି ଏବଂ ଜନଜାତି କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା ପ୍ରମୁଖ ପ୍ରଚାର ମଙ୍ଗ ସମ୍ଭାଳିଥିଲେ। ହେଲେ ଦଳର ସମସ୍ତ ରଣନୀତି ଏଠାରେ ଫେଲ୍ ମାରିଛି। ସମସ୍ତ ୧୯ ୱାର୍ଡରେ ମଧ୍ୟ ସ୍ୱାଧୀନ କାଉନ୍‌ସିଲର ପ୍ରାର୍ଥୀମାନେ ବିଜେଡିକୁ କଡ଼ା ଟକ୍କର ଦେଇଛନ୍ତି। ୧୧ଟି ୱାର୍ଡ ସ୍ୱାଧୀନ ପ୍ରାର୍ଥୀଙ୍କ ହାତକୁ ଯାଇଥିବାବେଳେ ବିଜେଡିକୁ ମାତ୍ର ୮ଟିରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ଏଭଳି ପରିସ୍ଥିତିରେ ବିଜେଡି ଉପାଧ୍ୟକ୍ଷ ଆସନ ମଧ୍ୟ ପାଇବ ନାହିଁ। ଗୁଣପୁର ଜନସାଧାରଣ ଏଠାରେ ନୂତନ ରାଜନୈତିକ ସମୀକରଣ ସୃଷ୍ଟି କରିଛନ୍ତି। ଉଲ୍ଲେଖଯୋଗ୍ୟ, ଗୁଣପୁରରେ ୬ ଅଧ୍ୟକ୍ଷା ପ୍ରାର୍ଥିନୀ ଏବଂ ୫୯ କାଉନସିଲର ପ୍ରାର୍ଥୀ ଚଳିତ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ।

ମନେ ପଡ଼ନ୍ତି

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ



୰ ଲାଲବାହାଦୁର ସାହୁ
(ପୂର୍ବତନ ନଗରପାଳ, କୋଣାର୍କ ଏନଏସି )
ଆବିର୍ଭାବ:- ୧୧.୦୧.୧୯୬୬
ତିରୋଧାନ:- ୧୮.୦୩.୨୦୨୦
ଆପଣଙ୍କ ଅମର ଆତ୍ମାର ସଦଗତି ପାଇଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା।
-: ଶୋକସନ୍ତପ୍ତ :-
ପତ୍ନୀ,ପୁଅ, ବୋହୂ, ଝିଅ, ଜ୍ୱାଇଁ ଓ ବନ୍ଧୁ ପରିବାରବର୍ଗ
ଧ-୨୩୪୯୩

ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ସବିତା ଖଣ୍ଡୁଆଳ
ଅବସରପ୍ରାପ୍ତ ଓ.ଇ.ଏସ.
ସ୍ୱାମୀ: ଲେଖକ ଇଂ. ହାଡ଼ିବନ୍ଧୁ ଖଣ୍ଡୁଆଳ
ଆବିର୍ଭାବ-୦୯।୧୨।୧୯୪୪
ତିରୋଧାନ- ୨୭।୦୩।୨୦୨୧, କୋଟିତୀର୍ଥ, ଭୁବନେଶ୍ୱର
ମା, ତୁମେ ବାପାଙ୍କ ସହିତ ମିଶି ଜଗତ୍‌ସିଂହପୁର ଜିଲ୍ଲାର ପଲ୍ଲୀକଣ୍ଠା ପଞ୍ଚାୟତରେ ଉଚ୍ଚ ବିଦ୍ୟାଳୟ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରତିଷ୍ଠା କଲ ଓ କେତେକ ଗ୍ରାମକୁ ଅର୍ଥ ଦେଇ ମନ୍ଦିର ପ୍ରତିଷ୍ଠା କଲ। ତୁମେ ଚାଲିଗଲା ପରେ ପଞ୍ଚାୟତର ବିଦ୍ୟାଳୟମାନଙ୍କରେ ବିଭିନ୍ନ ପ୍ରତିଯୋଗିତା ସହ ଆଦର୍ଶ (ଶିକ୍ଷକ, କୃଷକ, ବୃଦ୍ଧ, ଅଙ୍ଗନବାଡ଼ି କର୍ମୀ, ସ୍ୱାସ୍ଥ୍ୟକର୍ମୀ, ପରିବେଶ ଗ୍ରାମ, ସଂକୀର୍ତ୍ତନ ମଣ୍ଡଳୀ, ଦୋଳି, ଝୋଟି) ମାନଙ୍କୁ ଲୋକ ଲୋଚନକୁ ଆଣି ପୁରସ୍କୃତ କରିବ କିଏ?
ଦେବାଶିଷ, ରଶ୍ମିତା, ଧର୍ମଶିଷ, ସୁଜାତା, ଦେବୀପ୍ରସାଦ, ଦେବସ୍ମିତା।
ଧ-୨୩୪୬୭

୨୩ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଗୋବିନ୍ଦ ଚନ୍ଦ୍ର ସେଠୀ
ଭି.ଏସ୍.ଏସ୍. ନଗର, ଭୁବନେଶ୍ୱର
ତିରୋଧାନ:୧୨।୦୩।୧୯୯୯
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୨୩୪୬୨

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୮ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ରବିବାର, ୨୭ ମାର୍ଚ୍ଚ, ୨୦୨୨ Sambalpur, Sunday, March 27/2022

# ଜାତୀୟ ପାରା ଆଥ୍‌ଲେଟିକ୍ସ ୨୮ରୁ



ଲୋଗୋ ଉନ୍ମୋଚନ ଅବସରରେ ଉପସ୍ଥିତ ଅତିଥି ଓ କର୍ମକର୍ତ୍ତା।

- ଲୋଗୋ ଉନ୍ମୋଚିତ
- ଭାଗନେବେ ୧୧୨୦ ଆଥ୍‌ଲେଟ
- ଓଡ଼ିଶାରୁ ୪ ହୁଇଲଚେୟାର ଓ ଅନ୍ୟ ୨୩ ଆଥ୍‌ଲେଟ ଅଂଶଗ୍ରହଣ କରିବେ
- ୧୭୬ ଇଭେଣ୍ଟରେ ହେବ ପ୍ରତିଯୋଗିତା
- ମହିଳା ବିଭାଗରେ ୯୬ ଇଭେଣ୍ଟ

**ଭୁବନେଶ୍ୱର, ୨୬।୩ (କ୍ରୀଡ଼ା ପ୍ରତିନିଧି)**

ପାରାଲିମ୍ପିକ୍ କମିଟି ଅଫ୍ ଇଣ୍ଡିଆ ଆନୁକୂଲ୍ୟରେ ଜାତୀୟ ପାରା-ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ୨୦ତମ ସଂସ୍କରଣ ଚଳିତ ମାସ ୨୮ ତାରିଖରୁ ଏଠାରେ ଆରମ୍ଭ ହେବ। ୩୧ ତାରିଖ ପର୍ଯ୍ୟନ୍ତ ଏହି ସମ୍ମାନଜନକ ପ୍ରତିଯୋଗିତା କଳିଙ୍ଗ ଷ୍ଟାଡିୟମ ଏବଂ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେବ। ଉଦ୍‌ଘାଟନୀ ସମାରୋହ କଳିଙ୍ଗ ଷ୍ଟାଡିୟମରେ ଆୟୋଜନ ହେବ। ପ୍ରତିଯୋଗିତାରେ ୯୮୨ ଆଥ୍‌ଲେଟ ଏବଂ ୧୩୮ ହୁଇଲଚେୟାର ଆଥ୍‌ଲେଟଙ୍କୁ ମିଶାଇ ମୋଟ ୧୧୨୦ ପ୍ରତିଯୋଗୀ ଅଂଶଗ୍ରହଣ କରିବେ ବୋଲି ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପାରାଲିମ୍ପିକ କମିଟି ଅଫ୍ ଇଣ୍ଡିଆ (ପିସିଆଇ) ସଭାପତି ତଥା ଅର୍ଜୁନ, ଖେଳରତ୍ନ ଓ ପଦ୍ମଶ୍ରୀ ପୁରସ୍କାର ବିଜୟିନୀ ଦୀପା ମଲିକ ପ୍ରକାଶ କରିଛନ୍ତି। ଏଥିରେ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ପାରା ଆଥ୍‌ଲେଟ ଆକ୍ସନରେ ଦେଖିବାକୁ ମିଳିବେ। ଏକ ଜାତୀୟ ପ୍ରତିଯୋଗିତା ହୋଇଥିଲେ ହେଁ ଏହା ଅନ୍ତର୍ଜାତୀୟ ସ୍ତରର ଆୟୋଜନ ହେବାକୁ ଯାଉଛି ବୋଲି ସେ କହିଥିଲେ। ପ୍ରତିଯୋଗିତା ଆୟୋଜନ ପାଇଁ ସହଯୋଗର ହାତ ବଢ଼ାଇଥିବାରୁ ସେ ଓଡ଼ିଶା ସରକାର ଓ କିଟ୍ ବିଶ୍ୱବିଦ୍ୟାଳୟକୁ ଧନ୍ୟବାଦ ଜଣାଇଥିଲେ। ଏହି ଅବସରରେ ଜାତୀୟ ପ୍ରତିଯୋଗିତାର ଲୋଗୋ ଉନ୍ମୋଚନ କରାଯାଇଥିଲା। ଖବରଦାତା ସମ୍ମିଳନୀରେ ଦୀପାଙ୍କ ସମେତ ମୁଖ୍ୟ ପ୍ରାୟୋଜକ ଇଣ୍ଡିଆନ ଅଏଲର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (କର୍ପୋରେଟ କମ୍ୟୁନିକେଶନ୍ସ) ଉତ୍ତୀୟ ଭଟ୍ଟାଚାର୍ଯ୍ୟ, ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗର ଯୁଗ୍ମ ସଚିବ ତଥା କଳିଙ୍ଗ ଷ୍ଟାଡିୟମ ପ୍ରଶାସକ ବିଜୟାନନ୍ଦ ନାୟକ, ପାରା ଆଥ୍‌ଲେଟିକ୍ସ ଚେୟାରମ୍ୟାନ ସତ୍ୟନାରାୟଣ ଓ ପାରା ସ୍ପୋର୍ଟ୍ସ ଆସୋସିଏଶନ ଅଫ୍ ଓଡ଼ିଶା ସଭାପତି କମଳାକାନ୍ତ ରଥ ପ୍ରମୁଖ ଉପସ୍ଥିତ ଥିଲେ।

# କେକେଆର୍ ଜିତିଲା ଉଦ୍‌ଘାଟନୀ ମ୍ୟାଚ

**ମୁମ୍ବାଇ, ୨୬।୩**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୧୫ତମ ସଂସ୍କରଣ ଶନିବାର ଆରମ୍ଭ ହୋଇଛି। ୱାଙ୍ଖେଡେ ଷ୍ଟାଡିୟମରେ ଅନୁଷ୍ଠିତ ଉଦ୍‌ଘାଟନୀ ମ୍ୟାଚରେ କୋଲକାତା ନାଇଟ ରାଇଡର୍ସ (କେକେଆର୍) ୬ ଉଇକେଟରେ ଚେନ୍ନାଇ ସୁପରକିଙ୍ଗ୍ସ‌କ ପରାସ୍ତ କରିଛନ୍ତି। ପ୍ରଥମେ ବ୍ୟାଟିଂ କରିଥିବା ଚେନ୍ନାଇ ଦଳ ୨୦ ଓଭରରେ ୫ ଉଇକେଟ ହରାଇ ୧୩୧ ରନ କରିଥିଲା। ଜବାବରେ କୋଲକାତା ୧୮.୩ ଓଭରରେ ୪ ଉଇକେଟ ହରାଇ ୧୩୩ ରନ ସଂଗ୍ରହ କରି ନେଇଥିଲା। ଅଜିଙ୍କ୍ୟ ରାହାନେ ୪୪, ଭେଙ୍କଟେଶ୍ ଆୟାର ୧୬, ନୀତୀଶ ରାଣା ୨୧ ଓ ସାମ୍ ବିଲିଙ୍ଗ୍ସ ୨୫ ରନକରି ଆଉଟ ହୋଇଥିବାବେଳେ ଅଧିନାୟକ ଶ୍ରେୟାସ ଆୟାର୨୦ ରନରେ ଅପରାଜିତ ରହିଥିଲେ। ଚେନ୍ନାଇ ବୋଲରଙ୍କ ମଧ୍ୟରେ ଡ୍ୱେନ ବ୍ରାଭୋ ୩ଟି ଓ ମିଚେଲ ସାଣ୍ଟନର ଗୋଟିଏ ଉଇକେଟ ନେଇଥିଲେ।

ପ୍ରଥମଥର ପାଇଁ କେକେଆର ଦଳର ନେତୃତ୍ୱ ନେଇଥିବା ଶ୍ରେୟାସ ଆୟାର ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ଭାରତୀୟ ଭେଟେରାନ ଦ୍ରୁତ ବୋଲର ଉମେଶ ଯାଦବ ଘାତକ ବୋଲିଂ କରି ଋତୁରାଜ ଗାଏକ୍ୱାଡ (୦) ଓ ଡେଭନ କନୱେ (୩)ଙ୍କୁ ପ୍ୟାଭିଲିୟନ ପଠାଇ ଅଧିନାୟକଙ୍କ ନିଷ୍ପତ୍ତିକୁ ଉଚିତ ସାବ୍ୟସ୍ତ କରିଥିଲେ। ରବିନ ଉଥପ୍ପା (୨୧ ବଲ୍‌ରୁ ୨୮ ରନ, ୨ ଚୌକା, ୨ ଛକା) କେତେକ ଦର୍ଶନୀୟ ଷ୍ଟ୍ରୋକ୍ ଖେଳିଥିଲେ ହେଁ ଚେନ୍ନାଇ କ୍ରମାଗତ ବ୍ୟବଧାନରେ ଉଇକେଟ ହରାଇବାରୁ ୧୦.୫ ଓଭର ବେଳକୁ ସ୍କୋର ୬୧/୫ ହୋଇ ଯାଇଥିଲା। ତେବେ ମହେନ୍ଦ୍ର ସିଂ ଧୋନୀ ଓ ନୂଆ ଅଧିନାୟକ ରବୀନ୍ଦ୍ର ଜାଡେଜା ଅସମାପ୍ତ ୬ଷ୍ଠ ଉଇକେଟରେ ୫୬ ବଲ୍‌ରୁ ୭୦ ରନ ସଂଗ୍ରହ କରି ଦଳକୁ ଏକ ସମ୍ମାନଜନକ ସ୍କୋରରେ ପହଞ୍ଚାଇ ଦେଇଥିଲେ। ଶେଷ ୩ ଓଭରରୁ ଏ ଦୁହେଁ ୪୭ ରନ ସଂଗ୍ରହ କରିଥିଲେ। ୩୮ ବଲ୍‌ରୁ ୭ ଚୌକା ଓ ୧ ଛକା ସହାୟତାରେ ଧୋନୀ ସର୍ବାଧିକ ୫୦ ରନ ସ୍କୋର କରିଥିଲେ। ଆନ୍ଦ୍ରେ ରସେଲଙ୍କ ବଲ୍‌ରେ ଛକା ମାରି ଇନିଂସ ପରିସମାପ୍ତି ଘଟାଇଥିବା ଜାଡେଜା ୨୮ ବଲ୍‌ରୁ ୨୬ ରନରେ ଅପରାଜିତ ରହିଥିଲେ। ଚମତ୍କାର ବୋଲିଂ କରିଥିବା କୋଲକାତା ଦଳର ଉମେଶ ଯାଦବ ୨୦ ରନ ବିନିମୟରେ ୨ଟି ଉଇକେଟ ନେଇଥିଲେ। ବରୁଣ ଚକ୍ରବର୍ତ୍ତୀ ଓ ଆନ୍ଦ୍ରେ ରସେଲଙ୍କୁ ଗୋଟିଏ ଲେଖାଏ ଉଇକେଟ ମିଳିଥିଲା।


ଉମେଶ ଯାଦବ

**ସଂକ୍ଷିପ୍ତ ସ୍କୋର**

ଚେନ୍ନାଇ ସୁପରକିଙ୍ଗ୍ସ ୨୦ ଓଭରରେ ୧୩୧/୫ (ମହେନ୍ଦ୍ର ସିଂ ଧୋନୀ-୫୦*, ରବୀନ୍ଦ୍ର ଜାଡେଜା-୨୬*, ରବିନ ଉଥପ୍ପା-୨୮, ଉମେଶ ଯାଦବ-୨/୨୦, ବରୁଣ ଚକ୍ରବର୍ତ୍ତୀ-୧/୨୩, ଆନ୍ଦ୍ରେ ରସେଲ-୧/୩୮)। କୋଲକାତା ନାଇଟ ରାଇଡର୍ସ ୧୮.୩ ଓଭରରେ ୧୩୩/୪ (ଅଜିଙ୍କ୍ୟ ରାହାନେ-୪୪, ସାମ୍ ବିଲିଙ୍ଗ୍ସ-୨୫, ନୀତୀଶ ରାଣା-୨୧, ଶ୍ରେୟାସ ଆୟାର-୨୦*, ଡ୍ୱେନ ବ୍ରାଭୋ-୩/୧୯, ମିଚେଲ ସାଣ୍ଟନର-୧/୩୧)।

## ଆଇପିଏଲ୍-୧୫

**ଆଜିର ମ୍ୟାଚ**

ଦିଲ୍ଲୀ କ୍ୟାପିଟାଲ୍ସ ବନାମ ମୁମ୍ବାଇ ଇଣ୍ଡିଆନ୍ସ
ସ୍ଥାନ: ମୁମ୍ବାଇ,
ସମୟ: ଅପରାହ୍ନ ୩ଟା ୩୦

ପଞ୍ଜାବ କିଙ୍ଗ୍ସ ବନାମ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର
ସ୍ଥାନ: ମୁମ୍ବାଇ,
ସମୟ: ରାତି ୭ଟା ୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

# ଡିଫା କପ୍ ଫୁଟବଲ: ସେମିରେ ଭୁବନେଶ୍ୱର

**ଧର୍ମଶାଳା, ୨୬।୩(ଡି.ଏନ.ଏ.)**

ଧର୍ମଶାଳା ଫୁଟ୍‌ବଲ ଆସୋସିଏଶନ ଆନୁକୂଲ୍ୟରେ ବାଣୀପୀଠ ଖେଳ ପଡ଼ିଆରେ ଚାଲିଥିବା ୨୪ତମ ଡିଫାକପ ଓ ଚତୁର୍ଥ ରଞ୍ଜିତ ସ୍ୱାଇଁ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟର ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଶନିବାର ଅନୁଷ୍ଠିତ ହୋଇଛି। ଏଥିରେ ଆୟୋଜକ ଡିଫାକୁ ୨-୫ ଗୋଲରେ ପରାସ୍ତ କରି ପ୍ରତାପ କ୍ଲବ ଭୁବନେଶ୍ୱର ସେମିଫାଇନାଲରେ ପ୍ରବେଶ କରିଛି। ମ୍ୟାଚ୍‌ର ପ୍ରଥମାର୍ଦ୍ଧରେ ଡିଫା ଟିମ୍ ୨ଟି ଗୋଲ ଦେଇଥିଲାବେଳେ ଭୁବନେଶ୍ୱର ପ୍ରତାପ କ୍ଲବ ପକ୍ଷରୁ ୨ଟି ଗୋଲ କରିବା ପରେ ମ୍ୟାଚ ଡ୍ର ରହିଥିଲା। ହେଲେ ମ୍ୟାଚ୍‌ର ଦ୍ୱିତୀୟାର୍ଦ୍ଧରେ ଭୁବନେଶ୍ୱର ଲଗାତାର ଭାବେ ୩ଟି ଗୋଲ ଦେଇ ୫-୨ ଗୋଲରେ ବିଜୟୀ ହୋଇଥିଲା। ଡିଫା ଟିମ ପକ୍ଷରୁ ସେକ୍ ଆସିଫ ଅହମ୍ମଦ ୨ଟି ଗୋଲ ଦେଇଥିବା ବେଳେ ଭୁବନେଶ୍ୱର ଟିମ୍ ପକ୍ଷରୁ ବବୁଲ ରାଉତ ୩ଟି, ସାଗର ରାଉତ ଗୋଟିଏ ଓ ଦାରାସିଂ ଜାମୁଡ଼ା ଗୋଟିଏ ଗୋଲ ଦେଇଥିଲେ। ମ୍ୟାଚ୍‌କୁ ସୁଲତାନା ପରୱିନ, ଦେବରାଜ ସ୍ୱାଇଁ ପରିଚାଳନା କରିଥିବା ବେଳେ ଶୈଳେଶ ପାଣି ଓ ସେକ୍ ଆସିଫ ଲାଇନରେ ସହାୟତା କରିଥିଲେ। ମ୍ୟାଚ୍‌ରେ ଚୋରମୁହାଁ ସରପଞ୍ଚ ପ୍ରଦ୍ୟୁମ୍ନ କୁମାର ମହାନ୍ତି ଓ ଯାଜପୁର ସିଟିଓ ଅଶୋକ କୁମାର ସେଠୀ ଅତିଥି ଭାବେ ଯୋଗଦେଇ ବିଜୟୀ ଟିମ୍‌ର ବବୁଲ ରାଉତଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଟ୍ରଫି ପ୍ରଦାନ କରିଥିଲେ। ରବିବାର ସନସାଇନ କ୍ଲବ କଟକ ଓ ପପୁଲାର କ୍ଲବ ଢେଙ୍କାନାଳ ଟିମ୍ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଡିଫା ସମ୍ପାଦକ ପ୍ରବୋଧ ପାତ୍ର ସୂଚନା ଦେଇଛନ୍ତି।

# ଅଲିମ୍ପିଆନ୍ସଙ୍କୁ ସମ୍ବର୍ଦ୍ଧନା

**ମୁମ୍ବାଇ, ୨୬।୩ (ପି.ଟି.)**

ଇଣ୍ଡିଆନ ପ୍ରିମିୟର ଲିଗ୍‌ର ଉଦ୍‌ଘାଟନୀ ମ୍ୟାଚ ପୂର୍ବରୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ସ୍ୱର୍ଣ୍ଣ ପଦକ ବିଜେତା ନୀରଜ ଚୋପ୍ରାଙ୍କ ସମେତ ଟୋକିଓ ଅଲିମ୍ପିଆନ୍ସଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବୋର୍ଡ ପକ୍ଷରୁ ନୀରଜଙ୍କୁ ୧ କୋଟି ଟଙ୍କା ଏବଂ ଟୋକିଓ ଗେମ୍ସରେ ବ୍ରୋଞ୍ଜ ପଦକ ବିଜୟିନୀ ଲଭଲିନା ବୋରଗୋହେନଙ୍କୁ ୨୫ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ବ୍ରୋଞ୍ଜ ପଦକ ଜିତିଥିବା ଭାରତୀୟ ହକି ଦଳକୁ ମଧ୍ୟ ୧ କୋଟି ଟଙ୍କା ଦିଆଯାଇଛି। ଅଧିନାୟକ ମନପ୍ରୀତ ସିଂ ବିସିସିଆଇ ମୁଖ୍ୟ ସୌରଭ ଗାଙ୍ଗୁଲି ଓ ସମ୍ପାଦକ ଜୟ ସାହାଙ୍କଠାରୁ ୧ କୋଟି ଟଙ୍କାର ଚେକ୍ ଗ୍ରହଣ କରିଥିଲେ।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ



**ବାୟୋପିକ୍‌ରେ କ୍ରିତି**
ଟି-ସିରିଜ୍ ପକ୍ଷରୁ ନିର୍ମାଣ ହେବାକୁ ଥିବା ୭୦ ଦଶକର ଲୋକପ୍ରିୟ ନାୟିକା ମୀନା କୁମାରୀଙ୍କ ବାୟୋପିକ୍‌ରେ ଅଭିନୟ କରିବେ କ୍ରିତି ସାନନ। ୦୨

୦୮ **‘ଓସ୍କାର’ରେ ଯୋଗ ଦେଇପାରନ୍ତି ଜେଲେନ୍‌ସ୍କି**
ମାର୍ଚ୍ଚ ୨୭ରେ ଆୟୋଜନ ହେବାକୁ ଥିବା ଓସ୍କାର-୨୦୨୨ ସମାରୋହରେ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ସାମିଲ ହୋଇପାରନ୍ତି।



ପୌର ନିର୍ବାଚନ ଫଳାଫଳ- ସହରରେ ବି ଶଙ୍ଖ !



# ୩୦ଜିଲାରେ ହେବ ସାଟେଲାଇଟ ଯାଞ୍ଚ

**ମୁଲତବୀ ଆଲୋଚନା**
- ଚାଷ ସମ୍ବନ୍ଧୀୟ ତଥ୍ୟ ଜାଣିବା ସହଜ ହେବ
- ବଳକା ଚାଉଳ ନେବାକୁ କେନ୍ଦ୍ରର କୌଣସି ପ୍ରସ୍ତାବ ନାହିଁ: ମନ୍ତ୍ରୀ
- କଟ୍‌ନିଛଟ୍‌ନିରେ ନୟାନ୍ତ ହେଉଛନ୍ତି ଚାଷୀ: ବିରୋଧୀ
- ଧାନ କିଣାରେ ସ୍ୱଚ୍ଛତା ରହୁଛି: ବିଜେଡି

ଭୁବନେଶ୍ୱର,୨୬।୩(ବ୍ୟୁରୋ)

ଧାନ କିଣା ପାଇଁ ପଞ୍ଜୀକରଣ ସମୟରେ ସ୍ୱଚ୍ଛତା ଅବଲମ୍ବନ କରିବାକୁ ଚଳିତ ବର୍ଷ ପ୍ରଥମ ଥର ପାଇଁ ସାଟେଲାଇଟ ମାଧ୍ୟମରେ ବିଭିନ୍ନ ତଥ୍ୟ ଯାଞ୍ଚ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ୭ଟି ଜିଲାରେ ଯଥା ସମ୍ବଲପୁର, ବରଗଡ଼, ବଲାଙ୍ଗୀର, ସୁବର୍ଣ୍ଣପୁର, କଳାହାଣ୍ଡି, ନୂଆପଡ଼ା ଓ କୋରାପୁଟକୁ ପାଇଲଟ ପ୍ରକଳ୍ପ ଭାବେ ନିଆଯାଇଥିଲା। ଏହି ବ୍ୟବସ୍ଥା ଦ୍ୱାରା ଉତ୍ପାଦିତ ହେଉଥିବା ଫସଲର ବାସ୍ତବତା ଜାଣିବା ସହଜ ହେଉଛି। ତେଣୁ ଆସନ୍ତା ରବିଧାନ ସଂଗ୍ରହରେ ଏହି ବ୍ୟବସ୍ଥାକୁ ରାଜ୍ୟର ସମସ୍ତ ୩୦ ଜିଲାରେ ଲାଗୁ କରାଯିବାକୁ ସ୍ଥିର କରାଯାଇଛି ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଶନିବାର ବିଧାନସଭାରେ ସୂଚନା ଦେଇଛନ୍ତି।

ଶନିବାର ବିରୋଧୀ ଦଳଙ୍କ ଦ୍ୱାରା ଆଗତ ମୁଲତବୀ ଜବାବରେ ମନ୍ତ୍ରୀ କହିଛନ୍ତି ଯେ ଆଗରୁ ରାଜ୍ୟରେ ଧାନ କିଣାରେ ବ୍ୟାପକ ଦୁର୍ନୀତି ହେଉଥିଲା। ଆମ ସରକାର ଆସିବା ପରେ ସେ ସବୁ ବନ୍ଦ ହୋଇଯାଇଛି। ଧାନ ବିକିବା ପାଇଁ ଆଧାର ହେଉଛି ଏକମାତ୍ର ପରିଚୟ। ୨୦୨୦-୨୧ ଖରିଫ୍‌ରେ ୧୧.୯୧ ଲକ୍ଷ ଚାଷୀଙ୍କଠାରୁ ଧାନ କିଣାଯାଇଥିବା ବେଳେ ୨୦୨୧-୨୨ରେ ୧୨.୯୧ ଲକ୍ଷ ଚାଷୀ ଅର୍ଥାତ୍ ୮% ଅଧିକ ଚାଷୀ ସରକାରଙ୍କୁ ଧାନ ବିକ୍ରି କରିଛନ୍ତି। ୨୦୨୨ ମାର୍ଚ୍ଚ ୨୫ତାରିଖ ସୁଦ୍ଧା ୧୨.୯୧ ଲକ୍ଷ ଚାଷୀଙ୍କଠାରୁ ୫୭,୧୬,୧୩୨ ମେଟ୍ରିକ ଟନ୍ ଧାନ ସଂଗ୍ରହ କରାଯାଇଛି। ଏ ବାବଦରେ ୧୧,୦୮୯ କୋଟି ଟଙ୍କା ଅନ୍‌ଲାଇନ ଜରିଆରେ ଚାଷୀଙ୍କ ଆକାଉଣ୍ଟକୁ ସିଧାସଳଖ ଯାଇଛି। ଚଳିତ ଖରିଫ୍‌ରେ ଧାନ ଓ ଚାଉଳ ସଂଗ୍ରହ ପାଇଁ ଓଡ଼ିଶା ଯୋଗାଣ ନିଗମ ୧୮,୨୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଋଣ କରିଛି। ବିଳମ୍ବିତ ପ୍ରାପ୍ୟ ଭରଣା ହେତୁ ନିଗମ ପ୍ରାୟ ୪,୫୦୦ କୋଟି ଟଙ୍କାର ସୁଧ ଭାର ବହନ କରୁଛି, ଯାହା ଭରଣା ହୋଇପାରୁ ନାହିଁ। ଏଫ୍‌ସିଆଇ ରାଜ୍ୟରୁ ୨.୭୩ ଲକ୍ଷ ମେଟ୍ରିକ ଟନ୍ ଭିଟାମିନଯୁକ୍ତ ଉଷୁନା ଚାଉଳ ଓ ଅରୁଆ ଚାଉଳ ନେଇଛି। ବଳକା ଚାଉଳ ଉଠାଣ ନେଇ କେନ୍ଦ୍ର ସରକାରଙ୍କଠାରୁ କୌଣସି ନିର୍ଦ୍ଦେଶନାମା ପ୍ରାପ୍ତ ହୋଇ ନାହିଁ ବୋଲି ମନ୍ତ୍ରୀ କହିଛନ୍ତି। ଶେଷରେ ବାଚସ୍ପତି ବିରୋଧୀଙ୍କ ଦ୍ୱାରା ଆଗତ ମୁଲତବୀ ପ୍ରସ୍ତାବକୁ ଅଗ୍ରାହ୍ୟ କରି ଦେଇଥିଲେ।

ମୁଲତବୀ ପ୍ରସ୍ତାବକୁ ସମର୍ଥନ କରି କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଛନ୍ତି ଯେ ଧାନ କିଣାରେ କୋଟି କୋଟି ଟଙ୍କା ଦୁର୍ନୀତି ହେଉଛି। ଭୋଟ ପାଇଁ ଚାଷୀଙ୍କୁ ବ୍ୟବହାର କରାଯାଉଛି। ତେଲ ଦର ଏତେ ବଢ଼ିଲାଣି ଯେ ଚାଷୀ କେମିତି ବଞ୍ଚିବ। ପ୍ରଧାନମନ୍ତ୍ରୀ ଯାହା କରିବେ ମୁଖ୍ୟମନ୍ତ୍ରୀ ସେଥିରେ ହଁ ମାରିବେ। ଏଥିପାଇଁ ଉଭୟ ଦାୟୀ। ରାଜ୍ୟ ସରକାର ଚାଷୀ ଶୋଷଣ ବନ୍ଦ କରନ୍ତୁ। ସେମାନଙ୍କ ଆୟ କେମିତି ବଢ଼ିବ ସେ ଦିଗରେ ପଦକ୍ଷେପ ନିଅନ୍ତୁ ବୋଲି କହିଥିଲେ। କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତି କହିଲେ, କୋରାପୁଟ ଜିଲାରେ ୧୦ କିଲୋରୁ କମ୍ ଧାନ କଟ୍‌ନିଛଟ୍‌ନି ହେଉନି। ଏବେ ବି ଧାନ ମଣ୍ଡିରେ ପଡ଼ିରହିଛି। ଚାଷୀ କାନ୍ଦୁଛି। ଭାଜପା ସଭ୍ୟ ମୋହନ ମାଝି କହିଲେ, ଦଲାଲମାନେ ଚାଷୀଙ୍କୁ ମଣ୍ଡିରେ ଧାନ ନ ବିକି ମିଲରଙ୍କୁ ଦେବାକୁ ଚାପ ପକାଉଛନ୍ତି। ଟୋକନ ଅବଧି ସରିଯାଉଛି। ଧାନ ପଡ଼ିରହୁଛି। ୨୨ ବର୍ଷ ଧରି ଶାସନ ପରେ ମଧ୍ୟ ରାଜ୍ୟ ସରକାର ଧାନ ସଂଗ୍ରହ ନୀତି କରିପାରିଲେ ନାହିଁ। ଭାଜପା ସଭ୍ୟ ମୁକେଶ ମହାଲିଙ୍ଗ ମଧ୍ୟ ଧାନ କିଣାକୁ ନେଇ ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ। ସେ କହିଥିଲେ ଯେ କଟ୍‌ନିଛଟ୍‌ନି ଏକ ସ୍ଥାୟୀ ପଦ୍ଧତିରେ ପରିଣତ ହୋଇଗଲାଣି। ରାଜ୍ୟ ସରକାର ଧାନ କିଣିବାରେ ଫେଲ୍ ମାରିଛନ୍ତି । ଧାନ କିଣା ସବ୍‌ସିଡି ବାବଦରେ କେନ୍ଦ୍ର ସରକାର ୨୦୧୯ରୁ ୨୦୨୧ ମଧ୍ୟରେ ରାଜ୍ୟ ସରକାରଙ୍କୁ ୨୫,୮୨୭ କୋଟି ୪୬ ଲକ୍ଷ ଟଙ୍କା ଦେଇସାରିଛନ୍ତି। ରାଜ୍ୟ ସରକାର କେବଳ କେନ୍ଦ୍ରକୁ ଦୋଷ ଦେବା ଶିଖିଛନ୍ତି।

ଅପରପକ୍ଷରେ ବିଜେଡି ସଭ୍ୟ ଭୂପିନ୍ଦର ସିଂ ବିରୋଧୀଙ୍କ ମୁଲତବୀ ପ୍ରସ୍ତାବକୁ ବିରୋଧ କରି କହିଥିଲେ ଯେ ଭାରତୀୟ ଖାଦ୍ୟ ନିଗମ ଜାଣିଶୁଣି ରାଜ୍ୟରୁ ଚାଉଳ ନେଉନାହିଁ। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି କରିବା ପାଇଁ ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ଗଠିତ ଗୃହ କମିଟିକୁ ପ୍ରଧାନମନ୍ତ୍ରୀ ସାକ୍ଷାତ ପାଇଁ ସମୟ ଦେଲେ ନାହିଁ। ଏହାଠାରୁ ଦୁର୍ଭାଗ୍ୟ ଆଉ କ’ଣ ହୋଇପାରେ। ବିଜେଡି ସଭ୍ୟ ସ୍ନେହାଙ୍ଗିନୀ ଛୁରିଆ କହିଲେ ଯେ ଧାନ ସଂଗ୍ରହ ପାଇଁ ପି- ପାସ୍ ବ୍ୟବସ୍ଥା କରାଯାଇଛି। ଚାଷୀଙ୍କ ଆକାଉଣ୍ଟକୁ ସିଧାସଳଖ ଟଙ୍କା ଯାଉଛି। ଧାନ କିଣାରେ ସ୍ୱଚ୍ଛତା ରକ୍ଷା କରାଯାଉଛି।

# ପେଟ୍ରୋଲ ୮୫, ଡିଜେଲ ୮୪ ପଇସା ବୃଦ୍ଧି

## ୫ ଦିନରେ ୪ ଥର ବଢ଼ିଲାଣି

ନୂଆଦିଲ୍ଲୀ,୨୬।୩



ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ଲଗାତର ଭାବେ ବୃଦ୍ଧି ପାଉଥିବା ଯୋଗୁ ଭାରତ ବଜାରରେ ମଧ୍ୟ ଏହାର ପ୍ରଭାବ ଦେଖିବାକୁ ମିଳୁଛି। ଫଳରେ କ୍ରମାଗତ ୨ୟ ଦିନ ଲାଗି ଦେଶରେ ତୈଳ ଦର ବୃଦ୍ଧି ପାଇଛି। ଭାରତରେ ଦୀର୍ଘଦିନ ଧରି ସ୍ଥିର ରହିଥିବା ପେଟ୍ରୋଲ ଓ ଡିଜେଲ ମୂଲ୍ୟ ଚଳିତ ମାସ ୨୨ତାରିଖରେ ପ୍ରଥମ ଥର ପାଇଁ ବୃଦ୍ଧି ଘଟିଥିଲା। ଏପରିକି ଗତ ୫ଦିନ ମଧ୍ୟରେ ଏହା ୪ର୍ଥ ବୃଦ୍ଧି ବୋଲି ଜଣାପଡ଼ିଛି। ଦେଶର ପ୍ରମୁଖ ତୈଳ ବିପଣନ କମ୍ପାନୀ ଭାରତୀୟ ତୈଳ ନିଗମର ସୂଚନା ଅନୁସାରେ ଶନିବାର ଭୁବନେଶ୍ୱରରେ ପେଟ୍ରୋଲ ୮୫ପଇସା ଓ ଡିଜେଲ ୮୪ ପଇସା ବଢ଼ିଛି। ଏହି ଦର ବୃଦ୍ଧି ଫଳରେ ଏଠାରେ ପେଟ୍ରୋଲ ଲିଟର ପିଛା ୧୦୫.୨୨ ଟଙ୍କାରେ ବିକ୍ରି ହେଉଥିବା ବେଳେ ଡିଜେଲ ଲିଟର ପିଛା ୯୫.୦୨ ଟଙ୍କାରେ କାରବାର ହେଉଛି। ଅପରପକ୍ଷରେ ନୂଆଦିଲ୍ଲୀରେ ମଧ୍ୟ ଉଭୟ ପେଟ୍ରୋଲ ଓ ଡିଜେଲ ମୂଲ୍ୟ ୮୦ ପଇସା ଲେଖାଏ ବୃଦ୍ଧି ଘଟିଛି। ଫଳରେ ସେଠାରେ ପେଟ୍ରୋଲ ଲିଟର ପିଛା ୯୮.୬୧ ଟଙ୍କା ଏବଂ ଡିଜେଲ ଲିଟର ପିଛା ୮୯.୮୭ ଟଙ୍କାରେ ପହଞ୍ଚିଛି। ଏହି ଦର ବୃଦ୍ଧି ଫଳରେ ନୂଆଦିଲ୍ଲୀରେ ଚଳିତ ସପ୍ତାହରେ ମୋଟ ୪ ଥରରେ ୩.୨୦ ଟଙ୍କା ଉଭୟ ପେଟ୍ରୋଲ ଓ ଡିଜେଲ ଉପରେ ମୂଲ୍ୟ ବୃଦ୍ଧି ଘଟିଛି। ସେହିଭଳି ଦେଶର ପ୍ରମୁଖ ମହାନଗର ମୁମ୍ବାଇ, କୋଲକାତା ଓ ଚେନ୍ନାଇ ଭଳି ସହରରେ ପେଟ୍ରୋଲ ଲିଟର ପିଛା ଯଥାକ୍ରମେ ୧୧୩.୩୫ ଟଙ୍କା, ୧୦୮.୦୧ ଟଙ୍କା ଏବଂ ୧୦୪.୪୩ ଟଙ୍କାରେ ବିକ୍ରି ହେଉଛି। ସେହିପରି ଉପରୋକ୍ତ ମହାନଗର ନିଗମଗୁଡ଼ିକରେ ଡିଜେଲ ମୂଲ୍ୟ ଲିଟର ପିଛା ୯୭.୫୫ ଟଙ୍କା, ୯୩.୦୧ ଟଙ୍କା ଏବଂ ୯୪.୪୭ ଟଙ୍କାରେ ପହଞ୍ଚିଛି।

## ୩୧ରେ ଘଣ୍ଟ, ଢୋଲ ବଜାଇବ କଂଗ୍ରେସ

ତୈଳ ଦର ବୃଦ୍ଧି ସାଙ୍ଗକୁ ବିଭିନ୍ନ ଅତ୍ୟାବଶ୍ୟକ ସାମଗ୍ରୀ ଦର ଆକାଶଛୁଆଁ ହୋଇଥିବାରୁ ଏହାର ପ୍ରତିବାଦରେ କଂଗ୍ରେସ ‘ମହଙ୍ଗାଇ ମୁକ୍ତ ଭାରତ ଅଭିଯାନ’ ନାମରେ ମାର୍ଚ୍ଚ ୩୧ରୁ ଏପ୍ରିଲ ୭ ପର୍ଯ୍ୟନ୍ତ ୩ ପର୍ଯ୍ୟାୟ ଆନ୍ଦୋଳନ କରିବାକୁ ଶନିବାର ଘୋଷଣା କରିଛି। ପ୍ରଥମ ପର୍ଯ୍ୟାୟରେ ମାର୍ଚ୍ଚ ୩୧ ପୂର୍ବାହ୍ନ ୧୧ଟାରେ କଂଗ୍ରେସ କର୍ମୀ ଓ ଜନସାଧାରଣ ସେମାନଙ୍କ ଘର ବାହାରେ ଓ ସର୍ବସାଧାରଣ ସ୍ଥଳରେ ଘଣ୍ଟ ଓ ଢୋଲ ବଜାଇ ତେଲ ଦର ବୃଦ୍ଧି ବିରୋଧରେ ପ୍ରତିବାଦ କରିବାକୁ କୁହାଯାଇଛି। ଦଳର ସାଧାରଣ ସମ୍ପାଦକ ତଥା ମୁଖ୍ୟ ମୁଖପାତ୍ର ରଣଦୀପ୍ ସୁର୍ଜେୱାଲା ଏକ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ରନ୍ଧନ ଗ୍ୟାସ, ପେଟ୍ରୋଲ ଓ ଡିଜେଲ ଦର କ୍ରମାଗତ ଭାବେ ବଢ଼ିଚାଲିଥିବାବେଳେ କୁମ୍ଭକର୍ଣ୍ଣ ନିଦ୍ରା ଯାଇଥିବା ଭାଜପା ସରକାରଙ୍କ ଦୃଷ୍ଟି ଆକର୍ଷଣ ଲାଗି ଲୋକେ ସେଦିନ ଏଲ୍‌ପିଜି ସିଲିଣ୍ଡରରେ ଫୁଲମାଳ ପିନ୍ଧାଇବା ସହ ଢୋଲ ଓ ଘଣ୍ଟ ବଜାଇବେ। ଏପ୍ରିଲ ୨ରୁ ୪ କଂଗ୍ରେସ ସମେତ ବିଭିନ୍ନ ଏନ୍‌ଜିଓ, ଧର୍ମୀୟ ତଥା ସାମାଜିକ ସଂଗଠନ ଏବଂ କଲ୍ୟାଣକାରୀ ସଂସ୍ଥା ଦେଶବ୍ୟାପୀ ଜିଲାସ୍ତରରେ ଧାରଣା ଓ ପଦଯାତ୍ରା କରିବେ। ଏପ୍ରିଲ ୭ରେ ସମସ୍ତ ରାଜ୍ୟ ମୁଖ୍ୟାଳୟରେ ‘ମହଙ୍ଗାଇମୁକ୍ତ ଭାରତ’ ଧାରଣା ଓ ଶୋଭାଯାତ୍ରା କରାଯିବ। ନରେନ୍ଦ୍ର ମୋଦି ସରକାର ଦ୍ୱାରା ଦେଶବାସୀ ପ୍ରତାରିତ ହୋଇଛନ୍ତି। ଭୋଟ ପାଇଁ ୧୩୭ ଦିନ ତେଲ ଦର ସ୍ଥିର ଥିଲା। ନିର୍ବାଚନ ଶେଷ ହେବା ପରେ ୫ ଦିନ ହେଲା ଦର ବଢ଼ିଚାଲିଛି।

## ଅତିରିକ୍ତ ଜିଲ୍ଲାପାଳ ଓ କ୍ଷମତାପନ୍ନ ପ୍ରାଧିକାରୀଙ୍କ କାର୍ଯ୍ୟାଳୟ, କଟକ

**ବିଜ୍ଞାପନ**

ସଂଖ୍ୟା ୬୧/ଓ.ପି.ଆଇ.ଡି.    ତା୨୩।୩।୨୦୨୨ରିଖ

**No.F-345:- ଗୋଲ୍‌ଡେନ୍ ଲ୍ୟାଣ୍ଡ ଡେଭ୍‌ଲପର୍ସ କମ୍ପାନୀ ସମୂହ ଯଥା ମେସର୍ସ ଜି.ଏଲ.ପି. ଡେଭ୍‌ଲପର୍ସ ଲିମିଟେଡ ଏବଂ ମେସର୍ସ ଗୋଲ୍‌ଡେନ୍ ଲ୍ୟାଣ୍ଡ ଡେଭ୍‌ଲପର୍ସ ଲିମିଟେଡର ପ୍ରକୃତ ଜମାକାରୀମାନଙ୍କୁ ଚିହ୍ନଟ ପାଇଁ ଅନ୍‌ଲାଇନ ମାଧ୍ୟମରେ ଦରଖାସ୍ତ ଆହ୍ୱାନ ।**

ଏତଦ୍ୱାରା ଓଡ଼ିଶା ରାଜ୍ୟର ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଗୋଲ୍‌ଡେନ୍ ଲ୍ୟାଣ୍ଡ ଡେଭ୍‌ଲପର୍ସ ଗ୍ରୁପ୍ ଅଫ୍ କମ୍ପାନୀ ଓ ଅନ୍ୟାନ୍ୟଙ୍କ ବିରୁଦ୍ଧରେ ଓ.ପି.ଆଇ.ଡି. ଅଧିନିୟମ ଅନୁଯାୟୀ ଗଠିତ ମାନ୍ୟବର ପଦନାମିତ ନ୍ୟାୟାଳୟ (Designated Court), କଟକ କେସ୍ ସଂଖ୍ୟା ଆ.ଏ.ନଂ.-୦୬/୨୦୧୪ରେ ତା୨୩।୧୨।୨୦୧୫ରିଖରେ ପ୍ରଦାନ କରିଥିବା ଆଦେଶର ଅନୁପାଳନ ନିମନ୍ତେ ଗୋଲ୍‌ଡେନ୍ ଲ୍ୟାଣ୍ଡ ଡେଭ୍‌ଲପର୍ସ ଗ୍ରୁପ୍ ଅଫ୍ କମ୍ପାନୀ ଯଥା ମେସର୍ସ ଜି.ଏଲ୍.ପି. ଡେଭ୍‌ଲପର୍ସ ଲିମିଟେଡ ଏବଂ ମେସର୍ସ ଗୋଲ୍‌ଡେନ୍ ଲ୍ୟାଣ୍ଡ ଡେଭ୍‌ଲପର୍ସ ଲିମିଟେଡରେ ପୁଞ୍ଜି ନିବେଶକରି ନିଜର ଜମାରାଶି କିମ୍ବା ଜମି (ପ୍ଲଟ୍) ନ ପାଇ କ୍ଷତିଗ୍ରସ୍ତ ହୋଇଥିବା ପ୍ରକୃତ ଜମାକାରୀମାନଙ୍କୁ ଚିହ୍ନଟ ଓ ସେମାନଙ୍କର ବାସ୍ତବ ଜମା ରାଶିର ପରିମାଣ ନିରୂପଣ ନିମନ୍ତେ ସମ୍ପୃକ୍ତ ଜମାକାରୀମାନଙ୍କଠାରୁ ଅନ୍‌ଲାଇନ୍ ମାଧ୍ୟମରେ ଦାବି ଦରଖାସ୍ତ (Claim application) ଆହ୍ୱାନ କରାଯାଉଅଛି ।

ଆବେଦନକାରୀମାନେ ଓଡ଼ିଶା ସରକାରଙ୍କ ୱେବ୍‌ସାଇଟ୍ www.opid.odisha.gov.in ମାଧ୍ୟମରେ ନିଜେ କିମ୍ବା ‘ମୋ ସେବା କେନ୍ଦ୍ର’ର ସହାୟତା ନେଇ ଅନ୍‌ଲାଇନ୍‌ରେ ଆବେଦନ କରିପାରିବେ । ଅନ୍‌ଲାଇନ୍‌ରେ ଆବେଦନ ପାଇଁ ଏହି ୱେବ୍‌ସାଇଟ୍ ଆସନ୍ତା ତା୦୪।୦୪।୨୦୨୨ରିଖ ପୂର୍ବାହ୍ନ ୧୧.୦୦ଠାରୁ ତା୦୩।୦୬।୨୦୨୨ରିଖ ମଧ୍ୟରାତ୍ରି ୧୨.୦୦ ଘଟିକା ପର୍ଯ୍ୟନ୍ତ ଖୋଲାରହିବ । ‘ମୋ ସେବା କେନ୍ଦ୍ର’ ମାଧ୍ୟମରେ, ଅନ୍‌ଲାଇନ୍‌ରେ ଆବେଦନ ନିମନ୍ତେ ଓଡ଼ିଶା ସରକାରଙ୍କର ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗର ବିଜ୍ଞପ୍ତି ସଂଖ୍ୟା ୫୫୮/ଇ & ଆଇଟି ତା୧୨।୦୨।୨୦୨୧ରିଖରେ ଧାର୍ଯ୍ୟ କରିଥିବା ବିଭିନ୍ନ ଦେୟ (ଫି)ର ପରିମାଣ ନିମ୍ନରେ ସୂଚାଇ ଦିଆଯାଇଅଛି । ଏହି ସମ୍ବନ୍ଧୀୟ କୌଣସି ଅଫ୍‌ଲାଇନ୍ ବା ଫିଜିକାଲ ଦରଖାସ୍ତ ଗ୍ରହଣ କରାଯିବ ନାହିଁ।

ଦରଖାସ୍ତ ସହ ଦରଖାସ୍ତକାରୀ ତାଙ୍କର ପ୍ରାପ୍ୟ ରାଶି ସପକ୍ଷରେ ଦରଖାସ୍ତ ଫର୍ମରେ ସୂଚିତ ସମସ୍ତ ଆବଶ୍ୟକୀୟ ଦସ୍ତାବିଜ / କାଗଜପତ୍ରର ସ୍ୱ-ଅନୁପ୍ରମାଣିତ (self-attested) ନକଲ ସଂଲଗ୍ନ କରିବେ । କୌଣସି କ୍ଷେତ୍ରରେ ଆବଶ୍ୟକ ମନେକଲେ, କର୍ତ୍ତୃପକ୍ଷ ଯେ କୌଣସି ଦରଖାସ୍ତକାରୀଙ୍କ ଜମା ସମ୍ବନ୍ଧୀୟ ଦାବିକୁ ଆୟକର ବିଭାଗ କିମ୍ବା ଅନ୍ୟ କର୍ତ୍ତୃପକ୍ଷଙ୍କ ଯାଞ୍ଚ /ତର୍ଜମା ନିମନ୍ତେ ପଠାଇପାରିବେ। କୌଣସି ଦରଖାସ୍ତ ନକଲି / ଜାଲ୍ କିମ୍ବା ଭୁଲ୍ ତଥ୍ୟ ଉପରେ ଆଧାରିତ ବୋଲି ଦୃଷ୍ଟିକୁ ଆସିଲେ, ସମ୍ପୃକ୍ତ ଦରଖାସ୍ତକାରୀଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ ଫୌଜଦାରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସଙ୍ଗେ ସଙ୍ଗେ ସେହି ଦରଖାସ୍ତଟିକୁ ନାକଚ କରିଦିଆଯିବ। ଅସମ୍ପୂର୍ଣ୍ଣ / ତ୍ରୁଟିଯୁକ୍ତ ଦରଖାସ୍ତଗୁଡିକ ମଧ୍ୟ ନାକଚଯୋଗ୍ୟ ଅଟେ ।

**ମୋ ସେବା କେନ୍ଦ୍ର ମାଧ୍ୟମରେ ଆବେଦନ ପାଇଁ ଧାର୍ଯ୍ୟ ଦେୟ (ଫି)**

| | | |
|---|---|---|
| ୧. | ଅନ୍‌ଲାଇନ୍ ଆବେଦନ ଫର୍ମ ପୂରଣ ଏବଂ ଅପ୍‌ଲୋଡ୍ ପାଇଁ | - ୨୦ ଟଙ୍କା । |
| ୨. | A4 ବା ତହିଁରୁ କମ୍ ଆକାର କାଗଜରେ କଳା /ଧଳା ମୁଦ୍ରଣ (ପ୍ରିଣ୍ଟିଂ) ପାଇଁ | - ୦୫ ଟଙ୍କା । |
| ୩. | ପ୍ରତ୍ୟେକ ପୃଷ୍ଠାର ସ୍କାନିଂ (A4 ଆକାର) ପାଇଁ | - ୦୩ ଟଙ୍କା |

ବି.ଦ୍ର.: ଅନ୍‌ଲାଇନ୍‌ରେ ଆବେଦନ ବେଳେ ଆବେଦନକାରୀ କୌଣସି ବୈଷୟିକ ଅସୁବିଧାର ସମ୍ମୁଖୀନ ହେଲେ ସହାୟତା ପାଇଁ ଟୋଲ୍ ଫ୍ରି ନଂ. ୧୮୦୦୩୪୫୬୭୭୦ କିମ୍ବା ନଂ. ୧୫୫୩୩୫ରେ ପ୍ରତ୍ୟହ ପୂର୍ବାହ୍ନ ୧୦.୦୦ ଘଟିକାରୁ ସନ୍ଧ୍ୟା ୦୬.୦୦ ଘଟିକା ମଧ୍ୟରେ (ରବିବାର ବ୍ୟତୀତ) ଯୋଗାଯୋଗ କରିପାରିବେ।

ସ୍ୱା./- ଅତିରିକ୍ତ ଜିଲ୍ଲାପାଳ ଓ କ୍ଷମତାପନ୍ନ ପ୍ରାଧିକାରୀ, କଟକ
(ADM & Competent Authority, Cuttack)
OIPR-24178/11/0018/2122

## ଏପ୍ରିଲରୁ ମହଙ୍ଗା ହେବ ୮୦୦ ଜରୁରୀ ଔଷଧ



ନୂଆଦିଲ୍ଲୀ,୨୬।୩

ଏପ୍ରିଲ ୧ରୁ ପାରାସିଟାମଲ ସମେତ ୮୦୦ ଜରୁରୀ ଔଷଧ ମହଙ୍ଗା ହେବାକୁ ଯାଉଛି। ଏହିସବୁ ଔଷଧର ଦାମ୍ ୧୦.୭ ପ୍ରତିଶତ ବଢ଼ାଇବାକୁ ଭାରତର ଜାତୀୟ ଔଷଧ ମୂଲ୍ୟ ନିର୍ଦ୍ଧାରଣ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଛନ୍ତି। ଅଧିକାଂଶ ସାଧାରଣ ରୋଗ ଚିକିତ୍ସା ପାଇଁ ଲୋକେ ଏହିସବୁ ଔଷଧ ଉପରେ ନିର୍ଭର କରିଥାନ୍ତି। ଜ୍ୱର, ସଂକ୍ରମଣ, ହୃଦ୍‌ରୋଗ, ଉଚ୍ଚ ରକ୍ତଚାପ, ଚର୍ମ ରୋଗ ଆଦିର ଚିକିତ୍ସା ପାଇଁ ବ୍ୟବହୃତ ପାରାସିଟାମଲ, ଫେନୋବାର୍ବିଟୋନ, ଫିନାଇଟୋଇନ ସୋଡିୟମ, ଆଜିଥ୍ରୋମାଇସିନ, ସାଇପ୍ରୋଫ୍ଲକ୍ସାସିନ ହାଇଡ୍ରୋକ୍ଲୋରାଇଡ୍ ଏବଂ ମେଟ୍ରୋନାଇଡାଜୋଲ୍ ଦର ବଢ଼ିବାକୁ ଯାଉଛି।



# ଭୁବନେଶ୍ୱରରେ 'ସିଲ୍କ ଇଣ୍ଡିଆ' ପ୍ରଦର୍ଶନୀ

ଭୁବନେଶ୍ୱର,୨୬।୩



ଓଡ଼ିଶା କଳା ଓ ହସ୍ତଶିଳ୍ପ ସମିତିର ପ୍ରୟାସରେ ଏକ ୧୦ ଦିନିଆ ସିଲ୍କ ଇଣ୍ଡିଆ ପ୍ରଦର୍ଶନୀ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅଭିନେତ୍ରୀ ଭୂମିକା ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ବିଶେଷକରି ସମଗ୍ର ଭାରତର କାରିଗରମାନେ 'ସିଲ୍କ ଇଣ୍ଡିଆ-ୱେଡିଙ୍ଗ୍ କଲେକ୍ସନ୍' ଥିମ୍ ସହ ପାର୍ବଣ ଋତୁର ଚାହିଦା ପୂରଣ କରିବା ପାଇଁ ନିଜର ଏଥ୍ନିକ୍ ୱେଭସ୍, ପାରମ୍ପରିକ ସିଲ୍କ ଓ କଟନ ଉତ୍ପାଦଗୁଡ଼ିକୁ ପ୍ରଦର୍ଶିତ କରିବା ପାଇଁ ଭୁବନେଶ୍ୱର ଆସିଛନ୍ତି। ଏହି ପରିପ୍ରେକ୍ଷୀରେ ବିଭିନ୍ନ ରାଜ୍ୟର ସୂକ୍ଷ୍ମ ପାରମ୍ପରିକ ସିଲ୍କ, କଟନ ଓ ବୁଣାକାରମାନେ ଚଳିତ ବର୍ଷର ଉକ୍ତ ପ୍ରଦର୍ଶନୀରେ ଅଂଶଗ୍ରହଣ କରିଛନ୍ତି। ଯେଉଁଥିରେ ଆକର୍ଷଣୀୟ ଉତ୍ପାଦ, ବନାରସୀ ସିଲ୍କ,ଗଡ଼ୱାଲ, ଧରମାଭରମ୍, ଜାମଦାନି, ଜମାୱାର ଓ ସମ୍ବଲପୁରୀ ଆଦି ସାମିଲ ରହିଛି। ଏ ସମ୍ପର୍କରେ ସିଲ୍କ ଇଣ୍ଡିଆ-ୱେଡିଙ୍ଗ୍ କଲେକ୍ସନର ଆୟୋଜକ ମାନସ ଆଚାର୍ଯ୍ୟ କହିଛନ୍ତି, ଏହି ହସ୍ତତନ୍ତ ପ୍ରଦର୍ଶନୀର ମୁଖ୍ୟ ସାମାଜିକ ଉଦ୍ଦେଶ୍ୟ ହେଉଛି ବୁଣାକାରମାନଙ୍କୁ ପ୍ରୋତ୍ସାହିତ କରିବା ଏବଂ ହସ୍ତତନ୍ତ ଶିଳ୍ପକୁ ଏକ ବଜାର ପ୍ରଦାନ କରିବା। ଏହି ପ୍ରଦର୍ଶନୀଗୁଡ଼ିକ ମାଧ୍ୟମରେ ଆମେ ବୁଣାକାର ଓ ସେମାନଙ୍କୁ ହସ୍ତତନ୍ତ ବୁଣା ସାମଗ୍ରୀଗୁଡ଼ିକ ପାଇଁ ଯେଉଁଠାରେ ପ୍ରଦର୍ଶନୀ ସମ୍ଭବ ନୁହେଁ ସେଠାରେ ମଧ୍ୟ ଉନ୍ନତ ବଜାର ସୃଷ୍ଟି କରିବାକୁ ସକ୍ଷମ ହୋଇଛୁ। ପ୍ରଦର୍ଶନର ଉଦ୍ଦେଶ୍ୟ ହେଉଛି ବ୍ୟବସାୟୀଙ୍କ ବିନା ଗ୍ରାହକଙ୍କ ନିକଟରେ ସିଧାସଳଖ ଶୁଦ୍ଧ ସିଲ୍କ ଓ କଟନ ଉତ୍ପାଦ ପହଞ୍ଚାଇବା। ପ୍ରଦର୍ଶିତ ହେଉଥିବା କଟନ ଓ ସିଲ୍କ ହସ୍ତତନ୍ତ ଉତ୍ପାଦଗୁଡ଼ିକର ମୂଲ୍ୟ ୫୦୦ ଟଙ୍କାରୁ ଆରମ୍ଭ କରି ସ୍ୱତନ୍ତ୍ର ହାତ ତିଆରି ଶାଢ଼ିଗୁଡ଼ିକ ପାଇଁ ୧,୫୦,୦୦୦ ଟଙ୍କା ମଧ୍ୟରେ ରହିଛି।

## ୧୦୦ ଘରୋଇ ବିମାନ ଉଡ଼ାଣ ଆରମ୍ଭ କରିବ 'ଇଣ୍ଡିଗୋ'

**ନୂଆଦିଲ୍ଲୀ,୨୬।୩:** ଗ୍ରୀଷ୍ମକାଳୀନ ଅବଧି ପାଇଁ ଦେଶର ପ୍ରମୁଖ ଏୟାରଲାଇନ୍ ସଂସ୍ଥା 'ଇଣ୍ଡିଗୋ' ଦେଶର ପ୍ରମୁଖ ଘରୋଇ ମେଟ୍ରୋ ସହର ଏବଂ ଆଞ୍ଚଳିକ କେନ୍ଦ୍ରଗୁଡ଼ିକୁ ଯୋଡ଼ିବା ପାଇଁ ରବିବାର ଅର୍ଥାତ୍ ଫେବୃଆରୀ ୨୭ଠାରୁ ୧୦୦ଟି ବିମାନ ଉଡାଣ ଆରମ୍ଭ କରିବ। ୨୦ଟି ବିଶେଷମାର୍ଗରେ ଏହି ଫ୍ଲାଇଟ୍‌ଗୁଡ଼ିକ ଚଳାଚଳ କରିବ। ଏଥିସହିତ ଇଣ୍ଡିଗୋ ପକ୍ଷରୁ ରବିବାର ଦିନ ପ୍ରୟାଗରାଜ-ଲକ୍ଷ୍ନୌ ରିଜିଓନାଲ୍ କନେକ୍ଟିଭିଟି ସ୍କିମ୍ (ଆରସିଏସ୍) ମାର୍ଗ ଆରମ୍ଭ କରିବ। ଏହାଛଡ଼ା ୧୬ଟି ବିଶେଷ ବିମାନର ପୁଣିଥରେ ଉଡ଼ାଣ ଆରମ୍ଭ କରିବା ଦିଗରେ କମ୍ପାନୀ ପକ୍ଷରୁ ଯୋଜନା କରାଯାଉଛି। ଏହି ନୂଆ ମାର୍ଗ ଆମ ଘରୋଇ କଲେକ୍ଟିଭିଟିକୁ ବଢାଇବା ସହିତ ନିର୍ଦ୍ଦିଷ୍ଟ ସହିତ ଲୋକଙ୍କ ଭ୍ରମଣ ଚାହିଦାକୁ ମଧ୍ୟ ପୂରଣ କରିବ ବୋଲି ଇଣ୍ଡିଗୋ ମୁଖ୍ୟ ରଣନୀତିକାର ଏବଂ ରେଭେନ୍ୟୁ ଅଫିସର ସଞ୍ଜୟ କୁମାର କହିଛନ୍ତି। ଏହା ଉତ୍ତର, ପୂର୍ବ ଦକ୍ଷିଣ ପଶ୍ଚିମ ସ୍ଥାନଗୁଡ଼ିକ ମଧ୍ୟରେ ଅନ୍ତର ହ୍ରାସ କରି ସଂଯୋଗ ଦୃଢ଼ କରିବ।

# ଭାରତ ମସଲା ପକ୍ଷରୁ କିଶୋରଙ୍କୁ ସମ୍ବର୍ଦ୍ଧନା



କଟକ,୨୬।୩

ଚଳିତ ପଞ୍ଚାୟତ ନିର୍ବାଚନରେ ନିର୍ବାଚିତ ହୋଇଥିବା କଟକ ଜିଲାର ଜିଲା ପରିଷଦ ଅଧ୍ୟକ୍ଷ କିଶୋର କୁମାର ମିଶ୍ରଙ୍କୁ ନିକଟରେ ଭାରତ ମସଲା ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। କମ୍ପାନୀର ବାରଙ୍ଗସ୍ଥିତ ରାମଦାସପୁର କାରଖାନା ପରିସରରେ ଥିବା ଭାରତ ମସଲାର ସମ୍ମିଳନୀ କକ୍ଷରେ ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। ଏହି ଅବସରରେ ଭାରତ ମସଲାର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ କିଶୋରଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ସହ ସମ୍ମାନିତ କରିଥିଲେ। ଜଣେ ସଚ୍ଚୋଟ ରାଜନୀତିଜ୍ଞ ଭାବେ କିଶୋର ପୂର୍ବରୁ ନରସିଂହପୁରରୁ ଜିଲା ପରିଷଦ ଭାବେ ନିର୍ବାଚିତ ହୋଇ ଉପାଧ୍ୟକ୍ଷ ପଦ ଦାୟିତ୍ୱ ତୁଲାଇ ଥିଲାବେଳେ ଚଳିତ ବର୍ଷ ୨ୟ ଥର ପାଇଁ ସେ ନିର୍ବାଚିତ ହୋଇ ଅଧ୍ୟକ୍ଷ ହୋଇଛନ୍ତି। ଭାରତ ମସଲା କମ୍ପାନୀର ନିର୍ଦ୍ଦେଶକ ସୁମନ୍ତ କୁମାର ପଣ୍ଡା, ଶ୍ରୀମନ୍ତ କୁମାର ପଣ୍ଡା, ଦିଗନ୍ତ ପଣ୍ଡା, ଜୟ ଭାରତ ଫାଉଣ୍ଡେଶନର ସଭ୍ୟ ପ୍ରଫୁଲ୍ଲ କୁମାର ସିଂ, ଜେନେରାଲ ମ୍ୟାନେଜର ଅରୁଣ କୁମାର ନାୟକ, ଜେନେରାଲ ମ୍ୟାନେଜର ଫାଇନାନ୍ସ ଅଶ୍ୱିନୀ କୁମାର ଦାସଙ୍କ ସମେତ କମ୍ପାନୀର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ୭୮୦୦କୋଟି ଟଙ୍କା ସଂଗ୍ରହ କରିବ ମଣିପୁରମ୍ ଫାଇନାନ୍ସ

ନୂଆଦିଲ୍ଲୀ,୨୬।୩

ଆସନ୍ତା ଆର୍ଥିକ ବର୍ଷ ଅର୍ଥାତ୍ ୨୦୨୨-୨୩ରେ ୭,୮୦୦କୋଟି ଟଙ୍କା ସଂଗ୍ରହ ପ୍ରସ୍ତାବକୁ ଏହାର ବୋର୍ଡ ଅନୁମୋଦନ କରିଥିବା ମଣିପୁରମ୍ ଫାଇନାନ୍ସ ପକ୍ଷରୁ ଶନିବାର ସୂଚନା ଦିଆଯାଇଛି। ଶନିବାର ଆୟୋଜିତ ବୈଠକରେ, ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ କମ୍ପାନୀର ଫଣ୍ଡ ସଂଗ୍ରହ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ଏବଂ ଅନୁମୋଦନ କରାଯାଇଛି। ବୈଠକରେ ଘରୋଇ ପ୍ଲେସ୍‌ମେଣ୍ଟ ମାଧ୍ୟମରେ ୭୮୦୦କୋଟି ଟଙ୍କା ପର୍ଯ୍ୟନ୍ତ ପ୍ରତିଦେୟ ଅଣ-ପରିବର୍ତ୍ତନୀୟ ଡିବେଞ୍ଚର ଜାରି କରାଯିବ ବୋଲି ଆଲୋଚନା ହୋଇଛି। ଏହାଛଡ଼ା ଉକ୍ତ ଗୋଲ୍ଡ ଫାଇନାନ୍ସର ପକ୍ଷରୁ କୁହାଯାଇଛି ଯେ, ଏହାକୁ ବିଏସ୍‌ଇ ଏବଂ ଏନ୍‌ଏସ୍‌ଇ ବଣ୍ଡ୍ ତାଲିକାଭୁକ୍ତ କରିବାକୁ ପ୍ରସ୍ତାବ ଦିଆଯାଇଛି। ବଣ୍ଟନ ସମୟରେ ଉପକରଣର କାର୍ଯ୍ୟକାଳ, ଆବଣ୍ଟନ ତାରିଖ, ପରିପକ୍ୱତା ଏବଂ କୁପନ ସମ୍ପର୍କରେ ବୋର୍ଡ ଦ୍ୱାରା ସ୍ଥିର କରାଯିବ।

# ହାଉସିଂ ଫାଇନାନ୍ସ କମ୍ପାନୀ ସହ ଏସ୍‌ବିଆଇର ସହଭାଗିତା

ମୁମ୍ବାଇ,୨୬।୩

ଗୃହଋଣ ପହଞ୍ଚୁ ନ ଥିବା କିମ୍ବା ଅଭାବ ରହୁଥିବା କ୍ଷେତ୍ର ପାଇଁ ଆବଶ୍ୟକ ଗୃହଋଣ ମଞ୍ଜୁର କରିବା ନିମନ୍ତେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ) ପକ୍ଷରୁ ୫ଟି ହାଉସିଂ ଫାଇନାନ୍ସ କମ୍ପାନୀ ମଧ୍ୟରେ ସହଭାଗିତା ସ୍ଥାପନ କରାଯାଇଛି। ଏସ୍‌ବିଆଇ ସହ ସହଭାଗିତା ସ୍ଥାପନ କରିଥିବା ସଂସ୍ଥାଗୁଡ଼ିକ ହେଉଛନ୍ତି ପିଏନ୍‌ବି ହାଉସିଂ ଫାଇନାନ୍ସ ଲିମିଟେଡ୍, ଆଇଆଇଏଫ୍‌ଏଲ୍ ହୋମ୍ ଫାଇନାନ୍ସ ଲିମିଟେଡ୍, ଶ୍ରୀରାମ ହାଉସିଂ ଫାଇନାନ୍ସ ଲିମିଟେଡ୍, ଏଡେଲ୍‌ୱିସ୍ ହାଉସିଂ ଫାଇନାନ୍ସ ଲିମିଟେଡ୍ ଓ କାପ୍ରି ଗ୍ଲୋବାଲ ହାଉସିଂ ଫାଇନାନ୍ସ ଲିମିଟେଡ୍ ପ୍ରମୁଖ। ନିକଟରେ ମୁମ୍ବାଇଠାରେ ଏହି ରାଜିନାମା ସ୍ୱାକ୍ଷର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

ଏହି ପରିପ୍ରେକ୍ଷୀରେ ଉପରୋକ୍ତ ହାଉସିଂ ଫାଇନାନ୍ସ କମ୍ପାନୀଗୁଡ଼ିକର ମୁଖ୍ୟମାନଙ୍କୁ ଏସ୍‌ବିଆଇର ଅଧ୍ୟକ୍ଷ ଦୀନେଶ ଖାରା ଚୁକ୍ତିନାମା ହସ୍ତାନ୍ତର କରିଥିଲେ। ଏହି ଅବସରରେ ଚେଲ୍ଲା ଶ୍ରୀନିଭାସୁଲୁ ସେଠୀ ପରିଚାଳନା ନିର୍ଦ୍ଦେଶକ, ଏସ୍‌ବିଆଇ, ସଲୋନି ନାରାୟଣ ଉପ ପରିଚାଳନା ନିର୍ଦ୍ଦେଶକ (ଆର୍‌ବି), ଏସ୍‌ବିଆଇ ଓ ମହେଶ ଗୋଏଲ, ସିଜିଏମ୍ (ଆର୍‌ଇ), ଏସ୍‌ବିଆଇ ପ୍ରମୁଖ ଉପସ୍ଥିତ ଥିଲେ।

ଏ ସମ୍ପର୍କରେ ଏସ୍‌ବିଆଇର ଅଧ୍ୟକ୍ଷ ଖାରା କହିଛନ୍ତି, ମିଳିତ ଭାବେ ଋଣ ପ୍ରଦାନ କରିବା କାର୍ଯ୍ୟକ୍ରମ ପାଇଁ ହାଉସିଂ ଫାଇନାନ୍ସ କମ୍ପାନୀଗୁଡ଼ିକ ସହିତ ହାତ ମିଳାଇଥିବାରୁ ଆମେ ଅତ୍ୟନ୍ତ ଆନନ୍ଦିତ।

## ଓପୋ କେ ସିରିଜ୍ ସ୍ମାର୍ଟଫୋନ୍‌ର ବଜାର ପ୍ରବେଶ

**ନୂଆଦିଲ୍ଲୀ,୨୬।୩ :** ଗ୍ଲୋବାଲ ସ୍ମାର୍ଟ-ଡିଭାଇସ୍ ବ୍ରାଣ୍ଡ ଓପୋ ପକ୍ଷରୁ ଏହାର କେ ସିରିଜ୍ ସ୍ମାର୍ଟଫୋନ୍ କେ୧୦ର ବଜାର ପ୍ରବେଶ ସମ୍ପର୍କରେ ଶନିବାର ଘୋଷଣା କରାଯାଇଛି। ଏହି ଅଲ୍‌ରାଉଣ୍ଡର ସ୍ମାର୍ଟଫୋନ୍‌ରେ ଫ୍ଲାଗ୍‌ସିପ୍ ଗ୍ରେଡ୍ ଏଆଇ-ଏନ୍‌ହାନ୍ସଡ୍ ଫିଚର ସହିତ ଏକ ୫୦ଏମ୍‌ପି ଏଆଇ ଟ୍ରିପଲ ରିୟର କ୍ୟାମେରା ରହିଛି। ଏହା ରାମ୍ ଏକ୍ସପାନଶନ ଟେକ୍ନୋଲୋଜି, ଲାଇଟ୍‌ନିଂ-ଫାଷ୍ଟ ୩୩ ୱାଟ୍ ସୁପରଭିଓଓସି ଚାର୍ଜିଂ ସହ ୫୦୦୦ ଏମ୍‌ଏଏଚ୍ ବ୍ୟାଟେରି, ୧୬.୭୩ସେମି ପଞ୍ଚ-ହୋଲ୍ ଡିସ୍‌ପ୍ଲେ ଓ ଓପୋର ପ୍ରୋପ୍ରିଏଟାରି ଗ୍ଲୋ ଡିଜାଇନ୍ ସହ ଏକ ପ୍ରିମିୟମ ଟୁ-ଟୋନ୍‌ଡ ସ୍କ୍ରାଚ୍-ରେଜିଷ୍ଟାଣ୍ଟ ବ୍ୟାକ୍ ସହିତ ଆସୁଛି। ଏହି ଡିଭାଇସ୍ ୧୧ଟି ଭାରତୀୟ ଭାଷା ପାଇଁ ସପୋର୍ଟ ସହିତ କଲର୍‌ଓଏସ୍ ୧୧.୧ରେ ପରିଚାଳିତ ହେଉଛି।

# ବେଦାନ୍ତ ପକ୍ଷରୁ ଦକ୍ଷତା ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଭୁବନେଶ୍ୱର,୨୬।୩



ଦେଶର ପ୍ରମୁଖ ଆଲୁମିନା ଉତ୍ପାଦନକାରୀ କମ୍ପାନୀ ବେଦାନ୍ତ ଲିମିଟେଡ୍ ଲାଞ୍ଜିଗଡ଼ ୟୁନିଟ୍ ପକ୍ଷରୁ ସ୍ଥାନୀୟ ଯୁବବର୍ଗଙ୍କ ମଧ୍ୟରେ ଏକ ଦକ୍ଷତା ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମ ଲାଗି କମ୍ପାନୀ ନାବାର୍ଡ ସହିତ ସହଯୋଗିତା ସ୍ଥାପନ କରିଥିବା ବେଳେ ବେଦାନ୍ତ ଫାଉଣ୍ଡେଶନ ଏହାର କାର୍ଯ୍ୟକାରିତାକୁ ଗୁରୁତ୍ୱ ଦେଇଛି। ଏ ସମ୍ପର୍କରେ ଧ୍ରୁବପ୍ରସାଦ ସିଂହ, ଲିଡ୍ ଡିଷ୍ଟ୍ରିକ୍ଟ ମ୍ୟାନେଜର କଳାହାଣ୍ଡି ଓ ବିଭୁଦେନ୍ଦୁ ପଣ୍ଡା ମୁଖ୍ୟ ସିଏସ୍‌ଆର୍ (ବେଦାନ୍ତ ଲାଞ୍ଜିଗଡ଼)ଙ୍କ ଉପସ୍ଥିତିରେ ମଳୟ କୁମାର ମେହେର, ଜିଲା ବିକାଶ ପ୍ରବନ୍ଧକ, ନାବାର୍ଡ ଉକ୍ତ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ଚଳିତ ମାସରୁ ଆରମ୍ଭ ହୋଇ ୩ ମାସ ପର୍ଯ୍ୟନ୍ତ ଏହା ଜାରି ରହିବ। ମହାମାରୀ ପରବର୍ତ୍ତୀ ସମୟରେ ଆତିଥେୟତା ଓ ପର୍ଯ୍ୟଟନ କ୍ଷେତ୍ରରେ ଅର୍ଦ୍ଧକୁଶଳୀ ଶ୍ରମ ଶକ୍ତି ଚାହିଦାରେ ହେଉଥିବା ବୃଦ୍ଧିକୁ ବିଚାରକୁ ନେଇ ହାଉସକିପିଂ ଟ୍ରେଡ୍ ଚୟନ କରାଯାଇଛି। କାରଖାନା ଆଖପାଖରେ ଥିବା ୮ ଗ୍ରାମରୁ ପ୍ରଥମ ବ୍ୟାଚ୍‌ର ୩୦ ଜଣ ପିଲା ଆସିଛନ୍ତି। ଏହି ୯୦ ଦିନିଆ କାର୍ଯ୍ୟକ୍ରମ ଶେଷ ହେବା ପରେ ଏହି ବ୍ୟାଚ୍ ଅର୍ଦ୍ଧକୁଶଳୀ ଶ୍ରମ ଶକ୍ତି ବର୍ଗକୁ ଉନ୍ନୀତ ହେବେ। ଏହି ପ୍ରକଳ୍ପରେ ୨୦୨୨-୨୩ ଆର୍ଥିକ ବର୍ଷରେ ଅତିକମ୍‌ରେ ୩୦୦ ଯୁବବର୍ଗଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିବାକୁ ବେଦାନ୍ତ ଲକ୍ଷ୍ୟ ରଖିଛି। ଏହି ଅଞ୍ଚଳରେ ନିରନ୍ତର ଜୀବନଜୀବିକାକୁ ସୁଦୃଢ଼ କରିବା ଲାଗି କମ୍ପାନୀର ରହିଥିବା ଲକ୍ଷ୍ୟ ରଖିଥିବା ବେଦାନ୍ତ ଲାଞ୍ଜିଗଡ଼ ଡେପୁଟି ସିଇଓ ଜି.ଜି. ପଲ୍ କହିଛନ୍ତି।

## ରୁଷୀୟ କମ୍ପାନୀ ସହ ସମ୍ପର୍କକୁ ଏଡ଼ାଇଲା ଇନ୍‌ଫୋସିସ୍

**ନୂଆଦିଲ୍ଲୀ,୨୬।୩:** ୟୁକ୍ରେନ୍ ସହ ଯୁଦ୍ଧ ପରେ ରୁଷିଆରେ କାର୍ଯ୍ୟ କରୁଥିବା ପ୍ରମୁଖ ଆଇଟି କମ୍ପାନୀ ଇନ୍‌ଫୋସିସ୍ ଅସୁବିଧାରେ ପଡ଼ିଛି। ଏ ସମ୍ପର୍କରେ ବ୍ରିଟିଶ୍ ମିଡିଆ ଆଉଟ୍‌ଲେଟ୍ ସ୍କାଇ ନ୍ୟୁଜ୍ ପକ୍ଷରୁ ଇନ୍‌ଫୋସିସ୍‌ର ସହ ସଂସ୍ଥାପକ ନାରାୟଣ ମୂର୍ତ୍ତିଙ୍କ ଜ୍ୱାଇଁ, ବ୍ରିଟିଶ ଅର୍ଥମନ୍ତ୍ରୀ ଋଷି ସନକଙ୍କ ବୟାନ ସଂଗ୍ରହ କରାଯାଇଛି। ସନକଙ୍କ ସ୍ତ୍ରୀ ଅକ୍ଷତ ମୂର୍ତ୍ତିଙ୍କର ଇନ୍‌ଫୋସିସ୍‌ରେ ୧%ରୁ କମ୍ ଅଂଶଧନ ରହିଛି। ସଂଗୃହୀତ ବୟାନ ଅନୁସାରେ ଇନ୍‌ଫୋସିସ୍‌ର ସ୍ଥାନୀୟ କମ୍ପାନୀ ସହ କୌଣସି ସମ୍ପର୍କ ନାହିଁ ବୋଲି କୁହାଯାଇଛି। ଏହାଛଡ଼ା ରୁଷିଆରେ ଇନ୍‌ଫୋସିସ୍‌ର ଏକ ଛୋଟ ଟିମ୍ କାମ କରୁଛି, ଯେଉଁଥିରେ ୧୦୦ରୁ କମ୍ କର୍ମଚାରୀ କାର୍ଯ୍ୟ କରୁଛନ୍ତି। ଏହାଛଡ଼ା ଇନ୍‌ଫୋସିସ୍ ୟୁକ୍ରେନ୍ ପୀଡ଼ିତଙ୍କୁ ୧କୋଟି ଡଲାରର ଆର୍ଥିକ ସହଯୋଗ କରିଛି।

ଫୁର୍‌ସତ୍

# ମନୋରଞ୍ଜନ ଏକ ଆବଶ୍ୟକତା



### ବିଶ୍ୱ ଥିଏଟର ଦିବସ

ଚଳଚଞ୍ଚଳ ଜୀବନରେ ମନୋରଞ୍ଜନ ଏବଂ ସାମୟିକ ବିରତି ଅପରିହାର୍ଯ୍ୟ। ଏହା ନ ହେଲେ ପୁଣି ସ୍ୱାଭାବିକ ଭାବେ କାର୍ଯ୍ୟକ୍ଷମ ହେବା କଷ୍ଟକର ହୋଇପଡ଼ିଥାଏ। ମନରେ ବିଷାଦ ସୃଷ୍ଟି ହୋଇଥାଏ। ସଭ୍ୟତା ସୃଷ୍ଟି ହେବାପରେ ମାନବ ଯେତେବେଳେ ଯାଯାବର ଜୀବନ ଛାଡ଼ି ସ୍ଥାୟୀ ଭାବେ ବସବାସ ଆରମ୍ଭ କଲା ଏହା ପରେପରେ ମନୋରଞ୍ଜନ ଅବା ଅବସର ବିନୋଦନରେ କିଛି ସମୟ ବିତାଇବାକୁ ଚିନ୍ତା କରିଥିଲା। ପରବର୍ତ୍ତୀ ସମୟରେ ମନୋରଞ୍ଜନର ମାଧ୍ୟମ ବଦଳି ଯାଇଛି। ଭିନ୍ନ ଭିନ୍ନ ମନୋରଞ୍ଜନର ମାଧ୍ୟମ ମଣିଷ ନିଜ ସୁବିଧା ଅନୁସାରେ ଆରମ୍ଭ କରିଛି। ଜୀବନରେ ମନୋରଞ୍ଜନର ଗୁରୁତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଲାଗି ପ୍ରତିବର୍ଷ ମାର୍ଚ୍ଚ ୨୭ରେ ବିଶ୍ୱ ଥିଏଟର ଦିବସ ପାଳନ କରାଯାଇଥାଏ। ଏହା ଏକ ଅନ୍ତର୍ଜାତୀୟ ଦିବସ । ୧୯୬୧ ଜୁନ୍‌ରେ ଅନ୍ତର୍ଜାତୀୟ ଥିଏଟର ପ୍ରତିଷ୍ଠାନ(ଆଇଟିଆଇ)ଦ୍ୱାରା ଏହି ଦିବସ ପାଳନ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଆଇଟିଆଇର ୯ ତମ ବିଶ୍ୱ କଂଗ୍ରେସରେ ଆର୍ଭି କିଭିମା ଏହି ଦିବସ ପାଳନ ଲାଗି ପ୍ରସ୍ତାବ ଦେଇଥିଲେ। ପରେ ୧୯୬୨ ମାର୍ଚ୍ଚ ୨୭ଠାରୁ ଏହି ଦିବସ ପାଳିତ ହୋଇଆସୁଛି। ଏହି ଅବସରରେ ବିଶ୍ୱସ୍ତରରେ ଥିଏଟର ସମ୍ପର୍କିତ ବିଭିନ୍ନ କାର୍ଯ୍ୟକ୍ରମ ଭିନ୍ନ ଭିନ୍ନ ଦେଶ ଏବଂ ସଂଗଠନ ପକ୍ଷରୁ ଆୟୋଜନ କରାଯାଇଥାଏ।

# ୨୨ ବର୍ଷ ପରେ ପୂରା ହେଲା ସ୍ୱପ୍ନ



ଚଣ୍ଡିଗଡ: ମିସେସ୍ ଇଣ୍ଡିଆ ୟୁନିଭର୍ସ ୨୦୨୨ ଟାଇଟଲ ହାତେଇଛନ୍ତି ଅମୃତସରର ଶ୍ୱେତା ଢାଡା। ବିବାହର ୨୨ ବର୍ଷ ପରେ ନିଜ ସ୍ୱପ୍ନ ପୂରା କରିଛନ୍ତି ସେ। ଶ୍ୱେତା କହିଛନ୍ତି, ମୁଁ ବିବାହ ପରେ ମୋ ପରିବାର ସାହାଯ୍ୟରେ ବିଏଡ୍ ଶେଷ କରିଛି। ତାଙ୍କର ଫ୍ୟାଶନ ଇଣ୍ଡଷ୍ଟ୍ରିରେ ଯିବାର ଇଚ୍ଛା ଥିଲା ବୋଲି ସେ କହିଛନ୍ତି। ବ୍ୟକ୍ତିଗତ ଭାବେ ଏହା ତାଙ୍କର ପ୍ରଥମ ପ୍ରତିଯୋଗିତା। ତାଙ୍କର ୧୦ ବର୍ଷର ଝିଅ ଏବଂ ୧୯ ବର୍ଷର ପୁଅ ଅଛନ୍ତି। ପରିବାର ବନ୍ଧନ ଭିତରେ ଥିଲେ ମଧ୍ୟ ସେ ଜୟପୁରରେ ହେଉଥିବା ମିସେସ୍ ଇଣ୍ଡିଆ ୟୁନିଭର୍ସ-୨୦୨୨ ପ୍ରତିଯୋଗିତାରେ ଭାଗ ନେଇଥିଲେ। ସେଠାରେ ତାଙ୍କୁ ପ୍ଲାଟିନମ୍ କ୍ୟାଟେଗୋରିରେ ବିଜୟିନୀ ବୋଲି ଘୋଷଣା କରାଯାଇଥିଲା।



# ବାୟୋପିକ୍‌ରେ କ୍ରିତି

**ମୁମ୍ବାଇ:** ହିନ୍ଦୀ ଫିଲ୍ମ ଇଣ୍ଡଷ୍ଟ୍ରିରେ କ୍ରିତି ସାନନ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। କ୍ରିତିଙ୍କ ହାତରେ ଏବେ ଏକାଧିକ ଫିଲ୍ମ ଅଫର। ଟି-ସିରିଜ୍ ଦ୍ୱାରା ନିର୍ମାଣ ହେବାକୁ ଥିବା ୮୦ ଦଶକର ପ୍ରଖ୍ୟାତ ନାୟିକା ମୀନା କୁମାରୀଙ୍କ ବାୟୋପିକ୍‌ରେ କ୍ରିତି ମୁଖ୍ୟ ଭୂମିକାରେ ଅଭିନୟ କରିବା ନେଇ ଏବେ ଚର୍ଚ୍ଚା ଜୋର୍ ଧରିଛି। କ୍ରିତି ବର୍ତ୍ତମାନ ସୁଦ୍ଧା ଏ ନେଇ କୌଣସି ପ୍ରତିକ୍ରିୟା ଦେଇ ନ ଥିବାବେଳେ ଟି-ସିରିଜ୍ ପକ୍ଷରୁ ଫିଲ୍ମ ପାଇଁ ଜୋର୍‌ସୋର ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । ବାୟୋପିକ୍‌କୁ ନେଇ କ୍ରିତି ବେଶ୍ ଖୁସି ଥିବା ଆଲୋଚନା ହେଉଛି। ନିକଟରେ ରିଲିଜ୍ ହୋଇଯାଇଛି ଅକ୍ଷୟ କୁମାର ଓ କ୍ରିତି ସାନନ ଅଭିନୀତ 'ବଚ୍ଚନପାଣ୍ଡେ'। ଫିଲ୍ମରେ କ୍ରିତି ଜଣେ ଫିଲ୍ମ ନିର୍ମାତା ଭୂମିକାରେ ଅଭିନୟ କରିଥିବାବେଳେ ତାଙ୍କ ଅଭିନୟକୁ ଦର୍ଶକେ ଖୁବ୍ ପସନ୍ଦ କରିଛନ୍ତି। ୨୦୧୪ରେ କ୍ରିତି 'ହିରୋପନ୍ତୀ' ଜରିଆରେ ବି' ଟାଉନ୍‌ରେ ଏଣ୍ଟ୍ରି କରିଥିଲେ। ଏଥିରେ ଟାଇଗର ସ୍ରଫ୍ କ୍ରିତିଙ୍କ ବିପକ୍ଷରେ ଅଭିନୟ କରିଥିଲେ। ଫିଲ୍ମଟି ବକ୍ସଅଫିସରେ ସଫଳ ହୋଇ ନ ଥିଲା କିନ୍ତୁ କ୍ରିତିଙ୍କ କ୍ୟାରିୟର ପାଇଁ ଏହା ଥିଲା ଷ୍ଟାର୍ଟଅପ୍ । ଆଗାମୀ ଦିନରେ କ୍ରିତିଙ୍କ ଦ୍ୱାରା ଅଭିନୀତ ଶେହେଜାଦା, ଆଦିପୁରୁଷ, ଭେଡିୟା ଏବଂ ଗନପଥ ଫିଲ୍ମ ରିଲିଜ୍ ଅପେକ୍ଷାରେ ରହିଛି।



# ଭାଜପାର ତନୟା ମିଶ୍ର ସୁନ୍ଦରଗଡ଼ ପୌରାଧ୍ୟକ୍ଷା

ସୁନ୍ଦରଗଡ, ୨୬।୩ (ଡି.ଏନ୍.ଏ)

ଶନିବାର ପୌରନିର୍ବାଚନ ଫଳାଫଳ ପ୍ରକାଶ ପାଇଛି । ଏଥିରେ ଭାଜପାର ତନୟା ମିଶ୍ର ସୁନ୍ଦରଗଡ ପୌରପରିଷଦର ପୌରାଧ୍ୟକ୍ଷା ଭାବେ ନିର୍ବାଚିତ ହୋଇଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ବିଜେଡିର ରଞ୍ଜନା ପଣ୍ଡାଙ୍କ ଠାରୁ ୧୨୩୫ଖଣ୍ଡ ଭୋଟ ଅଧିକ ପାଇ ବିଜୟୀ ହୋଇଛନ୍ତି। ପୌରାଧ୍ୟକ୍ଷ ପଦବୀ ପାଇଁ ପ୍ରତିଦ୍ୱନ୍ଦିତା କରିଥିବା ୫ଜଣ ପ୍ରାର୍ଥିନୀଙ୍କ ମଧ୍ୟରୁ ଭାଜପାର ତନୟା ମିଶ୍ର ମୋଟ ୭୮୧୨ଖଣ୍ଡ ଭୋଟ ପାଇଥିବା ବେଳେ ବିଜେଡି ପ୍ରାର୍ଥିନୀ ରଂଜନା ପଣ୍ଡା ୬୫୭୭ ଖଣ୍ଡ ଭୋଟ ପାଇଛନ୍ତି। ହେଲେ ଦଳୀୟ ପ୍ରାର୍ଥୀଙ୍କୁ କଡା ଟକ୍କର ଦେଇ ଭାଜପାର ବିଦ୍ରୋହୀ ତଥା ସ୍ୱାଧୀନ ପ୍ରାର୍ଥିନୀ ନିନିମା ପଟେଲ ୬୫୪୨ ଖଣ୍ଡ ଭୋଟପାଇ ତୃତୀୟ ସ୍ଥାନରେ ରହିଛନ୍ତି। ସେହିପରି କଂଗ୍ରେସ ପ୍ରାର୍ଥିନୀ ସସ୍ମିତା ଯୋଶୀ ମାତ୍ର ୮୫୮ ଖଣ୍ଡ ଭୋଟ ପାଇଥିବାବେଳେ ଅନ୍ୟତମ ସ୍ୱାଧୀନ ପ୍ରାର୍ଥିନୀ ପଦ୍ମା ଦେବୀ ୩୧୦ ଖଣ୍ଡ ଭୋଟ ପାଇଛନ୍ତି। ଏହି ୫ଜଣ ପୌରାଧ୍ୟକ୍ଷା ପ୍ରାର୍ଥିନୀଙ୍କ ମଧ୍ୟରୁ କାହାରିକୁ ପସନ୍ଦ ନ କରି ନୋଟାରେ ୧୮୩ ଖଣ୍ଡ ଭୋଟ ପଡିଥିବା ଜଣାଯାଇଛି। ଏତଦ ବ୍ୟତୀତ ୧୯ଗୋଟି ୱାର୍ଡ ମଧ୍ୟରୁ ୧୧ଟିରେ ବିଜେଡି, ୭ଟିରେ ଭାଜପା ଓ ଗୋଟିଏରେ ସ୍ୱାଧୀନ ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ବିଜୟୀ କାଉନସିଲରମାନେ ହେଲେ ୱାର୍ଡ ନଂ୧ରେ ହେମନ୍ତ ପାଢୀ –ବିଜେଡି, ୱାର୍ଡ ନଂ୨ରେ ଅନୀଲ ମହାପାତ୍ର –ବିଜେଡି, ୱାର୍ଡ ନଂ ୩ ରେ ଏମଡି ଆଜାର ହୁସେନ୍ –ବିଜେଡି, ୱାର୍ଡ ନଂ. ୪ରେ ଶ୍ୱେତା ଶେଫାଳୀ ମୁଣ୍ଡ–ବିଜେଡି, ୱାର୍ଡ ନଂ୫ରେ ଚିରସ୍ମିତା ଯୋଶୀ –ବିଜେଡି, ୱାର୍ଡନଂ. ୬ରେ ଲଲାଟ ପରିଡା –ବିଜେଡି, ୱାର୍ଡ ନଂ.୭ରେ ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ –ବିଜେଡି, ୱାର୍ଡ ନଂ ୮ରେ ଭାରତୀ ପଟେଲ –ଭାଜପା, ୱାର୍ଡ ନଂ୯ରେ ଦୀପାଞ୍ଜଳି ନନ୍ଦ –ଭାଜପା, ୱାର୍ଡ ନଂ. ୧୦ରେ ମିନତି ପୁରୋହିତ –ଭାଜପା, ୱାର୍ଡ ନଂ. ୧୧ ବିଶାଳ କୁମରା– ଭାଜପା, ୱାର୍ଡ ନଂ ୧୨ରେ କୈଳାଶ ତନ୍ତୀ–ବିଜେଡି, ୱାର୍ଡ ନଂ୧୩ ରମେଶ ସୋରେଙ୍ଗ –ଭାଜପା, ୱାର୍ଡ ନଂ ୧୪ ଦୁଶୀଳା ଦଣ୍ଡସେନା –ବିଜେଡି, ୱାର୍ଡ ନଂ. ୧୫ –ସୁଶୀଳା ନାଗ –ବିଜେଡି, ୱାର୍ଡ ନଂ୧୬ରେ ସୁମନ୍ତ କୁମାର ସାହୁ –ସ୍ୱାଧୀନ, ୱାର୍ଡ ନଂ୧୭ରେ ରଜନୀ ରୋହିଦାସ –ବିଜେଡି, ୱାର୍ଡ ନଂ.୧୮ରେ ପୌଷାଳୀ ବାରିକ –ଭାଜପା, ୱାର୍ଡ ନଂ୧୯ରେ –ମମତା ଖାଲକୋ –ଭାଜପା କାଉନସିଲର ଭାବେ ନିର୍ବାଚିତ ହୋଇଛନ୍ତି। ଏହି ନିର୍ବାଚନରେ ୱାର୍ଡ ନଂ୧୬ରେ ବିଜେଡି କାଉନସିଲର ପ୍ରାର୍ଥୀ ହୋଇଥିବା ପୂର୍ବତନ ଉପନଗରପାଳ ପରାଜୟର ମୁହଁଦେଖିଛନ୍ତି। ସେ ବିଜେଡିର ବିଦ୍ରୋହୀ ପ୍ରାର୍ଥୀ ସୁମନ୍ତ ସାହୁଙ୍କ ଠାରୁ ପରାଜିତ ହୋଇଛନ୍ତି। ଏଠାରେ ସୁମନ୍ତ ସାହୁ ୪୫୫ଖଣ୍ଡ ଭୋଟ ପାଇଥିବା ବେଳେ ସୁମନ୍ତ କୁମାର ପଣ୍ଡା ୨୭୬ ଭୋଟ ପାଇଛନ୍ତି। ଶାସକ ବିଜେଡିର ୧୧ଜଣ କାଉନସିଲର ଭାବେ ନିର୍ବାଚିତ ହୋଇଥିବା ବେଳେ ପୌରାଧ୍ୟକ୍ଷା ପଦବୀରେ ଏବଂ ୭ଟି ୱାର୍ଡରେ ଭାଜପା ପ୍ରାର୍ଥୀଙ୍କ ବାଜିମାତ୍ ଶାସକ ବିଜେଡିକୁ ଶକ୍ତ ଝଟକା ଲାଗିଛି। ବିଗତ ୨ଟି ପୌର ପରିଷଦରେ ଉପନଗରପାଳ ଥିବା ରଞ୍ଜନା ପଣ୍ଡା ଓ ସୁମନ୍ତ ପଣ୍ଡାଙ୍କ ପ୍ରାର୍ଥୀତ୍ୱ ସପକ୍ଷରେ ଜନସାଧାରଣ ବହୁମତ ଦେଇ ନ ଥିବାରୁ ସେମାନଙ୍କୁ ପରାଜୟର ମୁହଁ ଦେଖିବାକୁ ମିଳିଛି। ଅପରପକ୍ଷରେ ଚଳିତ ନିର୍ବାଚନରେ ମୋଟ ୩୮ହଜାର ୧୦୪ଜଣ ଭୋଟରଙ୍କ ମଧ୍ୟରୁ ୨୨ହଜାର ୨୮୨ ଜଣ ମତଦାତା ମତଦାନ କରିଥିଲେ।


ଭାଜପାର ତନୟା ମିଶ୍ର ନିର୍ବାଚିତ ହେବା ପରେ ସମର୍ଥକଙ୍କ ଗହଣରେ।

## ଟ୍ରେନରେ କଟି ଯୁବତୀ ମୃତ

କୁଆଁରମୁଣ୍ଡା,୨୬।୩

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ରେଳ ଷ୍ଟେସନ ନିକଟସ୍ଥ କାଲୋସିହିରିଆ ରେଲୱେ ବ୍ରିଜ ଠାରୁ ୧ଶହ ମିଟର ଦୂର ବୁଗଦା ପୁଲିଆ ନିକଟରେ ରେଳଧାରଣରେ ଶନିବାର ୨ଖଣ୍ଡ ହୋଇପଡିଥିବା ଜଣେ ଯୁବତୀଙ୍କର ମୃତଦେହ ଦେଖିବାକୁ ମିଳିଛି। ପରିଚୟ ମିଳିନାହିଁ। ମାଲବାହୀ ଟ୍ରେନ ଯିବାର କିଛି କ୍ଷଣ ପୂର୍ବରୁ ଉକ୍ତ ଯୁବତୀ ଜଣଙ୍କ ରେଳଧାରଣାରେ ଶୋଇ ରହିଥିଲେ। ଫଳରେ ଟ୍ରେନରେ କଟି ତାଙ୍କର ଶରୀର ଦୁଇ ଖଣ୍ଡ ହୋଇଯାଇଛି।




# ଶାନ୍ତିମଞ୍ଜରୀ ଦେଈ ଅଧ୍ୟକ୍ଷା ନିର୍ବାଚିତ

**ଦେବଗଡ଼ ପୌରପରିଷଦ**

**ଭାଜପା ୬, ବିଜେଡି ୪, ସ୍ୱାଧୀନ ୧ଟିରେ ବିଜୟୀ**

ଦେବଗଡ଼, ୨୬।୩(ଡି.ଏନ.ଏ)

ଦେବଗଡ ପୌର ପରିଷଦ ନିର୍ବାଚନର ଫଳାଫଳ ଘୋଷଣା ହୋଇଥିବାବେଳେ ପୌର ପରିଷଦ ଅଧ୍ୟକ୍ଷା ଭାବେ ବିଜେଡି ପ୍ରାର୍ଥିନୀ ଶାନ୍ତିମଞ୍ଜରୀ ଦେଈ ନିର୍ବାଚିତ ହୋଇଛନ୍ତି। ଶାନ୍ତିମଞ୍ଜରୀ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦୀ ଭାଜପା ପ୍ରାର୍ଥିନୀ ମାଧବୀ ଦେବୀଙ୍କୁ ୪୨୮ଟି ଭୋଟରେ ପରାସ୍ତ କରି ବିଜୟୀ ହୋଇଛନ୍ତି। ଶାନ୍ତିମଞ୍ଜରୀ ସର୍ବାଧିକ ୫୨୪୭ଟି ଭୋଟ ପାଇଥିବାବେଳେ ଭାଜପା ପ୍ରାର୍ଥିନୀ ମାଧବୀ ଦେବୀ ମୋଟ ୪୮୧୯ଟି ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ରହିଥିବା ଜଣାପଡିଛି। ସେହିପରି କଂଗ୍ରେସ ପ୍ରାର୍ଥିନୀ ପବନୀ ସାହୁ ମୋଟ ୨୦୮୭ଟି ଭୋଟ ପାଇ ତୃତୀୟ ସ୍ଥାନରେ ରହିଛନ୍ତି। ସେହିପରି ୧୧ ୱାର୍ଡ ବିଶିଷ୍ଟ ଦେବଗଡ ପୌର ପରିଷଦର ୬ଟିୱାର୍ଡରେ ଭାଜପା, ୫ଟିରେ ବିଜେଡ଼ି ପ୍ରାର୍ଥୀପ୍ରାର୍ଥିନୀମାନେ ବିଜୟୀ ହୋଇଥିବା ବେଳେ ସ୍ୱାଧୀନ ପ୍ରାର୍ଥୀ ଗୋଟିଏ ୱାର୍ଡ ଅକ୍ତିଆର କରିଛନ୍ତି। ୧ନମ୍ବର ୱାର୍ଡର ବିଜେଡି କାଉନଶିଲର ପ୍ରାର୍ଥୀ ଭାବେ ପ୍ରମିଳା ବେହେରା, ୨ ନମ୍ବର ୱାର୍ଡର ବିଜେଡି ପ୍ରାର୍ଥିନୀ ସଂଯୁକ୍ତା ଆଚାର୍ଯ୍ୟ, ୩ ନମ୍ବର ୱାର୍ଡରେ ବିଜେଡି ପ୍ରାର୍ଥିନୀ ବାସନ୍ତୀମଣି ମାଝି, ୪ ନମ୍ବର ୱାର୍ଡରେ ଭାଜପା ପ୍ରାର୍ଥୀ ପ୍ରଜିତ କୁମାର ଭୋଜ, ୫ ନମ୍ବର ୱାର୍ଡରେ ବିଜେଡି ପ୍ରାର୍ଥୀ ଯତୀନ କୁମାର ନାୟକ, ୬ ନମ୍ବର ୱାର୍ଡର କାଉନଶିଲର ଭାବେ ସ୍ୱାଧିନ ପ୍ରାର୍ଥୀ ଧର୍ମେନ୍ଦ୍ର କୁମାର ଦେବତା ବିଜୟୀ ହୋଇଛନ୍ତି। ୭ ନମ୍ବର ୱାର୍ଡରେ ଭାଜପା ପ୍ରାର୍ଥିନୀ ପିଙ୍କିରାଣୀ ସାହୁ, ୮ ନମ୍ବର ୱାର୍ଡରେ ଭାଜପା ପ୍ରାର୍ଥୀ ମଧୁସୂଦନ ବାଗ, ୯ନମ୍ବର ୱାର୍ଡରେ ଭାଜପା ପ୍ରାର୍ଥୀନୀ ସରୋଜିନୀ ମୁଣ୍ଡା , ୧୦ ନମ୍ବର ୱାର୍ଡରେ ଭାଜପା ପ୍ରାର୍ଥିନୀ ଇତିଶ୍ରୀ ମିଶ୍ର, ୧୧ନମ୍ବର ୱାର୍ଡରେ ଭାଜପା ପ୍ରାର୍ଥୀ କାର୍ତ୍ତିକ ମହାକୁଳ ବିଜୟୀ ହୋଇଛନ୍ତି। ଦେବଗଡ ପୌର ପରିଷଦର ଅଧ୍ୟକ୍ଷା ଭାବେ ନିର୍ବାଚିତ ହେବା ପରେ ଶାନ୍ତିମଞ୍ଜରୀ ଦେବଗଡ ପୌରାଞ୍ଚଳର ଭୋଟର, ମୁଖ୍ୟମନ୍ତ୍ରୀ, ଦଳୀୟ ପଦାଧିକାରୀ ଏବଂ କର୍ମୀଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏଥିସହ ଦେବଗଡ ପୌରାଞ୍ଚଳର ବିକାଶ ଉପରେ ଗୁରୁତ୍ୱାରୋପ କରିବେ ବୋଲି ଗଣମାଧ୍ୟମ ସମ୍ମୁଖରେ ପ୍ରକାଶ କରିଛନ୍ତି। ଦେବଗଡ ପୌରାଞ୍ଚଳର ବିଭିନ୍ନ ୱାର୍ଡରେ ବିଜୟୀ ପ୍ରାର୍ଥୀ ପ୍ରାର୍ଥିନୀମାନେ ଭିନ୍ନଭିନ୍ନ ଶୈଳୀରେ ନିଜର ସମର୍ଥକ ଏବଂ ଦଳୀୟ ନେତା ଓ କର୍ମୀଙ୍କ ଗହଣରେ ଶୋଭାଯାତ୍ରା ଏବଂ ବାଦ୍ୟଯନ୍ତ୍ରର ତାଳେ ତାଳେ ବିଜୟ ଉତ୍ସବ ପାଳନ କରୁଥିବା ଦେଖିବାକୁ ମିଳିଥିଲା।


ବିଜେଡି ପ୍ରାର୍ଥିନୀ ଶାନ୍ତିମଞ୍ଜରୀ ଦେଈ ନିର୍ବାଚିତ ହେବା ପରେ ସମର୍ଥକଙ୍କ ଗହଣରେ।




# ସଭାପତି ସଚ୍ଚିକାନ୍ତ, ସମ୍ପାଦକ ତରଣିକାନ୍ତ



ଦେବଗଡ଼ ଓକିଲ ସଂଘର କର୍ମକର୍ତ୍ତା।

**ଓକିଲ ସଂଘ ନିର୍ବାଚନ**

ଦେବଗଡ଼,୨୬।୩(ଡି.ଏନ୍.ଏ.)

ଦେବଗଡ଼ ଜିଲା ଓକିଲ ସଂଘର ନିର୍ବାଚନ ତଥା କର୍ମକର୍ତ୍ତା ମନୋନୟନ ଅନୁଷ୍ଠିତ ହୋଇଯାଇଛି। ଶନିବାର ପୂର୍ବାହ୍ନରେ ଜିଲା ନ୍ୟାୟାଳୟ ପରିସରରେ ଥିବା ଓକିଲ ସଂଘ କାର୍ଯ୍ୟାଳୟଠାରେ ସଂଘ ସଭାପତି ପଦ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଛି। ନିର୍ବାଚନ ଅଧିକାରୀ ଭାବେ ବରିଷ୍ଠ ଆଇନଜୀବୀ ଶ୍ରୀବତ୍ସ ମିଶ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ମତଦାନ କାର୍ଯ୍ୟକ୍ରମରେ ସଂଘର ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ। ସଂଘର ସଭାପତି ପଦ ପାଇଁ ଆଇନଜୀବୀ ପ୍ରମଥେଶ ଗୁରୁ ଓ ସଚ୍ଚିକାନ୍ତ ଦାଶଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ହୋଇଥିବାବେଳେ ୪୭–୩୬ ଭୋଟ ବ୍ୟବଧାନରେ ସଚ୍ଚିକାନ୍ତ ଦାଶ ପ୍ରମଥେଶ ଗୁରୁଙ୍କୁ ପରାସ୍ତ କରି ବିଜୟୀ ହୋଇଥିଲେ। ସେହିପରି ଉପସଭାପତି ଭାବେ ସୁଶାନ୍ତ କୁମାର ବିଶ୍ୱାଳ, ସମ୍ପାଦକ ଭାବେ ତରଣିକାନ୍ତ ଦାଶ, ସହସମ୍ପାଦକ ଭାବେ କ୍ଷେତ୍ରବାସୀ ମେହେର ଓ କୋଷାଧ୍ୟକ୍ଷ ଭାବେ ରାଜକିଶୋର ପ୍ରଧାନ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ସେହିପରି କାର୍ଯ୍ୟକାରୀ ସଦସ୍ୟ ଭାବେ ପିଙ୍କିରାଣୀ ନନ୍ଦ, ସରୋଜ କୁମାର ପାତ୍ର, ଟିକେଶ୍ୱର ଧଳ, ବିରେନ କୁମାର ପ୍ରଧାନ, ଶୈଳେନ୍ଦ୍ର କୁମାର ସାହୁ ଓ ସିଦ୍ଧେଶ୍ୱର ଗୁରୁଙ୍କୁ ମନୋନୀତ କରାଯାଇଥିଲା । ଶେଷରେ ବରିଷ୍ଠ ଆଇନଜୀବୀ ଜୟ ଭଗବାନ ଅଗ୍ରୱାଲ ନବ ନିର୍ବାଚିତ ସଦସ୍ୟଙ୍କ ନାମ ଘୋଷଣା କରିଥିଲେ।

## ବୀରମିତ୍ରପୁର ପୌରାଧ୍ୟକ୍ଷ ଭାବେ ସନ୍ଦୀପ ନିର୍ବାଚିତ

କୁଆଁରମୁଣ୍ଡା,୨୬।୩(ଡି.ଏନ.ଏ.)

–ବୀରମିତ୍ରପୁର ପୌରପାଳିକା ନିର୍ବାଚନର ଭୋଟ ଗଣତି ଫଳାଫଳ ଶେଷ ହୋଇଛି। ଏଥିରେ ବିଜେଡ଼ିର ପୌରାଧ୍ୟକ୍ଷ ପ୍ରାର୍ଥୀ ସନ୍ଦୀପ ମିଶ୍ର ବିଜୟୀ ହୋଇଛନ୍ତି। ବିଜେଡ଼ି ପୌରାଧ୍ୟକ୍ଷ ପ୍ରାର୍ଥୀ ସନ୍ଦୀପ ମିଶ୍ର ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ଭାଜପାର ସୁନିଲ ତିୱାରୀଙ୍କୁ ୩୭୫୭ ଖଣ୍ଡ ଭୋଟ ବ୍ୟବଧାନରେ ପରାସ୍ତ କରି ବିଜୟୀ ଘୋଷିତ ହୋଇଛନ୍ତି। ବିଜୟୀ ପୌରାଧ୍ୟକ୍ଷ ସନ୍ଦୀପ ମିଶ୍ରଙ୍କୁ ମୋଟ ୮୨୩୦ ଖଣ୍ଡ ଭୋଟ ମିଳିଥିବା ବେଳେ ଭାଜପା ପ୍ରାର୍ଥୀ ସୁନିଲ ତିୱାରୀଙ୍କୁ ୪୪୭୩ ଖଣ୍ଡ ଓ କଂଗ୍ରେସ ପ୍ରାର୍ଥୀ ଶଶି ସାଗରଙ୍କୁ ୩୬୩୨ ଖଣ୍ଡ ଭୋଟ ମିଳିଥିବା ବୀରମିତ୍ରପୁର ନିର୍ବାଚନ କାର୍ଯ୍ୟାଳୟ ପକ୍ଷରୁ ଘୋଷଣା କରାଯାଇଛି। ଏହି ପୌରପାଳିକାର ମୋଟ ୧୧ଟି ୱାର୍ଡ ମଧ୍ୟରୁ ବିଜେଡ଼ିର ୯ଟି କାଉନସିଲର ବିଜୟୀ ହୋଇଥିବା ବେଳେ ଉଭୟ କଂଗ୍ରେସ ଓ ଭାଜପାର ଜଣେ ଲେଖାଏଁ କାଉନସିଲର ବିଜୟୀ ହୋଇଛନ୍ତି। ନିର୍ବାଚନ ଫଳାଫଳ ଘୋଷଣା ହେବା ପରେ ବିଜେଡ଼ିର ବିଜୟୀ ପୌରାଧ୍ୟକ୍ଷ ସନ୍ଦୀପ ମିଶ୍ର ଓ ଅନ୍ୟ ୯ଜଣ କାଉନସିଲର ବୀରମିତ୍ରପୁର ସହରରେ ବାଣ ଫୁଟାଇ ଶୋଭାଯାତ୍ରାରେ ବାହାରି ଲୋକଙ୍କର ଆଶୀର୍ବାଦ ଗ୍ରହଣ କରିଛନ୍ତି।


ବୀରମିତ୍ରପୁର ପୌରପାଳିକାର ନବନିର୍ବାଚିତ ପୌରାଧ୍ୟକ୍ଷ ସନ୍ଦୀପ ମିଶ୍ର ବିଜୟ ଶୋଭାଯାତ୍ରାରେ ବାହାରିଛନ୍ତି।

## ଆଜି କ'ଣ କେଉଁଠି

**ସମ୍ବଲପୁର**

- ବୋକାରୋ ସେଲ ଏକାଡ଼େମୀ ଆୟୋଜିତ ଫୁଟବଲ ଖେଳାଳି ଚୟନ ଶିବିର, ବୀର ସୁରେନ୍ଦ୍ର ସାଏ ଷ୍ଟାଡ଼ିୟମ, ସକାଳ ୭ଟା।
- ନାଟନାଟୁଆ ପକ୍ଷରୁ ବିଶ୍ୱ ନାଟ୍ୟ ଦିବସ, ସମ୍ବଲପୁର ସାର୍ବଜନୀନ ଗ୍ରନ୍ଥାଗାର ସଭା କକ୍ଷ, ପୂର୍ବାହ୍ନ ସାଢ଼େ ୧୦ଟା।
- ଜନନାଟ୍ୟ ମଞ୍ଚ ଆୟୋଜିତ ବିଶ୍ୱ ନାଟ୍ୟ ଦିବସ, ଓଡ଼ିଶା ସାଂସ୍କୃତିକ ସମାଜ ଭବନ, ସନ୍ଧ୍ୟା ସାଢ଼େ ୬ଟା।

# ସୁଇଟ୍‌ରେ ସାଂସ୍କୃତିକ ଉତ୍ସବ ଆବାହନ

**ସମ୍ବଲପୁର,୨୬।୩(ବ୍ୟୁରୋ)**

ସମ୍ବଲପୁର ୟୁନିଭର୍ସିଟି ଇନ୍‌ଷ୍ଟିଚ୍ୟୁଟ ଅଫ ଇନ୍‌ଫର୍‌ମେଶନ ଟେକ୍ନୋଲୋଜି (ସୁଇଟ)ରେ ଶନିବାର ସାଂସ୍କୃତିକ ଉତ୍ସବ ଆବାହନ-୨୦୨୨ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ପାତ୍ରନ ତଥା ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସଞ୍ଜୀବ ମିତ୍ତଲ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଆଗାମୀ ଦିନରେ ଶିକ୍ଷାନୁଷ୍ଠାନକୁ ଅଗ୍ରଗାମୀ କରିବା ନିମନ୍ତେ ପଦକ୍ଷେପ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ସୁଇଟ୍ ନିର୍ଦ୍ଦେଶକ ଡ. ବସନ୍ତ ମହାନ୍ତିଙ୍କ ପରିଚାଳନାରେ ଉତ୍ସବ ହୋଇଥିଲା।

ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଚିତ୍ତରଞ୍ଜନ ମିଶ୍ର ମୁଖ୍ୟଅତିଥି ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳସଚିବ ଡ. ନୃପରାଜ ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ସ୍ୱରଚିତ କବିତା ମାଧମରେ ଛାତ୍ରୀଛାତ୍ରଙ୍କୁ


ସୁଇଟ୍‌ଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି।

ଉତ୍ସାହିତ କରିଥିଲେ। ସମ୍ମାନୀତ ଅତିଥି ସମ୍ବଲପୁର ବନଖଣ୍ଡ ଅଧିକାରୀ ବିଶ୍ୱନାଥନ ନିରାମ୍ବରମ ଆବାହନ ବିଷୟରେ କହିଥିଲେ। ସୁଇଟର ଛାତ୍ର କଲ୍ୟାଣ ଡିନ ଡ. ରଶ୍ମିରଞ୍ଜନ ପତି ସ୍ୱାଗତ ଭାଷଣ ଓ ସାଂସ୍କୃତିକ କ୍ଲବ ସମ୍ପାଦକ ପ୍ରିୟବ୍ରତ ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ପୂର୍ବାହ୍ନରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ମ୍ୟୁଜିକାଲ ଚେୟାର, କ୍ରାକ ଦ ବେଲୁନ, ମେହେନ୍ଦି, ପେଟିଙ୍ଗ, ପେନସିଲ ଆର୍ଟ ଓ ଗାଇଡ ୟୁ ଫ୍ରେଣ୍ଡ ପ୍ରଭୃତି ପ୍ରତିଯୋଗିତା ହୋଇଥିଲା। ସେହିପରି ସନ୍ଧ୍ୟାରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମରେ ସୁଇଟ ପରିସର ଝୁମିଉଠିଥିଲା। ଛାତ୍ର ନିଲେଶ କୁମାର ପତି ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଏହାପରେ ରାଜଶ୍ରୀ ସାହୁ ଓଡ଼ିଶୀ ନୃତ୍ୟ ଓ ସୁହାସ ସାହୁ ଏକକ ନୃତ୍ୟ ପରିବେଷଣ କରିଥିଲେ। ଦଳଗତ ନୃତ୍ୟରେ ପ୍ରତିମୟ

### ନୃତ୍ୟଗୀତରେ ଝୁମିଲା ପରିସର

ପୃଷ୍ଟି, ଶ୍ରୁତିରଞ୍ଜନ ସାମଲ, ରାଜେଶ ପଣ୍ଡିତ, ଅମରଜିତ କେରକେଟା, ସ୍ୱୟାଂଶୁ ନନ୍ଦ ଓ ସମୀର ନାୟକ ଭାଗ ନେଇଥିଲେ। ଲୋକନୃତ୍ୟରେ ରାଜଶ୍ରୀ ସାହୁ, ପ୍ରିତିପର୍ଣ୍ଣା ମିଶ୍ର, ନମିତା ମାଝି ଓ ମନସ୍ୱିନୀ ମିଶ୍ର ସାମିଲ ଥିଲେ। ସେହିପରି ସୌରଭ ନାୟକ, ଅର୍ଦ୍ଧେନ୍ଦୁ ଶେଖର ପ୍ରଧାନ, ମାନସ ପାତ୍ର, ସାଇ ସମ୍ମିତ ପ୍ରଧାନ, ଏମ୍ ଅଭିଷେକ, ସତ୍ୟଜିତ ସାହୁ ଏବଂ ସୁଶାନ୍ତ ସାହୁ ଆଧୁନିକ ନୃତ୍ୟ ପରିବେଷଣ କରିଥିଲେ। ସୁଇଟ ଜନସମ୍ପର୍କ ଅଧିକାରୀ ତଥା ସହକାରୀ ପ୍ରଫେସର ଚରଣ ପୃଷ୍ଟି, ସହକାରୀ ଜନସମ୍ପର୍କ ଅଧିକାରୀ ଆଲୋକ ରଞ୍ଜନ ମିଶ୍ର ଓ ଏସ୍.ଏସ୍. ମିଶ୍ରଙ୍କ ସହିତ ଶୃଙ୍ଖଳା ମୁଖ୍ୟ ଡ. ଏନ୍.କେ. ବଡପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମହୁମାଛି ଆକ୍ରମଣରେ ଯୁବକ ଗୁରୁତର


ଗୁରୁତର ଅମିତ।

**ଜମନକିରା, ୨୬।୩(ଡି.ଏନ.ଏ.)**

ଜମନକିରା ବ୍ଲକ ସଦର ମହକୁମା ତଳିପଡ଼ାରେ ଥିବା ଏକ ଅଶ୍ୱତ୍‌ଥ ଗଛରେ ସହସ୍ରାଧିକ ମହୁଫେଣା ରହିଥିବା ବେଳେ ଗଛ ତଳେ ଏକ ଛୋଟ ମନ୍ଦିର ରହିଛି। ଶନିବାର ସକାଳେ ପଡ଼ାର ଅମିତ ଅଗ୍ରୱାଲ ଓରଫ୍ ଭୋଲୁ (୩୪) ନାମକ ଯୁବକ ସେଠାରେ ପୂଜାର୍ଚ୍ଚନା କରୁଥିବା ବେଳେ ଅଚାନକ ମହୁମାଛି ଆକ୍ରମଣ କରିଥିଲେ। ଫଳରେ ଅମିତ ଗୁରୁତର ହୋଇପଡ଼ିଥିଲେ। ତାଙ୍କୁ ପରିବାର ଲୋକେ ଜମନକିରା ଡାକ୍ତରଖାନା ନେଇଥିଲେ। ସେ ଏବେ ଚିକିତ୍ସାଧୀନ ଅଛନ୍ତି।

## ସଂକ୍ଷେପରେ

### ରାଜଗାଙ୍ଗପୁର ଓକିଲ ସଂଘ ନିର୍ବାଚନ

**ରାଜଗାଙ୍ଗପୁର, ୨୬।୩(ଡି.ଏନ.ଏ.):** ରାଜଗାଙ୍ଗପୁର ଓକିଲ ସଂଘର ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। ସାଧାରଣ ସମ୍ପାଦକ ଭାବେ ନିର୍ଦ୍ୱନ୍ଦ୍ୱରେ ରବିନ୍ଦ୍ର ଦାଶ, ସହସମ୍ପାଦକ ଭାବେ ସନ୍ତୋଷ ସାହୁ, କୋଷାଧ୍ୟକ୍ଷ ଭାବେ ସତ୍ୟଧାମ ଭଗତ, ଯୁଗ୍ମ ସମ୍ପାଦକ ଭାବେ ତ୍ରିବିକ୍ରମ ପୃଷ୍ଟେଠ ନିର୍ବାଚିତ ହୋଇଛନ୍ତି। କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ ପ୍ରଦୀପ କେଶରୱାନି, ବିକାଶ ସରପଟିଆ, ଅର୍ଚ୍ଚନା ମୁଦୁଲି, ନରେଶ ଚନ୍ଦ୍ର ଧଳ ଓ ମହମ୍ମଦ ଗିୟାସୁଦ୍ଦିନ ନିର୍ବାଚିତ ହୋଇଥିଲେ। ସଭାପତି ପଦବୀ ପାଇଁ ମନୋଜ ସାହୁ ଓ ପ୍ରଳୟ ହାଜରାଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା ପ୍ରଳୟ ହାଜରା ୫୨ ଖଣ୍ଡ ଭୋଟ ପାଇଥିଲେ ଓ ମନୋଜ ସାହୁ ୧୭ ଖଣ୍ଡ ଭୋଟ ପାଇଥିଲେ। ସେହିପରି ଉପ ସଭାପତି ପଦବୀ ପାଇଁ ଅଶୋକ କୁମାର ପାଣି ଓ ବିଜୟ ଲତା ସାହୁଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଅଶୋକଙ୍କୁ ୫୦ ଖଣ୍ଡ ଭୋଟ ମିଳିଥିଲା ବେଳେ ବିଜୟଲତାଙ୍କୁ ୧୯ଖଣ୍ଡ ଭୋଟ ମିଳିଥିଲା।

### ନିୟମିତ ପାରିଶ୍ରମିକ ଦାବିରେ ଶ୍ରମିକଙ୍କ ଧାରଣା

**ଲହୁଣୀପଡ଼ା,୨୬।୩(ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ ଭୁତୁଡା ପଞ୍ଚାୟତ ରନ୍ତାସ୍ଥିତ କୁରୁମିତର (ଖଣ୍ଡାଧାର) ଖଣି ମୁଖ୍ୟ ଫାଟକ ସମ୍ମୁଖରେ ଶ୍ରମିକମାନେ ଧାରଣା ଦେଇଥିବା ଜଣାପଡିଛି। ଏକ ମାସରୁ ଉର୍ଦ୍ଧ୍ୱ ହେବ ପାରିଶ୍ରମିକ ନ ପାଇ ଶ୍ରମିକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ସଂକ୍ରାନ୍ତରେ ଉତ୍ତର ଓଡିଶା ଶ୍ରମିକ ସଂଘ ପକ୍ଷରୁ ବିଏସ ପତି, ପ୍ରସନ୍ନ କୁମାର ନାୟକଙ୍କ ନେତୃତ୍ୱରେ ଶ୍ରମିକମାନେ କୁରୁମିତର (ଖଣ୍ଡାଧାର) ଖଣି ମୁଖ୍ୟ ଫାଟକ ଆଗରେ ଧାରଣା ଦେଇଥିବା ଜଣାପଡିଛି। ରନ୍ତାଠାରେ କୁରୁମିତର ଲୌହ ଖଣି ଅବସ୍ଥିତ। ଏହା ଓଡ଼ିଶା ଖଣି ନିଗମ ତତ୍ତ୍ୱାବଧାନରେ ଓ ଆଦାନୀ ଗ୍ରୁପ ଦ୍ୱାରା ପ୍ରାୟ ଏକ ବର୍ଷ ହେବ ପରିଚାଳିତ ହେଉଥିବା ଜଣାପଡିଛି। ଏଥିରେ ଅଢ଼େଇ ଶହରୁ ଉର୍ଦ୍ଧ୍ୱ ରେଜିଂ ଶ୍ରମିକ କାମ କରୁଥିବାବେଳେ ଦୁଇଶହରୁ ଉର୍ଦ୍ଧ୍ୱ ଶ୍ରମିକ ବିଭିନ୍ନ ଯନ୍ତ୍ରାଂଶରେ କାମ କରୁଛନ୍ତି। କିନ୍ତୁ ଏହି ଶ୍ରମିକମାନେ ନିୟମିତ ଭାବେ ପାରିଶ୍ରମିକ ପାଉନାହାନ୍ତି ବୋଲି ଉତ୍ତର ଓଡ଼ିଶା ଶ୍ରମିକ ସଂଘ ଦାବି କରିବା ସହିତ ଧାରଣା ଦେଇଥିବା ଜଣାପଡିଛି। ଏହି ଧାରଣା ଗତ ବୁଧବାର ଠାରୁ ଆରମ୍ଭ ହୋଇଥିଲେ ମଧ ଆଜି ପର୍ଯ୍ୟନ୍ତ କୌଣସି ସମାଧାନ ହୋଇ ନ ଥିବାରୁ ଧାରଣା ବଳବତ୍ତର ଥିବା ଜଣାପଡିଛି। ଏହି ଶ୍ରମିକମାନଙ୍କୁ ନିୟମିତ ପାରିଶ୍ରମିକ ଦେବା ପାଇଁ ଉତ୍ତର ଓଡିଶା ଶ୍ରମିକ ସଂଘ ଓଏମସି ଖଣି ନିର୍ଦ୍ଦେଶକ ଭୁବନେଶ୍ୱର, ରିଜିଓନାଲ ମ୍ୟାନେଜର କୋଇଡା, ଲେବର କମିଶନର ରାଉରକେଲା, ଉପଜିଲାପାଳ ବଣେଇ, ଲହୁଣୀପଡ଼ା ଥାନା ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ ମଧ କୌଣସି ସମାଧାନ ହୋଇ ନାହିଁ।

# ଦନ୍ତା ଭାଙ୍ଗିଲା ଘର, ଅଳ୍ପକେ ବର୍ତ୍ତିଲେ ପରିବାର ଲୋକେ

**ନାକଟିଦେଉଳ,୨୬।୩(ଡି.ଏନ.ଏ.)**

ସମ୍ବଲପୁର ଜିଲା ନାକଟିଦେଉଳ ବନାଞ୍ଚଳରେ ଗତ କିଛିଦିନ ହେଲା ଏକ ଦନ୍ତା ହାତୀ ଉପଦ୍ରବ ଜାରି ରଖିଛି। ଶୁକ୍ରବାର ବିଳମ୍ବିତ ରାତ୍ରିରେ ଗୋଠଛଡ଼ା ଦନ୍ତା ହାତୀ ବ୍ଲକର ବାଟଗାଁ ପଞ୍ଚାୟତ ଅନ୍ତର୍ଗତ କେଲୋବେର୍ଣ୍ଣୀ ଗ୍ରାମର ମଠ ସାହିରେ ପଶି ପ୍ରାୟ ୨ଘଣ୍ଟା ଧରି ଉପଦ୍ରବ ଚଳାଇଥିଲା। ହାତୀଟି ପ୍ରଥମେ ସାହିର ଅଞ୍ଜଳି ଧଳଙ୍କ ଘର ଚାରିପାଖରେ ଦିଆ ଯାଇଥିବା ତାର ବାଡ଼ ଭାଙ୍ଗି ଭିତରକୁ ପଶିଥିଲା। ପରେ ସମ୍ମୁଖ ଫାଟକ ଗ୍ରୀଲ ଭାଙ୍ଗି ରୋଷେଇ ଘରର କବାଟ ଓ ଝରକା ଭାଙ୍ଗିଥିଲା। ଘର ଭିତରେ ଶୋଇଥିବା ଅଞ୍ଜଳିଙ୍କ ବାପା, ମାଆ ଓ ପୁତୁରା ଶବ୍ଦ ଶୁଣି ଭୟରେ ମୁଖ୍ୟଦ୍ୱାର ଦେଇ ବାହାରକୁ ପଳାଇ ଯାଇଥିଲେ। ସେମାନେ ପାଟି


ଦନ୍ତାହାତୀ ଦ୍ୱାରା ନଷ୍ଟ ହୋଇଥିବା ଆସବାବପତ୍ର।

କରି ଗ୍ରାମବାସୀଙ୍କୁ ଡାକିବା ସହ ଜଙ୍ଗଲ ବିଭାଗ କର୍ମଚାରୀଙ୍କୁ ଖବର ଦେଇଥିଲେ। ବାଟଗାଁ ବନ ବିଭାଗ କର୍ମଚାରୀ ପହଞ୍ଚି ହାତୀଟିକୁ ଘଉଡ଼ାଇଥିଲେ ମଧ୍ୟ ସକାଳ ୪ଟା ପର୍ଯ୍ୟନ୍ତ ଉତ୍ପାତ କରିଥିଲା। ଏଥିରେ ଘରର ବହୁ ଆସବାବପତ୍ର ନଷ୍ଟ ହୋଇଯାଇଛି। ପରିବାର ଲୋକେ ଏ ନେଇ ବନ ବିଭାଗକୁ ଲିଖିତ ଅଭିଯୋଗ କରି କ୍ଷତିପୂରଣ ଦେବାକୁ ଦାବି କରିଛନ୍ତି। ଏ ସମ୍ପର୍କରେ ବାଟଗାଁ ଫରେଷ୍ଟର ଅନୀଲ କୁମାର କିସାନ କହନ୍ତି, ଖବର ମିଳିବା ପରେ ଆମେ ତୁରନ୍ତ ସାହିରେ ପହଞ୍ଚି ଦନ୍ତାହାତୀକୁ ଘଉଡ଼ାଇଥିଲୁ। ହାତୀ ଉପଦ୍ରବରେ କ୍ଷୟକ୍ଷତିର ତଦନ୍ତ କରାଯାଇଛି। ଅନ୍ୟପକ୍ଷରେ ତୁରନ୍ତ ସେମାନଙ୍କୁ କ୍ଷତିପୂରଣ ଯୋଗାଇ ଦେବାକୁ କ୍ଷତିଗ୍ରସ୍ତ ପରିବାର ଲୋକେ ଦାବି କରିଛନ୍ତି।

# ରଞ୍ଜନ ଜିତଙ୍କୁ ଶ୍ରେଷ୍ଠ ଫରେଷ୍ଟର ସମ୍ମାନ


ରଞ୍ଜନଙ୍କୁ ପୁରସ୍କୃତ କରୁଛନ୍ତି ଅତିଥି।

**ଜମନକିରା,୨୬।୩(ଡି.ଏନ.ଏ.)**

ଜମନକିରା ବ୍ଲକ୍ ବାମରା ବନ୍ୟପ୍ରାଣୀ ବନଖଣ୍ଡ ଅଧୀନ ବଡ଼ରମା ରେଞ୍ଜରେ କାର୍ଯ୍ୟରତ ରଞ୍ଜନ ଜିତଙ୍କୁ ଶ୍ରେଷ୍ଠ ଫରେଷ୍ଟର ସମ୍ମାନ ମିଳିଛି। ଜଙ୍ଗଲ ସୁରକ୍ଷା ଓ ସଂରକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଭୁବନେଶ୍ୱର ଜୟଦେବ ଭବନରେ ଆୟୋଜିତ ବିଶ୍ୱ ଜଙ୍ଗଲ ଦିବସରେ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ବିଭାଗୀୟ ସଚିବ ଡ. ମୋନା ଶର୍ମା ମୁଖ୍ୟଅତିଥି ଓ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଶିଶିର ରଥ, ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶଶି ପାଲ, ଅତିରିକ୍ତ ବନ ସଂରକ୍ଷକ ଓମ୍‌ପ୍ରକାଶ ସିଂ ସମ୍ମାନିତ ଅତିଥି ଭାବେ ଯୋଗଦେଇ ତାଙ୍କୁ ମାନପତ୍ର ସହ ୧୦ ହଜାର ଟଙ୍କା ପ୍ରଦାନ କରିଥିଲେ।

## ସୁରେଶ ରାଉରକେଲା ଓକିଲ ସଂଘ ସଭାପତି

**ରାଉରକେଲା ଅଫିସ,୨୬।୩**

ରାଉରକେଲା ଓକିଲ ସଂଘ ନିର୍ବାଚନ ଶନିବାର ଶେଷ ହୋଇଛି। ଏହି ନିର୍ବାଚନରେ ସୁରେଶ କୁମାର ମାଝୀ ସଭାପତି ଭାବେ ବିଜୟୀ ହୋଇଛନ୍ତି। ସେହିପରି ଉପସଭାପତି ଭାବେ ସଦାନନ୍ଦ ସାହୁ, ସମ୍ପାଦକ ଅକ୍ଷୟ କୁମାର ସାହୁ , ସହ ସମ୍ପାଦକ ଲିଙ୍ଗମ ଅନୁସ୍ୱରୂପ ଡୋରା ଓ ସାଧାରଣ ସମ୍ପାଦକ ମାନସ ରଞ୍ଜନ ପଣ୍ଡା ନିର୍ବାଚିତ ହୋଇଛନ୍ତି। ସେହିପରି କାର୍ଯ୍ୟକାରୀ ସଦସ୍ୟ ଭାବେ ଯୁଗୋଳ କିଶୋର ଆଚାର୍ଯ୍ୟ, ବିଜୟ କୁମାର ପଟ୍ଟନାୟକ ବିଜୟୀ ହୋଇଛନ୍ତି। ମୁଖ୍ୟ ନିର୍ବାଚନ ଅଧିକାରୀ ପ୍ରଦୀପ କୁମାର ମିଶ୍ର ନିର୍ବାଚନ ପରିଚାଳନା କରିଥିଲେ। ରଙ୍ଗବାହାଦୂର ବାଗ, ପ୍ରଶାନ୍ତ କୁମାର ସେନାପତି, ସରୋଜ ମହାପାତ୍ର ସହଯୋଗ କରିଥିଲେ।

# ଇମ୍ୟୁନିଟି କୋଚିଂ ସେଣ୍ଟର ଉଦ୍‌ଘାଟିତ

**ସମ୍ବଲପୁର,୨୬।୩(ବ୍ୟୁରୋ)**

ସମ୍ବଲପୁର ମୁଦିପଡାଠାରେ ଶନିବାର ସନ୍ଧ୍ୟାରେ ଇମ୍ୟୁନିଟି କୋଚିଂ ସେଣ୍ଟର ଉଦ୍‌ଘାଟିତ ହୋଇଯାଇଛି। ସମ୍ବଲପୁରର ପୂର୍ବତନ ବିଧାୟିକା ଡା. ରାସେଶ୍ୱରୀ ପାଣିଗ୍ରାହୀ ମୁଖ୍ୟଅତିଥି ଓ କ୍ଷେରାଜପୁର ବାଳିକା ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ହୋତା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନ ଅଧ୍ୟକ୍ଷ ଅରିନ୍ଦମ କୁମାର ଓ ନିର୍ଦ୍ଦେଶକ ଅଭିଷେକ କୁମାର ଖବରଦାତାଙ୍କୁ ସୂଚନା ଦେଇ କହିଥିଲେ, ସମ୍ପ୍ରତି ସମ୍ବଲପୁର ଓ ପଶ୍ଚିମ ଓଡ଼ିଶାର ଛାତ୍ରୀଛାତ୍ର ମେଡିକାଲ ଓ



କୋଚିଂ ସେଣ୍ଟର ଉଦ୍‌ଘାଟନୀ ଉତ୍ସବରେ ଅତିଥିମାନେ।

ଇଞ୍ଜିନିୟରିଂ ପ୍ରବେଶିକା ପ୍ରସ୍ତୁତି କରିବା ଲାଗି କୋଟା, ଦିଲ୍ଲୀ ଓ ପାଟନା ଯାଉଛନ୍ତି। ଇମ୍ୟୁନିଟି କୋଚିଂ ସେଣ୍ଟର ଆରମ୍ଭ ହେବା ପରେ ସେମାନେ ସୁବିଧା ଓ ସ୍ୱଳ୍ପ ଖର୍ଚ୍ଚରେ ମେଡିକାଲ ଓ ଇଞ୍ଜିନିୟରିଂ ପ୍ରବେଶିକା ଲାଗି ପାଠ ପଢ଼ି ସଫଳତା ହାସଲ କରିପାରିବେ। ପରିଚାଳନା ନିର୍ଦ୍ଦେଶକ ଅମିତ କୁମାର ଏଠାରେ ପାଠ ପଢ଼ା ସହ ହଷ୍ଟେଲ ସୁବିଧା ରହିଛି । ମେଧାବୀ ଗରିବ ଛାତ୍ରୀଛାତ୍ରଙ୍କୁ ସ୍ୱଳ୍ପ ଖର୍ଚ୍ଚରେ କୋଚିଂ ପ୍ରଦାନ କରାଯିବ ବୋଲି କହିଥିଲେ।

# ଓକିଲ ସଂଘ ନିର୍ବାଚନ

### କୁଚିଣ୍ଡାରେ ପ୍ରମୋଦ ଛୁରିଆ ଓ ରେଢାଖୋଲରେ ଅଭୟ କୁମାର ବୀର ସଭାପତି ନିର୍ବାଚିତ

**କୁଚିଣ୍ଡା/ ରେଢାଖୋଲ, ୨୬।୩(ଡି.ଏନ.ଏ.)**


ପ୍ରମୋଦ ଛୁରିଆ।


ଅଭୟ କୁମାର ବୀର

କୁଚିଣ୍ଡାରେ ଓକିଲ ସଂଘ ନିବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ଭାବେ ପ୍ରମୋଦ ଛୁରିଆ ଓ ଉପସଭାପତି ଭାବେ ପ୍ରଫୁଲ୍ଲ ବାରିକ ନିର୍ବାଚିତ ହୋଇଛନ୍ତି। ସେହିପରି ସଞ୍ଜୟ କୁମାର ମିଶ୍ର ସମ୍ପାଦକ, ପ୍ରବୀଣ ପୁରୋହିତ ଯୁଗ୍ମ ସମ୍ପାଦକ, ସୁରେନ୍ଦ୍ର ନାଏକ ସହ ସମ୍ପାଦକ ଓ ପ୍ରତାପ ପରିଡା କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି । ଏହାଛଡା କାର୍ଯ୍ୟକାରିଣୀ କମିଟିକୁ ଜୟନ୍ତ ବାଘ, କୁମାରେଶ ଦଶଭାୟା, ସଚ୍ଚିଦାନନ୍ଦ ଶର୍ମା, ତୁଳାରାମ ବାଘ ଓ ଯଦୁମଣୀ ପୃଷ୍ଟେଠ ନିର୍ବାଚିତ ହୋଇଥିବା ଜଣାପଡିଛି।

ସେହିପରି ରେଢାଖୋଲ ଓକିଲ ସଂଘ ସଭାପତି ଭାବେ ଅଭୟ କୁମାର ବୀର ଓ ସମ୍ପାଦକ ଭାବେ ଉମାକାନ୍ତ ମହାନନ୍ଦ ନିବାଚିତ ହୋଇଛନ୍ତି। ସେହିପରି ଉପସଭାପତି ଭାବେ ଜଗନ୍ନାଥ ବିଶ୍ୱାଳ, ସହ ସମ୍ପାଦକ କୁନୁରାଜ ସାହୁ, ଯୁଗ୍ମ ସମ୍ପାଦକ ନିଳମାଧବ ମହାକୁଡ, କୋଷାଧ୍ୟକ୍ଷ ସୁଜିତ କୁମାର ପ୍ରଧାନ ଓ ଲାଇବ୍ରେରିଆନ ଭାବେ ନଗେନ କୁମାର ବିଶ୍ୱାଳ ନିବାଚିତ ହୋଇଛନ୍ତି। ଆଇନଜୀବୀ ଶମ୍ଭୁପ୍ରସାଦ ପ୍ରଧାନ, ଶିବପ୍ରସାଦ ପ୍ରଧାନ, ବିମଳ ପ୍ରଧାନ, ସଜଳକାନ୍ତ ପାଲ, ଗଣେଶ୍ୱର ପ୍ରଧାନ, ଦୟାସାଗର ପ୍ରଧାନ, ନାରାୟଣ ତ୍ରିପାଠୀ ଓ ହାରୁନ ଖାନ ପ୍ରମୁଖ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ନିର୍ବାଚିତ ହୋଇଛନ୍ତି।

## କମଳସେନ ସଭାପତି, ସତ୍ୟଜିତ ସମ୍ପାଦକ

### ସୁନ୍ଦରଗଡ ଜିଲା ଓକିଲ ସଂଘର ନିର୍ବାଚନ

**ସୁନ୍ଦରଗଡ, ୨୬।୩ (ଡି.ଏନ୍.ଏ)**

ସୁନ୍ଦରଗଡ ଜିଲା ଓକିଲ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କମଳ ଲୋଚନ ସେନ ପୁନର୍ବାର ସଂଘର ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ଏଥିସହ ପୁରୁଷୋତ୍ତମ ପ୍ରଧାନ-ଉପସଭାପତି, ସତ୍ୟଜିତ ନାଏକ -ସମ୍ପାଦକ, ସୁଶାନ୍ତ କୁମାର ସେଠୀ ଯୁଗ୍ମସମ୍ପାଦକ, ରବୀନ୍ଦ୍ର ମାଳୀ କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ସେହିପରି କାର୍ଯ୍ୟକାରୀ କମିଟି ସଭ୍ୟ ଭାବେ ପ୍ରଣବ କୁମାର ହାତୀ, ପ୍ରଭାତ କୁମାର ଚୌଧୂରୀ, ଅଶୋକ କୁମାର ସ୍ୱାଇଁ, ନୀରଜ ସାମନ୍ତରା, ବାସୁଦେବ ପାଣ୍ଡେ ନିର୍ବାଚିତ ହୋଇଥିବା ବେଳେ ୱେଲଫେୟାର କମିଟିର ସଦସ୍ୟ ଭାବେ ମାଳୀ ଟପ୍ପୋ, ଗୌତମ କୁମାର ହାତୀ, ସୁନୀଲ କୁମାର ପଟେଲ, ବିଦ୍ୟୁତ୍ ସିଂ ନାଏକ ଓ ସୁଧୀରରଂଜନ ପଟେଲ ନିର୍ବାଚିତ ହୋଇଛନ୍ତି।

# ରାଶନ ଦୋକାନରେ ନକଲି କୀଟନାଶକ

**ରାଉରକେଲା ଅଫିସ,୨୬।୩**

ରାଉରକେଲା ଝିରପାଣି ଥାନା ଅନ୍ତର୍ଗତ ମେନରୋଡ ଅଞ୍ଚଳରେ ଥିବା ଏକ ରାସନ ଦୋକାନରୁ ନକଲି କୀଟନାଶକ ଔଷଧ ଜବତ ହୋଇଛି। ଜବତ ନକଲି କୀଟନାଶକ ଔଷଧର ମୂଲ୍ୟ ୨୩ ଲକ୍ଷ ଟଙ୍କା ବୋଲି ଅନୁମାନ କରାଯାଇଛି। ପୋଲିସ ସୂଚନା ଅନୁସାରେ, ଝିରପାଣି ମେନ୍‌ରୋଡ୍‌ରେ ଡି. ନସିମଙ୍କ ଏକ ରାସନ ଦୋକାନ ଅଛି। ବହୁ ଦିନ ଧରି ନସିମ ଉକ୍ତ ଦୋକାନରେ ନକଲି କୀଟନାଶକ ଔଷଧ ବିକ୍ରି କରୁଥିଲେ। କୌଣସି ବିଶେଷ ସୂତ୍ରରୁ ଖବର ପାଇ ମହାରାଷ୍ଟ୍ର ବାୟର କର୍ପ ସାଇନ୍ସ ଲିମିଟେଡ କମ୍ପାନୀର ଅଧିକାରୀମାନେ ସ୍ଥାନୀୟ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଦିନ ସାଢ଼େ ୧୨ଟାରେ ଉକ୍ତ ଦୋକାନରେ ଚଢ଼ାଉ କରି ଘାସମରା, ପୋକମରା ଔଷଧ ଜବତ କରିଥିଲା। ପୋଲିସ ଏ ନେଇ ଅଧିକ ତଦନ୍ତ କରୁଥିବା ଜଣାପଡ଼ିଛି।

# ଲୋକ ସାଂସ୍କୃତିକ ଉତ୍ସବ ଉଦ୍‌ଯାପିତ

**ରାଉରକେଲା ଅଫିସ,୨୬।୩**

ରାଉରକେଲା ଇସ୍ପାତ କାରଖାନାର ସିଏସ୍‌ଆର ବିଭାଗ ପକ୍ଷରୁ ବିଶ୍ରା ବ୍ଲକ ସାରୁବାହାଲ ଗ୍ରାମରେ ଜୋନ ସ୍ତରୀୟ ସିର୍ନଜି ଲୋକ ସାଂସ୍କୃତିକ ମହୋତ୍ସବ ଶନିବାର ଉଦ୍‌ଯାପିତ ହୋଇଛି। ଉଦଯାପନୀ ଉତ୍ସବରେ ଆରଏସ୍‌ପିର କାର୍ମିକ ଓ ପ୍ରଶାସନିକ ନିର୍ବାହୀ ନିର୍ଦ୍ଦେଶକ ପି. କେ. ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ନୃତ୍ୟ ଦଳଗୁଡ଼ିକୁ ପୁରସ୍କାର ବିତରଣ କରିଥିଲେ। ଏଥିରେ ସିଏସ୍‌ଆର ବିଭାଗର ମହାପ୍ରବନ୍ଧକ ମନ୍‌ମୁନ୍ ମିତ୍ର, ଉପମହାପ୍ରବନ୍ଧକ ଡି. ପ୍ରଧାନ, ବିଶ୍ରା ବ୍ଲକ ଅଧ୍ୟକ୍ଷା ଫୁଲମଣି କେରକେଟ୍ଟା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଉତ୍ସବରେ ବିଭିନ୍ନ ଗାଁର ୩୦ଟି ନୃତ୍ୟ ଦଳ ଅଂଶଗ୍ରହଣ କରିଥିଲେ। ବିଶ୍ରା ବ୍ଲକର କଦମଟୋଲା ଦଳ ପ୍ରଥମ, ସାରୁବାହାଲ ଗ୍ରାମର ନୃତ୍ୟ ଦଳ ଦ୍ୱିତୀୟ ଏବଂ କେନ୍ଦୁଟୋଲି ଗ୍ରାମ ତୃତୀୟ ଦଳ ଭାବେ ପୁରସ୍କୃତ ହୋଇଥିଲେ। ଏଥିସହ ୨୭ଟି ନୃତ୍ୟ ଦଳକୁ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା।



ଅତିଥିମାନଙ୍କ ଗହଣରେ ଉପସ୍ଥିତ ପୁରସ୍କାର ବିଜେତା ଲୋକ କଳାକାର।

# ଜମନକିରା ତହସିଲ: ଗଢ଼ିଉଠୁଛି ବେଆଇନ ଇଟାଭାଟି

**ଜମନକିରା, ୨୬।୩(ଡି.ଏନ.ଏ.)**

ଜମନକିରା ତହସିଲ ଅଧୀନ ୮ ସର୍କଲରେ ବେଆଇନ ଭାବେ ଇଟାଭାଟି ଗଢିଉଠୁଛି। ବନ ଓ ରାଜସ୍ୱ ବିଭାଗ ନୀରବଦ୍ରଷ୍ଟା ସାଜୁଥିବାରୁ ଅସାଧୁ ବ୍ୟବସାୟୀ ଅବାଧରେ ସେମାନଙ୍କ କାରବାର ଚଳାଉଥିବା ଅଭିଯୋଗ ହେଉଛି।

ଜମନକିରା ତହସିଲ ଅଧୀନରେ ଜମନକିରା ସମେତ ଟାଙ୍ଗରାଣୀ, ଭୋଜପୁର, ଗୌଡ଼ପାଲି, ମୁଣ୍ଡେନପାଲି, ବଡ଼ରମା, ଫାଶିମାଲ ଓ ଗୁଣ୍ଡୁରୁଚୁଆଁ ଆଦି ୮ ରାଜସ୍ୱ ସର୍କଲ ଓ ବାମଣ୍ଡା ବନ୍ୟପ୍ରାଣୀ ବନାଞ୍ଚଳ ଅଧୀନରେ ବଡ଼ରମା ଓ ଜମନକିରା ରେଞ୍ଜ ରହିଛି। ତେବେ କିଛିଦିନ ହେବ ଇଟାଭାଟି ମାଫିଆଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇବାରେ ଲାଗିଛି। ସେମାନେ ବ୍ୟବସାୟ ଉଦ୍ଦେଶ୍ୟରେ ଶହ


ଇଟା ଗଢ଼ିବା ପରେ ପୋଡ଼ିବା ପାଇଁ ଗଛ କଟାଯାଇଛି।

ଶହ ସଂଖ୍ୟାରେ ଗଛ କାଟି ବେଆଇନ ଭାବେ ବଙ୍ଗଳା ଇଟା ପୋଡୁଥିବା ଅଭିଯୋଗ ହେଉଛି। ଏହାଦ୍ୱାରା ହଜାର ହଜାର ସଂଖ୍ୟାରେ ପୁରୁଣା ଗଛ ପୋଡ଼ି ନଷ୍ଟ ହୋଇଯାଉଛି। ବଙ୍ଗଳା ଇଟା ଗଢ଼ିବା ଓ ପୋଡ଼ିବା ପାଇଁ ରାଜ୍ୟ ସରକାର କଡ଼ା ଆଭିମୁଖ ଗ୍ରହଣ କରିଥିବା ବେଳେ ଏହି ବ୍ଲକ୍‌ରେ ଏହା ପ୍ରହସନରେ ପରିଣତ ହୋଇଛି। ଏହା ଦ୍ୱାରା ପରିବେଶ ପ୍ରଦୂଷିତ ହେଉଥିବାବେଳେ ସରକାରଙ୍କ ରାଜସ୍ୱ ହାନି ଘଟୁଛି। ସୂଚନା ଅନୁସାରେ ଗୋଟିଏ ଇଟାଭାଟି ପୋଡ଼ିବା ପାଇଁ ୮ରୁ ୧୦ଟି ବଡ଼ ଗଛ ଆବଶ୍ୟକ ରହିଛି। ମାଫିଆମାନେ ରାତାରାତି ମେଶିନ ସାହାଯ୍ୟରେ ଶହ ଶହ ଗଛ ହାଣି ପକାଉଛନ୍ତି। ଇଟାଭାଟି ପୋଡ଼ିବା ଦ୍ୱାରା ଜଙ୍ଗଲ ନଷ୍ଟ ହେବା ସହ ନିଆଁ ଜଳି ତାତି ବଢ଼ିବାରେ ଲାଗିଛି। ଏ ସଂକ୍ରାନ୍ତରେ ବାମରା ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଫାଲ୍ଗୁନି ସାରଥି ମଲ୍ଲିକଙ୍କୁ ପଚାରିବାରୁ ସେ କହିଥିଲେ, ଚଢାଉ ପାଇଁ ଉଭୟ ଜମନକିରା ଓ ବଡ଼ରମା ରେଞ୍ଜ ଅଧିକାରୀଙ୍କୁ ନର୍ଦ୍ଦେଶ କରାଯାଇଛି। ନିୟମାନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିପରି ଜମନକିରା ତହସିଲଦାର ଡ. ସୌମରୂପା ରଥଙ୍କୁ ପଚାରିବାରୁ କେଉଁଠି ଇଟା ପୋଡ଼ା ଯାଉଛି ଜଣାଇଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ।



ରାତି ପାହିଲେ କଲେଜ ହେଉ ଅବା ଜବ୍ ଲାଗି ବାହାରକୁ ଯିବାକୁ ପ୍ରଥମେ ଲୋଡ଼ା ଗାଡ଼ି। ହେଲେ ଏବେ ତୈଳ ଦର ଆକାଶଛୁଆଁ, ଯାହାକି ସାଜିଛି ଅନେକଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ । ଏମିତିରେ ଇନ୍ଧନ ଖର୍ଚ୍ଚ କମାଇବା ଲାଗି ବିଭିନ୍ନ ଦିଗରେ ସଚେତନ ହେବା ଅବା ଅନ୍ୟ ବିକଳ୍ପ ଆପଣେଇବା ହିଁ ଏହାର ସମାଧାନର ଉପାୟ...

# କିଭଳି କରିବେ ମୁକାବିଲା

ଯାନବାହନ ବ୍ୟବହାର କରିବାରେ ସବୁଠୁ ଆଗରେ ଅଛନ୍ତି ଯୁବପିଢ଼ି। ହେଲେ ବର୍ତ୍ତମାନ ବାରମ୍ବାର ତୈଳ ଦର ବୃଦ୍ଧି ହେଉଥିବାରୁ ଅନେକଙ୍କୁ ବିଭିନ୍ନ



ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ତେଣୁ ଗାଡ଼ି ଚଲାଇବା ସମୟରେ କେତୋଟି ଛୋଟ କଥା ପ୍ରତି ଦୃଷ୍ଟି ଦେଲେ ପେଟ୍ରୋଲ, ଡିଜେଲ ଆଦି ଇନ୍ଧନ ଖର୍ଚ୍ଚ କିଛି ପରିମାଣରେ କମାଇ ପାରିବେ...

**ସ୍ମୁଥ୍ ଡ୍ରାଇଭିଂ ପ୍ରତି ଧ୍ୟାନ ଦିଅନ୍ତୁ:** ଅନେକ ଯୁବପିଢ଼ିଙ୍କର ରଫ୍ ଡ୍ରାଇଭିଂ ବା ସାପ ଭଳି ଗାଡି ଚଲାଇବା, ମନଇଚ୍ଛା ଗାଡ଼ିର ଏକ୍ସଲିଟର ବଢ଼ାଇବା, ହଠାତ୍ ବ୍ରେକ୍ କରିବା ଆଦି ବଦାଭ୍ୟାସ ରହିଛି। ହେଲେ ଏପରି ଷ୍ଟାଇଲ୍ ଡ୍ରାଇଭିଂ ଯୋଗୁ ମଧ୍ୟ ଗାଡ଼ିର ଇନ୍ଧନ ଅଧିକ ସରିଥାଏ। ତେଣୁ ଗାଡ଼ି ଚଲାଇବା ସମୟରେ ଠିକ୍ ଭାବେ ଗିୟର ବ୍ୟବହାର କରି ସ୍ମୁଥ୍ ଡ୍ରାଇଭିଂ କଲେ କିଛି ମାତ୍ରାରେ ପେଟ୍ରୋଲ, ଡିଜେଲ ସେଭ୍ କରିପାରିବେ।

**ଟ୍ରାଫିକ୍‌ରେ ଷ୍ଟାର୍ଟ ବନ୍ଦ କରନ୍ତୁ:** ଟ୍ରାଫିକ୍ କିମ୍ବା ଅନ୍ୟ କୌଣସି ସ୍ଥାନରେ ଠିଆ ହୋଇ କାହା ସହ କଥା ହେବା ବେଳେ ଅନେକେ ଗାଡିକୁ ଷ୍ଟାର୍ଟ ମୋଡ୍‌ରେ ରଖିଥାନ୍ତି। ଯାହାଦ୍ୱାରା ଅଯଥା ଇନ୍ଧନ ନଷ୍ଟ ହୋଇଥାଏ। ତେଣୁ ତୈଳ ଖର୍ଚ୍ଚ କମ୍ କରିବା ଲାଗି ଠିଆ ହୋଇଥିବା ସମୟରେ ଷ୍ଟାର୍ଟ ବନ୍ଦ ରଖନ୍ତୁ।

**ଠିକ୍ ରାସ୍ତା ବାଛନ୍ତୁ–** କଲେଜ, ଅଫିସ ହେଉ କିମ୍ବା ମାର୍କେଟ୍ ଆଦି ସ୍ଥାନକୁ ଯିବା ଲାଗି ସବୁଠୁ କମ୍ ଦୂରତା ଥିବା ରାସ୍ତା ବାଛନ୍ତୁ। ଏହାଦ୍ୱାରା କମ୍ ଇନ୍ଧନ ଖର୍ଚ୍ଚ ହେବ। ସେହିପରି କୌଣସି ନୂଆ ସ୍ଥାନକୁ ଯିବାର ଥିଲେ ପ୍ରଥମେ ଉକ୍ତ ସ୍ଥାନର ଅବସ୍ଥିତି ସମ୍ପର୍କରେ ଭଲ ଭାବେ ବୁଝି ସବୁଠୁ ଶର୍ଟକଟ୍ ରାସ୍ତା ବାଛନ୍ତୁ। ନଚେତ୍ ଏଣେ ତେଣେ ଖୋଜିବାରେ ଉଭୟ ସମୟ ଏବଂ ଇନ୍ଧନ ଅଧିକ ନଷ୍ଟ ହେବ। ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଭଲ ରାସ୍ତା ବାଛନ୍ତୁ, କାରଣ ଶର୍ଟକର୍ଟ ଆଳରେ ଖାଲଢିପ ରାସ୍ତା ବାଛିଲେ ବାରମ୍ବାର ବ୍ରେକ୍, ଗିୟର ଆଦି ବ୍ୟବହାର କରିବା ଦ୍ୱାରା ଇନ୍ଧନ ଖର୍ଚ୍ଚ କମିବା ବଦଳରେ ବଢ଼ିବ।

**ଛାଇରେ ପାର୍କିଂ କରନ୍ତୁ:** ଗାଡ଼ିକୁ ସିଧାସଳଖ ସୂର୍ଯ୍ୟକିରଣ ପଡୁଥିବା ସ୍ଥାନରେ ପାର୍କିଂ କରୁଥିଲେ ବି ଆପଣଙ୍କ ଇନ୍ଧନ ଖର୍ଚ୍ଚ ବଢ଼ିବ। କାରଣ ଖରାରେ ଗାଡ଼ିର ଇଞ୍ଜିନ ଗରମ ହୋଇଥାଏ। ଗାଡି ଷ୍ଟାର୍ଟ ହେବା ପରେ ଇଞ୍ଜିନ ଥଣ୍ଡା ହେବା ଲାଗି ଅଧିକ ଇନ୍ଧନ ଆବଶ୍ୟକ କରିଥାଏ। ତେଣୁ ଦିନବେଳା ସବୁବେଳେ ଗାଡ଼ିକୁ ଛାଇରେ ପାର୍କିଂ କରନ୍ତୁ ଇନ୍ଧନ ଖର୍ଚ୍ଚ ଅପେକ୍ଷାକୃତ କମ୍ ହେବ।

**ଇଲେକ୍ଟ୍ରିକ୍ ଗାଡ଼ି ଭଲ ବିକଳ୍ପ:** ବର୍ତ୍ତମାନ ଇନ୍ଧନ ଖର୍ଚ୍ଚ କମାଇବା ଲାଗି ବିଭିନ୍ନ କମ୍ପାନୀର ଇଲେକ୍ଟ୍ରିକ୍ ବାଇକ୍ ବଜାର ପ୍ରବେଶ କରିସାରିଛି। ଚାହିଁଲେ ଏହାକୁ ମଧ୍ୟ ବ୍ୟବହାର କରିପାରିବେ। ଯଦି ଆପଣ କାର୍‌ରେ ଯାତାୟତ କରୁଛନ୍ତି ତବେ ଇଲେକ୍ଟ୍ରିକ୍ ବା ହାଇବ୍ରିଡ୍ କାର ଆପଣଙ୍କ ପାଇଁ ଭଲ ବିକଳ୍ପ।

**ଏସି କମ୍ ବ୍ୟବହାର କରନ୍ତୁ:** କାର୍ ବ୍ୟବହାର କରୁଥିବା ଅଧିକାଂଶ ଯୁବପିଢ଼ି ବିନା ଏସିରେ ଗାଡ଼ି ଚଲାନ୍ତି ନାହିଁ। ଏସିରେ ବସିବା ଯଦିଓ ଆରାମଦାୟକ ହେଲେ ଆପଣ ଜାଣନ୍ତି କି, ଏସି ପ୍ରାୟ ୧୦% ଅଧିକ ଇନ୍ଧନ ଖର୍ଚ୍ଚ କରିଥାଏ। ତେଣୁ ଏସି ଅନ୍ କରୁଥିଲେ ଗାଡ଼ି ଭିତର ଥଣ୍ଡା ହେବାପରେ ତୁରନ୍ତ ବନ୍ଦ କରିଦିଅନ୍ତୁ।

**ସାଇକେଲ୍ ଏବେ ବେଷ୍ଟ ଅପ୍ସନ:** ଏବେ ଧିରେ ଧିରେ ଯୁବପିଢି ପୂନର୍ବାର ସାଇକେଲ୍ ପ୍ରତି ଆଗ୍ରହୀ ହେଉଥିବା ଦେଖିବାକୁ ମିଳୁଛି। ଏହାର ଦୁଇଟି ଲାଭ ରହିଛି। ଏଥିରେ ଇନ୍ଧନ ଖର୍ଚ୍ଚ ଆଦୌ ନ ଥିବା ବେଳେ ପ୍ରତିଦିନ ସାଇକେଲିଂ କରିବା ଦ୍ୱାରା ଶରୀର ଫିଟ୍ ମଧ୍ୟ ରହୁଛି।



ସୁବ୍ରତ



ସାର୍ଥକ



ସୌଭାଗ୍ୟ

## କ'ଣ କୁହନ୍ତି ଏମାନେ...

**ସୌଭାଗ୍ୟ ରଞ୍ଜନ ତ୍ରିପାଠୀ** (କର୍ମଜୀବୀ, ଭୁବନେଶ୍ୱର)– ବର୍ତ୍ତମାନ ପେଟ୍ରୋଲ କିଣିଲେ ପକେଟ୍ ଖାଲି ହୋଇଯାଉଛି। ଗୋଟିଏ ପଟେ ଅତ୍ୟାବଶ୍ୟକ ଜିନିଷର ଦରଦାମ ବୃଦ୍ଧି ଅନ୍ୟପଟେ ପେଟ୍ରୋଲ। ଯାହାକି ଆମ ପାଇଁ କଷ୍ଟକର ହୋଇପଡ଼ିଛି। କେନ୍ଦ୍ର ସରକାର ସବୁବେଳେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବୃଦ୍ଧିର ଆଳ ଦେଖାଇ ପେଟ୍ରୋଲ ମୂଲ୍ୟ ବଢ଼ାଇ ଚାଲିଛନ୍ତି। ରାଜ୍ୟ ସରକାର ମଧ୍ୟ ସେହିପରି କରୁଛନ୍ତି। ତେଣୁ ମୋର ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ଅନୁରୋଧ ପେଟ୍ରୋଲ ଏବଂ ଡିଜେଲ ଉପରେ ଭାଟ୍ କମାନ୍ତୁ।

**ସାର୍ଥକ କୁମାର ମହାପାତ୍ର** (ଛାତ୍ର, ବୌଦ୍ଧ)– ପେଟ୍ରୋଲ, ଡିଜେଲ ଦର ଏବେ ଯେଉଁ ହାରରେ ବଢ଼ି ଚାଲିଛି ତାହା ନ କହିବା ଭଲ। ପୂର୍ବରୁ ସହର ଭିତରେ ଥିବା ଯେ କୌଣସି ସ୍ଥାନକୁ ବାଇକ୍‌ରେ ଯାଉଥିବା ବେଳେ ଏବେ ପେଟ୍ରୋଲ ଦର ବଢ଼ିଯିବାରୁ ନିଜ ପାଇଁ ସାଇକେଲଟିଏ କିଣିଦେଇଛି ଏବଂ ସେଥିରେ ଯିବା ଆସିବା କରୁଛି। ପେଟ୍ରୋଲ ଦର ଏତେ ବଢ଼ିଯାଇଛି ଯେ ବାପାଙ୍କଠାରୁ ବାରମ୍ବାର ଟଙ୍କା ମାଗିବାକୁ ଭଲ ଲାଗୁନି। ସେଥିପାଇଁ ଏବେ ବାଇକ୍ ଧରି ବାହାରେ ବୁଲାବୁଲି କରିବା କି କୌଣସି ସ୍ଥାନକୁ ଯିବା ବହୁତ କମାଇ ଦେଇଛି। ମୋ ମତରେ, ସମସ୍ତଙ୍କୁ ସୁହାଇଲା ଭଳି ପେଟ୍ରୋଲ ଦର ହେବା ଦରକାର।

**ସୁବ୍ରତ କୁମାର ସତପଥୀ** (କର୍ମଜୀବୀ, କଟକ)– ଖାଦ୍ୟ, ପାନୀୟ ପରି ଏବେ ପେଟ୍ରୋଲ ବି ମୋ ପାଇଁ ଅତ୍ୟାବଶ୍ୟକ ହୋଇଯାଇଛି। ପ୍ରତିଦିନ ଘରୁ ବାହାରିଲେ ପ୍ରଥମେ ଗାଡ଼ି ଚେକ୍ କରେ ପେଟ୍ରୋଲ ଅଛି କି ନାହିଁ। ପୂର୍ବରୁ ଏକ ପ୍ରାଇଭେଟ୍ କମ୍ପାନୀରେ କାମ କରୁଥିଲି। ସେଥିରୁ ଯେତିକି ଦରମା ଆସୁଥିଲା ତା'ର ଏକ ଚତୁର୍ଥାଂଶ କେବଳ ପେଟ୍ରୋଲ ପକାଇବାରେ ହିଁ ଖର୍ଚ୍ଚ ହୋଇ ଯାଉଥିଲା। ଯେହେତୁ ସମାଜସେବା କରୁଛି, ମୋତେ ଅନେକ ସମୟରେ ବିଭିନ୍ନ ସ୍ଥାନକୁ ଯିବାକୁ ପଡୁଛି। ଫଳରେ ପ୍ରତିଦିନ ଗାଡ଼ିରେ ୧୫୦–୨୦୦ଟଙ୍କାର ପେଟ୍ରୋଲ ପକାଇବାକୁ ପଡୁଛି। ତେଣୁ ପେଟ୍ରୋଲ ଦର କମିଗଲେ ବେଶ୍ ଭଲ ହୁଅନ୍ତା।



## ଏ ସପ୍ତାହର ପ୍ରଶ୍ନ

୧– ୱାର୍ଲ୍ଡ ପୋଏଟ୍ରି ଡେ ........... ତାରିଖରେ ପାଳନ କରାଯାଏ ?
୨–ଭାରତର ପ୍ରଥମ ଏଗ୍ରିକଲ୍ଚର ଏକ୍ସପୋର୍ଟ ଫାସିଲିଟେଶନ୍ ସେଣ୍ଟର........ ଠାରେ ଆରମ୍ଭ କରାଯାଇଛି ?
୩– ନିହାଲ୍ ସରିନ୍ .......... ଖେଳ ପାଇଁ ପରିଚିତ ?
୪– ପୃଥିବୀର ସବୁଠୁ ଗଭୀରତମ ସ୍ଥାନ.............. ?
୫– ପୃଥିବୀର ତୃତୀୟ ଜନବହୁଳ ଦେଶ ............. ?

## ଗତ ଥରର ଉତ୍ତର

୧ ଭବିଷ୍ୟ ରକ୍ଷତି ରକ୍ଷିତ୍
୨ ଆମେରିକା
୩ ଫେବୃୟାରୀ ୨୭
୪ ଭାରତ
୫ ତାମିଲନାଡୁ

## ଉତ୍ତରଦାତା



କେ. ସୁନୀଲ କୁମାର ରାଓ, ଛତ୍ରପୁର



ଶେଖ୍ ୟାକୁବ୍, ଗୋପ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ପୃଥିବୀର ସର୍ବବୃହତ୍ ଅଭୟାରଣ୍ୟ

୧– ବାନ୍ଧବଗଡ଼ ନ୍ୟାଶନାଲ୍ ପାର୍କ..................ଭାରତ
୨– ଖାଓ ସୋକ୍ ନ୍ୟାଶନାଲ୍ ପାର୍କ.................. ଥାଇଲାଣ୍ଡ
୩– କ୍ରୋଆଜିଙ୍ଗୋଲଙ୍ଗ୍ ନ୍ୟାଶନାଲ୍ ପାର୍କ.................. ଅଷ୍ଟ୍ରେଲିଆ
୪– ମ୍ୟାଡିକ୍ୱେ ଗେମ୍ ରିଜର୍ଭ....... ଆମେରିକା
୫– ୟାସୁନି ନ୍ୟାଶନାଲ୍ ପାର୍କ...... ଆମେରିକା
୬– ଜାଉ ନ୍ୟାଶନାଲ୍ ପାର୍କ........ ବ୍ରାଜିଲ୍
୭– କଫ୍ୟୁ ନ୍ୟାଶନାଲ୍ ପାର୍କ....... ଆଫ୍ରିକା
୮– କ୍ରୁଗର ନ୍ୟାଶନାଲ୍ ପାର୍କ.................. ଆଫ୍ରିକା
୯– ଜିମ୍ କର୍‌ବେଟ୍ ନ୍ୟାଶନାଲ୍ ପାର୍କ.................. ଭାରତ
୧୦– ସେଣ୍ଟ୍ରାଲ କାଲାହାରୀ ଗେମ୍ ରିଜର୍ଭ.................. ବୋଟ୍ସ୍ୱାନା




## ଜାଣନ୍ତୁ ଦୁନିଆ

# ଇନ୍ଦ୍ରଧନୁର ଦେଶ

ସାଉଥ୍ ଆଫ୍ରିକା, ଯାହାକି ଇନ୍ଦ୍ରଧନୁର ଦେଶ ଭାବେ ବେଶ୍ ପରିଚିତ। ନାଁରୁ ହୁଏତ ଭାବୁଥିବେ, ଏଠାରେ ସବୁବେଳେ ଇନ୍ଦ୍ରଧନୁ ପଡୁଥାଇପାରେ। ହେଲେ ଏହି ନାଁ ପଛର କାହାଣୀ କିନ୍ତୁ ଭିନ୍ନ । ବିଭିନ୍ନ ଧର୍ମାବଲମ୍ବୀ, ଭାଷାଭାଷୀ ଓ ସମ୍ପ୍ରଦାୟର ଲୋକ ବହୁ ପୂର୍ବରୁ ଏଠାରେ ବାସ କରୁଥିବାରୁ ଏହାର ନାମକରଣ ଏପରି କରାଯାଇଛି । ୧୯୯୪ ମସିହାରେ ପ୍ରଥମେ ଆର୍କବିଶପ୍ ଡେସମଣ୍ଡ ଟୁଟୁ ସାଉଥ୍ ଆଫ୍ରିକାକୁ ଇନ୍ଦ୍ରଧନୁର ଦେଶ ବୋଲି କହିଥିଲେ। ତେବେ ଜାଣନ୍ତୁ ଏହି ଦେଶ ସମ୍ପର୍କରେ ଆଉ କିଛି ରୋଚକ ତଥ୍ୟ...



▶ଏହା ହେଉଛି ଏଭଳି ଏକ ଦେଶ, ଯେଉଁଠି ୧୧ଟି ଭାଷାକୁ ସରକାରୀ ଭାଷାର ମାନ୍ୟତା ମିଳିଛି। ଏଠାର ଅଧିକାଂଶ ଅଧିବାସୀ ଏକାଧିକ ଭାଷା କହିଥାନ୍ତି। ''ଇସିଜୁଲୁ'' ଭାଷାକୁ ସବୁଠୁ ଅଧିକ ବ୍ୟବହାର କରାଯାଉଥିବା ବେଳେ ଦ୍ୱିତୀୟରେ ''ଇସିହୋସା'' ରହିଛି।

▶ପୃଥିବୀର ଏହା ହେଉଛି ଏକମାତ୍ର ଦେଶ, ଯାହାର ୩ଟି ରାଜଧାନୀ ରହିଛି ଯଥା, କେପ୍ ଟାଉନ୍, ପ୍ରେଟୋରିଆ ଏମଂ ବ୍ଲୋମ୍‌ଫୋଣ୍ଟେଇନ୍। ଏଗୁଡ଼ିକୁ ନ୍ୟାୟପାଳିକା, ବ୍ୟବସ୍ଥାପିକା ଏବଂ କାର୍ଯ୍ୟପାଳିକା ବିଭାଗର ରାଜଧାନୀ ଭାବେ ବିଭକ୍ତ କରାଯାଇଛି। ପ୍ରଥମ ୬ ମାସରେ ହେଉଥିବା ପାର୍ଲାମେଣ୍ଟ ମିଟିଂ କେପ୍ ଟାଉନ୍‌ରେ ହେଉଥିବା ବେଳେ ଅନ୍ୟ ୬ ମାସ ପ୍ରେଟୋରିଆରେ ହୋଇଥାଏ।

▶ଦୁଇଜଣ ନୋବେଲ୍ ବିଜେତା ଗୋଟେ ସହରରେ ବାସ କରିବାରେ ମଧ୍ୟ ଏହି ଦେଶ ହେଉଛି ପ୍ରଥମ। ୧୯୮୪ ମସିହାରେ ଆର୍କବିଶପ୍ ଡେସମଣ୍ଡ ଟୁଟୁ ଏବଂ ଏହାର ୯ ବର୍ଷ ପରେ ଅର୍ଥାତ୍ ୧୯୯୩ରେ ନେଲ୍‌ସନ୍ ମଣ୍ଡେଲା ଏହି ସମ୍ମାନନୀୟ ପୁରସ୍କାର ପାଇଥିଲେ।

▶୧୯୬୭ ମସିହା ଡିସେମ୍ବର ୩ ତାରିଖରେ ପୃଥିବୀର ପ୍ରଥମ ହାର୍ଟ ଟ୍ରାନ୍ସପ୍ଲାଣ୍ଟ କେପ୍ ଟାଉନ୍‌ରେ ହୋଇଥିଲା। ଏହି ସହରରେ ଥିବା ଗ୍ରୁଟ୍ ସ୍କୁର୍ ହସ୍ପିଟାଲ୍‌ରେ ଡ. ଖ୍ରୀଷ୍ଟିୟାନ୍ ବର୍ନାର୍ଡ ଏହାକୁ ପ୍ରଥମେ କରିଥିଲେ।

▶ପୃଥିବୀର ସବୁଠୁ ପୁରୁଣା ମାଉଣ୍ଟେନ୍ ଭାବେ ଜଣାଶୁଣା 'ଟେବୁଲ୍ ମାଉଣ୍ଟେନ୍'ଏଠାରେ ରହିଛି। ପ୍ରାୟ ୨୬୦ ବର୍ଷ ପୁରୁଣା ଏହି ମାଉଣ୍ଟେନ୍‌ରେ ପ୍ରାୟ ୧୦୦୦ରୁ ଅଧିକ ପ୍ରଜାତିର ଗଛ ଥିବା ଜଣାଯାଏ।

▶ପୃଥିବୀର ସବୁଠାରୁ ଲକ୍ସ୍ୟୁରିୟସ୍ ରେଳ ଏଠାରେ ରହିଛି, ଯାହା ନାଁ ହେଉଛି ''ରୋଭସ୍ ରେଲ''। ସେଥିପାଇଁ ଏଠାର ଅଧିବାସୀ ଏବଂ ପର୍ଯ୍ୟଟକମାନେ ଏଥିରେ ବସି ବିଭିନ୍ନ ସ୍ଥାନକୁ ଯିବାକୁ ଅଧିକ ପସନ୍ଦ କରନ୍ତି।

▶ଦ୍ରୁତ ଦୌଡୁଥିବା ୫ ପଶୁଙ୍କ ମଧ୍ୟରୁ ୩ ପଶୁ ଯଥା ଚିତା ବାଘ, ସିଂହ ଏବଂ ୱାଇଲ୍ଡ ବିଷ୍ଟ ଏଠାରେ ବେଶି ଦେଖାଯାଆନ୍ତି। ଏଠାରେ ୮ଟି ଆଶ୍ଚର୍ଯ୍ୟଜନକ ସ୍ଥାନ ରହିଛି।



## ୟୁଥ୍ ଆଲର୍ଟ

# ହେୟାର କଲର କରୁଥିଲେ...

ବର୍ତ୍ତମାନ ଅଧିକାଂଶ ଯୁବପିଢ଼ିଙ୍କ ଲାଗି ହେୟାର କଲରିଂ ବିନା ଯେମିତି ଫ୍ୟାଶନ ଅଧୁରା । ତେବେ ଆପଣ ଜାଣନ୍ତିକି ସୌନ୍ଦର୍ଯ୍ୟ ବୃଦ୍ଧି କରିବା ଲାଗି ବ୍ୟବହାର କରୁଥିବା ଏହି ହେୟାର କଲର ଅପରପକ୍ଷେ କେଶ ଝଡ଼ିବା, ଚନ୍ଦାପଣ ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟାର ବି କାରଣ ସାଜିପାରେ...



▶ବର୍ତ୍ତମାନ ହେୟାର କଲରର ବଢୁଥିବା ଡିମାଣ୍ଡକୁ ଆଖିଆଗରେ ରଖି ମାର୍କେଟ୍‌ରେ ବିଭିନ୍ନ ବ୍ରାଣ୍ଡର ହେୟାର କଲର ଉପଲବ୍ଧ। ଯାହା ଭିତରୁ ଅଧିକାଂଶ ପ୍ରଡକ୍ଟରେ ଅନେକ କେମିକାଲ୍ ବିଶେଷ କରି ଆମୋନିଆ ବ୍ୟବହାର କରାଯାଉଛି। ଯାହାକି କେଶରେ ରଙ୍ଗ ଅଧିକ ସମୟ ରହିବା ଲାଗି ଏହାର କ୍ୟୁଟିକଲ୍‌କୁ ଭାଙ୍ଗିଥାଏ। ଏହା କେଶକୁ ଡ୍ରାଏ କରିବା ସହ ଶୀଘ୍ର ଖରାପ କରି ଉପୁଡିବା ଲାଗି ମଧ୍ୟ ଦାୟୀ। ଏହା କେତେକଙ୍କଠାରେ ଆଲର୍ଜି ସମସ୍ୟା ବି ସୃଷ୍ଟି କରିଥାଏ।

▶ ଆମୋନିଆ କେଶ ପାଇଁ ଖରାପ ବୋଲି ଅନେକଙ୍କୁ ଜଣା ଥିବାରୁ ସେମାନେ ଆମୋନିଆ ଫ୍ରି ହେୟାର କଲର ବ୍ୟବହାର ପ୍ରତି ଗୁରୁତ୍ୱ ଦିଅନ୍ତି। ହେଲେ ଏଥିରେ ଆମୋନିଆ ବଦଳରେ ବ୍ୟବହାର ହେଉଥିବା ମୋନୋ ଇଥାନୋଲାମାଇନ୍ ନାମକ କେମିକାଲ୍ କେଶ ପାଇଁ ହାନିକାରକ ସେ ଦିଗରେ ଅନେକେ ଅବଗତ ନ ଥାନ୍ତି। ଏହି କେମିକାଲ କେଶକୁ ଦୁର୍ବଳ ଓ ରୁକ୍ଷ କରିଥାଏ। ଫଳରେ କେଶ ଝଡ଼ିବା ଆରମ୍ଭ ହୋଇଥାଏ।

▶ଯେଉଁମାନଙ୍କ ତ୍ୱଚା ସମ୍ବେଦନଶୀଳ ସେମାନେ ହେୟାର କଲର ବ୍ୟବହାର କରିବା ଠିକ୍ ନୁହେଁ। କାରଣ ଏହା ଦ୍ୱାରା ସ୍କିନ୍ ଆଲର୍ଜି ହୋଇ ଫଳିଯିବା ଏବଂ ଲାଲ୍ ପଡି କଷ୍ଟ ହେବା ସମସ୍ୟା ଉପୁଜିପାରେ। ଏହାଦ୍ୱାରା କେଶ ମୂଳରୁ ଦୁର୍ବଳ ହୋଇ ଉପୁଡିବା ଆରମ୍ଭ ହୋଇଥାଏ।

– ହେୟାର କଲର ସ୍ପ୍ରେ, ୱାକ୍ସ, ଜେଲ୍, ପାଉଡର ବିଭିନ୍ନ ପ୍ରକାରର ଆସିଥାଏ। ତେବେ ଏହାକୁ ନେଇ ଅନେକଙ୍କ ମନରେ ଭ୍ରାନ୍ତଧାରଣା ଥାଏ ଯେ, ପାଉଡର କଲର ଅପେକ୍ଷା ସ୍ପ୍ରେ, ଜେଲ୍ ଆଦି କଲର ଅଧିକ ଦାମୀ ଏବଂ ସୁରକ୍ଷିତ। ହେଲେ ଏହି ରଙ୍ଗ ଅଧିକ ଦିନ କେଶରେ ରହିବା ଲାଗି ମିଶାଯାଉଥିବା କେମିକାଲ୍ କେଶର ପ୍ରାକୃତିକ ମଶ୍ଚରାଇଜରକୁ ନଷ୍ଟ କରିଦିଏ। ଫଳରେ କେଶ ଅଧାରୁ ଛିଣ୍ଡିବା ଆରମ୍ଭ ହୋଇଯାଏ।

– ହେୟାର କଲର ଆଖିରେ ଲାଗିବା ଦ୍ୱାରା ରେଟିନା ଖରାପ ହେବାର ଆଶଙ୍କା ରହିଛି। କେବଳ ଏତିକି ନୁହେଁ ଏହାଦ୍ୱାରା ଶ୍ୱାସଜନିତ ସମସ୍ୟା ଉପୁଜିବାର ଆଶଙ୍କାକୁ ମଧ୍ୟ ଏଡ଼ାଇ ଦିଆଯାଇ ନ ପାରେ।



ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା: ୮ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ରବିବାର, ମାର୍ଚ୍ଚ ୨୭/୨୦୨୨ Sambalpur, Sunday, March 27/ 2022

# ରୁଷିଆର ଆଣବିକ ବୁଡ଼ାଜାହାଜ ମୁତୟନ

**ମସ୍କୋ, ୨୬।୩**

ରୁଷିଆର ୟୁକ୍ରେନ୍ ଆକ୍ରମଣ ୩୧ ଦିନରେ ପହଞ୍ଚିଥିବାବେଳେ ଯୁଦ୍ଧବିରତିର କୌଣସି ବାଟ ବାହାରିପାରିନାହିଁ। ୟୁକ୍ରେନ୍ ଆତ୍ମସମର୍ପଣ ପାଇଁ ମନା କରିବା ସହ ରୁଷିଆ ସର୍ତ୍ତରେ ରାଜି ହେଉ ନ ଥିବାରୁ ଯୁଦ୍ଧ ଲମ୍ବିବାରେ ଲାଗିଛି। ଫଳରେ କ୍ରେମ୍ଲିନ୍ର ଯୋଜନା ସଫଳ ହୋଇପାରି ନ ଥିବାରୁ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ପ୍ଲାନ 'ବି' ଆପଣାଇଛନ୍ତି। ମସ୍କୋ ୟୁକ୍ରେନ୍ ଯୁଦ୍ଧରେ ଆଣବିକ ଅସ୍ତ୍ର ବ୍ୟବହାର କରିବାର ଆଶଙ୍କା ବଢୁଥିବାବେଳେ ପୁଟିନ୍ ଉତ୍ତର ଆଟ୍ଲାଣ୍ଟିକ୍ରେ ଏକାଧିକ ନ୍ୟୁକ୍ଲିୟର ବୁଡ଼ାଜାହାଜ ମୁତୟନ କରିଛନ୍ତି। ଫଳରେ ପୂର୍ବ ୟୁରୋପ ଉପରେ ନଜର ରଖିଥିବା ପାଶ୍ଚାତ୍ୟ ଦେଶଗୁଡ଼ିକୁ ନିଜ ସୁରକ୍ଷା ଚିନ୍ତା ଘାରିଛି। ୟୁରୋପୀୟ ଦେଶଗୁଡ଼ିକର ଧ୍ୟାନ ଏବେ ଏହି ବୁଡ଼ାଜାହାଜ ଉପରେ ରହିଛି। ବାଲିଷ୍ଟିକ୍ ମିଶାଇଲ ଯୋଗେ ରୁଷିଆର ବୁଡ଼ାଜାହାଜ ଆଣବିକ ଆକ୍ରମଣ କରିବାକୁ ସକ୍ଷମ। ପ୍ରତ୍ୟେକ ସବ୍ମେରିନ୍ରେ ୧୬ ବାଲିଷ୍ଟିକ୍ ମିଶାଇଲ ରହିପାରିବ।



ରିପୋର୍ଟ ଅନୁସାରେ, ଗତ ମାସରେ ରୁଷିଆ ୟୁକ୍ରେନ୍ ଉପରେ ଆକ୍ରମଣ ନେଇ ପୁଟିନ୍ ନିର୍ଦ୍ଦେଶ ଦେବା ପରେ ଏହି ବୁଡ଼ାଜାହାଜ ଉତ୍ତର ଆଟଲାଣ୍ଟିକ୍ ଅଭିମୁଖେ ବାହାରିଥିଲା। ବ୍ରିଟେନ ନୌସେନା ରୁଷିଆର ଆଣବିକ ବୁଡ଼ାଜାହାଜକୁ ଏକ ଚେତାବନୀ ବୋଲି କହିଛି। ବାସ୍ତବରେ ମସ୍କୋ ନ୍ୟୁକ୍ଲିୟର ଆକ୍ରମଣ କରିବାର କୌଣସି ଯୋଜନା କରି ନ ଥିବା ଆମେରିକା ପ୍ରତିରକ୍ଷା ମୁଖପାତ୍ର ଜନ୍ କିର୍ବି କହିଛନ୍ତି। ଏହି ବୁଡ଼ାଜାହାଜ ଯୋଗେ ରୁଷିଆ ରଣନୈତିକ ଦୃଷ୍ଟିରୁ ଗୁରୁତ୍ୱ ରଖୁଥିବା

## ବଢ଼ିଲା ନ୍ୟୁକ୍ଲିୟର ଯୁଦ୍ଧ ଆଶଙ୍କା

ମିଶାଇଲ ନିକ୍ଷେପ କରି କ୍ଷଣିକରେ କୌଣସି ସହର କିମ୍ବା ଅଞ୍ଚଳକୁ ନଷ୍ଟ କରିପାରିବ। ରୁଷିଆ ନିକଟରେ ଦୁନିଆର ସବୁଠୁ ବଡ଼ ଆଣବିକ ଅସ୍ତ୍ର ଭଣ୍ଡାର ରହିଛି। ଏହାର ନ୍ୟୁକ୍ଲିୟର ଅସ୍ତ୍ରଶସ୍ତ୍ର ସଂଖ୍ୟା ୪,୪୭୭। ୟୁକ୍ରେନ୍ ସମେତ ଅନ୍ୟ ୟୁରୋପୀୟ ଦେଶର ସୀମା ନିକଟରେ ରୁଷିଆର ଅନେକ ଆଣିବକ ଘାଟି ରହିଛି। ଆବଶ୍ୟକବେଳେ ରୁଷିଆ ସେଠାରୁ ଅବିଳମ୍ବେ ନ୍ୟୁକ୍ଲିୟର ଅସ୍ତ୍ର ବ୍ୟବହାର କରିପାରିବ। ସୋଭିଏଟ୍ ୟୁନିୟନ ବେଳ ଅପେକ୍ଷା ରୁଷିଆ ଉନ୍ନତ ଓ ଅତ୍ୟାଧୁନିକ ଆଣବିକ ଅସ୍ତ୍ର ରଖିଛି। ରୁଷିଆ ପ୍ରତିରକ୍ଷା ମନ୍ତ୍ରୀ ସେର୍ଗି ସୋୟିଗୁ ୨୦୨୧ରେ ଦେଇଥିବା ସୂଚନା ଅନୁସାରେ ଏହାର ଆଣବିକ ଅସ୍ତ୍ରଶସ୍ତ୍ର ଓ ଯନ୍ତ୍ରପାତି ସଂଖ୍ୟା ୮୯.୧ ପ୍ରତିଶତରେ ପହଞ୍ଚିଛି। ୨୦୨୦ ପୂର୍ବରୁ ତାହା ୮୬ ପ୍ରତିଶତ ଥିଲା।

## ପୁଟିନ୍ଙ୍କ ଗାଳି ଶୁଣି ପ୍ରତିରକ୍ଷା ମନ୍ତ୍ରୀଙ୍କୁ ହୃଦ୍‌ଘାତ

### ୨ ସପ୍ତାହ ପରେ ସାମ୍ନାକୁ ଆସିଲେ



**ମସ୍କୋ, ୨୬।୩:** ଯୁଦ୍ଧରେ ଆଶା ଅନୁଯାୟୀ ସଫଳ ହୋଇପାରି ନ ଥିବାରୁ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ବିଚଳିତ ହୋଇ ତାଙ୍କ ପ୍ରତିରକ୍ଷା ମନ୍ତ୍ରୀ ସେର୍‌ଗି ଶୋଇଗୁଙ୍କୁ ଗାଳି କରିଛନ୍ତି। ଏହା ସହି ନ ପାରି ଶୋଇଗୁ ହୃଦ୍‌ଘାତର ଶିକାର ହୋଇଥିବା ୟୁକ୍ରେନ୍ ମନ୍ତ୍ରୀ ଆଣ୍ଟୋନ୍ ଗେରାଶ୍‌ଚେଙ୍କୋ ଦାବି କରିଛନ୍ତି। ଅପରପକ୍ଷେ ଗତ ୧୧ ତାରିଖରୁ ସର୍ବସାଧାରଣରେ ସେର୍‌ଗିଙ୍କ ଦେଖା ମିଳି ନ ଥିବାବେଳେ ଶନିବାର ଏକ ଟେଲିଭିଜନ ବ୍ରଡ୍‌କାଷ୍ଟରେ ତାଙ୍କର ଏକ ଭିଡିଓ ପ୍ରସାର ହୋଇଛି। ଏଥିରେ ସେ ରୁଷିଆର ଯୁଦ୍ଧାସ୍ତ୍ର ବଜେଟ୍ ପ୍ରସ୍ତୁତ କରୁଥିବା ଦେଖିବାକୁ ମିଳିଛି। ତେବେ ଏହି ଭିଡିଓ ଏବେର ନା ପୂର୍ବରୁ ରେକର୍ଡ କରାଯାଇଛି ତାହ ଜଣାପଡ଼ିନାହିଁ। ୟୁକ୍ରେନ୍‌ରେ 'ମିଲିଟାରୀ ଅପରେଶନ' ଚାଲିଥିବାରୁ ପ୍ରତିରକ୍ଷା ମନ୍ତ୍ରୀଙ୍କ ଅନେକ ଦାୟିତ୍ୱ ରହିଛି। ଏବେ ସେ ମିଡିଆ ସମ୍ମୁଖକୁ ଆସିବାର ସମୟ ନୁହେଁ ବୋଲି କ୍ରେମଲିନ୍ ପକ୍ଷରୁ କୁହାଯାଇଛି।

## ସଂକ୍ଷେପରେ

### ରୁଷିଆ ଜେନେରାଲ୍ ନିହତ

**କିଭ୍, ୨୬।୩:** ୟୁକ୍ରେନ୍ ସହ ଲଢ଼େଇବେଳେ ରୁଷିଆର ଆଉଜଣେ ଜେନେରାଲ ୟାକୁଭ ରେଜାଣ୍ଟସେଭ୍ ଖେରସୋନ୍ ସହରରେ ନିହତ ହୋଇଛନ୍ତି।



ଏ ନେଇ ୟୁକ୍ରେନ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ୟାକୁଭ୍ ରୁଷିଆର ୪୯ତମ କମ୍ବାଇନ୍‌ଡ ଆର୍ମଡ୍ ଆର୍ମି ଜେନେରାଲ। ତାଙ୍କୁ ମିଶାଇ ଏ ପର୍ଯ୍ୟନ୍ତ ୭ ଜେନେରାଲ ୟୁକ୍ରେନରେ ନିହତ ହୋଇଥିବା ୟୁକ୍ରେନ୍ ସରକାରଙ୍କ ପକ୍ଷରୁ କୁହାଯାଇଛି।

### 'ଓସ୍କାର'ରେ ଯୋଗ ଦେଇପାରନ୍ତି ଜେଲେନ୍‌ସ୍କି



**କିଭ୍୨୬।୩:** ମାର୍ଚ୍ଚ ୨୭ରେ ଆୟୋଜନ ହେବାକୁ ଥିବା ଓସ୍କାର-୨୦୨୨ ସମାରୋହରେ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ସାମିଲ ହୋଇପାରନ୍ତି ବୋଲି ରିପୋର୍ଟ ପ୍ରକାଶ ପାଇଛି। ଏକାଡେମୀ ଆୱାର୍ଡ ପ୍ରତିନିଧି ଏ ନେଇ ଜେଲେନ୍‌ସ୍କିଙ୍କ ସହ କଥା ହୋଇଥିବା ଜଣାପଡ଼ିଛି। ଅଭିନେତାରୁ ରାଷ୍ଟ୍ରପତି ହୋଇଥିବା ଜେଲେନ୍‌ସ୍କି ଲାଇଭ୍ ବ୍ରଡ୍‌କାଷ୍ଟ ଯୋଗେ ସମାରୋହରେ ଉପସ୍ଥିତ ରହିପାରନ୍ତି କିମ୍ବା ତାଙ୍କ ରେକର୍ଡ ମେସେଜ୍ ଓସ୍କାର ପ୍ରୋଗ୍ରାମରେ ଚାଲିପାରେ। ତେବେ ଏ ବାବଦରେ ଜେଲେନ୍‌ସ୍କି କିମ୍ବା ଏକାଡେମୀ ପକ୍ଷରୁ ବିଧିବଦ୍ଧ ଭାବେ ଘୋଷଣା କରାଯାଇନାହିଁ। ଓସ୍କାର କୋ-ହୋଷ୍ଟ୍ ଆମି ଶୁମର ସାଟେଲାଇଟ୍ ଯୋଗାଯୋଗ ମାଧମରେ କାର୍ଯ୍ୟକ୍ରମରେ ଯୋଗଦେବା ନିମନ୍ତେ ପ୍ରସ୍ତାବ ଦେବା ପରେ ଏହା ଚର୍ଚ୍ଚାକୁ ଆସିଛି।

### ଆଜିଠାରୁ ଅନ୍ତର୍ଜାତୀୟ ବିମାନ ସେବା

**ନୂଆଦିଲ୍ଲୀ/ମୁମ୍ବାଇ,୨୬।୩(ପି.ଟି.):** କରୋନା ମହାମାରୀ ଯୋଗୁ ଦୀର୍ଘ ୨ ବର୍ଷ ଅନ୍ତର୍ଜାତୀୟ ବିମାନ ସେବା ବନ୍ଦ ରହିବା ପରେ ରବିବାରଠାରୁ ଏହା ନିୟମିତ ଭାବେ ଆରମ୍ଭ ହେବାକୁ ଯାଉଛି। ସ୍ୱାଭାବିକ ଅନ୍ତର୍ଜାତୀୟ ଉଡ଼ାଣ ଲାଗି ବିମାନବନ୍ଦର ଏବଂ ଏୟାରଲାଇନ୍ସଗୁଡ଼ିକ ପ୍ରସ୍ତୁତ ହୋଇଛନ୍ତି। ସଂକ୍ରମଣ କମିବା ସହ ଏୟାରଲାଇନ୍ସ ଧୀରେ ଧୀରେ ସ୍ୱାଭାବିକ ଅବସ୍ଥାକୁ ଫେରୁଛି। ନୂଆଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନ ବନ୍ଦରରୁ ନିୟମିତ ଅନ୍ତର୍ଜାତୀୟ ଉଡ଼ାଣ ଆରମ୍ଭ ହେବା ପରେ ଏପ୍ରିଲ ପ୍ରଥମ ସପ୍ତାହରେ ବିମାନ ଚଳାଚଳ ଯଥେଷ୍ଟ ବୃଦ୍ଧି ପାଇବା ଆଶା କରାଯାଉଛି। ଭାରତୀୟ ଏୟାରଲାଇନ୍ସ ସମେତ ଏମିରେଟ୍ସ, ଭିର୍ଜିନ ଆଟଲାଣ୍ଟିକ ଆଦି ବିଦେଶୀ ଏୟାରଲାଇନ୍ସ ମଧ ସେମାନଙ୍କ ଅନ୍ତର୍ଜାତୀୟ ବିମାନ ସେବା ଯୋଜନା ସମ୍ପର୍କରେ ଘୋଷଣା କରିଛନ୍ତି। ସୂଚନାଯୋଗ୍ୟ ମହାମାରୀ ଯୋଗୁ ୨୦୨୦ ମାର୍ଚ୍ଚ ୨୩ରୁ ଅନ୍ତର୍ଜାତୀୟ ଯାତ୍ରୀବାହୀ ବିମାନ ସେବା ବନ୍ଦ ରହିଥିଲା। ତେବେ କେତେକ ଦେଶ ମଧରେ ଦ୍ୱିପାକ୍ଷିକ ଏୟାରବବଲ୍ ବ୍ୟବସ୍ଥା ଅନୁଯାୟୀ ଅନ୍ତର୍ଜାତୀୟ ବିମାନ ସେବା ଜାରି ରହିଛି।

## ୟୁକ୍ରେନ୍ ମନ୍ତ୍ରୀଙ୍କୁ ଭେଟିଲେ ବାଇଡେନ୍

### ପୁଟିନ୍ଙ୍କୁ କଂସେଇ କହିଲେ

**ୱାର୍ସ, ୨୬।୩:** ପୋଲାଣ୍ଡ ଗସ୍ତରେ ଥିବା ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଶନିବାର ଯୁଦ୍ଧ ପ୍ରଭାବିତ ୟୁକ୍ରେନ୍‌ର ବହିର୍ବ୍ୟାପାର ମନ୍ତ୍ରୀ ଡିମିଟ୍ରୋ କୁଲେବା ଏବଂ ପ୍ରତିରକ୍ଷା ମନ୍ତ୍ରୀ ଓଲେକ୍‌ସି ରେଜ୍‌ନିକୋଭ୍‌ଙ୍କୁ ୱାର୍ସରେ ଭେଟିଛନ୍ତି। ଏଭଳି ସଙ୍କଟ ସମୟରେ ୟୁକ୍ରେନ୍ ବାହାରକୁ ଆସି ଦୁଇ ମନ୍ତ୍ରୀ ବାଇଡେନ୍‌ଙ୍କୁ ସାକ୍ଷାତ କରିବା ଅର୍ଥ ରୁଷିଆ ସହ ଆହୁରି ଜୋର୍‌ଦାର ଲଢ଼େଇ ପାଇଁ ଆତ୍ମବିଶ୍ୱାସ ପାଇଥିବା କୁହାଯାଉଛି। ଏହାସହ ବାଇଡେନ୍ ପୋଲାଣ୍ଡରେ ପହଞ୍ଚିଥିବା ୟୁକ୍ରେନ୍ ଶରଣାର୍ଥୀଙ୍କୁ ଭେଟିଛନ୍ତି। ଏହି ସମୟରେ ବାଇଡେନ୍ ପୁଟିନ୍‌ଙ୍କୁ କଂସେଇ ବୋଲି କହିଥିଲେ।



ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ପୋଲାଣ୍ଡରେ ୟୁକ୍ରେନ୍ ଶରଣାର୍ଥୀଙ୍କୁ ଭେଟୁଛନ୍ତି।

## ଆର୍ଥିକ ସଙ୍କଟ: ଶ୍ରୀଲଙ୍କା ଗଣମାଧ୍ୟମ ପ୍ରଭାବିତ

**କଲମ୍ବୋ,୨୬।୩**

ଆର୍ଥିକ ସଙ୍କଟ ଦେଇ ଗତି କରୁଛି ଶ୍ରୀଲଙ୍କା। ଏବେ ସ୍ଥାନୀୟ ଗଣମାଧ୍ୟମ ଉପରେ ଏହାର ପ୍ରଭାବ ପଡ଼ିଛି। ଖବରକାଗଜ ଛାପିବା ପାଇଁ ବ୍ୟବହୃତ କାଗଜର ଦର ବୃଦ୍ଧି ଓ ଅଭାବ କାରଣରୁ ଦେଶର ଦୁଇ ପ୍ରମୁଖ ଖବରକାଗଜ ସଂସ୍ଥା ଖବର ଛାପିବା ବନ୍ଦ କରିଛନ୍ତି। 'ଦ ଆଇଜ୍‌ଲାଣ୍ଡ' ନାମରେ ଇଂଲିଶ ଖବର କାଗଜ ଏବଂ ସିଂହଳୀ ଭାଷାରେ ପ୍ରକାଶିତ 'ଡିଭାୟିନା' ଅନିର୍ଦ୍ଦିଷ୍ଟ କାଳ ପାଇଁ ଖବରକାଗଜ ଛାପିବା ବନ୍ଦ କରିଛନ୍ତି। ୧୯୮୧ରେ ଦ ଆଇଜ୍‌ଲାଣ୍ଡ ଖବରକାଗଜ ୧୯୮୧ରୁ ଖବର ଛାପି ଆସୁଛି। ତେବେ କାଗଜ ଅଭାବ କାରଣରୁ ଛପାକାର୍ଯ୍ୟ ବନ୍ଦ ହୋଇଥିଲେ ହେଁ ଅନ୍‌ଲାଇନ୍ ଇ-ପେପେର ଜରିଆରେ ପାଠକ ଖବର ପଢ଼ିପାରିବେ ବୋଲି ସଂସ୍ଥାର ସମ୍ପାଦକ କହିଛନ୍ତି।

ଦେଶରେ ଦରବୃଦ୍ଧି ସାଙ୍ଗକୁ ବିଦ୍ୟୁତ ସମସ୍ୟା ଏବଂ ଖାଦ୍ୟାଭାବ ମୁଣ୍ଡ ଟେକିଛି। ଶ୍ରୀଲଙ୍କାରେ ଚାଉଳ ଦର ୫୦୦ ପାର୍ କରିଥିବାବେଳେ ଚିନି ଦର ୩୦୦ ଟଙ୍କା ପାଖାପାଖି ପହଞ୍ଚିଯାଇଛି। ଖାଦ୍ୟ ଅଭାବରୁ ପ୍ରାଣ ହରାଇବା ଭୟରେ ଏକାଧିକ ଲୋକ ଭାରତ ଆସୁଥିବା ରିପୋର୍ଟ ପ୍ରକାଶ ପାଇଛି। ଲୋକଙ୍କୁ ଦେଶ ଛାଡ଼ିବା ପାଇଁ ବାରଣ କରାଯାଉଥିବା ସତ୍ତ୍ୱେ ନୌସେନା ଅଧିକାରୀଙ୍କ କଥାକୁ ଲୋକେ ଅମାନ୍ୟ କରୁଛନ୍ତି। ଏ ନେଇ ସରକାରଙ୍କ ପକ୍ଷରୁ ଖୁବ୍‌ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନୌସେନା ଅଧିକାରୀ କହିଛନ୍ତି।

## ଆତଙ୍କବାଦୀଙ୍କୁ ଆଶ୍ରୟ ଦେଲେ ସମ୍ପତ୍ତି ବାଜ୍ୟାପ୍ତ ହେବ

**ଶ୍ରୀନଗର,୨୬।୩:** ଜାଣିଶୁଣି ଆତଙ୍କବାଦୀମାନଙ୍କୁ ଆଶ୍ରୟ ଦେଉଥିବା ଗୃହ ମାଲିକଙ୍କ ସମ୍ପତ୍ତି ବାଜ୍ୟାପ୍ତ କରାଯିବ ବୋଲି ଜମ୍ମୁ-କଶ୍ମୀର ପୋଲିସ ଶନିବାର ଘୋଷଣା କରିଛି। ଆତଙ୍କବାଦ ଉଦ୍ଦେଶ୍ୟରେ ବ୍ୟବହୃତ ସମ୍ପତ୍ତିକୁ ଶ୍ରୀନଗର ପୋଲିସ ଜବତ କରିବ ବୋଲି କେତେକ ମହଲରେ ଭୁଲ୍ ତଥ୍ୟ ଓ ଗୁଜବ ପ୍ରଚାର ହୋଇଥିଲା। ଶ୍ରୀନଗର ପୋଲିସ କହିଛି, ଇଚ୍ଛାକୃତ ଭାବେ ଆତଙ୍କବାଦୀଙ୍କୁ ଆଶ୍ରୟ ଦେବା ଏବଂ ସେମାନଙ୍କ ଚାପରେ ପଡ଼ି ଆଶ୍ରୟ ଦେବା ମଧ୍ୟରେ ପାର୍ଥକ୍ୟ ସମ୍ପର୍କରେ ସେମାନେ ଅବଗତ ଅଛନ୍ତି। ମାମଲାର ତଦନ୍ତ ପରେ ସମ୍ପତ୍ତି ବାଜ୍ୟାପ୍ତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥାଏ। ବେଆଇନ କାର୍ଯ୍ୟକଳାପ ପ୍ରତିକାର ଆଇନର ଧାରା ୨(ଜି) ଏବଂ ୨୫ ବହୁବର୍ଷ ଧରି କାର୍ଯ୍ୟକାରୀ ହୋଇଆସୁଛି। ଏହା ସତ୍ତ୍ୱେ କେତେକ ଅଜ୍ଞତାବଶତଃ ଚାପରେ ପଡ଼ି ଆତଙ୍କବାଦୀଙ୍କୁ ଆଶ୍ରୟ ଦେଇଥିବା ଦର୍ଶାଇଥାନ୍ତି।

## ମାଗଣା ଖାଦ୍ୟଶସ୍ୟ ଯୋଗାଣ ୬ ମାସ ବଢ଼ିଲା

**ନୂଆଦିଲ୍ଲୀ,୨୬।୩**

ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା (ପିଏମ୍‌ଜିକେଏୱାଇ) କାର୍ଯ୍ୟକ୍ରମକୁ ଆଉ ୬ ମାସ ବଢ଼ାଇବା ପାଇଁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ କ୍ୟାବିନେଟ ବୈଠକ ବସି ଏହି ନିଷ୍ପତ୍ତି ନିଆଯାଇଛି। ଫଳରେ ଗରିବ ଜନସାଧାରଣ ଚଳିତ ବର୍ଷ ସେପ୍ଟେମ୍ବର ପର୍ଯ୍ୟନ୍ତ ଏହି ଯୋଜନାରେ ମାଗଣା ଖାଦ୍ୟଶସ୍ୟ ପାଇପାରିବେ। ଏହାଦ୍ୱାରା ଦେଶର ୮୦ କୋଟିରୁ ଊର୍ଦ୍ଧ୍ୱ ହିତାଧିକାରୀ ଉପକୃତ ହେବେ ବୋଲି କେନ୍ଦ୍ର ଖାଦ୍ୟ ଯୋଗାଣ ମନ୍ତ୍ରୀ ପୀୟୂଷ ଗୋୟଲ ଶନିବାର କହିଛନ୍ତି।

କୋଭିଡ୍ ମହାମାରୀ ଜନିତ ଲକ୍‌ଡାଉନ୍ ଯୋଗୁ ଜନସାଧାରଣ କାମଧନ୍ଦା ହରାଇ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ସେମାନଙ୍କ ଦୁର୍ଦ୍ଦଶା ଲାଘବ କରିବା ଲାଗି ମାଗଣାରେ ରାଶନ



ଯୋଗାଇବା ପାଇଁ କେନ୍ଦ୍ର ସରକାର ୨୦୨୦ ମାର୍ଚ୍ଚରେ ପିଏମ୍‌ଜିକେଏୱାଇ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଖାଦ୍ୟ ସୁରକ୍ଷା ଯୋଜନାରେ ମିଳୁଥିବା ରାଶନ ବାଦ୍ ଏହି କାର୍ଯ୍ୟକ୍ରମରେ ହିତାଧିକାରୀ ପରିବାରକୁ ମୁଣ୍ଡପିଛା ମାସିକ ୫ କିଲୋଗ୍ରାମ ଚାଉଳ ମାଗଣାରେ ଯୋଗାଇ ଦିଆଯାଉଛି।

### ୮୦ କୋଟିରୁ ଊର୍ଦ୍ଧ୍ୱ ହିତାଧିକାରୀ ଉପକୃତ ହେବେ

ଏବେ କୋଭିଡ୍ ମହାମାରୀ ଦୂର ହୋଇଥିଲେ ମଧ ଗରିବ ଜନସାଧାରଣଙ୍କୁ ସହାୟତା ସ୍ୱରୂପ ପିଏମ୍‌ଜିକେଏୱାଇକୁ ଆଉ ୬ ମାସ ବଢ଼ାଇବାକୁ ନିଷ୍ପତ୍ତି ନିଆଯାଇଥିବା ଗୋୟଲ ଟୁଇଟ୍ କରିଛନ୍ତି। ପ୍ରଥମେ ଏହି ଯୋଜନା ୩ ମାସ ପାଇଁ ଘୋଷଣା ହୋଇଥିବାବେଳେ ପରେ ଏହାକୁ ଏକାଧିକ ଥର ବଢ଼ାଯାଇଛି। ଚଳିତ ମାସରେ ମାଗଣା ରାଶନ ଯୋଜନା ଶେଷ ହେଉଥିବାବେଳେ ସରକାର ପୁଣିଥରେ ଏହାକୁ ବଢ଼ାଇଛନ୍ତି। ବର୍ତ୍ତମାନ ସୁଦ୍ଧା ପିଏମ୍‌ଜିକେଏୱାଇରେ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ମୋଟ ୭୫୯ ଲକ୍ଷ ଟନ୍ ଖାଦ୍ୟଶସ୍ୟ ଯୋଗାଇ ଦିଆଯାଇଛି। ଖାଦ୍ୟ ସବ୍‌ସିଡ୍ ବାବଦରେ ସରକାର ୨.୬ ଲକ୍ଷ କୋଟି ଟଙ୍କା ବହନ କରିଥିବା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।







Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

**ଲୋଇସିଂହା ଓକିଲ ସଂଘର ନୂତନ କର୍ମକର୍ତ୍ତା**

**ଲୋଇସିଂହା (ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ବାର ପରିସରରେ ଓକିଲ ସଂଘର କର୍ମକର୍ତ୍ତା ଚୟନ ଶନିବାର ଅନୁଷ୍ଠିତ ହୋଇଯାଇଛି। ଅଶୋକ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ସର୍ବସମ୍ମତକ୍ରମେ ଦିଲୀପ କୁମାର ବେହେରା ସଭାପତି, ଶୁଭେନ୍ଦୁ ସାହୁ ଉପସଭାପତି, ରାଜେନ୍ଦ୍ର ନାଏକ ସାଧାରଣ ସମ୍ପାଦକ, ଯୁଗ୍ମସମ୍ପାଦକ ସମ୍ପଦ ପୋଡ, କୋଷାଧ୍ୟକ୍ଷ ଜ୍ୟୋତିରଞ୍ଜନ ପଟେଲ ଓ ଲାଇବ୍ରେରିଆନଭାବେ ଗୌରୀଶଙ୍କର ସାହୁଙ୍କୁ ମନୋନୀତ କରାଯାଇଥିଲା।

# ଟୁକୁନି, ନରସିଂହ, କେଭି-ସଙ୍ଗୀତାଙ୍କୁ ଝଟକା

**ବଲାଙ୍ଗୀର ଅଫିସ, ୨୬।୩**

ଚଳିତ ପୌର ନିର୍ବାଚନରେ ବଲାଙ୍ଗୀର ଜିଲାର ୫ଟି ସହରାଞ୍ଚଳରୁ ବଲାଙ୍ଗୀର ପୌରାଞ୍ଚଳ, ପାଟଣାଗଡ ଓ ତୁଷରା ଏନ୍ଏସିରେ ବିଜେଡି ପୌରାଧ୍ୟକ୍ଷା ବିଜୟୀ ହୋଇଛନ୍ତି। ଟିଟିଲାଗଡରେ ଭାଜପା ଏବଂ କଣ୍ଟାବାଞ୍ଜିରେ କଂଗ୍ରେସ ପୌରାଧ୍ୟକ୍ଷ ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ଏହି ଫଳାଫଳ ଜିଲାର ୪ଟି ବରିଷ୍ଠ ରାଜନେତାଙ୍କୁ ଝଟ୍କା ସଦୃଶ ହୋଇଛି। ବିଜେଡିର କ୍ୟାବିନେଟ ପାହ୍ୟାମନ୍ତ୍ରୀ ଟୁକୁନୀ ସାହୁ ତାଙ୍କର ଟିଟିଲାଗଡ ମ୍ୟୁନିସିପାଲିଟିରେ ବିଜେଡି ପ୍ରାର୍ଥୀଙ୍କୁ ପୌରାଧ୍ୟକ୍ଷା କରିବାରେ ବିଫଳ ହୋଇଛନ୍ତି। ଏଠାରେ ଭାଜପା ପ୍ରାର୍ଥୀ ମମତା ଜୈନ ପୌରାଧ୍ୟକ୍ଷା ଭାବେ ନିର୍ବାଚିତ ହୋଇଛନ୍ତି। ଏହି ଫଳାଫଳ ଟୁକୁନୀ ସାହୁଙ୍କୁ ଚକିତ କରିଛି। ଯଦିଓ ୧୫ଟି ଆସନ ବିଶିଷ୍ଟ ପୌର ପରିଷଦରୁ ୧୦ଟିରେ ବିଜେଡି କାଉନସିଲର ପ୍ରାର୍ଥୀ ଜିତିଛନ୍ତି ତଥାପି ପୌରାଧ୍ୟକ୍ଷା ପଦବୀ ହାତରୁ ଖସିଯିବାରୁ ତାଙ୍କର ସାଂଗଠନିକ ଶକ୍ତି ଓ ତାଙ୍କ ବିରୋଧରେ ଯେ ଜନମତ ପ୍ରବଳ ରହିଥିଲା ତାହା ପ୍ରମାଣିତ ହୋଇଛି।

ବଲାଙ୍ଗୀରରେ କଂଗ୍ରେସ ବିଧାୟକ ତଥା ବରିଷ୍ଠ ନେତା ନରସିଂହ ମିଶ୍ର ଉଭୟ ପଞ୍ଚାୟତ ଏବଂ ପୌର ନିର୍ବାଚନରେ ଫେଲ ମାରିଛନ୍ତି। ପୌର ନିର୍ବାଚନରେ ୨୧ଟି ଆସନ ବିଶିଷ୍ଟ ବଲାଙ୍ଗୀର ମ୍ୟୁନିସିପାଲିଟିରେ ମାତ୍ର ୪ଟି ଆସନ କଂଗ୍ରେସକୁ ମିଳିଛି। ପୌରାଧ୍ୟକ୍ଷା ପ୍ରାର୍ଥୀ ଭାବେ ବିଜେଡି ପ୍ରାର୍ଥୀ ଲିକା ସାହୁ ବିଜୟୀ ହୋଇଛନ୍ତି। ପଞ୍ଚାୟତ ନିର୍ବାଚନରେ ୪ଟି ଜିଲା ପରିଷଦ ଆସନରୁ ଗୋଟିଏରେ ବି କଂଗ୍ରେସ ପ୍ରାର୍ଥୀଙ୍କୁ ସେ ବିଜୟୀ କରାଇପାରି ନ ଥିଲେ। ଏବେ ପୌର ନିର୍ବାଚନ ଫଳାଫଳ ତାଙ୍କୁ ଓ କଂଗ୍ରେସ ଦଳକୁ ଗଭୀର ଭାବେ ନିରାଶ କରିଛି। ପଞ୍ଚାୟତ ଓ ପୌରା ନିର୍ବାଚନ ଫଳାଫଳ ବିଧାୟକ ମିଶ୍ରଙ୍କ ସାଂଗଠନିକ ଦକ୍ଷତା ଉପରେ ପ୍ରଶ୍ନଚିହ୍ନ ଲଗାଇଛି।

ପାଟଣଗଡକୁ ଭାଜପା ଦୁର୍ଗ କୁହାଯାଉଥିଲା। ତେବେ ୨୦୧୯ ମସିହାର ବିଧାନସଭା ନିର୍ବାଚନ ଫଳାଫଳଠୁ ଭାଜପା ଦୁର୍ଗ ଉପରେ ବିଜେଡି ହାବି ହେଉଥିବା ପରିଲକ୍ଷିତ ହେଉଛି। ପଞ୍ଚାୟତ ନିର୍ବାଚନରେ ବିଜେଡି ଶକ୍ତି ପ୍ରଦର୍ଶନ କରିବା ପରେ ପୌର ନିର୍ବାଚନରେ ମଧ୍ୟ ଶକ୍ତି ପ୍ରଦର୍ଶନ କରିଛି। ପାଟଣାଗଡ ଏନ୍ଏସିରେ ବିଜେଡି ପ୍ରାର୍ଥୀ ମାନସୀ ବିଶ୍ୱାଳ ନଗରପାଳ ନିର୍ବାଚିତ ହୋଇଛନ୍ତି। ଏହା ସହିତ ୧୫ ୱାର୍ଡ ବିଶିଷ୍ଟ କାଉନସିଲରୁ ୧୪ଟିରେ ବିଜେଡି ଓ ଗୋଟିଏରେ ସ୍ୱାଧୀନ ପ୍ରାର୍ଥୀ ଜିତିଛନ୍ତି। ଏଠାରେ ଭାଜପା ଖାତା ଖୋଲିପାରିନାହିଁ। ପାଟଣାଗଡରେ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ଭାଜପା ନେତା କନକ ବର୍ଦ୍ଧନ ସିଂଦେଓ ଏବଂ ବଲାଙ୍ଗର ଏମ୍ପି ସଙ୍ଗୀତା କୁମାରୀ ସିଂଦେଓଙ୍କ ଦବଦବା ସତ୍ତ୍ୱେ ବିଜେଡି ବିଧାୟକ ସରୋଜ ମେହେର ତଥା ତାଙ୍କ ସମର୍ଥକ ଶକ୍ତି ପ୍ରଦର୍ଶନ କରିଛନ୍ତି। ପୌର ନିର୍ବାଚନ ଫଳାଫଳ କେଭି-ସଙ୍ଗୀତାଙ୍କୁ କରିଦେଇଛି। ପାଟଣାଗଡର ଭାଜପା ଦୁର୍ଗକୁ ବିଜେଡି ଧରାଶାୟୀ କରିବାରେ ସଫଳ ହୋଇଥିବା ଆଲୋଚନା ହେଉଛି।

## ଖଡ଼ିଆଳ ଏନ୍ଏସି ନିର୍ବାଚନ ଫଳାଫଳ

**ଖଡିଆଳ ୨୬।୩ (ଡି.ଏନ.ଏ.):** ନୂଆପଡ଼ା ଜିଲା ଖଡ଼ିଆଳ ଏନ୍ଏସିର ୧୩ଟି ୱାର୍ଡ କାଉନସିଲର୍ ସମେତ ଅଧ୍ୟକ୍ଷ ପାଇଁ ହୋଇଥିବା ନିର୍ବାଚନରେ ଫଳାଫଳ ଘୋଷିତ ହୋଇଛି। ଘୋଷିତ ଫଳାଫଳ ଅନୁସାରେ ଅଧ୍ୟକ୍ଷ ଆସନ କଂଗ୍ରେସ ଅକ୍ତିଆର କରିଛି। ଦଳର ଉଜ୍ଜଳ ଗୁପ୍ତା ନିକଟତମ ପ୍ରତିଦ୍ୱନ୍ଦୀ ସ୍ୱାଧୀନ ପ୍ରାର୍ଥୀ ଅବସରପ୍ରାପ୍ତ ଆୟକର କମିଶନରଙ୍କୁ ୧୮୫୬ ଭୋଟ ବ୍ୟବଧାନରେ ହରାଇ ବିଜୟୀ ହୋଇଛନ୍ତି। ନବ ନିର୍ବାଚିତ ଅଧ୍ୟକ୍ଷ ଉଜ୍ଜଳ ଗୁପ୍ତା ୩୯୦୦ ଖଣ୍ଡ ଭୋଟ ପାଇଥିବାବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ସ୍ୱାଧୀନ ପ୍ରାର୍ଥୀ ଶ୍ରୀକାନ୍ତ ଚଟର୍ଜୀ ୨୦୪୪ ଖଣ୍ଡ ଭୋଟ ପାଇଥିବା ଜଣାପଡିଛି। ସେହିପରି ୧୩ ଗୋଟି ୱାର୍ଡ ପାଇଁ ହୋଇଥିବା କାଉନସିଲର୍ ନିର୍ବାଚନରେ କଂଗ୍ରେସ ୬ ୱାର୍ଡ, ୫ ୱାର୍ଡରେ ବିଜେଡି ଏବଂ ୨ଟି ୱାର୍ଡ ରେ ଭାଜପା ପ୍ରାର୍ଥି କାଉନସିଲର୍ ଭାବେ ବିଜୟୀ ହୋଇଛନ୍ତି। ବିଜୟୀ ପରେ ନବ ନିର୍ବାଚିତ ଅଧ୍ୟକ୍ଷ ଉଜ୍ଜଳ ଗୁପ୍ତା ନିଜର ପ୍ରତିକ୍ରିୟାରେ ଏକ ନୂତନ ଖଡିଆଳ ସହର ଗଠନ ଦିଗରେ କାମ କରିବେ ବୋଲି କହିଛନ୍ତି।

## ଅମ୍ବରୀଶ ସଭାପତି, ଅଧିକାରୀ ସମ୍ପାଦକ

**ବଲାଙ୍ଗୀର ଜିଲା ଓକିଲ ସଂଘର କର୍ମକର୍ତ୍ତା ନିର୍ବାଚନ**


ବଲାଙ୍ଗୀର ଜିଲା ଓକିଲ ସଂଘର ନବନିର୍ବାଚିତ କର୍ମକର୍ତ୍ତା।

**ବଲାଙ୍ଗୀର ଅଫିସ, ୨୬।୩**

୨୦୨୨-୨୩ବର୍ଷ ପାଇଁ ବଲାଙ୍ଗୀର ଜିଲା ଓକିଲ ସଂଘ କର୍ମକର୍ତ୍ତା ନିର୍ବାଚନ ଓ ସାଧାରଣ ସଭା ଶନିବାର ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ସିଭିଲ କୋର୍ଟ ବାର୍ ହଲ ପରିସରରେ ଅନୁଷ୍ଠିତ ନିର୍ବାଚନାରେ ସଂଘ ସଭାପତି ଭାବେ ଆଡଭୋକେଟ୍ ଅମ୍ବରୀଶ ତ୍ରିପାଠୀ ନିର୍ବାଚିତ ହୋଇଛନ୍ତି। ସମ୍ପାଦକ ଭାବେ ଆଡଭୋକେଟ ଅଧିକାରୀ ଦନ୍ତା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଉପସଭାପତି ଭାବରେ ସରୋଜ ଗୁପ୍ତା, କୋଷାଧ୍ୟକ୍ଷ ଭାବରେ ରୁଦ୍ର ଥନାପତି, ଯୁଗ୍ମ ସମ୍ପାଦକ ଭାବରେ ସୁମିତ ଖୁଆସ ନିର୍ବାଚିତ ହୋଇଛନ୍ତି । ଅଡିଟର ଭାବେ ସନ୍ଦିପ ମିଶ୍ର ମନୋନୀତ ହୋଇଛନ୍ତି । କାର୍ଯ୍ୟକାରୀ କମିଟକୁ ଜୟରାମ ମିଶ୍ର, ବୀରେନ ମିଶ୍ର, ଶଙ୍କର ମିଶ୍ର, ରବି ବହିଦାର, ଦିନେଶ ନାଗ, ସମୀର ମିଶ୍ର, ଚନ୍ଦ୍ରଶେଖର ମିଶ୍ର, ଶ୍ରୀନିବାସ ରାଓ ନିର୍ବାଚିତ ହୋଇଥିଲେ। ଓକିଲ ସଂଘ ସଭ୍ୟ ଅରବିନ୍ଦାକ୍ଷ ପୂଜାରୀ, ସୁରେଶ ପାଠୀ, ଦେବେନ୍ଦ୍ର ପାଣିଗ୍ରାହୀ,ବିଜୟ ମିଶ୍ର, ସୁରେନ୍ଦ୍ର ମିଶ୍ର, ଦେବାଶିଷ ବିଶ୍ୱାଳ, ସୁଧାଂଶୁ ଦେଓ, ସଞ୍ଜୟ ପଟେଲ, ଜିତେନ୍ଦ୍ର ପୁରୋହିତ, ରାଜେନ୍ଦ୍ର ମିଶ୍ର, ପ୍ରଭାସ ମିଶ୍ର ସୁଭ୍ରାଂଶୁ ବଗର୍ତ୍ତି,ବ୍ରଜ ମିଶ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ନିର୍ବାଚନ ଅଧିକାରୀ ଭାବେ ନିର୍ବାଚନ ପ୍ରକ୍ରିୟାକୁ ଅରବିନ୍ଦାକ୍ଷ ପୂଜାରୀ ପରିଚାଳନା କରିଥିଲେ ।

## ବଳାତ୍କାର ଅଭିଯୋଗରେ ପୂର୍ବତନ ବ୍ଲକ ଉପାଧ୍ୟକ୍ଷାଙ୍କ ସ୍ୱାମୀ ଗିରଫ

**ଲାଞ୍ଜିଗଡ,୨୬।୩(ଡି.ଏନ.ଏ.)**

ଜଣେ ଆଶାକର୍ମୀଙ୍କୁ ବଳାତ୍କାର କରିବା ଅଭିଯୋଗରେ ବାବୁଲା ନାଏକଙ୍କୁ ଗିରଫ କରାଯାଇଛି । ଶନିବାର କୋର୍ଟରେ ଜାମିନ ଆବେଦନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଗିରଫ ବାବୁଲା ଜଣେ ପୂର୍ବତନ ବ୍ଲକ ଉପାଧ୍ୟକ୍ଷଙ୍କ ସ୍ୱାମୀ ବୋଲି ଜଣାପଡିଛି। ପୋଲିସ ସୂଚନା ଅନୁସାରେ ଗତ ୧୮ତାରିଖ ଦିନ ଲାଞ୍ଜିଗଡ ବ୍ଲକ ରେଙ୍ଗୋପାଲି ଗାଁର ବାବୁଲା ଜଣେ ଆଶାକର୍ମୀଙ୍କ ଘରେ ପଶି ତାଙ୍କୁ ବଳାତ୍କାର କରିଥିଲେ । ଏହା ବାହାରେ ପ୍ରଘଟ ନ କରିବାକୁ ତାଙ୍କୁ ତାଗିଦ କରିଥିଲେ । କିନ୍ତୁ ଶୁକ୍ରବାର ସଂପୃକ୍ତ ଆଶାକର୍ମୀ ଜଣକ ଲାଞ୍ଜିଗଡ ଥାନାକୁ ଆସି ଏ ନେଇ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତି କରି ଲାଞ୍ଜିଗଡ ଥାନାଧିକାରୀ ସତ୍ୟାନନ୍ଦ ପାତ୍ର ତଦନ୍ତ କରିବା ସହ ଅଭିଯୁକ୍ତ ବାବୁଲାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ । ଏହାର କେସ ନଂ ୧୬/୨୨ ।

## ରାସ୍ତାକଡ଼ରୁ ମୃତଦେହ ଉଦ୍ଧାର

**ପରିବାର ଆଣିଲେ ହତ୍ୟା ଅଭିଯୋଗ, ଜଣେ ଅଟକ**

**ଖପ୍ରାଖୋଲ, ୨୬।୩(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା କପସିପାଲି କୁଲୁତାପଡ଼ା ଗାଁ ନିକଟ ରାସ୍ତାକଡ଼ରୁ ଶନିବାର ଏକ ମୃତଦେହ ପୋଲିସ ଜବତ କରିଛି। ମୃତକ ହେଲେ ଖପ୍ରାଖୋଲ ବ୍ଲକ ଲରମ୍ବା ଥାନା ଲୁହାସିଂହ ପଞ୍ଚାୟତ ତେଙ୍ଗେରାପଥର ଗାଁର ମୁକ୍ତି ସାହୁ(୫୫)। ପାରିପାର୍ଶ୍ୱିକ ସ୍ଥିତି ଏବଂ ପରିବାରର ଅଭିଯୋଗ ଅନୁସାରେ କେହି ହତ୍ୟା କରି ମୃତଦେହକୁ ଫିଙ୍ଗି ଦେଇଥିବା ଅନୁମାନ କରାଯାଉଛି। ସୂଚନା ଅନୁସାରେ ଶୁକ୍ରବାର ସନ୍ଧ୍ୟାରେ ଟେଙ୍ଗେରାପଥରେ ଗାଁର ଏକ ବରଯାତ୍ରୀ ଦଳ ଗୁଣ୍ଡୁରୁପାଲି ଗାଁକୁ ଆସିଥିଲେ। ବରଯାତ୍ରୀ ଦଳରେ ମୃତ ମୁକ୍ତି ସାହୁ ମଧ୍ୟ ଆସିଥିଲେ। ହେଲେ ବାହାଘର ସାରି ସମସ୍ତେ ଫେରିଥିଲେ ମଧ୍ୟ ସେ ଘରକୁ ଫେରି ନ ଥିଲେ। ଶନିବାର ସକାଳୁ ଗୁଣ୍ଡୁରୁପାଲିରୁ କପସିପାଲି ରାସ୍ତା କୁଲୁତାପଡ଼ା ନିକଟ ରାସ୍ତାକଡ଼ରେ ଏକ ମୃତଦେହ ପଡ଼ିଥିବା ଖବର ମିଳିଥିଲା। ଘଟଣାସ୍ଥଳରେ ପହଞ୍ଚି ପାରିବାର ଲୋକ ମୃତଦେହ ଚିହ୍ନଟ କରିଥିଲେ। ଏନେଇ ମୃତକଙ୍କ ପୁଅ ପ୍ରଶାନ୍ତ ସାହୁ ଖପ୍ରାଖୋଲ ଥାନାରେ ଅଭିଯୋଗ କଲାପରେ ଏକ ମାମଲା (୪୬/୨୨)ରୁଜୁ କରିଛି। ସାଇଣ୍ଟିଫିକ ଦଳ ସହ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ବ୍ୟବଚ୍ଛେଦ ପରେ ପୋଲିସ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ହତ୍ୟାକାଣ୍ଡରେ ସମ୍ପୃକ୍ତି ସନ୍ଦେହରେ ଜଣକୁ ଅଟକ ରଖି ପଚରାଉଚରା ଚାଲିଥିବା ଖପ୍ରାଖୋଲ ଥାନା ଅଧିକାରୀ ରମାକାନ୍ତ ସାହୁ ପ୍ରକାଶ କରିଛନ୍ତି।

## ଖବରଦାତାଙ୍କୁ ବିଡିଓଙ୍କ ସ୍ୱାମୀଙ୍କ ଧମକ ,ଥାନାରେ ଅଭିଯୋଗ

**ଭବାନୀପାଟଣା,୨୬।୩(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା କୋକସରା ବ୍ଲକରେ କାର୍ଯ୍ୟରତ ଖବରଦାତାମାନଙ୍କୁ ସ୍ଥାନୀୟ ବିଡ଼ିଓ ମନୀଷା ଦାସଙ୍କ ସ୍ୱାମୀ ବଳରାମ ବଗର୍ତ୍ତି ଅଶାଳୀନ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରେ ମାରି ଦେବାକୁ ଧମକ ଦେଇଥିବା ଅଭିଯୋଗ ହୋଇଛି। ଏ ନେଇ ଶନିବାର କୋକସରା ଥାନାରେ ସ୍ଥାନୀୟ ବ୍ଲକର ଖବରଦାତାମାନେ ବିଡ଼ିଓଙ୍କ ସ୍ୱାମୀଙ୍କ ନାଁରେ ଲିଖିତ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ଗତ କିଛିଦିନ ତଳେ କୋକସରା ବ୍ଲକ ପ୍ରଶାସନର ଅବହେଳାକୁ ନେଇ କେତେକ ଦୈନିକ ଖବରକାଗଜ ଓ ୱେବ ପୋର୍ଟାଲରେ ଖବର ପ୍ରକାଶିତ ହୋଇଥିଲା । ଏହି ଖବରକୁ ନେଇ ବଳରାମ ପ୍ରତିକ୍ରିୟାଶୀଳ ହୋଇ କୋକସରା ବ୍ଲକର ଛାପା ଗଣମାଧ୍ୟମ ଖବରଦାତା ଦୁଷ୍ମନ୍ତ ପାଟଯୋଶୀଙ୍କୁ ଫୋନରେ ଅତି ଅଶାଳୀନ ଭାଷାରେ ଗାଳି ଦେବା ସହ ବ୍ଲକର ସମସ୍ତ ଖବରଦାତାଙ୍କୁ ଧମକ ଦେଇଥିବା ଅଭଯୋଗ ହୋଇଛି। ଏହି ଘଟଣାର ନିରପେକ୍ଷ ତଦନ୍ତ କରିବା ସହ ଖବରଦାତାଙ୍କୁ ଧମକ ଦେଇଥିବା ବଳରାମଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସ୍ଥାନୀୟ ଖବରଦାତାମାନେ ଦାବି କରିଛନ୍ତି। ଯଦି ପୋଲିସ ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରନ୍ତି ତାହେଲେ ଆଗାମୀ ଦିନରେ କୋକସରା ଖବରଦାତାମାନଙ୍କ ପକ୍ଷରୁ ସ୍ଥାନୀୟ ଥାନା ଆଗରେ ପ୍ରତିବାଦ କରିବାକୁ ନିଷ୍ପତ୍ତି ନିଆଯାଇଛି। ଖବରଦାତା ଭଦ୍ରାଞ୍ଚଳ ନାଏକ, ଶରତ ଚନ୍ଦ୍ର ରାଉତ, ଦୁଷ୍ମନ୍ତ ପାଟଯୋଶୀ, ସନତ କୁମାର ପ୍ରଧାନୀ, ବିନୋଦ ପଟେଲ, ହିରଣ୍ୟ ବେହେରା, କିଶନ କୁମାର ପଟ୍ଟନାୟକ, ଯୋଗିନ୍ଦ୍ର ବାରିକ, ସନ୍ତୋଷ ନାଏକ ଏହି ଅଭିଯୋଗ କରିଛନ୍ତି। ଏହି ଘଟଣାକୁ କଳାହାଣ୍ଡି ଓଡିଶା ୟୁନିୟନ ଅଫ ଜର୍ଣ୍ଣାଲିଷ୍ଟ ସଂଘ ପକ୍ଷରୁ ମଧ୍ୟ ନିନ୍ଦା କରାଯାଇଛି। ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ ବିଡ଼ିଓଙ୍କ ସ୍ୱାମୀ ବଳରାମଙ୍କ ନାମରେ ଏକ ମାମଲା (ନଂ ୬୮/୨୨) ରୁଜୁ ହୋଇଥିବା ଓ ଏହାର ତଦନ୍ତ ଚାଲିଥିବା କଳାହାଣ୍ଡି ଏସ୍ପି ଶ୍ରବଣ ବିବେକ ଏମ ସୂଚନା ଦେଇଛନ୍ତି।

## ୫ଖଣ୍ଡ ଭୋଟରେ ଜିତିଲେ ଭାଜପା କାଉନସିଲର

**ବଲାଙ୍ଗୀର ଅଫିସ, ୨୬।୩:** ବଲାଙ୍ଗୀର ମ୍ୟୁନିସିପାଲିଟିର ୧୯ ନମ୍ବର ୱାର୍ଡରେ ଭାଜପା କାଉନସିଲର ପ୍ରାର୍ଥୀ ହରିଶଙ୍କର ଛତ୍ରିଆ ବିଜେଡି ପ୍ରାର୍ଥୀ ମନୋରଞ୍ଜନ ମହାକୁରଙ୍କୁ ୫ଖଣ୍ଡ ଭୋଟ ବ୍ୟବଧାନରେ ପରାସ୍ତ କରି ବିଜୟୀ ହୋଇଛନ୍ତି। ଲୋକପ୍ରିୟ କାଉନସିଲର ଭାବେ ହରିଶଙ୍କର ପୂର୍ବରୁ ମଧ୍ୟ ଅନେକ ଥର କାଉନସିଲର ରହିଥିଲେ। ତାଙ୍କୁ ପରାସ୍ତ କରିବା ପାଇଁ ବିଜେଡି ସବୁ ଶକ୍ତି ଖଟାଇବା ସତ୍ତ୍ୱେ ସେ ବିଜୟୀ ହୋଇ ନିଜର ସାଂଗଠନିକ ଦକ୍ଷତା ଓ ଶକ୍ତି ଦେଖାଇଛନ୍ତି। ସନ୍ଧ୍ୟାରେ ବିଜୟୀ ଭାଜପା ପ୍ରାର୍ଥୀ ଛତ୍ରିଆ ସମର୍ଥକଙ୍କ ସହ ବିଜୟ ଉତ୍ସବ ମନାଇ ଶୋଭାଯାତ୍ରା କରିଛନ୍ତି।

# ୬.୭୩ଲକ୍ଷ ଟଙ୍କା ଜବତ, ୭ ଗିରଫ

**ବଲାଙ୍ଗୀର ଅଫିସ, ୨୬।୩**

ବଲାଙ୍ଗୀର ସହର ଉଦୟ ନଗରଠାରେ ଶୁକ୍ରବାର ପୋଲିସ ଏକ ନକଲି ମଦ କାରଖାନା ଠାବ କରିଥିଲା । ବଲାଙ୍ଗୀର ସଦର ଏସ୍ଡିପିଓ ତୋଫାନ୍ ବାଗଙ୍କ ନେତୃତ୍ୱରେ ପୋଲିସ ଟିମ୍ ଭଡାଘରେ ବେଆଇନ ଭାବେ ଚାଲିଥିବା ଏକ ନକଲି ମଦ କାରଖାନା ଉପରେ ଚଢ଼ାଉ କରିଥିଲେ। ସେଠାରୁ ବ୍ୟାପକ ମାତ୍ରାରେ ମଦ, ସ୍ପିରିଟ୍, କେମିକାଲ, ବିଭିନ୍ନ ନାମୀଦାମୀ କମ୍ପାନୀର ଲେବଲ, ବୋତଲ, ରଙ୍ଗ ଜବତ୍ କରିଥିଲେ। ଘଟଣାସ୍ଥଳରୁ ୬ ଲକ୍ଷ ୭୩ ହଜାର ନଗଦ ଟଙ୍କା ଜବତ କରାଯାଇଥିଲା । ଏହି ଘଟଣାରେ ଅଟକ ଥିବା ୭ ଜଣଙ୍କୁ ପୋଲିସ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଝାରଖଣ୍ଡର


ଗିରଫ ଅଭିଯୁକ୍ତଙ୍କୁ ପୋଲିସ ଖବରଦାତା ସମ୍ମିଳନୀରେ ହାଜର କରିଛି।

**ନକଲି ମଦ କାରଖାନା ଠାବ ଘଟଣା**

ବିବେକ କୁମାର ସାହୁ, ପବନ କୁମାର ସାହୁ, ଅରୁଣ ପ୍ରସାଦ, ବିହାର ପ୍ରଦେଶର ସଞ୍ଜୟ କୁମାର ରାୟ, ଶୈଳେସ କୁମାର, ସୋନୁ କୁମାର ଠାକୁର ଓ ବିଙ୍କୁ କୁମାର ଗୁପ୍ତା। ଏସଡିପିଓ ବାଗ ଏକ ପ୍ରେସ୍ମିଟ୍ରେ କିଭଳି ଭାବେ ଏହି ଅଭିଯୁକ୍ତମାନେ ଏକ ଭଡାଘର ନେଇ ନକଲି ମଦ ତିଆରି କାରଖାନା ଚଲାଉଥିଲେ ତାହା କହିଥିଲେ। ଏହି ଅଭିଯୁକ୍ତମାନଙ୍କ ଠାରୁ ବିପୁଳ ପରିମାଣରେ ମଦ, ସ୍ପିରିଟ, ବୋତଲ, କେମିକାଲ, ବିଭିନ୍ନ ବ୍ରାଣ୍ଡର ଲେବେଲ ଓ ଅନ୍ୟ ସାମଗ୍ରୀ ଜବତ କରାଯାଇଛି। ପଞ୍ଚାୟତ ଓ ପୌର ନିର୍ବାଚନକୁ ଆଖି ଆଗରେ ରଖି ଏହି ଅଭିଯୁକ୍ତମାନେ ଏହି କାରଖାନା ଏଠାରେ ଚଳାଉଥିବା ଚର୍ଚ୍ଚାର ବିଷୟ ହୋଇଛି। ସହର ଭିତରେ ଏତେବଡ ନକଲି କାରଖାନା ଚାଲୁଥିଲେ ମଧ୍ୟ କିଭଳି ଅବକାରୀ ବିଭାଗ କିଛି ସୂଚନା ପାଇନଥିଲା ତାହା ଚର୍ଚ୍ଚାର ବିଷୟ ହୋଇଛି। ଅବକାରୀ ବିଭାଗ ଜାଣତରେ ଏହି ନକଲି ମଦ କାରଖାନା ଚାଲିଥିବା ଚର୍ଚ୍ଚା ହେଉଛି। ପ୍ରେସ୍ମିଟରେ ସଦର ଥାନା ଆଇଆଇସି ଶ୍ରୀକାନ୍ତ ସାହୁ, ଟାଉନ୍ ଥାନା ଆଇଆଇସି ପ୍ରିୟଙ୍କା ରାଉତରାୟ, ସଚିନ ପଟେଲ ଉପସ୍ଥିତ ଥିଲେ।









# ବଲାଙ୍ଗୀରରେ ବିଜେଡିର ବାଜିମାତ୍

**ବଲାଙ୍ଗୀର ଅଫିସ, ୨୬।୩**

■ ଲିକା ସାହୁ ନୂଆ ପୌରାଧକ୍ଷା
■ ୨୧ରୁ ୧୬ ବିଜେଡି, ୪ କଂଗ୍ରେସ ଓ ୧ ଭାଜପା କାଉନସିଲର

ପୌର ନିର୍ବାଚନରେ ବଲାଙ୍ଗୀର ମ୍ୟୁନିସିପାଲିଟିରେ ବିଜେଡି ବାଜିମାତ୍ କରିଛି। କ୍ରମାଗତ ଭାବେ ଚତୁର୍ଥ ଥର ପାଇଁ ବିଜେଡି ପୌର ପରିଷଦ ଦଖଲ କରିବାରେ ସକ୍ଷମ ହୋଇଛି। ବିଜେଡି ପୌରାଧକ୍ଷା ପ୍ରାର୍ଥୀ ଲିକା ସାହୁ ବିପୁଳ ସଂଖ୍ୟକ ଭୋଟରେ ବିଜୟୀ ହୋଇଛନ୍ତି। ବିରୋଧୀ କଂଗ୍ରେସ ଓ ଭାଜପାର କୌଣସି ରଣକୌଶଳ ବିଜେଡିକୁ କାଟୁ କରିନାହିଁ। ବିଜେଡି ପୌରାଧକ୍ଷା ପ୍ରାର୍ଥୀ ଲିକା ସାହୁ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସ ପୌରାଧକ୍ଷା ପ୍ରାର୍ଥୀ ମିଳନୀ ସାହୁଙ୍କୁ ୧୪,୪୩୨ ଭୋଟ ବ୍ୟବଧାନରେ ପରାସ୍ତ କରିଛନ୍ତି। ୨୧ ୱାର୍ଡ ବିଶିଷ୍ଟ ମ୍ୟୁନିସିପାଲିଟିରେ ଲିକା ସାହୁ ୨୬୦୯୧ ଖଣ୍ଡ ଭୋଟ ପାଇଛନ୍ତି। ନିକଟତମ ପ୍ରତିଦ୍ୱନ୍ଦ୍ୱୀ ପ୍ରାର୍ଥୀ ଭାବେ କଂଗ୍ରେସର ମିଲନୀ ସାହୁ ୧୧,୬୫୯ ଖଣ୍ଡ ଭୋଟ ପାଇଛନ୍ତି। ଭାଜପା ପୌରାଧକ୍ଷା ପ୍ରାର୍ଥୀ ସବିତା ବାର୍ଲା ୭୧୧୬ ଖଣ୍ଡ ଭୋଟ ପାଇ ତୃତୀୟ ନମ୍ବରରେ ରହିଥିଲେ। ବିଜୟୀ ହେବା ପରେ ଲିକା ସାହୁ ଗଣମାଧ୍ୟମ ଜରିଆରେ ବଲାଙ୍ଗୀର ସହରବାସୀ ତାଙ୍କୁ ବିପୁଳ ଭୋଟରେ ବିଜୟୀ କରିଥିବାରୁ ସେ ଗଭୀର କୃତଜ୍ଞତା ଜଣାଇଥିଲେ। ଏହା ସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂଦେଓ, ପୂର୍ବତନ ଏମ୍‌ପି କଳିକେଶ ନାରାୟଣ ସିଂଦେଓ, ଯୁବନେତା ଅର୍କେଶ ନାରାୟଣ ସିଂଦେଓ, ମନ୍ତ୍ରୀ ସୁଶାନ୍ତ ସିଂ ଓ ମନ୍ତ୍ରୀ ଟୁକୁନି ସାହୁଙ୍କୁ ମଧ୍ୟ କୃତଜ୍ଞତା ଜଣାଇଥିଲେ। ଆଗାମୀ ଦିନରେ ବଲାଙ୍ଗୀରକୁ ଏକ ଉନ୍ନତ ଓ ଆଧୁନିକ ସହର ଭାବେ ଗଢ଼ିବା ଦିଗରେ ସେ କାର୍ଯ୍ୟ କରିବେ ବୋଲି କହିଥିଲେ। ୨୧ଟି ୱାର୍ଡରୁ ୧୬ଟି ୱାର୍ଡରେ ବିଜେଡି କାଉନସିଲର ପ୍ରାର୍ଥୀ ବିଜୟୀ ହୋଇଥିବାବେଳେ ୪ଟି ୱାର୍ଡରେ କଂଗ୍ରେସ ପ୍ରାର୍ଥୀ ଓ ମାତ୍ର ଗୋଟିଏ ୱାର୍ଡରେ ଭାଜପା କାଉନସିଲର ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ବିଜେଡି ପୌରାଧକ୍ଷା ଏବଂ ୧୬ କାଉନସିଲର ଆସନ ଅକ୍ତିଆର କରିବା ପରେ କଂଗ୍ରେସ ଓ ଭାଜପା ଶିବିରରେ ନିରାଶା ଖେଳିଯାଇଛି।


ଫଳାଫଳ ଘୋଷଣା ପରେ ପରିବାର ଏବଂ ସମର୍ଥକଙ୍କ ଗହଣରେ ନବନିର୍ବାଚିତ ପୌରାଧକ୍ଷା ଲିକା ସାହୁ।

## ସଂକ୍ଷେପରେ

### ଭବାନୀପାଟଣା ପୌରପାଳିକା ଦଖଲ କଲା ବିଜେଡି

**ଭବାନୀପାଟଣା,୨୬।୩(ଡି.ଏନ୍.ଏ):** କଳାହାଣ୍ଡି ଜିଲା ଭବାନୀପାଟଣା ପୌରପାଳିକାର ନିର୍ବାଚନ ଫଳାଫଳ ପ୍ରକାଶ ପାଇଛି। ଏଥିରେ ବିଜେଡି ପ୍ରାର୍ଥିନୀ ସଂଯୁକ୍ତା ବେହେରା ନିର୍ବାଚିତ ହୋଇଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ବିନୀତା ଦାଶଙ୍କୁ ୯୧୨ ଖଣ୍ଡ ଭୋଟରେ ପରାସ୍ତ କରି ବିଜୟୀ ହୋଇଛନ୍ତି।ବିଜୟୀ ହେବା ପରେ ସଂଯୁକ୍ତା ସହରବାସୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଅନ୍ୟପକ୍ଷରେ ଭବାନୀପାଟଣାର ୨୦ଟି ୱାର୍ଡ ମଧ୍ୟରୁ ବିଜେଡି ୧୮ଟି ଆସନ ଦଖଲ କରିଥିବା ବେଳେ ଭାଜପା ଓ କଂଗ୍ରେସକୁ ଗୋଟାଏ ଲେଖାଏ ଆସନରେ ସନ୍ତୁଷ୍ଟ ହେବାକୁ ପଡିଛି।

### ଧର୍ମଗଡ ଦଖଲ କଲା ଭାଜପା

**ଧର୍ମଗଡ,୨୬।୩(ଡି.ଏନ୍.ଏ):** କଳାହାଣ୍ଡି ଜିଲା ଧର୍ମଗଡ ଏନ୍ଏସିରେ ଭାଜପା ପ୍ରାର୍ଥୀ ଅଶୋକ ମହାନ୍ତି ବାଜି ମାରି ନେଇଛନ୍ତି। ସେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡି ପ୍ରାର୍ଥୀ ରାଜେନ୍ଦ୍ର ମୁନିଙ୍କୁ ୨୪୬୧ ଖଣ୍ଡ ଭୋଟରେ ପରାସ୍ତ କରି ବିଜୟୀ ହୋଇଛନ୍ତି। ସେହିପରି ଧର୍ମଗଡର ୧୨ଟି ୱାର୍ଡ ମଧ୍ୟରୁ ୫ଟି ଭାଜପା ଓ ଅବଶିଷ୍ଟ ୯ଟି ଆସନକୁ ବିଜେଡି ଦଖଲ କରିଛି। ଏହାପୂର୍ବରୁ ଅଶୋକ ସ୍ଥାନୀୟ ଏନଏସିରେ ବିଜେଡିର ଉପାଧକ୍ଷ ଭାବେ ଦାୟିତ୍ୱ ତୁଲାଇଥିଲେ। ତେବେ ଗତ ଏନ୍ଏସି ନିର୍ବାଚନରେ ଦଳ ତାଙ୍କୁ ଟିକେଟ ନ ଦେବାରୁ ଅସନ୍ତୋଷ ହୋଇ ସେ ଭାଜପାରେ ସାମିଲ ହୋଇଥିଲା। ଏହାପରେ ଭାଜପା ତାଙ୍କୁ ଏନ୍ଏସି ଅଧକ୍ଷ ପ୍ରାର୍ଥୀ ଭାବେ ଟିକେଟ ଦେଇଥିଲା।

### କଳାହାଣ୍ଡି ଓକିଲ ସଂଘ ନିର୍ବାଚନ
### ସୁବ୍ରତ ସଭାପତି, ଅଶ୍ୱିନୀ ସମ୍ପାଦକ

**ଭବାନୀପାଟଣା,୨୬।୩(ସ୍ୱ.ପ୍ର.):** ଶନିବାର କଳାହାଣ୍ଡି ଓକିଲ ସଂଘର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ଭାବରେ ସୁବ୍ରତ କୁମାର ବହିଦାର, ଉପସଭାପତି ନିମାଞ୍ଚଳ ନାଏକ, ସମ୍ପାଦକ ଅଶ୍ୱିନୀ କୁମାର ଦାସ ଓ ସହକାରୀ ସମ୍ପାଦକ ଭାବରେ ଜୋସବନ୍ତି ଦେଇ ନିର୍ବାଚିତ ହୋଇଛନ୍ତି। ସେହିପରି କାର୍ଯ୍ୟକାରୀ କମିଟି ନିମନ୍ତେ ୭ ଜଣ ନିର୍ଦ୍ୱନ୍ଦ୍ୱରେ ସଭ୍ୟ ଭାବରେ ନିର୍ବାଚିତ ହୋଇଛନ୍ତି। ନବ ନିର୍ବାଚିତ ସଭାପତି, ଉପସଭାପତି, ସମ୍ପାଦକ, ସହକାରୀ ସମ୍ପାଦକ ଓ କାର୍ଯ୍ୟକାରୀ ସଭ୍ୟମାନଙ୍କୁ କଳାହାଣ୍ଡି ଓକିଲ ସଂଘ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି।

### କେସିଙ୍ଗା ଏନଏସି ବିଜେଡି ଦଖଲରେ

**କେସିଙ୍ଗା,୨୬।୩(ଡି.ଏନ.ଏ.):** କଳାହାଣ୍ଡି ଜିଲା କେସିଙ୍ଗା ଏନଏସିରେ ଶନିବାର ପୌର ନିର୍ବାଚନ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। କେସିଙ୍ଗା ଏନଏସି ବିଜେଡି ଅକ୍ତିଆର କରିଛି। ବିଜେଡି ପ୍ରାର୍ଥୀ ନୃପରାଜ ଯାଦବ ୫୧୦୩ ଖଣ୍ଡ ଭୋଟ ପାଇଥିବା ବେଳେ କଂଗ୍ରେସ ର ରାମ କୁମାର ଜୈନ ୪୧୯୧, ଭାଜପାର ସଚିନ ଜୈନ ୧୫୮୭, ସ୍ୱାଧୀନ ପ୍ରାର୍ଥୀ ମୋତି କୈବର୍ତ୍ତ ୧୪୬, ଆମ ଆଦମୀର ରାଧେଶ୍ୟାମ ଅଗ୍ରୱାଲ୬୬ ଖଣ୍ଡ ଭୋଟ ପାଇଥିବାର ଜଣାପଡ଼ିଛି। କେସିଙ୍ଗା ଏନଏସିର ଅଧକ୍ଷ ଭାବେ ନୃପରାଜ ଯାଦବ ବିଜୟୀ ହେଲା ପରେ ଏନଏସି କାର୍ଯ୍ୟାଳୟରୁ କର୍ମୀମାନେ ବାଣ ଫୁଟାଇ ଓ ବାଜା ବଜାଇ ସହର ପରିକ୍ରମା କରି ୱାର୍ଡ଼ ନଂ ୧କୁ ଯାଇଥିଲେ। ଏଥିରେ ପୂର୍ବତନ ବିଧାୟକ ଦୁଷ୍ମନ୍ତ ନାଏକ, ବ୍ଲକ ଅଧକ୍ଷ ଚନ୍ଦନ ସେନାପତି,ଟାଉନ ସଭାପତି ରମେଶ ପଟ୍ଟନାୟକ, ଶିଲୁ ପରିଡାଙ୍କ ସମେତ ବିଜେଡିର କର୍ମକର୍ତ୍ତାମାନେ ସାମିଲ ଥିଲେ। ପରେ ୱାର୍ଡ ନଂ ୧, ୨ ସମେତ ଅନ୍ୟ ୱାର୍ଡରେ ବିଜେଡି ପକ୍ଷରୁ ଶୋଭାଯାତ୍ରା କରାଯାଇଥିଲା। ବିଜେଡି ପ୍ରାର୍ଥୀ ୯୧୨ ଖଣ୍ଡ ଅଧିକ ଭୋଟ ପାଇ ବିଜୟୀ ହୋଇଥିବା ନିର୍ବାଚନ ଅଧିକାରୀ ଜ୍ୟୋତିର୍ମୟ କର ପ୍ରକାଶ କରିଛନ୍ତି।

# କଣ୍ଟାବାଞ୍ଜିରେ ଶକ୍ତି ପ୍ରଦର୍ଶନ କଲେ ସାଲୁଜା

**ବଲାଙ୍ଗୀର ଅଫିସ/କଣ୍ଟାବାଞ୍ଜି, ୨୬।୩ (ଡି.ଏନ.ଏ.)**

■ ଭାଇଙ୍କୁ ପିନ୍ଧାଇଲେ ନଗରପାଳ ମୁକୁଟ
■ ୧୬ରୁ ୧୦ କଂଗ୍ରେସ, ୫ ବିଜେଡି ଓ ୧ ଭାଜପା କାଉନସିଲର ଜିତିଲେ

କଣ୍ଟାବାଞ୍ଜି ଏନଏସିରେ କଂଗ୍ରେସ ନଗରପାଳ ପ୍ରାର୍ଥୀ ବରିୟାମ ସିଂ ସାଲୁଜା ୭୯୮ ଭୋଟରେ ବିଜୟୀ ହୋଇଛନ୍ତି। ବରିୟାମ୍ ୫୪୫୦ ଖଣ୍ଡ ଭୋଟ ପାଇଥିବାବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡିର ବିନୟ ଭୂଷଣ ବିଭାର ୪୬୫୨ ଖଣ୍ଡ ପାଇଥିଲେ। ଭାଜପା ପ୍ରାର୍ଥୀ ବେଦବ୍ୟାସ ନାଗ ୨୧୫୧ ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲେ। କଣ୍ଟାବାଞ୍ଜି ଏନ୍ଏସିରେ କଂଗ୍ରେସ ତାର ଶକ୍ତି ପ୍ରଦର୍ଶନ କରିବାରେ ସଫଳ ହୋଇଛି। ଜିଲାର ୫ଟି ସହରାଞ୍ଚଳ ଭିତରୁ କେବଳ କଣ୍ଟାବାଞ୍ଜିରେ ନଗରପାଳ ବସାଇବା ଏବଂ କାଉନସିଲ ଦଖଲ କରିବାରେ କଂଗ୍ରେସ ସଫଳ ହୋଇଛି। ଏହି ବିଜୟ ପରେ କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜାଙ୍କ ରାଜନୈତିକ ଉଚ୍ଚତା ବଢ଼ିଛି। ବିଧାୟକ ସାଲୁଜା ବିଜେଡିର ନବୀନ ଲହରକୁ ଏଠାରେ ରୋକିବାରେ ସମ୍ପୂର୍ଣ୍ଣ ସଫଳ ହୋଇଥିବା ଚର୍ଚ୍ଚାର ବିଷୟ ହୋଇଛି। ଏହା ସହିତ ବିଧାୟକ ସାଲୁଜା ପଞ୍ଚାୟତ ନିର୍ବାଚନରେ ମଧ୍ୟ ନିଜର ରାଜନୈତିକ ଦକ୍ଷତା ଦେଖାଇ ୩ଟି ଜିଲା ପରିଷଦ ଆସନ ଦଖଲ କରିଥିଲେ। ଏହାସହିତ ୨ଟି ବ୍ଲକ୍‌ରେ ମଧ୍ୟ କଂଗ୍ରେସ ଅଧକ୍ଷ ବସାଇବାରେ ସଫଳ ହୋଇଥିଲେ। ପୌର ନିର୍ବାଚନରେ ବିଧାୟକ ସନ୍ତୋଷ ସିଂ ନିଜ ସାନଭାଇ ବରିୟାମ୍ ସିଂ ସାଲୁଜାଙ୍କୁ ପ୍ରାର୍ଥୀ କରି ବିଜେଡି ଓ ଭାଜପାକୁ ଆହ୍ୱାନ ଦେଇଥିଲେ। ବିଧାୟକ ସାଲୁଜାଙ୍କ ରଣନୀତି ସମ୍ମୁଖରେ ବିଜେଡି ଓ ଭାଜପା ସମ୍ପୂର୍ଣ୍ଣ ପରାସ୍ତ ହୋଇଥିବା ଦେଖାଯାଇଛି। ଏହା ସହିତ ୧୬ ୱାର୍ଡ ବିଶିଷ୍ଟ କଣ୍ଟାବାଞ୍ଜି ଏନ୍ଏସିରେ କଂଗ୍ରେସର ସର୍ବାଧିକ ୧୦ଟି କାଉନସିଲ ଆସନ ଅକ୍ତିଆର କରିବାରେ ବି ସଫଳ ହୋଇଛି। ବିଜେଡି ୫ଟି କାଉନସିଲ ଆସନ ଓ ଭାଜପା ଏକମାତ୍ର କାଉନସିଲ ଆସନ କବ୍‌ଜା କରିବାରେ ସୀମିତ ରହିଛନ୍ତି। ନବ ନିର୍ବାଚିତ ନଗରପାଳ ବରିୟାମ୍ କଣ୍ଟାବାଞ୍ଜି ଏନ୍ଏସିର ବିକାଶ ପାଇଁ ଯତ୍ନବାନ୍ ହେବେ ଏବଂ ଜନସାଧାରଣଙ୍କ ସୁଖଦୁଃଖରେ ସାମିଲ ହେବେ ବୋଲି କହିଥିଲେ । ଏହି ଅବସରରେ କଣ୍ଟାବାଞ୍ଜିବାସୀଙ୍କୁ ସେ କୃତଜ୍ଞତା ଜଣାଇଥିଲେ। ବିଜୟୀ ହେବାର ଶ୍ରେୟ ବଡଭାଇ ବିଧାୟକ ସାଲୁଜାଙ୍କୁ ଦେଇଥିଲେ।

### ଭାଜପା,କଂଗ୍ରେସ, ସ୍ୱାଧୀନ ପ୍ରାର୍ଥୀ ହେଲେ ଅଧକ୍ଷ

ନୂଆପଡ଼ା ଜିଲାରେ ୩ ଏନ୍ଏସିରେ ଫଳାଫଳ

**ନୂଆପଡ଼ା ଅଫିସ୍,୨୬।୩**

ନୂଆପଡ଼ା ଜିଲାର ୩ଟି ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧକ୍ଷ ଓ କାଉନସିଲର ପଦବୀ ଶନିବାର ଘୋଷଣା ହୋଇଯାଇଛି। ଖଡିଆଳ ଆସନ କଂଗ୍ରେସ ହାତରେ ଯାଇଥିବା ବେଳେ ଖରିଆର ରୋଡ ଭାଜପା ଓ ନୂଆପଡ଼ା ସ୍ୱାଧୀନ ପ୍ରାର୍ଥୀ ଅକ୍ତିଆର କରିଛନ୍ତି। ଜିଲାରେ ବିଜେଡ଼ିର ଅଧକ୍ଷ ପ୍ରାର୍ଥୀ ୩ଟି ଯାକ ଏନ୍ଏସିରେ ପରାଜୟବରଣ କରିଛନ୍ତି। ନୂଆପଡା ବିଜ୍ଞାପିତ ଅଞ୍ଚଳ ପରିଷଦରେ ସ୍ୱାଧୀନ ପ୍ରାର୍ଥୀ ମହମ୍ମଦ ଆଦାମ ୩୬୧୬ ଖଣ୍ଡ ଭୋଟ ପାଇଁ ୧୨୬୭ ଭୋଟରେ ବିଜୟୀ ହୋଇଛନ୍ତି। ତାଙ୍କ ନିକଟତମ ପ୍ରତିଦ୍ୱନ୍ଦି ଅଭିନନ୍ଦନ ପଣ୍ଡା ୨୩୪୯ ଖଣ୍ଡ ଭୋଟ ପାଇଥିଲେ। ଖରିଆର ରୋଡ ବିଜ୍ଞାପିତ ଅଞ୍ଚଳ ପରିଷଦରେ ଭାଜପା ପ୍ରାର୍ଥୀ ସୋନିଆ ଜୈନ ୫୮୨୫ ଖଣ୍ଡ ଭୋଟ ପାଇଥିବା ବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦି ବିଜେଡି ପ୍ରାର୍ଥୀ ସୁନିତା ଜୈନ ୪୯୪୨ ଖଣ୍ଡ ପାଇଥିଲେ। ଭାଜପା ପ୍ରାର୍ଥୀ ୮୮୩ଭୋଟରେ ବିଜୟୀ ହୋଇଛନ୍ତି। ଖଡିଆଳ ବିଜ୍ଞାପିତ ଅଞ୍ଚଳ ପରିଷଦରେ ଭାରତୀୟ କଂଗ୍ରେସ ପ୍ରାର୍ଥୀ ଉଜ୍ଜଳ ଗୁପ୍ତା ୩୯୦୦ ଖଣ୍ଡ ଭୋଟ ପାଇଥିବା ବେଳେ ନିକଟତମ ପ୍ରତିଦ୍ୱନ୍ଦି ସ୍ୱାଧୀନ ପ୍ରାର୍ଥୀ ଶ୍ରୀକାନ୍ତ ଚାଟାର୍ଜୀ ୨୦୪୪ ଖଣ୍ଡ ଭୋଟ ପାଇଁ କଂଗ୍ରେସ ପ୍ରାର୍ଥୀ ଠାରୁ ୧୮୫୬ ଭୋଟରେ ପରାଜୟ ହୋଇଛନ୍ତି। ନୂଆପଡା ବିଜ୍ଞାପିତ ଅଞ୍ଚଳ ପରିଷଦରେ ବିଜେଡିରୁ ୮ ଜଣ କାଉନସିଲର ବିଜୟୀ ହୋଇଥିବା ବେଳେ ସ୍ୱାଧୀନରୁ ୪ ଜଣ, ଭାଜପା ଓ କଂଗ୍ରେସରୁ ଜଣେ ଲେଖାଏ ବିଜୟୀ ହୋଇଛନ୍ତି। ଖରିଆର ରୋଡ ବିଜ୍ଞାପିତ ଅଞ୍ଚଳ ପରିଷଦରେ ବିଜେଡିରୁ ୧୦ ଜଣ କାଉନସିଲର, ଭାଜପାରୁ ୮ ଓ ଜଣେ ସ୍ୱାଧୀନ ବିଜୟୀ ହୋଇଛନ୍ତି। ଖଡିଆଳ ଏନଏସିରେ ବିଜେଡ଼ିରୁ ୫ ଜଣ, କଂଗ୍ରେସରୁ ୬ ଓ ଭାଜପାରୁ ୨ ଜଣ କାଉନସିଲର ବିଜୟୀ ହୋଇଛନ୍ତି।

# ଅଧକ୍ଷ ପ୍ରାର୍ଥୀଙ୍କ ବିଜୟ ଶୋଭାଯାତ୍ରା

**ନୂଆପଡ଼ା ଅଫିସ୍,୨୬।୩**

ନୂଆପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ଫଳାଫଳ ଘୋଷଣା ପରେ ବିଜୟୀ ସ୍ୱାଧୀନ ପ୍ରାର୍ଥୀ ମହମ୍ମଦ ଆଦାମ ନିଜର ସମର୍ଥକଙ୍କ ସହିତ ବିଜୟ ଉତ୍ସବ ପାଳନ କରିଛନ୍ତି। ନୂଆପଡ଼ା ପୋଲିସ ପଡିଆରୁ ଏକ ଶୋଭାଯାତ୍ରାରେ ବାହାରି ଏକତା ଛକରେ ସ୍ୱର୍ଗତ ଘାସିରାମ ମାଝିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ସହର ପରିକ୍ରମା ସହିତ ୧୪ଟି ୱାର୍ଡ ବୁଲି ଭୋଟରଙ୍କ ସହିତ ସାକ୍ଷାତ କରିଥିଲେ। ବିଜୟୀ ପ୍ରାର୍ଥୀ ଆଦାମଙ୍କ ସହିତ ମୁଖ୍ୟ ସମର୍ଥକ ବରିଷ୍ଠ ନେତା ଭୈରବ ସାହୁ, ଗରିବସେନା ସଭାପତି ରବି ମଙ୍ଗରାଜ, ବରିଷ୍ଠ ଆଇନଜୀବୀ ଅଶୋକ ଦେବାଙ୍ଗନ ପ୍ରମୁଖ ବିଜୟ ଯାତ୍ରାରେ ଉପସ୍ଥିତ ଥିଲେ। ନୂଆପଡ଼ା ପଞ୍ଚାୟତ ରହିଥିଲା ବେଳେ ସରପଞ୍ଚ ଭାବରେ ନିର୍ବାଚିତ ହୋଇ ୮ମାସ କାର୍ଯ୍ୟ କଲା ପରେ ୨୦୧୩ରେ ନୂଆପଡା ବିଜ୍ଞାପିତ ଅଞ୍ଚଳ ପରିଷଦ ଭାବରେ ଘୋଷଣା ହେଲା । ୨୦୧୩ ନିର୍ବାଚନରେ ମଧ୍ୟ ମହମ୍ମଦ ଆଦାମ କାଉନସିଲର ଭାବରେ ନିର୍ବାଚିତ ହୋଇଥିଲେ। ସେହି ସମୟରେ ଅଧ୍ୟକ୍ଷ ପଦବୀ ଆଦିବାସୀ ମହିଳାଙ୍କ ପାଇଁ ସଂରକ୍ଷଣ ଥିବାରୁ ଆଦାମ କାଉନସିଲର ଭାବରେ ଲୋକଙ୍କ ସେବା କରିଥିଲେ। ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ଲୋକଙ୍କ ସେବା କରିବା ପାଇଁ ସୁଯୋଗ ପାଇଛି। ଏନ୍ଏସିରେ ବାକି ରହିଥିବା କାର୍ଯ୍ୟସବୁ ପୂର୍ଣ୍ଣ କରିବି। ନୂଆପଡା ଏନଏସିକୁ ଆଦର୍ଶ ଏନଏସି ଭାବରେ ଗଢି ତୋଳିବି ବୋଲି କହିଥିଲେ।


ବିଜୟ ଶୋଭାଯାତ୍ରାରେ ଆଦାମ।

# ଭାଜପା ଦୁର୍ଗ ଭାଙ୍ଗିଦେଲା ବିଜେଡି

**ପାଟଣାଗଡ଼,୨୬।୩(ଡି.ଏନ୍.ଏ.)**

**ପାଟଣାଗଡ଼ ଏନ୍ଏସି ନିର୍ବାଚନ ଫଳାଫଳ**
■ ବିଜେଡି ପ୍ରାର୍ଥୀ ମାନସୀ ବିଶ୍ୱାଳ ହେଲେ ଅଧକ୍ଷା
■ ୧୬ରୁ ୧୫ ବିଜେଡି କାଉନସିଲର, ୧ ସ୍ୱାଧୀନ ପ୍ରାର୍ଥୀ ବିଜୟୀ
■ ଖାତା ଖୋଲି ପାରିଲାନି ଭାଜପା, କଂଗ୍ରେସ

ସରିଲା ପୌର ନିର୍ବାଚନ। ୧୯୯୦ ମସିହାରୁ ପାଟଣାଗଡ଼ ଏନଏସି ଅଧକ୍ଷ ପଦ ଭାଜପା ହାତରେ ଥିଲା। ତେବେ ଚଳିତ ପୌର ନିର୍ବାଚନ ଫଳାଫଳ ସବୁ ଗଣିତକୁ ଓଲଟପାଲଟ କରିଦେଇଛି। ଭାଜପାର ପାଟଣାଗଡ ଦୁର୍ଗକୁ ଧୂଳିସାତ୍ କରି ବିଜେଡି ପୌରାଧକ୍ଷା ଏବଂ ୧୬ ୱାର୍ଡ ବିଶିଷ୍ଟ କାଉନସିଲର ୧୪ଟି ଆସନ ଦଖଲ କରିଛି। ବିଜେଡିର ଅଧକ୍ଷା ପ୍ରାର୍ଥୀ ମାନସୀ ବିଶ୍ୱାଳ ୩ ହଜାର ୬୬ ଖଣ୍ଡ ଭୋଟ ବ୍ୟବଧାନରେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପା ଅଧକ୍ଷ ପ୍ରାର୍ଥୀ ବୁଢୁ ଶବରଙ୍କୁ ପରାଜିତ କରି ପ୍ରଥମ ଥର ପାଇଁ ନଗରପାଳ ଭାବେ ନିର୍ବାଚିତ ହୋଇଛନ୍ତି। ସେହିପରି ୧୫ ୱାର୍ଡ ମଧ୍ୟରୁ ୧୪ଟି କାଉନ୍ସିଲର ପଦ ବିଜେଡି ହାତକୁ ଯାଇଛି। ଭାଜପା ଓ କଂଗ୍ରେସ ଖାତା ଖୋଲିପାରିନାହାନ୍ତି। ଅପରପକ୍ଷରେ ୧୩ ନମ୍ବର ୱାର୍ଡର ସ୍ୱାଧୀନ ପ୍ରାର୍ଥୀ ରୁନୁ କୁମ୍ଭାର ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡି ପ୍ରାର୍ଥିନୀ ସଂଯୁକ୍ତା ପୁଟେଲଙ୍କୁ ୫୪ ଖଣ୍ଡ ଭୋଟ ବ୍ୟବଧାନରେ ହରାଇ ବିଜୟ ଲାଭ କରିଛନ୍ତି।


ବିଜୟୀ ବିଜେଡି କାଉନ୍ସିଲରମାନେ।

# ତୁଷୁରା ଏନ୍ଏସି ଜିତିଲା ବିଜେଡି

■ ବିଜେଡି ୭, ଭାଜପାରୁ ୪ କାଉନ୍ସିଲର ବିଜୟୀ
■ କଂଗ୍ରେସ ଖାତା ଖୋଲିପାରିଲାନି

**ଗୁଡ଼ଭେଲା,୨୬।୩(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ତୁଷୁରା ଏନ୍ଏସି ଅଧକ୍ଷ ଭାବେ ବିଜେଡି ପ୍ରାର୍ଥୀ ଅଜୟ କୁମାର ଜୟସ୍ୱାଲ ବିଜୟୀ ହୋଇଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପା ଅଧକ୍ଷ ପ୍ରାର୍ଥୀ ରୁନୁଗୋପାଳ ସାହୁଙ୍କୁ ୮୨୬ ଭୋଟରେ ପରାସ୍ତ କରିଛନ୍ତି। ଅଜୟ ୩୬୫୧, ରୁନୁଗୋପାଳ ୨୮୨୫ ଖଣ୍ଡ ଭୋଟ ପାଇଛନ୍ତି। ୧୧ ୱାର୍ଡବିଶିଷ୍ଟ କାଉନ୍ସିଲରେ ବିଜେଡିର ୭ ଓ ଭାଜପାର ୪ ଜଣ କାଉନ୍ସିଲର ବିଜୟୀ ହୋଇଥିବା ନିର୍ବାଚନ ଅଧିକାରୀ ତଥା ତୁଷୁରା ତହସିଲଦାର ରବୀନ୍ଦ୍ର ପଟେଲ କହିଛନ୍ତି। ବିଜୟ ପରେ ବିଜୟୀ ବିଜେଡି ଅଧକ୍ଷ ପ୍ରାର୍ଥୀ ଓ ୭ କାଉନ୍ସିଲର ସହରର ବିଭିନ୍ନ ମନ୍ଦିରକୁ ଯାଇ ଦେବଦେବୀ ଦର୍ଶନ କରିଥିଲେ । ଜନସାଧାରଣଙ୍କୁ ଦେଇଥିବା ପ୍ରତିଶ୍ରୁତି ପାଳନ କରାଯିବ ବୋଲି ବିଜୟ ପରେ ଅଧକ୍ଷ ଜୟସ୍ୱାଲ କହିଛନ୍ତି।


ବିଜୟ ପରେ ନବନିର୍ବାଚିତ ବିଜେଡି କାଉନ୍ସିଲର ଓ ସମର୍ଥକ।

**ତୁଷୁରା ଏନ୍ଏସି**

| ୱାର୍ଡ ନମ୍ବର | ବିଜୟୀ କାଉନସିଲର | ଦଳ |
|---|---|---|
| ୧ | ମିତାଲି ସାହୁ | ଭାଜପା |
| ୨ | ସୁଷମା ସାହୁ | ବିଜେଡି |
| ୩ | ଚିନ୍ତାମଣୀ ବାଗ | ବିଜେଡି |
| ୪ | ମିଥୁନ ସାହୁ | ବିଜେଡି |
| ୫ | ମାମୀ ଦାଶ | ବିଜେଡି |
| ୬ | ଗୀତାଞ୍ଜଳି ଦଜ | ଭାଜପା |
| ୭ | ସବିତା ନାଗ | ବିଜେଡି |
| ୮ | ସର୍ବେଶ୍ୱରୀ ଭୋଇ | ବିଜେଡି |
| ୯ | ଧିରେନ୍ଦ୍ର କୁମାର ମହାନନ୍ଦ | ଭାଜପା |
| ୧୦ | ବବିତା ସାହୁ | ଭାଜପା |
| ୧୧ | ରୀତା ପ୍ରଧାନ | ବିଜେଡି |

## ବଲାଙ୍ଗୀର ମ୍ୟୁନିସିପାଲିଟି

| ୱାର୍ଡ ନମ୍ବର | ବିଜୟୀ କାଉନସିଲର | ଦଳ |
|---|---|---|
| ୧ | ସସ୍ମିତା ନନ୍ଦ | ବିଜେଡି |
| ୨ | ସରିତା ଦାସ | ବିଜେଡି |
| ୩ | ରଜନୀ ବନ୍‌ଛୋର | ବିଜେଡି |
| ୪ | ଅରବିନ୍ଦ ପରୁଆ | କଂଗ୍ରେସ |
| ୫ | ଲଲାଟେନ୍ଦୁ ପଟ୍ଟନାୟକ | କଂଗ୍ରେସ |
| ୬ | ପିଙ୍କି କବାଟ | ବିଜେଡି |
| ୭ | ଶମ୍ଭୁ ନାଗ | ବିଜେଡି |
| ୮ | ନନ୍ଦିନୀ ପୋଢ଼ | ବିଜେଡି |
| ୯ | ପ୍ରେମଶୀଳା ନାଏକ | ବିଜେଡି |
| ୧୦ | କିଶୋର କୁମ୍ଭାର | ବିଜେଡି |
| ୧୧ | ପ୍ରଦୀପ କୁମାର ମିଶ୍ର | କଂଗ୍ରେସ |
| ୧୨ | ଅଞ୍ଜଳି ସାହୁ | କଂଗ୍ରେସ |
| ୧୩ | ଇସମତ ଆରା ଖାନ୍ | ବିଜେଡି |
| ୧୪ | ସଞ୍ଜୁଲତା ଦନ୍ତା | ବିଜେଡି |
| ୧୫ | ମହେନ୍ଦ୍ର ବାଗ | ବିଜେଡି |
| ୧୬ | ସନ୍ତୋଷିନୀ କୁଅଁର | ବିଜେଡି |
| ୧୭ | ପ୍ରତିମା ଛତ୍ରିଆ | ବିଜେଡି |
| ୧୮ | ଗଙ୍ଗାଧର ଚାନ୍ଦ | ବିଜେଡି |
| ୧୯ | ହରିଶଙ୍କର ଛତ୍ରିଆ | ଭାଜପା |
| ୨୦ | ଗାୟତ୍ରୀ ଭୋଇ | ବିଜେଡି |
| ୨୧ | ଶତ୍ରୁଘ୍ନ ବାଗ | ବିଜେଡି |

**କଣ୍ଟାବାଞ୍ଜି ଏନ୍ଏସି**

| ୱାର୍ଡ ନମ୍ବର | ବିଜୟୀ କାଉନସିଲର | ଦଳ |
|---|---|---|
| ୧ | ଇମ୍ରାନ ଖାନ | ବିଜେଡି |
| ୨ | ଅଶୋକ ବଂଶଲ | କଂଗ୍ରେସ |
| ୩ | ମନିଶ ଅଗୱାଲ | ବିଜେଡି |
| ୪ | ସୁଧା ଅଗ୍ରୱାଲ | କଂଗ୍ରେସ |
| ୫ | ଯାଜ୍ଞସେନି ନାଗ | ବିଜେଡି |
| ୬ | ନୀଳକଣ୍ଠ ଶତପଥୀ | ଭାଜପା |
| ୭ | ପିଙ୍କି ମହାନନ୍ଦ | ବିଜେଡି |
| ୮ | ଗୌତମ ବେହେରା | କଂଗ୍ରେସ |
| ୯ | ଲଳିତ ଅଗ୍ରୱାଲ | କଂଗ୍ରେସ |
| ୧୦ | ଶାନ୍ତି ଦୀକ୍ଷିତ | କଂଗ୍ରେସ |
| ୧୧ | ସୂର୍ଯ୍ୟପ୍ରତାପ ମିଶ୍ର | ବିଜେଡି |
| ୧୨ | ହେମାନି ଜଗତ | କଂଗ୍ରେସ |
| ୧୩ | ମନୋରମା ରାଉତ | କଂଗ୍ରେସ |
| ୧୪ | ଗୁପ୍ତେଶ୍ୱର ତରିଆ | କଂଗ୍ରେସ |
| ୧୫ | ସୁନିତା ବୁଡେକ | କଂଗ୍ରେସ |
| ୧୬ | ବେଦକାନ୍ତ ପନିକା | କଂଗ୍ରେସ |

**ଟିଟିଲାଗଡ଼ ପୌରପାଳିକା**

| ୱାର୍ଡ ନମ୍ବର | ବିଜୟୀ କାଉନସିଲର | ଦଳ |
|---|---|---|
| ୧ | ପୁଷ୍ପାମଞ୍ଜରି ଜାଲ | ବିଜେଡି |
| ୨ | ଚନ୍ଦ୍ରକାନ୍ତି ବାଗ | ବିଜେଡି |
| ୩ | ଗୋପାଳକୃଷ୍ଣ ବେହେର | ବିଜେଡି |
| ୪ | ଭୁବନେଶ୍ୱର ପଟ୍ଟନାୟକ | ବିଜେଡି |
| ୫ | ମନୋଜ ଜୈନ | ଭାଜପା |
| ୬ | ସୁଧିର ଅଗ୍ରୱାଲ | ବିଜେଡି |
| ୭ | ଭାରତୀ ଭରସାଗର | ବିଜେଡି |
| ୮ | ସୁନିତା ଦାଶ | ବିଜେଡି |
| ୯ | ସରଜୁ ଥନାପତି | ଭାଜପା |
| ୧୦ | ସଞ୍ଜୀବ ଗୋୟଲ | ବିଜେଡି |
| ୧୧ | ଯଶୋଦା ବଗର୍ତ୍ତି | ଭାଜପା |
| ୧୨ | ମାନସ ସାହୁ | ବିଜେଡି |
| ୧୩ | ସାବିତ୍ରୀ ବାରିକ | ବିଜେଡି |
| ୧୪ | ସୁମିତା ନାଗ | ଭାଜପା |
| ୧୫ | ସୁନୀଲ ଆଚାର୍ଯ୍ୟ | ଭାଜପା |

**ପାଟଣାଗଡ ଏନ୍ଏସି**

| ୱାର୍ଡ ନମ୍ବର | ବିଜୟୀ କାଉନସିଲର | ଦଳ |
|---|---|---|
| ୧ | ହେମବନ୍ତି ମେହେର | ବିଜେଡି |
| ୨ | ରୀତା ମେହେର | ବିଜେଡି |
| ୩ | ସୁଜିତ କୁମାର ମେହେର | ବିଜେଡି |
| ୪ | ଊଷା ରାହା | ବିଜେଡି |
| ୫ | ଶ୍ରୀରାମ ଦଲେଇ | ବିଜେଡି |
| ୬ | ଭାରତୀ ଧ୍ରୁବଲ | ବିଜେଡି |
| ୭ | ରୁନା ମହାନନ୍ଦ | ବିଜେଡି |
| ୮ | ସରେନ୍ଦ୍ର ସା | ବିଜେଡି |
| ୯ | ପ୍ରଫୁଲ୍ଲ କୁମାର ମେହେର | ବିଜେଡି |
| ୧୦ | କେଶରୀ ମେହେର | ବିଜେଡି |
| ୧୧ | ରାମା ମେହେର | ବିଜେଡି |
| ୧୨ | କନକଲତା ମେହେର | ବିଜେଡି |
| ୧୩ | ରୁନୁ କୁମ୍ଭାର | ସ୍ୱାଧୀନ |
| ୧୪ | ଲୋଚନ ଭୂଏ | ବିଜେଡି |
| ୧୫ | ମୁକୁନ୍ଦ ମେହେର | ବିଜେଡି |

# ସୁବର୍ଣ୍ଣପୁରରେ ବିଜେଡିର ଶଙ୍ଖନାଦ

**ସୋନପୁର/ବିନିକା/ତରଭା,୨୬।୩ (ନି.ପ୍ର./ଡିଏନ.ଏ)**

ପୌର ନିର୍ବାଚନରେ ସୁବର୍ଣ୍ଣପୁର ଜିଲାରେ ଶଙ୍ଖନାଦ ହୋଇଛି। ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଭଳି ପୌର ନିର୍ବାଚନରେ ମଧ ଫଳାଫଳ ଏକପାଖିଆ ଭାବେ ବିଜେଡି ସପକ୍ଷରେ ଯାଇଛି। ସୁବର୍ଣ୍ଣପୁର ପୌରପାଳିକାର ଅଧ୍ୟକ୍ଷା ଭାବେ ବିଜେଡିର ତାମସି ତାମସ୍ମିତା ନାୟକ ବିଜୟୀ ହୋଇଛନ୍ତି। ତାମସି ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସର ରାଜଶ୍ରୀ ଦ୍ୱିବେଦୀଙ୍କୁ ୩୫୬୭ ଖଣ୍ଡ ଭୋଟ ବ୍ୟବଧାନରେ ପରାସ୍ତ କରିଛନ୍ତି। ତାମସିଙ୍କୁ ୬୦୬୬ ଖଣ୍ଡ ଭୋଟ ମିଳିଥିବା ବେଳେ କଂଗ୍ରେସର ରାଜଶ୍ରୀଙ୍କୁ ୨୪୯୯ ଖଣ୍ଡ ଭୋଟ ମିଳିଛି। ଭାଜପା ପୌରାଧ୍ୟକ୍ଷା ପ୍ରାର୍ଥୀ ସୁନୀତା ଗିରିଙ୍କୁ ୨୧୮୧ଖଣ୍ଡ, ସ୍ୱାଧୀନ ପ୍ରାର୍ଥୀ ଜ୍ୟୋତିଶ୍ରୀ ବେହୁରାଙ୍କୁ ୫୬୪ଖଣ୍ଡ ଓ ପୁଷ୍ପାଞ୍ଜଳି ସାଗରଙ୍କୁ ୨୦୧ଖଣ୍ଡ ଭୋଟ ମିଳିଥିଲା ବେଳେ ଓ ନୋଟାକୁ ଯାଇଛି ୧୧୨ ଖଣ୍ଡ ଭୋଟ। ସେହିପରି ମୋଟ ୧୫ଟି ୱାର୍ଡ କାଉନସିଲରଙ୍କ ମଧ୍ୟରୁ ୧୨ଟିରେ ବିଜେଡି ପ୍ରାର୍ଥୀ ବିଜୟ ଲାଭ କରିଥିବା ବେଳେ ୨ଟିରେ ଭାଜପା ଓ ଗୋଟିଏରେ କଂଗ୍ରେସ ପ୍ରାର୍ଥୀ ବିଜୟ ଲାଭ କରିଛନ୍ତି। ୧ ନମ୍ବର ୱାର୍ଡ କାଉନସିଲର ଭାବେ ବିଜେଡିର ମୌସୁମୀ ନାଏକ, ୨ ନମ୍ବର ୱାର୍ଡରେ ବିଜେଡିର ମଲ୍ଲିକା ଦାନୀ, ୩ ନମ୍ବର ୱାର୍ଡରେ ବିଜେଡିର ସୁବର୍ଣ୍ଣ ସେଠୀ, ୪ ନମ୍ବର ୱାର୍ଡରେ କଂଗ୍ରେସର ଭାଗିରଥୀ ମିଶ୍ର, ୫ ନମ୍ବର ୱାର୍ଡରେ ବିଜେଡିର ବନିତା ପସାୟତ, ୬ ନମ୍ବର ୱାର୍ଡରେ ଭାଜପାର ଗଙ୍ଗାଧର ତରିଆ, ୭ ନମ୍ବର ୱାର୍ଡରେ ବିଜେଡିର ପି.ରାଜକିଶୋର ରାଓ, ୮ ନମ୍ବରରେ ବିଜେଡିର ପିୟୁଷ କୁମାର ପଣ୍ଡା, ୯ ନମ୍ବରରେ ବିଜେଡିର କଇରୁ ସ୍ୱାଇଁ, ୧୦ ନମ୍ବରରେ ବିଜେଡିର ସାବିତ୍ରୀ ନାଏକ, ୧୧ ନମ୍ବର ୱାର୍ଡରେ ବିଜେଡିର ସୁନିତା ନାଏକ, ୧୨ ନମ୍ବର ୱାର୍ଡରେ ବିଜେଡିର ସୁଭଦ୍ରା ବିଶି, ୧୩ ନମ୍ବର ୱାର୍ଡରେ ଅନ୍ନପୂର୍ଣ୍ଣା ସେଠୀ, ୧୪ ନମ୍ବର ୱାର୍ଡରେ ଭାଜପାର ସୁଶାନ୍ତ କୁମାର ସାହୁ ଓ ୧୫ ନମ୍ବର ୱାର୍ଡରେ ଭାଜପାର ବାସନ୍ତୀ ମେହେର ନିର୍ବାଚିତ ହୋଇଛନ୍ତି। ସୁବର୍ଣ୍ଣପୁର ପୌର ପାଳିକାର ୧୫ ଟି ୱାର୍ଡର ୨୧ଟି ମତଦାନ କେନ୍ଦ୍ରରେ ମୋଟ ୧୧୬୨୩ ଜଣ ଭୋଟର ମତଦାନ କରିଥିଲେ।



ସୋନପୁରରେ ନବନିର୍ବାଚିତ ପୌରାଧ୍ୟକ୍ଷା ଓ କାଉନସିଲରଙ୍କ ବିଜୟ ଶୋଭାଯାତ୍ରା ।

### ୧ ପୌରପାଳିକା, ୨ ଏନ୍ଏସି ବିଜେଡି ଦଖଲରେ
### ସୁବର୍ଣ୍ଣପୁରରେ ତାମସି ତାମସ୍ମିତା, ତରଭାରେ ବନ୍ଦିତା, ବିନିକାରେ ସୁବାସ

ସେହିପରି ୧୨ଟି ୱାର୍ଡ ବିଶିଷ୍ଟ ବିନିକା ଏନ୍ଏସିର ନଗରପାଳ ଭାବେ ବିଜେଡିର ସୁବାସ ଭୁଏ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ବିଶ୍ୱାମିତ୍ର ଭୁଏଙ୍କୁ ୨୮୪୨ ଖଣ୍ଡ ଭୋଟ ବ୍ୟବଧାନରେ ପରାସ୍ତ କରିଛନ୍ତି। ସୁବାସଙ୍କୁ ୫୬୧୫ ଖଣ୍ଡ ଭୋଟ ମିଳିଥିବା ବେଳେ ଭାଜପା ପ୍ରାର୍ଥୀ ବିଶ୍ୱାମିତ୍ରଙ୍କୁ ୨୭୭୩ ଖଣ୍ଡ ଓ କଂଗ୍ରେସ ପ୍ରାର୍ଥୀ ଅନିଲ ନାଏକଙ୍କୁ ୧୦୨୨ ଖଣ୍ଡ ଭୋଟ ମିଳିଛି। ବିଜେଡିର ୧୧ ଜଣ କାଉନସିଲର ନିର୍ବାଚିତ ହୋଇଥିବା ବେଳେ ଭାଜପାରୁ କେବଳ ଜଣେ ମାତ୍ର କାଉନସିଲର ବିଜୟ ଲାଭ କରିଛନ୍ତି।

୧୨ ୱାର୍ଡ ବିଶିଷ୍ଟ ତରଭା ଏନ୍ଏସିର ଅଧ୍ୟକ୍ଷା ଭାବେ ବିଜେଡିର ବନ୍ଦିତା ନାଏକ ନିର୍ବାଚିତ ହୋଇଛନ୍ତି। ବନ୍ଦିତା ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ଶିବାନୀ ସେଠ୍ଙ୍କୁ ୨୮୬୯ ଖଣ୍ଡ ଭୋଟ ବ୍ୟବଧାନରେ ପରାସ୍ତ କରିଛନ୍ତି। ବିଜେଡିର ବନ୍ଦିତା ନାଏକଙ୍କୁ ୪୦୬୯ ଖଣ୍ଡ ଭୋଟ ମିଳିଥିବା ବେଳେ ଭାଜପାର ଅଧ୍ୟକ୍ଷା ପ୍ରାର୍ଥୀନୀ ଶିବାନୀ ସେଠ୍ଙ୍କୁ ୧୨୦୦ ଖଣ୍ଡ ଓ କଂଗ୍ରେସର ଅଧ୍ୟକ୍ଷା ପ୍ରାର୍ଥୀନୀ ପ୍ରଣତି ନାୟକଙ୍କୁ ୯୯ ଖଣ୍ଡ ଭୋଟ ମିଳିଛି। ସେହିପରି ନୋଟାକୁ ୫୩ ଖଣ୍ଡ ଭୋଟ ଯାଇଛି। ମୋଟ ୧୨ଟି ୱାର୍ଡରୁ ବିଜେଡିର ୧୧ଜଣ କାଉନସିଲର ନିର୍ବାଚିତ ହୋଇଥିବା ବେଳେ ଜଣେ ସ୍ୱାଧୀନ ପ୍ରାର୍ଥୀନୀ ବିଜୟୀ ହୋଇଛନ୍ତି। ଏଠାରେ ଭାଜପା ଖାତା ଖୋଲି ପାରିନି। କଂଗ୍ରେସ ୧୨ଟି ଯାକ ୱାର୍ଡରେ ଦଳୀୟ କାଉନସିଲର ପ୍ରାର୍ଥୀ ଦେଇନଥିଲା। ପୌର ନିର୍ବାଚନ ଫଳାଫଳ ବିରୋଧି ଭାଜପା ଓ କଂଗ୍ରେସକୁ ଶକ୍ତ ଧକ୍କା ସଦୃଶ ହୋଇଥିବା ବେଳେ ଶାସକ ବିଜେଡି ଉଲ୍ଲସିତ ହୋଇଛି।

**ସଂକ୍ଷେପରେ**

## ବୌଦ୍ଧ ବିଜ୍ଞାପିତ ଅଞ୍ଚଳ ପରିଷଦ ଦଖଲ କଲା ବିଜେଡି

- ବିଜେଡି ଓ କଂଗ୍ରେସ ମଧ୍ୟରେ କଡ଼ା ଟକ୍କର
- ତୃତୀୟ ସ୍ଥାନରେ ଭାଜପା

**ବୌଦ୍ଧ,୨୬।୩ (ସ୍ୱ.ପ୍ର.):** ବୌଦ୍ଧ ଜିଲାରେ ଥିବା ଏକମାତ୍ର ବୌଦ୍ଧ ବିଜ୍ଞାପିତ ଅଞ୍ଚଳ ପରିଷଦକୁ ଶେଷରେ ଶାସକ ବିଜେଡି ଅକ୍ତିଆର କରିଛି । ବିଜ୍ଞାପିତ ଅଞ୍ଚଳ ପରିଷଦ ନିର୍ବାଚନ ନେଇ ତିନି ପ୍ରମୁଖ ରାଜନୈତିକ ଦଳଗୁଡିକ ମଧ୍ୟରେ କଡା ଟକ୍କର ହୋଇଥିଲା । ବୌଦ୍ଧ ବିଜ୍ଞାପିତ ଅଞ୍ଚଳ ପରିଷଦ ୧୭ ଗୋଟି ୱାର୍ଡକୁ ନେଇ ଗଠିତ । ଏଥର ଅଧ୍ୟକ୍ଷ ପଦବୀ ପାଇଁ ପ୍ରତ୍ୟକ୍ଷ ନିର୍ବାଚନ ହେଇଥିବା ଯୋଗୁ ତିନି ପ୍ରମୁଖ ରାଜନୈତିକ ଦଳ ଏହି ପଦବୀ ହାତେଇବା ଲକ୍ଷ୍ୟରେ ଥିଲେ। ୧୭ ଗୋଟି ୱାର୍ଡ ମଧ୍ୟରୁ ୧୫ ଗୋଟି ୱାର୍ଡ ବିଜେଡି ଦଖଲ କରିଥିବା ବେଳେ ୨ ଗୋଟି ୱାର୍ଡ ଭାଜପା ଅକ୍ତିଆର କରିଛି । କଂଗ୍ରେସ ଗୋଟିଏ ହେଲେ ୱାର୍ଡ ଦଖଲ କରି ପାରିନାହିଁ । କଂଗ୍ରେସ ଦଳର ଜିଲାରେ ନିଜର ସତ୍ତା ନ ଥିବା ବେଳେ ଅଧ୍ୟକ୍ଷ ପଦବୀ ପାଇଁ ବିଜେଡି ଓ କଂଗ୍ରେସ ମଧ୍ୟରେ କଡା ଟକ୍କର ହୋଇଥିଲା । କିନ୍ତୁ ସବୁ କଳ୍ପନାଜଳ୍ପନାର ଅନ୍ତ ଘଟାଇ ବିଜେଡି ପୁଣି ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ଦଖଲ କରିଛି । ବିଜେଡି ମୃତ୍ୟୁଞ୍ଜୟ ମିଶ୍ରଙ୍କୁ ପ୍ରାର୍ଥୀ କରିଥିବା ବେଳେ କଂଗ୍ରେସ ଗଣେଶ ପ୍ରସାଦ ଅଗ୍ରୱାଲା ଓ ଭାଜପା ଯୁଗଲ କିଶୋର ସାମଲଙ୍କୁ ପ୍ରାର୍ଥୀ କରିଥିଲା । ଶେଷରେ ବିଜେଡିର ମୃତ୍ୟୁଞ୍ଜୟ ୪୮୮୧ ଖଣ୍ଡ ଭୋଟ ପାଇଥିବା ବେଳେ କଂଗ୍ରେସର ଗଣେଶ ପ୍ରସାଦ ୩୫୪୧ ଖଣ୍ଡ ଭୋଟ ପାଇଛନ୍ତି। ଭାଜପାର ଯୁଗଳ କିଶୋର ସାମଲ ୩୦୦୦ ଖଣ୍ଡ ଭୋଟ ପାଇଥିଲେ। ବିଜେଡିର ମୃତ୍ୟୁଞ୍ଜୟ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀଙ୍କ ଠାରୁ ୧୩୪୦ ଖଣ୍ଡ ଅଧିକ ଭୋଟ ପାଇ ବିଜୟୀ ହେବା ସହ ବୌଦ୍ଧ ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷ ହୋଇଛନ୍ତି ।

## ତେଲିବନ୍ଧ ହାଇସ୍କୁଲରେ ଟିକାଦାନ

**ଜହ୍ନାପଙ୍କ,୨୬।୩ (ଡି.ଏନ.ଏ.):** ବାଉଁଶୁଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ବୌଦ୍ଧ ବ୍ଲକ ତେଲିବନ୍ଧ ସରକାରୀ ଉଚ୍ଚ ବିଦ୍ୟାଳୟରେ ଟିକାଦାନ କାର୍ଯ୍ୟକ୍ରମ ହୋଇଯାଇଛି । ଏଥିରେ ୧୨ ବର୍ଷରୁ ୧୪ ବର୍ଷ ମଧ୍ୟରେ ଥିବା ଛାତ୍ରୀଛାତ୍ରଙ୍କୁ କରୋନା ପ୍ରତିଷେଧକ ଟିକା ଦିଆଯାଇଥିଲା। ସମୁଦାୟ ୬୫ ଜଣ ଛାତ୍ରୀଛାତ୍ରଙ୍କୁ ଟିକା ଦିଆଯାଇଥିଲା। ଉପସ୍ଥିତ ପିଲାଙ୍କୁ ନିୟମିତ ଭାବେ ହାତ ଧୋଇବା, ମାସ୍କ ପିନ୍ଧିବା ଏବଂ ଦୂରତ୍ୱ ବଜାୟ ରଖିବା ପାଇଁ ପରାମର୍ଶ ଦିଆଯାଇଥିଲା। ଟିକାକରଣରେ ରେଣୁକା ଥନାପତି, ଅକୁର ଗାଣଗୌରିଆ, ଲଛମନ ବଘାର,ଟୀକା ମିତ୍ର, ସ୍ମୃତି ରଞ୍ଜନ ପ୍ରଧାନ, ପ୍ରଧାନ ଶିକ୍ଷୟିତ୍ରୀ ସୌଦାମିନୀ ପ୍ରଧାନ, ସହକାରୀ ଶିକ୍ଷକ ଶମ୍ଭୁ ଗିରି, ଅଂଶୁମାନ ବାରିକ, ସ୍ୱାଗତିକା ପ୍ରଧାନ, ନିରଞ୍ଜନ ମେହେର ସହଯୋଗ କରିଥିଲେ।

## ଗୋଚର ଜମିରେ ତାର ବାଡ଼

**ବାଉଁଶୁଣୀ,୨୬।୩(ଡି.ଏନ.ଏ.):** ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ପଞ୍ଚାୟତ ବୁରକଟା ଗାଁର ଗଦବସା ପଡ଼ିଆ ନାମରେ ଥିବା ଗୋଚର ଜମିରେ ତାର ବାଡ ଦିଆଯାଇଥିବା ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ଅନୁସାରେ ବହୁ ବର୍ଷ ହେଲା ଏହି ସରକାରୀ ଗୋଚର ଜମି ରହିଛି। ୨୦୧୧ ମସିହାରେ ୫ମ ଆଇଆରବି ନିର୍ମାଣ ପାଇଁ ସରକାର ଏହାକୁ ନିଜ ଅଧୀନକୁ ନେବାକୁ ଉଦ୍ୟମ କରିବାରୁ ଗ୍ରାମବାସୀ ଏହାର ବିରୋଧ କରି ଖୁଣ୍ଟବନ୍ଧ ରାଜସ୍ୱ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ଲୋକଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏହାକୁ ବାତିଲ କରାଯାଇଥିଲା । ତେବେ ଏହାର ଚତୁଃପାର୍ଶ୍ୱରେ ତାର ବାଡ଼ ଦିଆଯାଇଥିଲା। ଏହି ଜମିରେ ଗୃହ ପାଳିତ ପଶୁମାନେ ଚରାବୁଲା କରିଥାନ୍ତି। କିନ୍ତୁ ଜମି ଚାରିପଟେ ବାଡ଼ ଦିଆଯିବା ଯୋଗୁ ଗୋରୁ ଗାଈ ଘାସ ଖାଇବାରେ ଅସୁବିଧା ହେଉଛି। ପୁନଶ୍ଚ ଏହି ପଡିଆର ପଶ୍ଚିମ ପାର୍ଶ୍ୱରେ ଏକ କୋଠା ନିର୍ମାଣ ପାଇଁ ନିଅ ଖୋଳା ଚାଲିଛି। ଏହା କିଏ ଖୋଳୁଛି ତାହା ଜଣାପଡୁନାହିଁ। ଯଦି ଏହି ଗୋଚର ଜମିରୁ ତାର ବାଡ଼ ହଟା ନ ଯାଏ ତେବେ ଆଗାମୀ ଦିନରେ ଗୋପାଳକମାନେ ଚାରଣ ଭୂମି ଅଭାବରୁ ଗୋରୁ ଗାଈ ବିକିବାକୁ ବାଧ ହେବା ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ରେକର୍ଡ ରଚିଲେ ସ୍ୱାଧୀନ ପୌରାଧ୍ୟକ୍ଷ

**ବରଗଡ଼ ଅଫିସ୍,୨୬।୩**

ବରଗଡ଼ ଜିଲାରେ ହୋଇଥିବା ପୌର ନିର୍ବାଚନରେ ବରପାଲି ଏନଏସିରୁ ଶାସକ ଦଳ ବିଜେଡ଼ିକୁ ପଛରେ ପକାଇ ସ୍ୱାଧୀନ ପୌରାଧ୍ୟକ୍ଷ ପ୍ରାର୍ଥୀ ଦିନେଶ ଗହୀର ବିଜୟୀ ହେବା ଘଟଣା ଜିଲାବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଛି। ସ୍ୱାଧୀନ ପ୍ରାର୍ଥୀ ଦିନେଶ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡ଼ିର ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀଙ୍କୁ ୧୫୭୩ ଭୋଟ ବ୍ୟବଧାନରେ ହରାଇଛନ୍ତି। ଦିନେଶଙ୍କୁ ୬୦୦୦ ଖଣ୍ଡ ଭୋଟ ମିଳିଥିବାବେଳେ ପ୍ରଦ୍ୟୁମ୍ନଙ୍କ ସପକ୍ଷରେ ୪୪୨୭ଖଣ୍ଡ ଭୋଟ ପଡ଼ିଛି । ଏଠାରେ ଭାଜପା ଓ କଂଗ୍ରେସ ପ୍ରାର୍ଥୀଙ୍କ ଭୋଟ୍ ତିନିଅଙ୍କରେ ସୀମିତ ରହିଛି । ତେବେ ୨ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଏବଂ ସୁଶାନ୍ତ ସିଂ ପ୍ରଚାର ମଇଦାନକୁ ଓହ୍ଲାଇଥିବା ସତ୍ତ୍ୱେ ବିଜେଡ଼ି ପ୍ରାର୍ଥୀଙ୍କ ପରାଜୟକୁ ନେଇ ସାଧାରଣରେ ଯେଉଁଭଳି ଚର୍ଚ୍ଚା ବଢ଼ି ଚାଲିଛି, ବିଜୟୀ ହେବା ପରେ ସ୍ୱାଧୀନ ପ୍ରାର୍ଥୀ ଦିନେଶ ସ୍ଥାନୀୟ ବିଜେଡ଼ି ବିଧାୟିକା ରୀତା ସାହୁଙ୍କ ବାସଭବନକୁ ଯାଇ ତାଙ୍କ ଆଶୀର୍ବାଦ ଲୋଡ଼ିବା ଆହୁରି ରୋଚକ ହୋଇପଡ଼ିଛି। ଅନ୍ୟପଟେ ବିଜେପୁରରେ ବିଜେଡ଼ି ପ୍ରାର୍ଥିନୀ ସୀତା ବାରିକ ପୌରାଧ୍ୟକ୍ଷା ନିର୍ବାଚିତ ହୋଇଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ପଦ୍ମାବତୀ ଦେହେରୀଙ୍କୁ ୬୪୧ ଖଣ୍ଡ ଭୋଟରେ ହରାଇଛନ୍ତି। ବରଗଡ଼ ମ୍ୟୁନିସିପାଲିଟିରେ ବିଜେଡ଼ି ବୃହତ ବିଜୟ ହାସଲ କରିଛି। ଦଳୀୟ ପୌରାଧ୍ୟକ୍ଷା ପ୍ରାର୍ଥିନୀ କଳ୍ପନା ମାଝି ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ଅନୁରାଧା ଅଗ୍ରୱାଲଙ୍କୁ ୬୪୨ ଖଣ୍ଡ ଭୋଟରେ ହରାଇଛନ୍ତି। ସେହିପରି ଉକ୍ତ ମ୍ୟୁନିସିପାଲିଟିର ୧୯ ୱାର୍ଡ଼ରୁ ୧୮ଟି ୱାର୍ଡ଼କୁ ବିଜେଡ଼ି ଅକ୍ତିଆର କରିଥିବାବେଳେ କେବଳ ଗୋଟିଏ ୱାର୍ଡ଼ ଭାଜପା ଖାତାକୁ ଯାଇଛି। ପଦ୍ମପୁର ଏନଏସିରେ ବିଜେଡ଼ିର ପୌରାଧ୍ୟକ୍ଷା ପ୍ରାର୍ଥିନୀ ସାବିତ୍ରୀ ବାଗ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ରଞ୍ଜୁ ସେଠଙ୍କୁ ୬୬୨ଖଣ୍ଡ ଭୋଟରେ ହରାଇଛନ୍ତି। ସାବିତ୍ରୀଙ୍କୁ ୪୭୩୭ ଖଣ୍ଡ ଭୋଟ ମିଳିଥିବାବେଳେ ରଞ୍ଜୁଙ୍କ ସପକ୍ଷରେ ୪୦୭୫ ଖଣ୍ଡ ଭୋଟ ପଡ଼ିଛି ।

### ବିଜୟ ପରେ ବିଜେଡ଼ି ବିଧାୟିକାଙ୍କୁ ଭେଟିଲେ



ବିଜେଡି ବିଧାୟିକାଙ୍କ ସହିତ ବରପାଲି ଏନଏସିର ବିଜୟୀ ସ୍ୱାଧୀନ ପୌରାଧ୍ୟକ୍ଷ ଏବଂ ଅନ୍ୟ କାଉନସିଲର।

### ବରଗଡ଼ ମ୍ୟୁନିସିପାଲିଟି ସମେତ ବରପାଲି, ବିଜେପୁର ଏବଂ ପଦ୍ମପୁର ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନ୍ଏସି)ର ନିର୍ବାଚିତ କାଉନସିଲର

**ବିଜେପୁର ଏନଏସି**

| ୱାର୍ଡ଼ ନଂ. | ବିଜୟୀ ପ୍ରାର୍ଥୀ | ଦଳ |
|---|---|---|
| ୧ | ସୁଦେବୀ ଭୁଏ | ବିଜେଡ଼ି |
| ୨ | ହରିପ୍ରିୟା ଭୁଏ | ବିଜେଡ଼ି |
| ୩ | ହରି ବିଶ୍ୱାଳ | ବିଜେଡ଼ି |
| ୪ | ଦୀପକ ପାଣିଗ୍ରାହୀ | ସ୍ୱାଧୀନ |
| ୫ | ପ୍ରଶାନ୍ତ ପ୍ରଧାନ | ଭାଜପା |
| ୬ | ପଦ୍ମିନୀ ଲୁହା | ବିଜେଡ଼ି |
| ୭ | ଉମାକାନ୍ତ ବେସନ | ବିଜେଡ଼ି |
| ୮ | ସମାରୀ ମେହେର | ଭାଜପା |
| ୯ | ଇଲାବତୀ ପ୍ରଧାନ | ସ୍ୱାଧୀନ |
| ୧୦ | ରେଣୁକା ସାହୁ | ବିଜେଡ଼ି |
| ୧୧ | ରାଜୀବ ଅଦାବର | ଭାଜପା |

**ପଦ୍ମପୁର ଏନଏସି**

| ୱାର୍ଡ଼ ନଂ. | ବିଜୟୀ ପ୍ରାର୍ଥୀ | ଦଳ |
|---|---|---|
| ୧ | କ୍ଷୀର ସାନବର୍ଷା | ବିଜେଡ଼ି |
| ୨ | କୁନାଲ ପାଣିଗ୍ରାହୀ | ଭାଜପା |
| ୩ | ପ୍ରିୟରଞ୍ଜନ ଭୋଇ | ବିଜେଡ଼ି |
| ୪ | ଭାରତୀ ପଟ୍ଟନାୟକ | ବିଜେଡ଼ି |
| ୫ | ଗୌରୀ ସାହୁ | ବିଜେଡ଼ି |
| ୬ | କବିତା ସେଠ | ବିଜେଡ଼ି |
| ୭ | ସୁନିଲ କୁମାର ଘିବେଲା | ଭାଜପା |
| ୮ | ପ୍ରତିମା ମେହେର | ଭାଜପା |
| ୯ | ଚିନ୍ମୟ କୁମାର ପଣ୍ଡା | ଭାଜପା |
| ୧୦ | ସଂଯୁକ୍ତା ପୃଷ୍ଟି | ବିଜେଡ଼ି |
| ୧୧ | ସବିତା ବରିହା | ବିଜେଡ଼ି |

**ବରଗଡ଼ ମ୍ୟୁନିସିପାଲିଟି**

| ୱାର୍ଡ଼ ନଂ. | ବିଜୟୀ ପ୍ରାର୍ଥୀ | ଦଳ |
|---|---|---|
| ୧ | ବେଦମତୀ ସେଠ | ବିଜେଡ଼ି |
| ୨ | ରେବତୀ ନାଏକ | ବିଜେଡ଼ି |
| ୩ | ରାଜକୁମାର ଦାଶ | ବିଜେଡ଼ି |
| ୪ | ରୋଶନ ପ୍ରଧାନ | ବିଜେଡ଼ି |
| ୫ | ରାଜେଶ ଅଗ୍ରୱାଲ | ବିଜେଡ଼ି |
| ୬ | ଜନକ କୁମାର ଅଗ୍ରୱାଲ | ବିଜେଡ଼ି |
| ୭ | ମନୋଜ କୁମାର ସିଂହ | ବିଜେଡ଼ି |
| ୮ | ରୀନା ମହାପାତ୍ର | ବିଜେଡ଼ି |
| ୯ | ପ୍ରିୟା ତାଣ୍ଡି | ବିଜେଡ଼ି |
| ୧୦ | ଉମାଚରଣ ରାଉତ | ବିଜେଡ଼ି |
| ୧୧ | ସୁନନ୍ଦା ପଣ୍ଡା | ବିଜେଡ଼ି |
| ୧୨ | ଶାରଳା ବଗର୍ତ୍ତି | ବିଜେଡ଼ି |
| ୧୩ | କବିତା ବେହେରା | ବିଜେଡ଼ି |
| ୧୪ | ନିତୁ ମାହାଣା | ବିଜେଡ଼ି |
| ୧୫ | ଅକ୍ରୁର ଚନ୍ଦ୍ର ବାରିକ | ବିଜେଡ଼ି |
| ୧୬ | ଜ୍ୟୋତ୍ସ୍ନା ପାଇକ | ବିଜେଡ଼ି |
| ୧୭ | ଦୀପାଞ୍ଜଳି ବାଗ | ଭାଜପା |
| ୧୮ | କ୍ଷୀତେଶ୍ୱର କୁମ୍ଭାର | ବିଜେଡ଼ି |
| ୧୯ | ପ୍ରଭାସିନୀ ମୁଣ୍ଡା | ବିଜେଡ଼ି |

**ବରପାଲି ଏନଏସି**

| ୱାର୍ଡ଼ ନଂ. | ବିଜୟୀ ପ୍ରାର୍ଥୀ | ଦଳ |
|---|---|---|
| ୧ | ସୁଶ୍ରୀସ୍ମିତା ମେହେର | ବିଜେଡ଼ି |
| ୨ | ଦିନେଶ ପଧାନ | ବିଜେଡ଼ି |
| ୩ | ମିଲି ନାଗ | ବିଜେଡ଼ି |
| ୪ | ନୁନୁ ପଧାନ | ବିଜେଡ଼ି |
| ୫ | ମୀନା ସେଠ | ବିଜେଡ଼ି |
| ୬ | ଦେବାନନ୍ଦ ମେହେର | ବିଜେଡ଼ି |
| ୭ | ସୁପ୍ରିୟା ଜେନା | ବିଜେଡ଼ି |
| ୮ | ପ୍ରମିଳା ସେଠ | ବିଜେଡ଼ି |
| ୯ | ସୁରେଶ ମେହେର | ବିଜେଡ଼ି |
| ୧୦ | ସୁବ୍ରତ ଚିନ୍ଦ୍ରା | ବିଜେଡ଼ି |
| ୧୧ | ସରୋଜ କୁମାର ଭୋଇ | କଂଗ୍ରେସ |

# ବରଗଡ଼ରେ ଓକିଲ ସଂଘ ନିର୍ବାଚନ

**ବରଗଡ଼ ଅଫିସ୍/ସରଣ୍ଡା/ବରପାଲି/ ପଦ୍ମପୁର,୨୬।୩**

ବରଗଡ଼ ଜିଲା ଓକିଲ ସଂଘର ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଛି। ଏଥିରେ ଚନ୍ଦ୍ରଧ୍ୱଜ ଜାଲ ସଭାପତି, ହେମନ୍ତ ପୁରୋହିତ ଉପସଭାପତି, ହରିହର ପ୍ରଧାନ ସାଧାରଣ ସମ୍ପାଦକ, ରାଜେନ୍ଦ୍ର ପ୍ରଧାନ ଯୁଗ୍ମ ସମ୍ପାଦକ ନିର୍ବାଚିତ ହୋଇଛନ୍ତି। ସେହିପରି ସଂଘର କାର୍ଯ୍ୟକାରୀ କମିଟିର ୧ନଂ. କାଟାଗୋରୀରେ ହରଦୀପ ସିଂ, କିଶୋର ଦାଶ, ୨ନଂ. କାଟାଗୋରୀରେ ଅନୁପ ଶତପଥୀ, ସୁଧୀର ଦେବତା, ୩ନଂ. କାଟାଗୋରୀରେ ସନକ ଦାଶ, ଶୁକଦେବ ସାହୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି । ଅତାବିରା ଓକିଲ ସଂଘରେ ସୁଶାନ୍ତ ମିଶ୍ର ସଭାପତି, ତ୍ରିପୁରାରୀ ଚାନ୍ଦ ଉପସଭାପତି, ଅରବିନ୍ଦ ସୁଶାରୀ ସାଧାରଣ ସମ୍ପାଦକ ଏବଂ ଡି. ଜଗନ୍ନାଥ ରାଓ ଯୁଗ୍ମ ସମ୍ପାଦକ ନିର୍ବାଚିତ ହୋଇଛନ୍ତି। ବରପାଲି ଓକିଲ ସଂଘରେ ଆନନ୍ଦ ଚନ୍ଦ୍ର ସାହୁ ନିର୍ଦ୍ୱନ୍ଦ୍ୱରେ ସଭାପତି ନିର୍ବାଚିତ ହୋଇଛନ୍ତି। ଏଠାରେ ମନୋଜ କୁମାର ପଟ୍ଟନାୟକ ଉପସଭାପତି, ଈଶ୍ୱର ନାଗ ସମ୍ପାଦକ ପୂର୍ଣ୍ଣେନ୍ଦୁ କୁମାର ଦାଶ ଯୁଗ୍ମ ସମ୍ପାଦକ, ଦେବେନ୍ଦ୍ର ସାହୁ ସହ ସମ୍ପାଦକ, ଶରତ ଚନ୍ଦ୍ର ପାଣିଗ୍ରାହୀ କୋଷାଧ୍ୟକ୍ଷ, ପରିତୋଷ ମେହେର ଲାଇବ୍ରେରୀ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ସୁରେଶ ଚନ୍ଦ୍ର ଖଟୁଆ, ଶରତ କୁମାର ସାହୁ, ଶରତ କୁମାର ଦାଶ, ହିମାଂଶୁ ଶେଖର ସାହୁ, ବାବୁଲୁ ସାହୁ କାର୍ଯ୍ୟକାରୀ କମିଟିରେ ରହିଛନ୍ତି। ସେହିପରି ପଦ୍ମପୁର ଓକିଲ ସଂଘରେ ଉମେଶ ଚନ୍ଦ୍ର ସାହୁ ସଭାପତି, ମାନସ ରଞ୍ଜନ ଭୋଇ ଉପସଭାପତି, ଶାନ୍ତନୁ କୁମାର ତ୍ରିପାଠୀ ସମ୍ପାଦକ, ଚିନ୍ମୟ କୁମାର ପଣ୍ଡା ଯୁଗ୍ମ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି ।



ବରଗଡ଼ ଜିଲା ଓକିଲ ସଂଘର ନିର୍ବାଚିତ କର୍ମକର୍ତ୍ତାବୃନ୍ଦ ।

# ସୁବର୍ଣ୍ଣପୁର ଜିଲା ଓକିଲ ସଂଘ ନିର୍ବାଚନ

**ସୋନପୁର,୨୬।୩(ନି.ପ୍ର.)**

### ବିଧାନଚନ୍ଦ୍ର ସଭାପତି, ରବୀନ୍ଦ୍ର ଉପସଭାପତି ଓ ଗଦାଧର ସମ୍ପାଦକ

୨୦୨୨-୨୩ ବର୍ଷ ପାଇଁ ସୁବର୍ଣ୍ଣପୁର ଜିଲା ଓକିଲ ସଂଘ ନିର୍ବାଚନ ଫଳାଫଳ ଶନିବାର ବିଧିବଦ୍ଧ ଭାବେ ପ୍ରକାଶ ପାଇଛି। ସଭାପତିଭାବେ ବିଧାନ ଚନ୍ଦ୍ର ପାଣିଗ୍ରାହୀ ଅଷ୍ଟମ ଥର ପାଇଁ, ସମ୍ପାଦକଭାବେ ଗଦାଧର ନେଗୀ ଚତୁର୍ଥ ଥର ପାଇଁ ଓ ଉପସଭାପତି ଭାବେ ରବୀନ୍ଦ୍ର କୁମ୍ଭାର ତୃତୀୟ ଥର ପାଇଁ ନିର୍ବାଚିତ ହୋଇଥିବା ଜଣାପଡିଛି। ସେହିପରି କଳାକାହ୍ନୁ ରଥ କାର୍ଯ୍ୟକାରୀ ସଦସ୍ୟ ଭାବେ ନିର୍ବାଚିତ ହୋଇଛନ୍ତି। ସୂଚନା ଅନୁଯାୟୀ ସଭାପତି, ଉପସଭାପତି ଓ ସମ୍ପାଦକ ପଦବି ପାଇଁ ଜଣେ ଲେଖାଏଁ ସଦସ୍ୟ ନାମାଙ୍କନପତ୍ର ଦାଖଲ କରିଥିଲେ । ବରିଷ୍ଠ ଆଇନଜୀବୀ ହେମନ୍ତ ସା ଏହି ନିର୍ବାଚନକୁ ପରିଚାଳନା କରିଥିଲେ।



ବିଜୟୀ ସଭାପତି, ଉପସଭାପତି ଓ ସମ୍ପାଦକ।

# ବାଲ୍ୟବିବାହ ନିରୋଧ ସଚେତନତା କାର୍ଯ୍ୟକ୍ରମ

**ଡୁଙ୍ଗୁରିପାଲି, ୨୬।୩(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ସରକାରୀ ଉଚ୍ଚ ବିଦ୍ୟାଳୟରେ ଶନିବାର ବାଲ୍ୟବିବାହ ନିରୋଧ ଓ ବିଦ୍ୟାଳୟ ଛାଡୁଥିବା ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟ ପ୍ରତି ଆକୃଷ୍ଟ କରିବା ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ବୈଶାଖୁ ପଧାନଙ୍କ ସଭାପତିତ୍ୱରେ ହୋଇଥିବା ସଭାରେ ଡୁଙ୍ଗୁରିପାଲି ସରପଞ୍ଚ ଚିତ୍ତରଞ୍ଜନ ମିଶ୍ର, ଏବିଓ ଦିଲୀପ ମେହେର, ସିଡିପିଓ ଜୟନ୍ତୀ ଗଡତିଆ, ଏଏସ୍ଆଇ ଏକାମ୍ବର ନାଏକ, ସ୍ୱାସ୍ଥ୍ୟ ଅଧିକାରୀ ଡ. ଆଶିଷ କୁମାର ଗୋୟଲ ଅତିଥିଭାବେ ଯୋଗ ଦେଇଥିଲେ। ଅତିଥିମାନେ ବାଲ୍ୟ ବିବାହର କୁପରିଣାମ ବିଷୟରେ କହିଥିଲେ। ଶିକ୍ଷକ ମୁରଲୀଧର ମେହେର ଅତିଥି ପରିଚୟ ପ୍ରଦାନ ଓ ସଭା କାର୍ଯ୍ୟ ପରିଚାଳନା କରିଥିଲେ।




ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

# ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଗ୍ରାମବାସୀଙ୍କ ରାସ୍ତାରୋକୋ

**ବୌଦ୍ଧ,୨୬।୩ (ସ୍ୱ.ପ୍ର.)**

ବୌଦ୍ଧ ଜିଲା ହରଭଙ୍ଗା ଥାନା ଅନ୍ତର୍ଗତ ଖରଭୂଇଁ ଗ୍ରାମରେ ଜମି ବିବାଦକୁ କେନ୍ଦ୍ରକରି ଗତ ଗୁରୁବାର ଦିନ ଗ୍ରାମର ବିଷ୍ଣୁଚରଣ ରଣାଙ୍କୁ ସେହି ଗ୍ରାମର ଗୁଲୁନା ଦୀପ ଟାଙ୍ଗିଆ ଦ୍ୱାରା ମରଣାନ୍ତକ ଆକ୍ରମଣ କରିଥିଲେ । ଘଟଣାର ଦୁଇ ଦିନ ବିତି ଯାଇଥିଲେ ସୁଦ୍ଧା ହରଭଙ୍ଗା ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିନାହିଁ। ଯଥାଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରିବା ଦାବିରେ ଗ୍ରାମବାସୀ ଶନିବାର ଚାରିଛକ - କୁଶଙ୍ଗ ରାଜ୍ୟ ରାଜପଥ ଅବରୋଧ କରିଥିଲେ। ଗ୍ରାମବାସୀ ଖରଭୂଇଁ ଠାରେ ସକାଳ ୫ ଟାରୁ ଉକ୍ତ ରାସ୍ତାକୁ ଅବରୋଧ କରିଥିଲେ। ଏହି ଆନ୍ଦୋଳନରେ ଗ୍ରାମରେ ଥିବା ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସାମିଲ ଥିବା ଦେଖିବାକୁ ମିଳିଥିଲା । ଖବରପାଇ ହରଭଙ୍ଗା ଥାନା ଅଧିକାରୀ ସଞ୍ଜୀବ ରଣଭୁଇଁସା ଓ ପୁରୁଣାକଟକ ଥାନା ଅଧିକାରୀ ଜ୍ୟୋତ୍ସ୍ନା କାଉଁରୀ ଆନ୍ଦୋଳନସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ । କିନ୍ତୁ ଗ୍ରାମବାସୀ ଅଭିଯୁକ୍ତ ଗିରଫ ନ ହେବା ପର୍ଯ୍ୟନ୍ତ ରାସ୍ତାରୋକୋ ଚାଲୁ ରହିବ ବୋଲି କହିଥିଲେ । ଦୀର୍ଘ ୭ ଘଣ୍ଟା ପରେ ପୋଲିସ ପକ୍ଷରୁ ୭ ଦିନ ଭିତରେ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯିବା ପରେ ରାସ୍ତାରୋକୋ ହଟିଥିଲା । ଯଦି ଦାବି ପୂରଣ ନ ହୁଏ ତେବେ ଆସନ୍ତା ରବିବାର ହରଭଙ୍ଗା ଥାନା ଘେରାଉ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।



ରାସ୍ତାରୋକୋ ଆନ୍ଦୋଳନରେ ସାମିଲ ଗ୍ରାମବାସୀ।

### ସାମିଲ ହେଲେ ବିଦ୍ୟାଳୟର ଛାତ୍ରୀଛାତ୍ର